Digitized by srujanika@gmail.com

ମୂହଁସଂଜ

ଯଶୋଧାରା ମିଶ୍ର

ଦିଗନ୍ତ, ଭୁବନେଶ୍ୱର

Digitized by srujanika@gmail.com

ମୁହଁସଂଜ
ଯଶୋଧାରା ମିଶ୍ର

ପ୍ରଥମ ସଂସ୍କରଣ : ୨୦୦୯

A Dreams Publication, 2009

Muhan Sanja
Short stories
Yashodhara Mishra

1st edition : 2009

Published by **Dreams**,
115 (P) Acharya Vihar, Bhubaneswar-751013, Orissa, India
and printed at **ink odisha**, Acharya Vihar, Bhubaneswar-13

Rs.80/-

Digitized by srujanika@gmail.com

ମୋ ବାପା ପ୍ରଫେସର ଭୁବନେଶ୍ୱର ବେହେରାଙ୍କୁ ...

Digitized by srujanika@gmail.com

ସୂଚୀ

୧.	ମୁହଁସଂଜ	୭
୨.	କରାଡଙ୍ଗରୀର ଦେବୀ	୨୫
୩.	ଅସୁନ୍ଦର ଦୃଶ୍ୟ	୫୦
୪.	ଗଲାଦିନ ଯାଏ ନାହିଁ	୬୭
୫.	ନୂଆ ପୁରୁଣା ମୋଡ	୮୨
୬.	ଅଯାଚିତ ସମୟ	୯୦
୭.	ଯେଝା ପ୍ରେମ	୧୦୧
୮.	ସକାଳ	୧୨୦
୯.	ଆମ୍ଭା ସାମ୍ନା	୧୩୨
୧୦.	ବିଦେଶ	୧୪୨

Digitized by srujanika@gmail.com

ମୁହଁସଂଜ

ଅର୍ପିତା ଡ୍ରେସିଂ ଟେବୁଲ୍ ଆଗରେ ଠିଆ ଠିଆ ମେକ୍‌ଅପ ଲଗେଇ ନେଉଥିଲା, ବେଳନାଇଁ। ଆଖିରେ କଳା ଗାରଟା ଟାଣିଲା ବେଳକୁ କେମିତି ହଠାତ୍ ମୁଣ୍ଡଟା ଟିକେ ଝାଙ୍କିଦେଲା। ହାତରୁ ଲାଇନର ତୂଳିଟା ପଡ଼ି ଯାଉଯାଉ ରହିଗଲା। କାଲି ଭଲ ନିଦ ହେଇନାହିଁ, ସେଇଥିରୁ ବୋଧେ। ଦିଆଖିରେ କଳା ଲଗେଇସାରି ଭଲ କରି ଦେଖି ନେଉନେଉ ମନେହେଲା ଟିକେ ଫୁଲା ଫୁଲା ଦିଶୁଚି ନା କଣ। ଲିପଷ୍ଟିକ୍ ଖଣ୍ଡେ ଯୋଉ ରଙ୍ଗର ହାତରେ ପଡ଼ିଲା ଓଠରେ ମାରି ନେଉନେଉ ଭାବିଲା, ଆଉ କଣ ହୁଅନ୍ତା ଯେ, ଏତେ କାମ କଲେ। ଗତ କେତେଦିନ ହେଲା ତ ଖାଇବା ପିଇବାକୁ ବେଳ ନାଇଁ। ଭାବିଲା, କେମିତି ଏ ପ୍ରୋଗ୍ରାମଟା ସରୁ କି, ଶାନ୍ତିରେ ଶୋଇବି ଖାଲି କେତେଦିନ।

ଚାକରାଣୀ ଆସି ମୋବାଇଲ ବଢ଼ାଇଦେଲା, "କେତେବେଳୁ ବାଜୁଚି ମା।"

ଓଃ, ବେଳ କାଇଁ ଏତେବେଳକୁ ମୋବାଇଲ ପାଇଁ। ହାତକୁ ନେଇ ବାହାରି ଯାଉଯାଉ ଚାକରାଣୀକୁ

Digitized by srujanika@gmail.com

ବିଚାରିଚା ନିର୍ଦ୍ଦେଶ ଦେଇଦେଲା ସେ। ଦିପହରେ ଝିଅ ଆସିବ ସ୍କୁଲରୁ, ତା'ର ଖିଆପିଆ ଦେଖାରେଖା। ଡ୍ରଇଂ ରୁମ୍ କାଚ ଆଲମାରୀର ଦାମୀ ଜିନିଷ କେଇଟା କେତେଦିନରୁ ଝଡାପୋଛା ହୋଇନାହିଁ, ନିଜ ହାତରେ କରେ ସେ ଏ କାମ, ଚାକରାଣୀକୁ ଭରସା କରିପାରେ ନାହିଁ। ବଗିଚାରେ ତେଣେ ଫୁଲ କିଆରୀମାନ ତିଆରି ହୋଇ ରହିଛି, ଚାରା ଗୁଡା ଲଗାଯାଇ ପାରିନାହିଁ। ଆଜି ତ ସଞ୍ଜ ଆଗରୁ ତାର ଫେରିବା କଷ୍ଟ। ମୋବାଇଲରେ କଥା କହୁକହୁ ଯାଇ ଗାଡ଼ିରେ ବସିଲା। ଫୋନ୍ ସାରି ଦେଉଣୁ ଗୋଟା କେତେ ଜରୁରୀ କଥା ମନେପଡ଼ିଗଲା, ଆଜି ଫଲୋଅପ୍ କରିବାକୁ ଅଛି। ପର୍ସରୁ ଟିକି ନୋଟ୍‌ବୁକ୍ କାଢ଼ି ଟିପିନେଲା।

ମୋବାଇଲ୍‌ରେ ଘଣ୍ଟି ଆସିଲା ପୁଣି। ସୁମନ୍ତ ପଚାରୁଚନ୍ତି, "ଖାଇବା ଆଜି ପଠେଇଦେବ ନା ଘରକୁ ଯିବି?" ଅର୍ପିତା କହିଲା, "ଆଜି ନାଇଁ ଡିଅର। ଆଜି ବହୁତ କାମ ଅଛି ମୋର, ପ୍ରୋଗ୍ରାମକୁ ଆଉ ତିନି ଚାରି ଦିନ ରହିଲା କିନା।" ସୁମନ୍ତ କହିଲା ଖୁସି ଗଳାରେ, "କିଛି ଚିନ୍ତା ନାଇଁ। ଅଫିସ୍‌ରେ ଲଞ୍ଚ କରିନେବି।" ଅର୍ପିତାର ମନହେଲା ଆଉ କେଉଁଦିନ ପରି କହିବ, "ତୁମକୁ ତ ଖୁସି ଲାଗୁଚି ନା କଣ, ଘର ଖାଇବା ଆଜି ହେବ ନାହିଁ ବୋଲି।" ହେଲେ ଥାଉ, ବାଜେ କଥା ଲାଗି ଆଜି ସମୟ ନାହିଁ। କହିଲା, "ହଉ ତାହେଲେ। ତମେ ଅଫିସ ଖାଇବାରେ ଚଳେଇନେବ ତ?" ସୁମନ୍ତ କହିଲା, "ସେକଥା ଚଳିଯିବ ଯେ, ତେଣେ ପରା ଆମର ଘର ତିଆରି ଚାଲିଚି, ସିଆଡେ ରାଉଣ୍ଡଟାଏ ତ ଲଗାଇବା ଦରକାର। ମୋର ତ ଫେରୁ ଫେରୁ ଡେରୀ ହେବ।" ଅର୍ପିତା ଜବାବ ଦେଲା, "ଡେରୀ ତ ମୋର ବି ହେବ। ତେବେ ଦେଖିବି, ଚେଷ୍ଟା କରିବି।"

ଫୋନ୍ ସାରି ଅର୍ପିତା ପର୍ସରୁ ଦର୍ପଣ କାଢ଼ି ମୁହଁ ଦେଖିଲା, ସତରେ ମୁହଁଟା ବୋଧେ ଟିକେ କେମିତି ଫୁଲା ଫୁଲା ଦିଶୁଚି ନା କଣ। ସୁମନ୍ତ ତ କାଇଁ କିଛି ଲକ୍ଷ୍ୟ କଲେନି। କେବେ ତାଙ୍କୁ କିଛି ଦେଖିବାକୁ ବେଳଥାଏ ଯେ, ସକାଳୁ ଅଫିସ ବାହାରିଲା ବେଳକୁ ତାଙ୍କୁ ତ ନିଜ ବେଶ ପୋଷାକ ସଜାଡ଼ିବାକୁ ବେଳ ନିଅଣ୍ଟ। ଆଜି ଅବଶ୍ୟ ସେ ଉଦାର। ସୁମନ୍ତ ଜାଣେ ଯେ ଏଇ ଯୋଉ ପ୍ରୋଗ୍ରାମ ହେବାକୁ ଯାଉଛି ଛଅ ଅକ୍‌ଟୋବରରେ, ତାର ସାଂସ୍କୃତିକ କାର୍ଯ୍ୟକ୍ରମର ପୁରାପୁରି ଦାୟିତ୍ୱ ଅର୍ପିତା ଉପରେ। ଇଏ କିଛି ଛୋଟମୋଟ କଥା ନୁହେଁ, ଆର୍ମିର ସର୍ବୋଚ୍ଚ ଅଫିସରମାନେ ଆସିବେ, ଦେଖିବେ। ତାଙ୍କ ତାରିଫ କି ବିରକ୍ତିର ପ୍ରଭାବ ସୁମନ୍ତର ଭବିଷ୍ୟତ ଉପରେ ବି ତ ପଡ଼ିବ।

Digitized by srujanika@gmail.com

କ୍ଲବ ଘରେ ପହଞ୍ଚି ଓହ୍ଲାଉ ଓହ୍ଲାଉ ମୁଣ୍ଡଟା ଝାଙ୍କି ଦେଲା ପୁଣିଥରେ। ଇଏ କଣ ବ୍ଲଡ ପ୍ରେସର ବଢ଼ିଲାଣି ନା କ'ଣ। ଖିଆଲଟା କାହିଁକି ଆସିଲା ବୋଲି ମନଟା ଟିକେ ଉଦାସ ଲାଗିଲା, କେତେ ଏମିତି ବୟସ କି ତା'ର, ବ୍ଲଡ ପ୍ରେସର ହେବ? ତଥାପି ଡାକ୍ତର ବୋଷଙ୍କୁ କହିବା ଉଚିତ୍ ହେବ ବୋଧେ। ହେଲେ ଏବେ ତର କାଇଁ। ଆଗରେ ହେମନ୍ତ ଉତ୍ସବ। ପୁରା ପ୍ରୋଗ୍ରାମର ରୂପରେଖ ଏଥର ତାଆରି। ଅର୍ପିତା ହାତଯୋଡ଼ି ଡାକିଲା ଠାକୁରଙ୍କୁ, ଭଲରେ ହେଇଯାଉ ଖାଲି। ଏମିତି ପ୍ଲାନିଂ କରିଛି ସିଏ, ଏଭଳି କେବେ ହେଇନଥିବ ଏଠି। କାହାରି ସ୍ମୃତି ଭିତରେ ନୁହେଁ।

ଭିତରକୁ ଗଲାବେଳକୁ ଲାଉଞ୍ଜରେ ଅପେକ୍ଷା କରିଛନ୍ତି ସମସ୍ତେ।

"ଆରେ, ତମେମାନେ କେହି ରିହର୍ସଲ ଆରମ୍ଭ କରିନା? କହିଲି ପରା ମୋତେ ଅପେକ୍ଷା କରିବନି ବୋଲି?"

"ନାଇଁ, ରୁବି ଆସିନି ଏଯାଏ। ତା ପାଖରେ ସ୍କ୍ରିପ୍ଟ ଯାକ ଅଛି, ରିହର୍ସାଲ ହେବ କେମିତି?"

"ମାନେ, ତମେମାନେ ନିଜ ନିଜ ପାର୍ଟ ଏଯାଏ ଫଟୋକପି କରିନ?"

"କରିବୁ ଯେ, ସବୁଯାକ ରୁବିର ବ୍ୟାଗ୍ ଭିତରେ ଅଛି ପରା।"

ହସରୋଳଟିଏ ଉଠିଲା, କିନ୍ତୁ ଅର୍ପିତା ଓଠଚାପି ସେଥିରେ ଭାଗ ନେଲାନି। ଇଏ କି ଦାୟିତ୍ୱହୀନତା। ତା ମୁହଁ ବାରି ହସି ଥମିଗଲା ଅନ୍ୟମାନଙ୍କର। ଅର୍ପିତା ପଚାରିଲା, "ମୃଦୁଳି ସାର୍ ଆସିନାହାନ୍ତି ଏଯାଏଁ?" ବୟସ୍କା ନୀନା ଅଳସରେ କହିଲେ, "ହଉ ଅର୍ପିତା, ତମେ ଏତେ ଗମ୍ଭୀର ହୁଅନି। ଚା ଆସୁଚି, ପିଇସାରିଲା ବେଳକୁ ରୁବି ଆସିଯାଇଥିବ। ରିହର୍ସାଲ ଆରମ୍ଭ କରିଦେବା।"

"କାହାକୁ କହିଲ ଟିକେ ମୃଦୁଳି ସାରଙ୍କୁ ଡାକିଆଣୁ ଯାଇ, ବଡ ହେଲା ଲୋକ।"

ଜବାବ ଆସିଲା କାହାଠୁ ଗୋଟାଏ, "ନ ଆସିଲେ ନାଇଁ। ଯୋଉ ତ ନାଚ ଶିଖାଉଚନ୍ତି। ଆପଣ ଟିକେ ଗାଇଡ କରିଦେଉନାହାନ୍ତି, ସେଇ ଆମର ଯଥେଷ୍ଟ।"

ଅର୍ପିତାକୁ କଥାଟାରେ ଖୁସି ଲାଗିଲେ ବି ଚାପିନେଇ ବେଖାତିର ଭାବ କରି କହିଲା, "କଣ କହୁଚ ମ। ପୁରା ଡ୍ୟାନ୍‌ସ ଡ୍ରାମାଟା ମୁଁ ଶିଖେଇ ପାରିବି?"

Digitized by srujanika@gmail.com

ଜବାବ ଆସିଲା, "କାହିଁକି ନୁହେଁ ଯେ? ଆମେ ସମସ୍ତେ ବି ତ ଜଣା ଅଧିକେ ନାଚ ଜାଣିଚୁ।"

ଏଥରକ ଅର୍ପିତାକୁ ସତରେ ବିରକ୍ତ ଲାଗିଲା, "ଏତେ କାଲୁଆଲ ହେଲେ କି ପ୍ରୋଗ୍ରାମ ହେବ ଯେ? ମୃଦୁଳି ସାର ଯାହା ଶିଖେଇବେ ତାହା ହେବ, ଯାହାର ମନ ନ ହେବ ସିଏ ପାର୍ଟ ନକରୁ।"

ହାତକୁ ଚା ନେଇସାରିଲା ପରେ ଟିକିଏ କୋମଳ ମୁହଁ କରି ଅର୍ପିତା କହିଲା, "ଆଜିକୁ ଛାଡ଼ିଦେଲେ ପ୍ରୋଗ୍ରାମକୁ ଆଉ ତିନିଟା ଦିନ ରହିଲା। ସେଇ ଦିଇଟା ପରୀଙ୍କ ପାର୍ଟ କିଏ ସବୁ ନେବେ ଠିକ୍ ହେଲା ନା ନାହିଁ? ନିଜ ନିଜ ରୋଲ୍ ସବୁ ଶିଖିସାରି ଏକାଠି ପୁରା ରିହର୍ସାଲ ଆଉ କେବେ କରିବା।?"

ମୃଦୁଳି ସାର ଏତେବେଳକେ ତାଙ୍କ ଝୁଲାମୁଣି ଧରି ପହଞ୍ଚିଗଲେ। ପୂର୍ବାପର କଥାକୁ ଖାତିର ନ କରି ଆଦେଶ ଦେବା ଠାଣିରେ କହିଲେ, "ଆଉ ବେଳ ଅଛି? କାଲି ଯୋଉ ବୋଲଟା ଶିଖାଯାଇଥିଲା, ମନେଅଛି ନା ଭୁଲିସାରିଲେଣି ସଭିଏଁ?"

କହିସାରି ବବୁରି ବାଳକୁ ପଛକୁ ଛାଟିଦେଲେ ସେ ଅଭ୍ୟାସ ମତେ। ସେହିକ୍ଷଣି ଜଣେ ନବୀନା ମନେଅଛି ସାର୍ କହି ହାତ ଆଖି ଭଙ୍ଗୀମା କରି ତାଙ୍କ ନକଲ କରି ଆରମ୍ଭ କରିଦେଲେ। ଅର୍ପିତାର ଭ୍ରୁକୁଞ୍ଚାକୁ ପାସଙ୍ଗରେ ନ ପକେଇ ଏକୁ ଆରେକ ହେଇ ଖେଳିଗଲା ହସର ଲହଡ଼ିଟିଏ। ଅର୍ପିତା ନିଶ୍ୱାସ ଛାଡ଼ିଲା। ବାସ୍, ଚାଲିଲା ତ ପୁଣି ହେଁ ହେଁ ଫେଁ ଫେଁ। ଦାୟିତ୍ୱଜ୍ଞାନ ବୋଲି ଟିକିଏ କାହାରି ନାହିଁ।

ମୃଦୁଳି ସାର୍ ତବଲା ନେଇ ବସିପଡ଼ିଲେ, ନିର୍ଲିପ୍ତରେ କହିଲେ, "ନା, ଜମା ହେଲାନାହିଁ। ହେଇଟି ଦେଖ..." ଏତେବେଳକୁ ତିନିଜଣ ଉଠି ଅଭ୍ୟାସ କରିଦେଇଥିଲେ। ମୃଦୁଳି ସାରଙ୍କୁ ଦେଖି ସେମାନେ ଭରା କଳସୀକୁ ମୁଣ୍ଡ ଉପରକୁ ଟେକିବାର ଅନୁକରଣ କରୁକରୁ ଜଣେ କିଏ ଟିପ୍ପଣୀ କଲା, "ସୁଜାତା, ତମେ କଳସୀ ଟେକୁଚ ନା ଟୋକେଇ?"

ସମବେତ ହସ ଏଥର ସୁଜାତାକୁ ସୁହେଇଲାନି। ଅଧୈର୍ଯ୍ୟ ହେଇ କହିଲା, "ମୋ ଦେଇ ଏସବୁ କ୍ଲାସିକାଲ ପୋଜ୍ ହେବନି। ଟିକିଏ ମଡ୍ ଧରଣର କିଛି କଲେ ହୁଅନ୍ତାନି?"

Digitized by srujanika@gmail.com

ରୁବି କହିଲା, "ସତକଥା। ଏଭଳି ଷ୍ଟାଇଲ ଆଜିକାଲି ଜମିବନି ସାର୍। ପୁରା ଭି. ଶାନ୍ତାରାମଙ୍କ ଫିଲ୍ମର ସିନ୍ ପରି ଦିଶିବ।"

ମୃଦୁଳି ସାର ଟିକିଏ ହସିଲେ, ସତେ କି ତାଙ୍କୁ କିଏ ତାରିଫ୍ କରୁଛି। ଠିଆ ହୋଇପଡ଼ି ପୁଣିଥରେ ନିଖୁଣରେ ଦେଖାଇଦେଲେ ଭାବଭଙ୍ଗୀମା।

ଏତେବେଳେ ପାଖ ଚଉକୀରୁ ଉଷା ପାଖକୁ ଲାଗିଆସି ପଚାରିଲା, "କଣ ଦେହ ଭଲ ନାହିଁ କି ଅର୍ପିତା?"

ଅର୍ପିତା ହଠାତ୍ ଜାଣିପାରିଲା ନାହିଁ କଥାଟା କଣ। ମୁହଁକୁ ହସଟିକିଏ ଆଣି କହିଲା, "କାଇଁ ନାଇଁ ତ।"

ଉଷା କହିଲା, "ମୁଁ ଦେଖୁଥିଲି ତମର ମୁହଁଟା କାଇଁକି ଫୁଲା ଫୁଲା ଦିଶୁଚି। ଆଖି ଜାଗାଟା ବି। ନିଦ ଭଲ ହେଉଚି ତ?"

"କିଛି ନୁହେଁ ମ, ମୋତେ ଟିକେ ଟେନ୍‌ସନ୍ ହେଲାଣି, କଣ କେମିତି ପ୍ରୋଗ୍ରାମଟା ହେବ..." କହୁ କହୁ ଅର୍ପିତା ପୁଣିଥରେ ପର୍ସରୁ ଟିକି ଦର୍ପଣ କାଢ଼ିଲା। ଏତେବେଳେ ପୋର୍ଚ୍ଚରୁ ରୁବିର ତୀକ୍ଷ ସ୍ୱର ଶୁଭିଲା। କାହାକୁ କେଜାଣି ସେ ଏତେ ପାଟିକରି କହୁଥିଲା, କାହିଁକି ତା'ର ଡେରି ହେଲା ବୋଲି। କହୁକହୁ ଭିତରକୁ ପଶିଆସିଲା ଏମିତି ଯେ ସମସ୍ତେ ଆଉ କଥା ଛାଡ଼ି ତାଆରି ଆଡେ ଅନେଇଲେ। ମୃଦୁଳି ଏତେବେଳେ ଡାକିଲେ, "ଅର୍ପିତା ମାଡାମ୍, ଆସନ୍ତୁ ଏଥର ଆପଣଙ୍କ ପାର୍ଟ।"

ହେଲେ ସେ ଉଠିବାକୁ ହେଉଚି, ପୃଥୁଳା ନୀନା ମାଥୁର ଲସର ପସର ହେଇ ତା ପାଖକୁ ଚାଲିଆସିଲେ, କହିଲେ, "ତମେ ଅର୍ପିତା ବେଶୀ ଗୁଡାଏ ଷ୍ଟ୍ରେନ୍ କରୁଚ ମନେହେଉଛି। ମୁହଁଟା ଏମିତି ଫୁଲିଚି କାଇଁକି? ତମର ଆଜି ପ୍ରାକ୍ଟିସ୍ ଥାଉ। ଟିକେ ଡାକ୍ତରଙ୍କୁ ଦେଖେଇଲ ଯାଇ।"

ମୃଦୁଳିଙ୍କ ଡାକିବାରେ ପ୍ରାକ୍ଟିସ୍ ଲାଗି ଆଉ ଦି ଜଣ ଉଠିଲେ। ନୀନା କହିଚାଲିଥିଲେ, "କଣ ଏମିତି ଦିଶୁଚ ମ। କେତେ ବା ବୟସ ତମର, ମେନୋପଜର ସମୟ ତ ଆସିନଥିବ।"

କଥାର ଉତ୍ତର ନ ଦେଇ ଅର୍ପିତା ଉଠି ବାଥରୁମ୍‌କୁ ଚାଲିଗଲା। ଦର୍ପଣରେ ନିଜକୁ ଦେଖିଲା। ସତେ ତ, ମୁହଁଟା ବେଶ୍ ଫୁଲା ଦିଶିଲାଣି। ମୁଣ୍ଡ ଭାରି ଲାଗୁଚି।

Digitized by srujanika@gmail.com

କିନ୍ତୁ ସେମିତି କିଛି ଅସୁସ୍ଥ ଲାଗୁନି ତା। ଖାଲି ଟିକେ କ୍ଳାନ୍ତ ଲାଗୁଚି ନା କଣ। କେବେଠୁଁ କେଜାଣି।

ସେଦିନ ଲଞ୍ଚ ବେଳ ସୁଦ୍ଧା ଆଉରି ଦି ଚାରିଜଣ ଅର୍ପିତାକୁ ଅସୁସ୍ଥ ଅଛ କି ବୋଲି ପଚାରି ସାରିଥିଲେ। ନାନା ଉପଦେଶ ଆସିଲା। ରାତିରେ ଗରମ ପାଣିରେ ଗାଧେଇପଡ଼ିବ, ସକାଳୁ ଏକ୍‌ଦମ୍ ଫ୍ରେଶ୍। ଦିଇଥର ତୁଳସୀ ପତ୍ର ମିଶ୍ରିପାଣି ପିଇ ଦେଖ, ସବୁ ରୋଗ ଉଡ଼ି ପଳେଇବ। ମଝିରେ ପଡ଼ି ମୃଦୁଳି କହିଲେ, "ସେ କିଛି ନୁହେଁ, ସକାଳୁ ଚା ପିଇବା ଆଗରୁ ଦଶମିନିଟ୍ ପ୍ରାଣାୟମ କରିଦେଖନ୍ତୁ, ଚେହେରା କେମିତି ଉଜ୍ଜଳିଯିବ।"

ଚାରିଟା ବେଳେ ରିହର୍ସାଲରୁ ବିରତି, ଚା ଜଳଖିଆ ପର୍ବ। ପରସ୍ପରର ଅଭିନୟ, ତାଳ ମୁଦ୍ରା ନେଇ ଆଲୋଚନା ସରଗରମ ଥାଏ, ଆଶୀଷ ରାଏ ଆସି ପହଞ୍ଚିଲା। ଲୋକପ୍ରିୟ ଅଫିସର ସିଏ, ସୁମନ୍ତର ସହକର୍ମୀ। ଏଠି ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ଯେତେସବୁ ସାଂସ୍କୃତିକ କାର୍ଯ୍ୟକଳାପ ହୁଏ, ମୋଟାମୋଟି ଗୁରୁଦାୟିତ୍ୱ ଆଶୀଷର। କହିଲା, "ଓଃ ହୋ, ଆଜି ପୁଣି ରିହର୍ସାଲଟା ସରିଗଲା ନା କଣ, ଦେଖିପାରିଲିନି।"

ଅର୍ପିତା ମିଛ ରାଗ ମିଠା ଗଳାରେ କହିଲା, "ଯାଆନ୍ତୁ ମ, ସବୁଦିନ ଗୋଟେ ବାହାନା ଖାଲି..."

ଆଶୀଷ ଆସି ପାଖ ଚଉକୀରେ ବସିଲା, ଅର୍ପିତା ଆଡକୁ ସରସ ଠାଣିରେ ଝୁକିଆସି ପଚାରିଲା, "ମୁଁ ବାହାନା କରୁଚି? ତା ବି ଆପଣଙ୍କ ରିହର୍ସାଲ ନ ଦେଖିବି ବୋଲି? ଏକଥା ଶୁଣିଲେ କିଏ ବିଶ୍ୱାସ କରିବ?"

ଏକାଥରେ ମିଠା ସ୍ୱର କେତେଟାର କୋରସ୍ ଶୁଭିଲା, "ଜମା ନୁହେଁ, ଜମା ବିଶ୍ୱାସ କରିବୁନି ଆମେ..."

ଆଉ ଟିକେ ଅତିରଞ୍ଜିତ ରାଗରେ ଅର୍ପିତା ମୁହଁ ବୁଲେଇ ବସିଲା। ଅଫିସର ସମାଜ ବିଶେଷରେ ଏ ଧରଣର ମଧୁର ଥଟ୍ଟା ତାମସାର ଚଳଣୀ ଅଛି। ହେଲେ ଆଜି ଅର୍ପିତା ଚାହୁଁଥିଲା ଆଶୀଷ ତା ମୁହଁ ଫୁଲିଥିବା ନ ଦେଖୁ, ସେ ବିଷୟରେ କିଛି ନ କହୁ। ଯାହାହେଉ ଏଥର ଆଶୀଷ ଉଠିପଡ଼ି ନାଟକୀୟ ଠାଣିରେ ବିଳମ୍ବ ଯୋଗୁଁ କ୍ଷମାଯାଚନା କଲା, ଆଉ ପ୍ରତିଜ୍ଞା କଲା ଯେ ପରଦିନ ସକାଳୁ ଆସି ପହଞ୍ଚି ରିହର୍ସାଲ ଦେଖିଲା ପରେ ଯାଇ ଆଉ ଯାହା କାମ କରିବ। ଯାଉ ଯାଉ

Digitized by srujanika@gmail.com

ମୃଦୁଳିଙ୍କୁ କହିଲା, "ଆଉ ସାର୍, ଆପଣଙ୍କର ସୋଲୋଟାଏ ଦେଖିବାର ସୌଭାଗ୍ୟ କେବେ ହେବ ?"

ମୃଦୁଳି ସିନ୍ଥେସାଇଜରରେ ଆଙ୍ଗୁଳି ଚଳାଉ ଚଳାଉ ପ୍ରଶ୍ନଟି ଏଡ଼ିଗଲେ।

ତା ପରେ ସବୁଦିନ ଭଳି ଗୁଁପୁଇଆଁ ହୋଇ ଜଣେ ଜଣେ ଖସିବାକୁ ଚେଷ୍ଟା କଲେ। ଆଉ କାହାକୁ କିଛି ନ କହି ଅର୍ପିତା ନୀନା ମାଥୁରଙ୍କୁ ଦାୟିତ୍ୱ ଦେଇ ବାହାରି ଆସିଲା। ଗାଡ଼ି ମୁହେଁଇଲା ସିଧା ହସ୍ପିଟାଲକୁ। ବୟସ ତା'ର ଚାଳିଶ ହୋଇନି, ମେନୋପଜ୍‌ର ଲକ୍ଷଣ ଏବେଠୁଁ କାଇଁକି। ତା ପୁଣି ରାତାରାତି ? ଦର୍ପଣର ଚେହେରା ଯୋଗୁଁ ଯେତେ ନୁହେଁ, ଅନ୍ୟମାନଙ୍କ ସମବେଦନା ଆଶ୍ୱାସନାରେ ତାର ମୁଡ୍‌ଟା ଖରାପ ହୋଇଯାଇଥିଲା। ଡାକ୍ତର ବୋଷ କିନ୍ତୁ ତାକୁ ଚମକାଇ ଦେଲେ। ବ୍ଲଡପ୍ରେସର ମାପ ନେଉ ନେଉ କାନ୍ଧ ଉପରେ ହାତ ଦେଇ କହିଲେ, "ଇଏ କେବେଠୁ ଏମିତି ହେଲାଣି ?"

ଅର୍ପିତା ପଚାରିଲା- 'କ'ଣ ?'

ତା'ର ବାଁ ପାଖ ବେକ କାନ୍ଧରୁ ତଳକୁ କାଖ ଛାତି ଯାଏଁ ଅଂଶଟିରେ ଆଙ୍ଗୁଳି ଟିପ ଦେଇ ସେ କହିଲେ, "ଏଇ ଫୁଲାଟା, କେବେଠୁଁ ଅଛି ?"

ଅର୍ପିତା ନିଜେ ଚେଷ୍ଟା କଲା ହାଲୁକା ହେବାକୁ, 'ଏଇଟା ପରା ସେବେଠୁଁ ଅଛି, ଆପଣ ଜାଣିନାହାନ୍ତି କଣ ? ଏ ହାତଟା ମୋର ଭାଙ୍ଗି ପ୍ଲାଷ୍ଟର ହୋଇନଥିଲା ? ସେବେଠୁ କାନ୍ଧ ଆଖପାଖରେ ଏମିତି ଫୁଲା ଆସେ ଆଉ ଯାଏ। ଟିକେ ଦରଜ ବି ରହେ।'

ଡାକ୍ତର ବୋଷଙ୍କ ମୁହଁ କିନ୍ତୁ ସିରିୟସ ଥିଲା। ବ୍ଲଡପ୍ରେସର ଠିକ୍ ଅଛି ବୋଲି ଅର୍ପିତା ଆଶ୍ୱସ୍ତ ହେଲାପରେ ବି ସିଏ ଆଦୌ ଆଶ୍ୱସ୍ତ ଦେଖାଯାଉନଥିଲେ। ଓଲଟି ତାକୁ ପରଦିନ ସକାଳୁ ଖାଲିପେଟରେ ଆସି ମାଳେ ଟେଷ୍ଟ କରେଇନେବାକୁ କହିଲେ। ସବା ଶେଷରେ ସାକୁଳେଇଲା ପରି କହିଲେ, "ବାଓପ୍‌ସିଟାଏ ବି ନେଇନେବା, ଏଇ ଫୁଲା ଅଂଶରୁ।"

ଏକା କଲୋନୀରେ ରହଣୀ, ପରିବାରର ପୁରୁଣା ବନ୍ଧୁ ଡାକ୍ତର ବୋଷ। ନିଜ କାମ ବେଳେ ସିଟ୍ ଛାଡ଼ି ଅର୍ପିତାକୁ ଗାଡ଼ି ଯାଏଁ ଛାଡ଼ିବାକୁ ଯିବା କଥା ତାଙ୍କର ନୁହେଁ, କିନ୍ତୁ ସେ ଆସିଲେ, ଆଉ କହିଲେ- "କେବେଠୁଁ ହେଲାଣି ଇଏ ଫୁଲା, ତମେ ବିହେଁ ଯାକ ଜାଣିପାରିଲନି କେମିତି ? ଆଉ ଦିନେ ହେଲେ ସମୟ ନଷ୍ଟ କରିବା କଥା ନୁହେଁ। କାଲି ସୁମନ୍ତଙ୍କୁ ବି ସାଙ୍ଗରେ ନେଇଆସିବ।"

Digitized by srujanika@gmail.com

ଗାଡ଼ି ଚାଲିଲା ବେଳକୁ ମୁଣ୍ଡଟା ଫାଁ ଲାଗିଲାଣି । ସଚେତ, କାଖତଳୁ ବାଁ ପାଖ ବେକ ହାତ ଯାଏ ହାତକୁ କେମିତି ଟାଣ ହେଇ ଲାଗୁଛି, କାହିଁକି ସେ ନିଜେ ଗୁରୁତ୍ୱ ଦେଇ ନଥିଲା କେଜାଣି । କେତେବେଳକେ ମୋବାଇଲ ଲଗାଇଲା ସେ ସୁମନ୍ତକୁ । ଏକାବେଳକେ କହିପକାଇଲା, "ସୁମନ୍ତ, ମୁଁ ହସ୍ପିଟାଲ ଆସିଛି ।"

"ହସ୍ପିଟାଲ ? ମାନେ କାହା ଦେହ ଖରାପ ? କଣ ହେଲା ?"

"ଜାଣିଚ, ମୋତେ ବୋଧେ କ୍ୟାନସର ବୋଲି ସନ୍ଦେହ କଲେଣି ଡାକ୍ତର ବୋଷ । ବାଓପ୍ସି ହେବ ।"

କୋହରେ ଆଉ କିଛି କହିପାରିଲାନି ସେ ।

ରାତିରେ ସୁମନ୍ତ ଫୋନ କଲା ସବୁ ଜଣାଶୁଣା ଡାକ୍ତରଙ୍କୁ । ଘରେ କଥାକଥାକେ କହିଲା, "ଏମିତି ସବୁ ରାତାରାତି ଲୋକଙ୍କୁ କ୍ୟାନସର ହୋଇଯାଏ ନା କ'ଣ । କାହିଁରେ କିଛି ନାହିଁ, କଣନା ! ଏଇ କଲୋନୀ ଭିତରେ କୋଡିଏ ବର୍ଷ ହେଲା ଖାଲି ଆର୍ମିଲୋକଙ୍କୁ ଦେଖିଦେଖି ସେ ବୋଷ ଗୋଟାଏ ସବ୍‌ଜାନତା ଦେଖେଇହେଉଚି ।" ପରଦିନ ସକାଳୁ ଟେଷ୍ଟସବୁ କରାଇ ସାରିଲା ବେଳକୁ ଡାକ୍ତର ବୋଷଙ୍କ ସାଙ୍ଗେ ଆଉ ଦି ତିନିଜଣ ଡାକ୍ତର ବି ଦିହିଙ୍କୁ ଯଥେଷ୍ଟ ଆଶ୍ୱାସନା ଦେଇସାରିଥିଲେ । ସୁମନ୍ତର ଆକ୍ଷେପ ପ୍ରାୟ ପ୍ରଶ୍ନରେ ବୋଷ ହସିହସି କହିଲେ, "ଆରେ ବାବା ମୁଁ କଣ ସେଇଆ କହିଲି । ସେଫ୍ ସାଇଡରେ ରହିବା ଲାଗି ବାଓପ୍ସି ଟା ନେଇନେଲେ ଭଲ, ଏଇଆ କହିଲି ନା ।"

ଟେଷ୍ଟ ସବୁ ସରିଲା ବେଳକୁ ଦିନ ଚାରିଟା । ହସ୍ପିଟାଲରୁ ବାହାରି ଅର୍ପିତା କହିଲା, "ମୋତେ ଟିକେ କ୍ଲବରେ ଡ୍ରପ୍ କରିଦେବ । ରିହାର୍ସାଲକୁ ଯାଇନି କାଲି ବି, କଣ ସେମାନେ କରୁଚନ୍ତି କେଜାଣି ।"

ସୁମନ୍ତ ଦୋଦୋପାଞ୍ଚ ହେଇ କହିଲା, "ଆଜି ଦିନକ ଟିକେ ରେଷ୍ଟ ନେଇଯାଉନା ହନି । କିଛି ନହେଲେ ବି ମାନସିକ ଅଶାନ୍ତିରେ ତ ଅଛେ ନା ଆମେ ଦିହେଁ ।" ଅର୍ପିତାର ମନ ହେଉଥିଲା ପଚାରିଦେବ, "ଆମେ ଦିହେଁ ଯଦି ତମେ ବି ଛୁଟି ନେଉନା ।" ହେଲେ କହିଲା, "ମୁଁ ଯଦି ଛାଡିଦେବି ନା, ବିଶ୍ୱାସ କର ସେମାନେ ଦିନଟାଯାକ ଖାଲି ଖୁସିଗପ କରି ବିତେଇଦେବେ । ଘରକୁ ଫେରିଗଲେ ମୋତେ ଆଗ ଶାନ୍ତି ଲାଗିବନା ?"

Digitized by srujanika@gmail.com

ଅର୍ପିତାକୁ କ୍ଲବଘରେ ଛାଡିଦେଇ ସୁମନ୍ତ ଗଲା ତା ଅଫିସ୍ ।

ପରଦିନ ଅର୍ପିତା ନିଜ ସାଙ୍ଗେ ଜିଦି କଲାଭଳି ସକାଳୁ କ୍ଲବରେ ପହଞ୍ଚିଯାଇଥିଲା । ଆଜି ମୁହଁ ଏକାବାରେ ଫୁଲିଯାଇଚି । ଟିକେ ନାଲି ଦିଶୁଚି ବି । ନାକଟା ମୋଟାଳିଆ । ଆଖି ଫୁଲି ଛୋଟଛୋଟ । ତଥାପି ବନ୍ଧୁବାନ୍ଧବଙ୍କ ଠାରୁ ଡାକ୍ତର ଯାକେ ସମସ୍ତେ କହୁଚନ୍ତି ସେମିତି କିଛି ଡରିବା ଭଳି ନୁହେଁ । ଅମୁକ ହେଇଥିବ, ଢ଼ମୁକ ହେଇଥିବ। କ୍ଲବରେ କେହି କିଛି କହିବା ଆଗରୁ କୈଫିୟତ ଦେଲାଭଳି ସେ କହିଲା, "ଏଇ ପରା ହସ୍ପିଟାଲରୁ ଆସୁଚି । ଆଛା ଧନ୍ଦାରେ ପଡ଼ିଚି ଏତେବେଳକୁ । ହଜାରେ ଟେଷ୍ଟ କରାଇବାକୁ ପଡୁଚି । ରିପୋର୍ଟ ଯାକ କାଲି ମିଳିଯିବ ।"

ତାପରେ ସେ ଦ୍ୱିଗୁଣ ଉତ୍ସାହରେ ରିହର୍ସାଲ୍‌ରେ ମାତିଗଲା। ହେଲେ ତଣ୍ଟି ପାଖରୁ ଉପରକୁ କେମିତି ଓଜନିଆ ଲାଗୁଥିଲା । ଫୁଲାଟା ଲଞ୍ଚ ବେଳକୁ ବେଶ୍ ବଢ଼ିଯାଇଥିଲା । ତାପରେ ଅନ୍ୟମାନଙ୍କ ଉପଦେଶ ଏତେ ଶୁଣିବାକୁ ପଡ଼ିଲା ଯେ, ଆଉ ବେଶୀବେଳ ସେଠି ବସିବା ସମ୍ଭବ ନଥିଲା । ଏଣେ ହାତରେ ଏତେ କାମ । ଷ୍ଟେଜ୍ ସଜ୍ଜା କରିବାଲୋକଠୁ ମାଇକ ବାଲା ଫୁଲ ବାଲା ତାକୁ ହିଁ ଠିକଣା କରିବାକୁ ହେବ । ଦିଦିନ ଗଲେ ଡ୍ରେସ୍ ରିହର୍ସାଲ । ଓଲଟି ସିଏ ଅନ୍ୟମାନଙ୍କୁ ଏଥର ଆଶ୍ୱାସନା ଦେଇବସିଲା, "ତମେ ସବୁ ମୋ ଚିନ୍ତା ଛାଡିଲ । ହେଭି ଆଣ୍ଟିବାଓଟିକ ଆରମ୍ଭ କରିଦେଲିଣି । କାଲି ସୁଦ୍ଧା ଫୁଲାଟା କମିଯିବ ନିଶ୍ଚେ । ମୋ ପାର୍ଟଟା ରୁବି କରୁଥାଉ, କାଇଁକିନା ପ୍ରମ୍ପଟିଂ କରିକରି ତାର ଅଭ୍ୟାସ ହେଇଗଲାଣି ତ । ଚଳେଇନେବ ଦରକାର ହେଲେ ।"

ଅନ୍ୟମାନେ କିନ୍ତୁ ନାଇଁ ନାଇଁ ହେଲେ । ତା କେମିତି ହେବ ଯେ । ନୀନା ମାଥୁର ତା କାନରେ କହିଲେ, "କେହି ଆଉ ସେ ରୋଲ କରିବେନି ତମ ଛଡ଼ା ଅର୍ପିତା । ତମକୁ କରିବାକୁ ହେବ ରୋଲ୍ ଟା ।"

ସତ କଥା, ରୁବିର ତ ମୋଟେ ଷ୍ଟେଜ ଲାଗି ପର୍ସନାଲିଟି ନାଇଁ, ହାବଭାବରେ ଲାଳିତ୍ୟ ନାଇଁ, ଭାବୁଥିଲା ଅର୍ପିତା । ଘରକୁ ଫେରିବାକୁ ବସିଲା ବେଳେ ସମସ୍ତେ ଘେରିଗଲେ । ନୀନା ଓ ସୁଜାତା ଏକଆରେକ ଉପରେ ପଡ଼ି କହିଲେ, "ତମେ ଆଉ କିଛି କରିବା ଦରକାର ନାଇଁ ଅର୍ପିତା, ଖାଲି ଏଥର ଓଷଦ ଖାଇ ବିଶ୍ରାମ କଲ ।" ମୃଦୁଳି ସାର୍ ତବଲା ଛାଡି ଆସିଲେ, ହାତ ଯୋଡିଲେ ଏକରକମ ନାଚ ମୁଦ୍ରାରେ ପ୍ରାୟ, ପୁଣି ବାଳ ଛାଟିଦେଇ କହିଲେ, "ଆପଣ ଶୀଘ୍ର

Digitized by srujanika@gmail.com

ଭଲ ହୋଇଯାନ୍ତୁ ମାଡାମ୍ । ଆମେ ସମସ୍ତେ ଠାକୁରଙ୍କୁ ଡାକୁଚୁ ।" ପୋର୍ଚ୍ଚ ପାଖେ ଦି ଚାରିଜଣ ବେଷ୍ଟ ଅଫ୍ ଲକ୍ କହିଲେ । ଝରକା ବାଟେ ହାତ ହଲାଉ ହଲାଉ ଅର୍ପିତା ମୁଣ୍ଡ ଟୁଙ୍ଗାରି ହସିଲା । କହିଲା, "ବହୁତ ବହୁତ ଥାଙ୍କସ୍ ମୋ ବନ୍ଧୁଗଣ । ମୋ ପାର୍ଟ ମୁଁ କରିବି, ଯେମିତି ହେଉ, ହେଲା ତ ?"

ବାଟରେ ଆଶୀଷର ଫୋନ୍ ଆସିଲା, "ଆଜି ଶୀଘ୍ର ଆସି ପହଞ୍ଚିଲି, ଶୁଣିଲି ଆପଣଙ୍କର ଦେହ ଭଲ ନାହିଁ । କାଲି ବି ଆସିନଥିଲେ । ଯାହା ହେଉ ପଛକେ ମୁଖ୍ୟ ରୋଲଟି ଆପଣଙ୍କୁ କରିବାକୁ ହେବ । ଆଉ କିଏ ଅଛି ସେ ପାର୍ଟ କଲାଭଳି କହିଲେ ?"

ଆଶୀଷର ଗଳାରେ କିଛି ଥିଲା, ଅର୍ପିତାର ଗଳା ରୁନ୍ଧି ଯାଇ କଥା ଅଟକି ଗଲା । ଉତ୍ତର ନ ଆସିବାର ଦେଖି ଆଶୀଷ ପୁଣି କହିଲା, "କିଛି ହେଇନି ତମର ଅର୍ପିତା । ମୁଁ ଜାଣେ କିଛି ହେଇନି । ଏଭଳି ଜୀଜିବିଷା, ପ୍ରତିଭା ଥିବା ଲୋକଙ୍କୁ ଏତେ ସହଜରେ କିଛି ହୁଏ ନା କ'ଣ ?" ଉତ୍ତର ପାଇଁ ମୁହୂର୍ତ୍ତଟିଏ ଅପେକ୍ଷା କରି ଆଶୀଷ ପୁଣି ପଚାରିଲା, "କାଲି ଆସିବ ତ ରିହର୍ସାଲକୁ ?"

କଷ୍ଟରେ ସ୍ୱର ଫୁଟାଇଲା ଅର୍ପିତା, "ଆସିବି ।"

ହେଲେ ଅର୍ପିତା ଆଉ ରିହାର୍ସାଲକୁ ଯାଇ ପାରିଲାନି, ତା ପରଦିନ ନୁହେଁ, ଡ୍ରେସ ରିହର୍ସାଲକୁ ବି ନୁହେଁ । ସବୁ ରିପୋର୍ଟ ହାତକୁ ଆସିଯାଇଥିଲା, ବାଓପ୍ସିଟା କେବଳ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା ।

ହେମନ୍ତ ଉତ୍ସବ ଦିନ ପ୍ରୋଗ୍ରାମ ତେଣେ ଆରମ୍ଭ ହେଇଥିବ, ଡାକ୍ତର ରିପୋର୍ଟ ହାତକୁ ଆସିଲା । କ୍ୟାନସର୍ ବାହାରିଚି । ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଲାଣି । ସିଧାସଳଖ ତାକୁ କୁହା ନଗଲେ ବି ସୁମନ୍ତର ହିତାଶ ଭୟଭୀତ ମୁହଁରୁ ଠଉର କରିନେଲା ଅର୍ପିତା, ଅବସ୍ଥାଟି କଅଣ। ବାସ୍ । ଶେଷ ଆସିଗଲା ତେବେ ।

ଆଗତର କିଛି ଛବି ସଫାକରି ଦେଖିବାକୁ ମୁଣ୍ଡ ନାହିଁ କରୁଚି । ଠାକୁରଙ୍କୁ ଡାକିବା ଛଡ଼ା କିଛି ଭାବିବାକୁ ଜୁଟୁନାହିଁ । ପରଦିନ ଯେତେବେଳେ ବାହାରିଲା ସେ ହସ୍ପିଟାଲ୍ ଉଦ୍ଦେଶ୍ୟରେ, ନିଜ ଘରକୁ ଫେରି ଅନେଇଲା । ସକାଳ କାମ ଟାକରାଣୀ ପୁରା ବି କରିନାହିଁ, ଅସନା ମସନା ହେଇଚି ଶୋଇବା ଘର । ଆଜି

Digitized by srujanika@gmail.com

ଫେରି ସେ ଶୋଇବ ତ ଏଠି ? ଡାକ୍ତର, ଔଷଦ, ଛୁଞ୍ଚିଫୋଡା । ଅନାଗତ କେବେ ମନେହେଉଚି ଭୟାବହ ତ କେବେ ଏଇ ପାହିବାକୁ ଥିବା ରାତି ଭଳି । ହସ୍ପିଟାଲ କୋଠରୀ ବାହାରେ ସଂସାର ତାର ଚାଲିଥାଉ, ଆଉ ଦୃଷ୍ଟି ନାହିଁ ସେଥିକି । ସୁମନ୍ତ ଆସେ, ଝିଅ ଝୁନି ଆସେ ସ୍କୁଲ ଛୁଟି ପରେ । ସାଙ୍ଗ ସାଥି ଆସି ବାହାରୁ ସୁମନ୍ତ ସାଙ୍ଗେ କଥା କହି ଯାଆନ୍ତି, ଅର୍ପିତା ସାଙ୍ଗେ ଭେଟିବାକୁ ମନା ଏବେ। କାଚ ଝରକା ବାଟେ ଦେଖାଯାଏ ବନ୍ଧୁ ଶୁଭେଚ୍ଛୁମାନଙ୍କ ମୁହଁ, ସେମାନେ ଆଣିଦେଇଥିବା ଫୁଲତୋଡା ।

କେବେ ଡାକ୍ତରଖାନରେ ଶୋଇଥିଲା ବେଳେ, ଅତି ଗରିଷ୍ଠ ଔଷଦର ଇଂଜେକ୍ସନ କଣ ସେ ଦିଆ ଯାଇଥାଏ, ଅସାଡ ହେଇପଡ଼ିଥାଏ ତାର ସାରା ଦେହ । ପାଟି ତଣ୍ଟି ସବୁ ଶୁଖି ଅଠାଅଠା, ପିତାପିତା । ପର୍ଦ୍ଦାଢ଼ଙ୍କା କୋଠରୀଟି, ସବୁ ନୀରବ, ନିଥର। କେବଳ ସରୁ ନଳୀଟି, ବାଁ ହାତକୁ ଯୋଡିଦେଇଥାଏ ଟୋପି ଟୋପି ହେଇ ପଡୁଥିବା ବୋତଲ ସାଙ୍ଗେ, ଜୀବନ ନାଟିକା ଭଳି । ସେମିତି ଏକା ଏକା ବିଛଣାରେ ପଡ଼ିଥିବା ବେଳେ ପିଲାଦିନର ସ୍ମୃତି କିଛି ଅନାୟାସ ଆଖିପତା ତଳେ ଚିତ୍ର ଭଳି ଲେଖିହେଇଯାଏ ।

ଛୋଟ ଝିଅଟିଏ । ଚୁଲି ଜାଳୁଚି, ତରକାରୀ ଭାତ ଖିରୀ ପୁରି କେତେ କଥା ରାନ୍ଧୁଚି । ନିଜେ ନୁହେଁ, ତାର ସୁନ୍ଦର ଶାଢ଼ି ପିନ୍ଧା କଣ୍ଢେଇଟିର ହାତରେ ଚଟୁ ଧରି ରନ୍ଧେଇଦେଉଚି ସେ। ଟିକି ନୂଆ ଖେଳନାର ଗ୍ୟାସ୍ ଚୁଲି ଉପରେ ରଖା ଚକଚକିଆ କୁନି କୁନି ହାଣ୍ଡି କଡେଇ । ପଛପାଖରୁ କାନ୍ଦରେ କାହା ପାପୁଲି ଲାଗିଲା, କଣ କଥା ଶୁଭିଲା । ଛିଞ୍ଚାଡି ହେଇ ତେଣିକି ନିଘା ନକରି ଝିଅ ଲାଗିଗଲା ତା କାମରେ । ଏଥର ସାନ ଚାପୁଡାଟିଏ ପିଠିରେ, ତୋର ଖେଳ ସରି ନାହିଁ ଆଉରି, କେତେବେଳୁ ଡାକୁଚି ପରା ? ଦୁଧ ପିଆ ହେବନାହିଁ କି ? ଟିକି ଝିଅ ନିଜ ପାଟିରେ ଆଙ୍ଗୁଠି ଦେଇ ଚୁପ୍ ରହିବାକୁ ଇଶାରା କଲା, କହିଲା ଚୁପ୍ ଚୁପ୍, ମୋ କୁନି ଝିଅ ଶୋଇଚି ପରା, ଉଠି ପଡ଼ିବ । ମାଆଙ୍କ ସ୍ୱରରେ ବିରକ୍ତି, ହେଲା ହେଲା, ବହୁତ ହେଲା, ବହୁତ ହେଲାଣି ଖେଳ । ଏଥର ଉତ୍ତର ନଦେଇ ତା ବାହୁମୂଳରୁ ଧରି ଟାଣି ଟାଣି ନିଆ ଯାଉଚି ତାକୁ। ଛାଟିପିଟି ହେଉ ହେଉ ଘୋଷାଡି ହେଇ ଚାଲିଚି ସେ । ସେଇ ଭିତରେ ପଛକୁ ଫେରିଚାହିଁ ଝିଅଟି ତା ଖେଳଘରେ ଶୋଇଥିବା କୁନିଝିଅ ଉଦ୍ଦେଶ୍ୟରେ ପାଟିକରି କହୁଚି, କାନ୍ଦନା କାନ୍ଦନା, ମୋ ସୁନାଝିଅଟି ପରା, ମୁଁ ଆସୁଚି । ମୋ ଧନଟା ପରା । ପୁଣି କାନ୍ଦ ସାଙ୍ଗରେ ତାର ଆରମ୍ଭ ହେଇଯାଉଚି ରାଗ କାହିଁରେ କଣ, ଦି ମୁଠା ଭିତରେ

Digitized by srujanika@gmail.com

ଯାହା ଆସିଲା ଟାଣି ପକାଉଚି, ଆମ୍ଭୁଡି ପକାଉଚି । ତାର ଛୋଟିଆ ଦି ବାହୁମିଶା କଚିଦେଇ ଏଥର ଧମକ ଶୁଭୁଚି, ଚାଲିବୁ ନା ଦେଖିବୁ ? ବେଶୀ ଗେଲ ବାହାରୁଚି । ରାତି ଅନ୍ଧାର ହେଲାଣି ଆସି ଏତେବେଳେ ବାହାରେ ବସି ଖେଳନ୍ତି, ଏଁ ?

ଭେଁ ଭେଁ ରଡିଛାଡି ଟିକିଝିଅ ନେହୁରା ହେଇ କହୁଚି - ମୋତେ ଛାଡିଦିଅ ଛାଡିଦିଅ ମା । ନାଇଁ ନାଇଁ ଛାଡ ମୋତେ, ମୋ କୁନି ଝିଅ କାନ୍ଦୁଚି । ମୋ ଗ୍ୟାସ୍ ଜଳୁଛି ପରା, ତରକାରୀ ପୋଡିଯିବ ଯେ...

ଏଥର ଶୂନ୍ୟେଶୂନ୍ୟେ ବୁହାହେଇଯାଉଚି ମାଆଙ୍କ କାନ୍ଧ ଉପରକୁ, ତଥାପି ସେ ରାହାଧରିଚି, ଛାଡଛାଡ ମୋତେ ପ୍ଲିଇଜ୍... ମୋ ଘର ମୋ ଘର...

ହସ୍ପିଟାଲ ବିଛଣାରେ ଆଖି ଖୋଲିଲା ବେଳକୁ ଧାର ଧାର ଲୁହ ବହି ଚାଲିଥିଲା ତକିଆ ଉପରକୁ ।

କିଏସେ ମୋତେ ଏମିତି ଟାଣି ନେଉଚି ମୋର ଭରା ଘରୁ ? ଅଧା ଖେଳରୁ ?

ଦିମାସ କାଳ ଚାଲିଲା ଥେରାପି । କ୍ରମେ ଦିନ ମାନ ଫର୍ଚ୍ଚା ହେଇ ଆସିଲା । ଦିନେ ନିଜଘରୁ ଆସିଥିବା ଆସବାବ ଯାକ ରୁଣ୍ଡେଇ ଗାଡିରେ ଲଦି ସ୍ୱାମୀ ଆଉ ଝିଅ କାନ୍ଧରେ ଭରା ଦେଇ ଡାକ୍ତରଖାନାରୁ ନିଜ ଘରକୁ ଫେରି ଆସିଲା ଅର୍ପିତା ।

କ୍ଲବ ମେମ୍ବରମାନେ ଭେଟିବାକୁ ଆସିଲେ । ପଚାରିଲାରୁ କହିଲେ,ହଁ, ଭଲରେ ହେଇଗଲା ହେମନ୍ତ ଉତ୍ସବ । ହସି କହିଲେ ନୀନା ମାଥୁର, "ଆମେ ସବୁ କଥା ହେଉଥିଲୁ ପରା, ତମେ ନିଶ୍ଚେ ହସ୍ପିଟାଲରେ ବି ଚିନ୍ତା କରୁଥିବ ପ୍ରୋଗ୍ରାମ କେମିତି ହେଲା ବୋଲି ।" ତା ପିଠିରେ ହାତ ଦେଇ ଆହୁରି କହିଲେ, "ବାକି ସବୁ ଚିନ୍ତା ତମେ ମନରୁ କାଢ଼ିଦିଅ ବୁଝିଲ । ବହୁତ ଲୋକ ଭଲ ହେଇଯାଉଚନ୍ତି ଆଜିକାଲି । ତମେ ବି ଭଲ ହେଇଯିବ ।"

ରିହର୍ସାଲ ଦିନମାନଙ୍କୁ ଫେରିଗଲା ଅର୍ପିତା । ପଚାରିଲା, "ମୋ ରୋଲ୍‌ଟା ସୁଜାତା କଲା ପରା ? ଭଲ କଲା ନା ?"

"ହଁ, ମନ୍ଦ ନୁହେଁ । ହେଲେ ତମକୁ ମିସ୍ କଲୁ ଆମେ ସମସ୍ତେ ।"

Digitized by srujanika@gmail.com

ରୁବି କହିଲା, "ଷ୍ଟେଜ୍, ଫ୍ୟାନ୍ସି ଡ୍ରେସ, ମୀନାବଜାର ସବୁ ଭଲ ଜମିଥିଲା ।"

ରୁବିକୁ ବିରକ୍ତି ମିଶା ଦୃଷ୍ଟିଟିଏ ଦେଇ ନୀନା କହିଲେ, "ଜାଣ ଅର୍ପିତା, ସମସ୍ତେ ତମ କଥା ପଚାରୁଥିଲେ । ଆଶୀଷ ରାଏ ମାଇକରେ ତୁମ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କାମନା ବି କଲେ ।

ଲୀଳା ପଚାରିଲେ, "ଶୋଇ ଶୋଇ କେମିତି ସମୟ କଟାଉଚ ? ନୂଆ ସିରିଆଲଟାଏ ପଢ଼ିଚି ଦେଖିଲଣି ?"

ସୁଜାତା କହିଲା, "ଆହା କାଲି ମୋର ମିସ୍ ହେଇଗଲା । କଣ ସେ ବଡ ବୋହୂ କଳିକରି ବାପଘରକୁ ଚାଲିଗଲା ନା ରହିଲା ?"

ନୀନା ପଚାରିଲେ, "ଆମ କଥାରେ ତମେ ବୋର୍ ହେଉନା ତ ଅର୍ପିତା ?"

ସୁମନ୍ତ ଆସି ସମସ୍ତଙ୍କୁ ଧନ୍ୟବାଦ ଦେଲା, କହିଲା, "ହଉ, ଏଥର ଅର୍ପିତା ଟିକେ ରେଷ୍ଟ କରୁ ।"

ଛଅ ମାସ ପରେ ଦିନମାନ ପୁଣି ଗତରେ ପଡ଼ି ଯାଇଥିଲା । ଅର୍ପିତା ନିଜେ ଏଣିକି ଗାଡି ଚଳେଇ ବଡ଼ ଡାକ୍ତରଖାନାକୁ ଯାଉଥିଲା, ମଝିରେ ମଝିରେ ଚିକିତ୍ସା ଲାଗି । ନୂଆ ଘର ତିଆରି କାମ ମଝିରେ ବନ୍ଦ ହେଇଯାଇଥିଲା, ଏ ଭିତରେ ସୁମନ୍ତ ନିଜେ ଦେଖାରେଖା କାମ ହାତକୁ ନେଇଚି । ଅର୍ପିତା ଦିନେ ପଚାରିଲା, "ଏଥର ଘରର କାଠ କାମ ସବୁ ଆରମ୍ଭ କରିଦେବା ।" ସୁମନ୍ତ ଉତ୍ତର ଦେଲା, "ସେସବୁ ଚିନ୍ତା ତମେ କାହିଁକି ମୁଣ୍ଡକୁ ନେଉଚ । କାଠ ଥାକ ଆଲମାରୀ କାମସବୁ ପରା ସରିବା ଉପରେ ।"

ଅର୍ପିତା ବଲବଲ କରି ସୁମନ୍ତ ମୁହଁକୁ ଅନେଇଲା । କେତେ ଫର୍ନିଚର ବହିରୁ ବାଛି ମୋଡ୍ୟୁଲାର ରୋଷେଇଘର ଆଉ ଶୋଇଲାଘର କ୍ୟାବିନେଟ୍‌ର ଡିଜାଇନ୍ ସେ ବାଛି ରଖିଥିଲା, ସେ କଥା ଆଉ କିଛି କହିଲାନି ।

ଝୁନିକୁ ସେ ଟିକି ଝିଅଟିଏ ବୋଲି ଭାବୁଥିଲା, କେତେ ପାରିବାର ହେଇଯାଇଚି ଏ ମାସ କେଇଟା ଭିତରେ । ମା ହାତରୁ ମୋବାଇଲ ନେଇଯାଇ

Digitized by srujanika@gmail.com

ସେ ବାପାଙ୍କୁ କହେ, "ଆଜି ଖାଇବାରେ ସାଲାଡ୍ ଯିବ, ଆଉ ଗୋଟିଏ ଆପ୍ଲ ବି । ମିଠା ପିଠା ନାଇଁ, ହେଲା ?"

ଅର୍ପିତା ସେଦିନ କହିଲା, "ଆର ବର୍ଷକୁ ତୋର ବୋର୍ଡ ପରୀକ୍ଷା ପାଇଁ ତିଆର ହେବାକୁ ହେବ । ତୁ ଆଉ ଘର କାମରେ ବେଶୀ ମୁଣ୍ଡ ପୁରାନା ମା ।"

"ମୁଁ ତ ହଷ୍ଟେଲକୁ ଯିବି, ଆଉ ଘର କାମ କ'ଣ ? ହେଲେ ଆମ ଚାକରାଣୀ ଏଣିକି ସବୁ ସମ୍ଭାଳି ନେବ, ତମକୁ ଆଉ ବ୍ୟସ୍ତ ହେବାକୁ ପଡ଼ିବନି ।"

"କି ହଷ୍ଟେଲ ?"

"ବାପା ତମକୁ କହି ନାହାନ୍ତି କି ? ମୋତେ ପରା ସିଟ୍ ମିଳିଗଲାଣି..."

ଅର୍ପିତା ଦେଖେ, ବଗିଚାର କିଆରୀ ସବୁରେ ଫୁଲ ଭର୍ତ୍ତି । ଡ୍ରଇଂରୁମ୍‌ର କାଚ ଆଲମାରୀରେ ତା ସୁନ୍ଦର ଜିନିଷମାନ ଏତେ ନୂଆ ବାଗରେ ସଜା ଯେ ଚିହ୍ନି ହେଉ ନାହିଁ ।

ସୁମନ୍ତ କହିଚି, ଆମ ସହରର କ୍ୟାନସର ହସ୍ପିଟାଲ ଦେଶର ଯେ କୌଣସି ହସ୍ପିଟାଲ ସଙ୍ଗେ ଟକ୍କର ଦେଲାଭଳି । ତଥାପି ତମର ଟେଷ୍ଟ ଲାଗି ଏଥର ବମ୍ବେ ଯିବା । ତମେ ଏଣିକି ପୁରାପୁରି ସୁସ୍ଥ ।

ନିଜେ ଗାଡି ଚଲାଇ ଯାଏ ଅର୍ପିତା । ଗାଡି ବାହାରେ ସଂସାର ତାର ଚାଲିଥାଏ । ଭିତରେ ସେ ଏକୁଟିଆ ।

ସେଦିନ ରାସ୍ତା କଡ଼ରେ ପତଳା ହେଇ ଲୋକଟିଏ, ଚିହ୍ନା ମୁହଁ । ନମସ୍କାରର ପ୍ରତ୍ୟୁତ୍ତରରେ ବ୍ରେକ୍ କଷିଲା ଅର୍ପିତା ।

"ଆରେ, ମୁଦୁଲି ସାର୍, ଆପଣ ?"

ଝୁଲାମୁଣି ଧରି କୁଆଡେ ବାହାରିଥିଲେ ସିଏ, ଗାଡି ପାଖକୁ ଆସି ହସହସ ହେଇ ହାତ ଯୋଡ଼ିଲେ ଆଉଥରେ, ବାବୁରି ବାଳ ପଛକୁ ଛାଟିଦେଇ କହିଲେ, "କେମିତି ଅଛନ୍ତି ଆପଣ ?"

Digitized by srujanika@gmail.com

"ସମସ୍ତେ ଆସିଲେ, ଆପଣ ଥରେ ମୋତେ ଦେଖିବାକୁ ଆସିଲେନି ସାର୍ ?"

ଅପ୍ରସ୍ତୁତ ହେଇ ହସିଲେ ମୁଦୁଲି । କହିଲେ, "କେଇଥର ଭାବିଚି ଯିବି ବୋଲି । ଦେଖିବାକୁ ନୁହେଁ, ଗୋଟିଏ କାମରେ ।"

"କି କାମ କହନ୍ତୁ ।"

"ଆପଣଙ୍କ ଲାଗି ଗୋଟିଏ କାମ । ସ୍ୱାସ୍ଥ୍ୟ ଲାଗି । କଣ ଭାବିବେ କାଳେ ବୋଲି କହିବାକୁ ଯାଇପାରୁ ନଥିଲି ।"

"କହନ୍ତୁ ନା ।"

"ଜଣେ ବାବା ଅଛନ୍ତି, ଏଠୁ ପ୍ରାୟ ଚାଳିଶ କିଲୋମିଟର ଗାଁରେ, ନଦୀ କୂଳରେ । ଭାରି ପ୍ରତ୍ୟକ୍ଷ । ତାଙ୍କ ପାଖରୁ ବିଭୂତି ପାଇଲେ ବଡ଼ ବଡ଼ ରୋଗୀ ଭଲ ହେଇଯାନ୍ତି । ଥରେ ହେଇଆସନ୍ତୁ ମାଡାମ୍ । ବଡ଼ ପ୍ରତ୍ୟକ୍ଷ ତାଙ୍କ ଜାଗା ।"

ଟିକିଏ ଚୁପ୍ ରହିଲା ଅର୍ପିତା । ଏ ଭିତରେ କେତେଟା ମନ୍ଦିରରେ ତା ଲାଗି ପୂଜା ହେଇ ସାରିଚି । କେତେ ବାବା, ଫକୀରଙ୍କ ବିଭୂତି, ତାବିଜ.ବି ବନ୍ଧୁ ବାନ୍ଧବ ଆଣି ଦେଇଚନ୍ତି । ସୁମନ୍ତ ବିଶ୍ୱାସ କରେ ଚିକିତ୍ସାରେ, ଔଷଧରେ । ଅର୍ପିତା ନିଜେ ଯାଇନାହିଁ ସେଭଳି କୋଉଠିକି । ଆଜିକାଲି କୁଆଡିକି ଯିବାଭଳି ଆଗ୍ରହ ଆସେ ନାହିଁ । ତା ମନ ପରିବର୍ତ୍ତନ ହେବ ବୋଲି ଘର ଲୋକେ ତାକୁ ନେଇଯାଇଚନ୍ତି କେତେ ଜାଗାକୁ, ବୁଲାଇବାକୁ । ସୁମନ୍ତ କହିଚି, ବର୍ଷେରୁ ସେମାନେ ଗୋଆ ବୁଲିବାକୁ ଯିବେ । ଗୋଆ ବା କି କଥା, ଡାକ୍ତର ଅନୁମତି ଦେଲେ ବିଦେଶ ବି ଯାଇ ହେବ ।

ଅର୍ପିତା କହିଲା, "ଆପଣ ମୋ ସାଙ୍ଗେ ଯିବେ ? ଚାଲନ୍ତୁ ତେବେ, ଯିବା ଦିନେ ବାବାଙ୍କ ପାଖକୁ ।"

ଦିଦିନ ପରେ ପାଖରେ ମୁଦୁଲି ସାରଙ୍କୁ ବସେଇ ନିଜେ କାର୍ ଚଲେଇ ଗଲାବେଳେ ଅର୍ପିତାର ମନେ ପଡ଼ିଲା, ଜୀବନରେ ପ୍ରଥମ କରି ଏମିତି ଖାମ୍-ଖିଆଲରେ ସହର ଛାଡି ବାହାରିଚି ସେ, ଅଧାଚିହ୍ନା ଲୋକଟା ଉପରେ ବିଶ୍ୱାସ କରି । ପ୍ରଥମ କରି ସେ ତଉଲି ନାହିଁ ବି, ଯେ ଲୋକଟି ସର୍ବସମକ୍ଷରେ ତା ପାଖରେ ବସିବାର ଯୋଗ୍ୟ କି ନୁହେଁ ।

Digitized by srujanika@gmail.com

ପଚାରିଲା, "ଆଚ୍ଛା ସାର୍ ଆପଣଙ୍କ ପରିବାର କଣ ସାଙ୍ଗରେ ରହନ୍ତି ?"

ମୃଦୁଳି ସାର୍ ତାଙ୍କ ଲାସ୍ୟମୟ ଢ଼ଙ୍ଗରେ କେବଳ ବିଚିତ୍ର ଭଙ୍ଗୀମାଟିଏ କଲେ, "ଛାଡନ୍ତୁ ସେସବୁ" ଅର୍ଥରେ ।

ମୁଖ୍ୟ ରାସ୍ତା ଛାଡିଲା ପରେ ରାସ୍ତା ସେତେ ଭଲ ନୁହେଁ, ତେବେ ବାଟ ତ ବେଶୀ ନୁହଁ । ଭୟ କରିବାର କିଛି ଅଛି କି ନାହିଁ ଠଉର କରିବା ଲାଗି କଣେଇ ଚାହିଁଲା ସେ । ମୃଦୁଳି ନିଜ ଆଣ୍ଠୁ ଉପରେ ତାଳ ଦେଇ ମୃଦୁ ସ୍ୱରରେ କିଛି ଗୁଣୁଗୁଣାଉଥିଲେ । କିଛିବେଳ ପରେ ଚୁପ୍ ରହିବା ଆଉ ଅର୍ପିତା ଦେଇ ହେଲା ନାଇଁ । କହିଲା, "ସାର୍ ଟିକେ ଜୋର୍‌ରେ ଗାଆନ୍ତୁ ନା ।"

ସେ ଅନାୟାସରେ କହିଲେ, "ଆପଣ ବି ଗାଆନ୍ତୁ ।"

ଅର୍ପିତା ଚେଷ୍ଟା କରି ବି ହସ ଚାପି ପାରିଲା ନାଇଁ । "ମୁଁ କେମିତି ଗାଇବି ? ଗୀତଟା ଜାଣିଲେ ସିନା ।"

"ହଉ । ମୁଁ ପଦେ ଗାଉଚି, ଆପଣ ଦୋହରାନ୍ତୁ ।"

ସେଇଆ ହେଲା । ପୁରୁଣା ଭଜନଟିଏ, ପରିଚିତ ଗୀତସ୍ୱର ।

ହେ ପ୍ରଭୁ, ତୁମେ ଘନ ବନ, ମୁଁ ମୟୁର

ପ୍ରଭୁ, ତୁମେ ଚନ୍ଦ୍ର, ମୁଁ ଚକୋର...

ଗୋଟାଏ ଲେଖାଁ ଧାଡି ଅନେକ ଅନେକ ଥର । ରାସ୍ତା ଦୁଇ ପାଖେ ଧାନ କ୍ଷେତ ଢେଉ ଭାଙ୍ଗୁଚି । ମୃଦୁଳି ସାର୍ ଆଙ୍ଗୁଠି ଦେଖାଇ ଦେଉଚନ୍ତି, କ୍ଷେତ ଛାଡି ଉଡି ଯାଉଚନ୍ତି ପଲେ ବଗ ଧଳା ମେଘ ଭଳି ।

ସାନ ଗାଁଟି ବାହାରେ ଗାଡି ରହିଲା । ସାଧାରଣ ମଧ୍ୟଭଳି ଆଶ୍ରମଟିଏ । ଟାଇଲ ଛାତର ପୁରୁଣା ଘରଟିଏ, ଲିପା ପୋଛା ଅଗଣା କଡ଼ରେ ବୁଦା ବୁଦା ହେଇ ଗେଣ୍ଡୁଫୁଲ, ତୁଳସୀ ଗଛ । ଗେରୁଆ ଧୋତୀ ଚିତା ଚଇତନ ହୋଇ ବସିଥାନ୍ତି ବାବା । କିଛି ଗୋଟାଏ ପୂଜା, ହୋମ ଚାଲିଥାଏ । ପଚାଶ ଯାଏ ଲୋକ ବସିଥାନ୍ତି ହାତ ଯୋଡି । ଖଣ୍ଡେ ଦୂରରେ ବେଶ୍ ଢ଼ାଲୁରେ ତଳକୁ ନଦୀ କୁଳୁକୁଳୁ ଶୁଭୁଥାଏ । କିଛିବେଳ ବସିବା ପରେ ବାବାଙ୍କ ଡ଼ାକିବାରେ ଅର୍ପିତା ପାଖକୁ ଗଲା, ମୃଦୁଳି ତାଙ୍କ କାନ ପାଖରେ ଆସିବାର କାରଣ ଆଦି କହିଲେ । ବାବା

Digitized by srujanika@gmail.com

ହୋମ ସମିଧାରୁ ମୁଠାଏ ନେଇ ଅର୍ପିତାକୁ ଦେଲେ । ଅନ୍ୟମାନଙ୍କ ଦେଖାଦେଖି ଅର୍ପିତା ତାକୁ କାନିପାତି ନେଲା, ପ୍ରଣାମ କଲା । ବାବା କହିଲେ, "ସ୍ୱାମୀ ସ୍ତ୍ରୀ ଦୁହେଁ ନଦୀରେ ଗାଧୋଇ ଜଳରେ ଭସେଇଦେବ ।"

ଫେରିବା ବାଟରେ ବେଶ୍ ହାଲୁକା ଲାଗୁଥିଲା ଅର୍ପିତାକୁ । ମୁଖ୍ୟ ରାସ୍ତାକୁ ଉଠିବା ଆଗରୁ ମଧ୍ୟଭଳି ଗୋଟିଏ ଗାଁ ମୁଣ୍ଡରେ ନଦୀ ଘାଟଟିଏ ପଡିଲା । ମୃଦୁଳି କହିଲେ, "ଏଠି ଗାଡି ରଖନ୍ତୁ । ମୁଁ ଯାଇ ପାଣି ନେଇ ଆସେ ।"

ଗାଡିରୁ ଓହ୍ଲାଇ ଗଡ଼ାଣି ପାଦଚଲା ବାଟରେ ମୃଦୁଳି ସାର୍ ଚାଲିଲେ, ହାତରେ ଖାଲି ବିସଲେରୀ ବୋତଲଟିଏ ନେଇ । ନଈରୁ ପାଣି ନେଇ ଅର୍ପିତା ଆଉ ସୁମନ୍ତ ତାକୁ ଗାଧୁଆପାଣିରେ ମିଶେଇ ଗାଧୋଇପଡ଼ିବେ । ସିଏ ଯିବାର ପାଞ୍ଚମିନିଟ୍ ପରେ ପଛେପଛେ ଅର୍ପିତା ବି ଓହ୍ଲାଇଗଲା ସେଇ ପାଦ ଚଲା ବାଟରେ । ହଠାତ୍ ପଛକୁ ଅନେଇ ମୃଦୁଳି ପାଟିକଲେ, "ଆରେ ଆରେ, ଆପଣ କୁଆଡେ ଆସୁଚନ୍ତି ମାଡାମ୍, ଗୋଡ ଖସିଯିବ । ମୁଁ ପାଣି ନେଇଆସୁଚି, ଆପଣ ଥାଆନ୍ତୁ ସେଇଠି ।"

ଗାଧୁଆ ତୁଠରେ ପିଲାଏ ପାଣି ପହଁରାରେ ଖେଳରେ ମାତିଥାନ୍ତି । ଚାରିପାଖେ ବସନ୍ତର ଖରା । ଅର୍ପିତା ଗଡ଼ାଣି ବାଟରେ ପାଦ ସମ୍ଭାଳି ଯାଉ ଯାଉ କହିଲା, "କିଛି ହେବ ନାଇଁ, ମୁଁ ଆସୁଚି ।"

ନଈ ପାଖରେ ପହଞ୍ଚିଲା ବେଳକୁ ଅର୍ପିତା ଧଇଁସଇଁ ହେଇଯାଇଥାଏ । ଘାଟର ଉପର ପାହାଚରେ ବସିପଡ଼ି ସିଏ ବଡ଼ ପାଟିରେ କହିଲା, "ଯାହେଉ ଭଲ ପିକ୍‌ନିକ୍‌ଟିଏ ଜୁଟିଲା ମୋତେ, ଆପଣଙ୍କ ଦୟାରୁ ।" ମୃଦୁଳିଙ୍କ ଆଶ୍ଚର୍ଯ୍ୟ ମୁହଁ ଦେଖି ସେ ଏତେ ଜୋର ହସିଲା ଖିଲ୍ ଖିଲ୍ ହେଇ, ଯେ ପାଣିରେ ଡିଆଁ ମାରୁଥିବା ପିଲା ଜଣକେତେ ବି ଫେରି ଚାହିଁଲେ ଆଉ ଦାନ୍ତ ନେଫେଡିଲେ ।

ମୃଦୁଳି ସାର୍ ସନ୍ତର୍ପଣରେ ପ୍ଲାଷ୍ଟିକ ବୋତଲଟି ତଳ ପାହାଚରେ ରଖୁରଖୁ କହିଲେ, "ପିକ୍‌ନିକ୍ ନୁହଁ । ତୀର୍ଥ ବୋଲି କହିବ ନା..."

ତଳ ପାହାଚରେ ପହଞ୍ଚି ମୃଦୁଳି କାମିଜ ଖଣ୍ଡକ କାଢ଼ି ପକେଇଲେ, ଆଉ ପାଣିକି ଓହ୍ଲାଇଯାଇ ଦି ଚାରି ବୁଡ ପକାଇ ଦେଲେ । ପୁଣି ଛାତିଏ ପାଣିରେ ଠିଆ ହେଇ ହାତ ଯୋଡି କ'ଣ ଗୋଟାଏ ଶ୍ଳୋକ ବୋଲିଲେ ସ୍ୱର ଦେଇ । ସେଇ ଭିତରେ ହାବୁକାଏ ପବନ ପାହାଚ ଉପରୁ ପ୍ଲାଷ୍ଟିକ ବୋତଲଟିକୁ ନେଇ ନଈ

Digitized by srujanika@gmail.com

ଭିତରେ ପକେଇ ଦେଲା । ଅର୍ପିତା ଆହୁରି ତୁହାଏ ହସୁ ହସୁ ପାଟି କଲା, "ସାର୍, ଗଲା ଗଲା ଆପଣଙ୍କ ବୋତଲ..."

ମୃଦୁଳି ସାର ଭାସିଯାଉଥିବା ବୋତଲ ଆଡେ ଅନେଇ ମୁଣ୍ଡରୁ ପାଣି ଛାଟିଲେ, ତାପରେ କଥାଟା ବୁଝାପଡ଼ିଲାପରେ ଜିଭ କାମୁଡ଼ିଲେ, ପଚାରିଲେ, "ଏବେ କ'ଣ କରାଯିବ ?"

ଅର୍ପିତା ଓହ୍ଲେଇଗଲା ତଳ ପାହାଚକୁ । ଓଢ଼ଣୀ କାଢ଼ି ଦେଇ ହାତବ୍ୟାଗ୍ ସହିତ ପାହାଚ ଉପରେ ରଖିଦେଇ ସିଏ ବି ପାଦେ ପାଦେ ହେଇ ପଶିଗଲା ପାଣି ଭିତରକୁ । ମୃଦୁଳି ପାଟିକଲେ, "ଆରେ ଆରେ । ଥଣ୍ଡା ଧରିବ । ଚାଲିଆସ, ଅର୍ପିତା ମାଡାମ୍ । ଲୁଗା ଓଦା ହେଇଗଲା ଯେ !"

ପାଣି ଭିତରେ ଦୁଇ ବାହୁ ମେଲି ଢ଼େଉ ଖେଳାଇ ଅର୍ପିତା କହିଲା, "କିଛି ନାହିଁ ସାର୍ । ସିନ୍ଥେଟିକ୍ ସାଲୁଆର୍ କୁର୍ତ୍ତା ପରା, ଏଇଲେ ଶୁଖିଯିବ । ପିଲାଦିନେ କେତେ ଏମିତି ନଈ ଗାଧୁଆ ହେଇଚି, ଦେହରେ ଲୁଗା ଶୁଖିଚି ପରା ।"

ମୃଦୁଳି ସାର୍ କିନ୍ତୁ ଏଥର ଚିନ୍ତିତ ଦିଶୁଥିଲେ, କହିଲେ, "ଇଏ ଠିକ୍ ହେଲାନାହିଁ । ଆସ ଚାଲିଆସ ପାଣିରୁ ।"

"ମୋ ଗାଡିରେ ଟାୱେଲ ଅଛି ସାର୍, କାହିଁକି ଚିନ୍ତା କରୁଚନ୍ତି । ଥଣ୍ଡା, ଏଲର୍ଜି ସବୁ ଲାଗି ଔଷଧ ଅଛି । ବିନ୍ଦାସ ରହନ୍ତୁ ।"

ପାଣି ଦେହରୁ ବାହାରି ଆସି ଓଢ଼ଣୀ ଗଣ୍ଠି ଖୋଲି ବାବାଙ୍କ ସମିଧା ପୁଡାକ କାଢ଼ିଲା ଅର୍ପିତା । ଡାକିଲ, "ଆସନ୍ତୁ, ଦିହେଁ ମିଶି ନଈକି ଭସେଇ ଦେବା ଏଥରକ ।"

ମୃଦୁଳି ସାର୍ ଦୋଦୋପାଞ୍ଚ ହେଲେ ।

ଅର୍ପିତା ଆଞ୍ଜୁଳି ନେଇ ଆଣ୍ଠୁଏ ପାଣିରେ ଠିଆ ହେଇ ଡାକିଲା, "ଚାଲି ଆସନ୍ତୁ ପରା କହୁଚି । ଏଭଳି ବେଳ ଆଉ କଣ ଆସିବ ?"

Digitized by srujanika@gmail.com

କରା ଡଙ୍ଗରୀର ଦେବୀ

"ଏଇ ସେ ଗାଁ ନା, ଯୋଉଠି ଧଳା ପାହାଡଟିଏ ଅଛି ଆଉ ମୁଣ୍ଡରେ?"

ଜିପ୍‌ରୁ ଓହ୍ଲେଇ ପଡ଼ି ସୁଧାଂଶୁ ପ୍ରଥମ ପ୍ରଶ୍ନ ପଚାରିଲେ। ହେଲେ ନମସ୍କାର ଜୁହାର୍ ଆଦି ନାନାଦି ସ୍ୱାଗତ କୋଳାହଳ ଭିତରେ ହେଉ ବା ଯେଉଁ କାରଣରୁ, ଉତ୍ତର ମିଳିଲା ନାହିଁ। ପ୍ରଶ୍ନଟି ଜରୁରୀ ଥିଲା ତା ନୁହେଁ, ପଚାରିବା ବି ହୁଏତ ଥିଲା ଖାମଖିଆଲି। ପରିଦର୍ଶନରେ ଆସିଛନ୍ତି ସିଏ, ସରକାରୀ ଅଫିସର। ଯଥେଷ୍ଟ ସମୟ ମିଳିବ ସବୁ ପ୍ରକାର ତଥ୍ୟ ବିବରଣୀ ସଂଗ୍ରହ କରିବା ଲାଗି।

ନିଜ ଜିଲ୍ଲା ଭିତରେ ଏତେ ଚମକପ୍ରଦ ଘଟଣା, ତା ପୁଣି ଏଭଳି ପଛୁଆ ଅଞ୍ଚଳରେ। ଛୋଟିଆ ଗାଁଟିରେ ଲୋକେ ମନ୍ଦିରଟିଏ ତିଆରି କରିବା ସେତେ ବଡ଼ କଥା ନୁହେଁ, ନୂଆ କଥା ହେଲା ଉପରୁ ତଳଯାଏ ସବୁ ଜାତିର ଲୋକେ ମିଳିମିଶି ତାହା ଶ୍ରମଦାନ କରି ଯେଉଁ ପରି ତାହା ତିଆରିକଲେ, ପୁଣି ତହିଁରେ ସବୁଠୁ

Digitized by srujanika@gmail.com

ଆଗୁଆ ଥିଲା ଯିଏ ସେ ଗାଁର ଅଶିକ୍ଷିତା ହରିଜନ ସ୍ତ୍ରୀ ଲୋକଟିଏ। କଥାଟି ଏବେ ଯାଇ ସରକାରୀ ଅଧିକାରୀଙ୍କ କାନକୁ ଆସିଚି, କାହିଁକିନା କାମ ପୁରାହେଲା ବେଳକୁ ଗାଁ ଲୋକଙ୍କ ଭିତରେ ମନ ଫଟାଫଟି ହେଲାଣି, ନାନା କଥା ନେଇ ଏଥର ଗଣ୍ଡଗୋଳ। ଏକଥା ସହରୀ ଲୋକେ ଯାହା କାନରେ ପଡ଼ିଲା କେହି ଆଶ୍ଚର୍ଯ୍ୟ ହେଇନାହାନ୍ତି ଅବଶ୍ୟ। ଯା ନ ହେଇ ଫଳ ଆଉ କଣ ହେଇଥାଆନ୍ତା ଯେ ?

ସୁଧାଂଶୁଙ୍କ କଥା ଭିନ୍ନ। ଏଇ ଗାଁଟିକୁ ଆସିବି ଆସିବି ହେଇ ବର୍ଷେ ହେଇଗଲା। ମଝି ଦାଣ୍ଡଟି ଏବେ ବି ଚିହ୍ନି ହେଉଚି। ଗାଁ ପହଞ୍ଚିବା ପୂର୍ବରୁ ଅବିକଳ ଦିଶିଯାଇଥିଲା କାହିଁ କେବେକାର ଛବିଟି, କ୍ଷେତ ବିଲ ଆମ୍ବ ତୋଟା ନେଳୀ ପାହାଡ। ଏଥରକ ଚାରିଆଡକୁ ଅନେଇ ଆଉ କିଛି ଛବି ସ୍ମୃତିରୁ ଚିହ୍ନଟ କରିବାକୁ ଚେଷ୍ଟା କଲେ ସେ। ଆଗ ପଛ ଜିପ୍‌ରୁ ଆହୁରି କିଛି ଲୋକ ଓହ୍ଲେଇଲେଣି, କିଏ ପାଖକୁ ଆସିଲାଣି ତ କେତେକେ ଉପସ୍ଥିତ କାର୍ଯ୍ୟକ୍ରମ ସ୍ଥିର କରୁଛନ୍ତି। ଏଇଠୁ ପାଦରେ ଚାଲି ଯିବାକୁ ହେବ ଖଣ୍ଡେ ବାଟ, ଯେଉଁଠି ସଭାର ବନ୍ଦୋବସ୍ତ ହେଇଚି। ସୁଧାଂଶୁ ଜନବେଷ୍ଟିତ ହୋଇ ପୁଣିଥରେ ପାଖ ଲୋକଟିଏକୁ ପ୍ରଶ୍ନଟି ପଚାରିଲେ, ସତେକି ଆତ୍ମୀୟ ବୋଲି ଜଣେଇଦେବା ଲାଗି ତାଙ୍କଠି ଆଉ କିଛି ପ୍ରମାଣ ନାଇଁ।

"ଏଠି ନାଇଁ ସାନ ପାହାଡଟିଏ, ଯାହାର ଦେହ ଗୋଟାଯାକ ଝିକିମିକି ପଥର ଅଛି ? ବାଡେଇଦେଲେ ଯହିଁରୁ ନିଆଁ ବାହାରେ ?"

କେତେଜଣ ଅନାଅନି ହେଲେ। ଖଣ୍ଡେ ଦୂରରେ ଫୁସୁରୁ ଫାସୁରୁ ହେଉଥିବା ଦିଜଣ ମାଇପିଙ୍କୁ ବୟସ୍କ ମର୍ଦ୍ଦଟିଏ ଝିଙ୍ଗାସିଲା ମୁରବୀ ପଣିଆରେ, "ଆରେ ତୁନି ହୁଅମ, ଶୁଣ କଣ କହୁଛନ୍ତି ସାହେବ ଆଜ୍ଞା।"

ବିଷୟଟିକୁ ମନେମନେ ସ୍ଥଗିତ କରି ଏଥର ଛୋଟକାଟିଆ ଶୋଭାଯାତ୍ରାଟିର ସାମ୍ନାରେ ଚାଲୁଚାଲୁ ସୁଧାଂଶୁ ଗ୍ରାମବାସୀଙ୍କୁ ଦୁଃଖସୁଖ କଥା ପଚାରିବସିଲେ, "ଆଉ, ଚାଷ କେମିତି ହେଇଚି ଏଥର ? ବର୍ଷା ତ ଭଲ ହେଇଚି, ନା ନାଇଁ ?"

ଏଠି ଆଉ କିଛି ଚିହ୍ନା ଦିଶୁ ନାଇଁ ଅନ୍ତତଃ, ନା ଲୋକବାକ ନା ଘରଦ୍ୱାର। ଆଜି ଘଣ୍ଟାକ ପୂର୍ବରୁ ଡାକବଙ୍ଗଳାରେ ପହଞ୍ଚିଲା ବେଳକୁ ଅବଶ୍ୟ ମୁହଁଟିଏ ଚିହ୍ନା ଚିହ୍ନା ଲାଗିଥିଲା, ଚୌକିଦାର କି ମାଳୀ ସିଏ, କଏଁରୁ। ତାର

Digitized by srujanika@gmail.com

କୁହାଳିଆ, ଆଗଭଳି ହାବଭାବ ବି ଚିହ୍ନା ଚିହ୍ନା। ତେବେ ଥାଉ, ଏବେ ନୁହେଁ ବୋଲି ନିଶ୍ଚୟ କରିଥିଲେ ସେ। ସ୍ୱାଗତ ସହିତ ଅଭିଯୋଗ ଅନୁରୋଧ ନେଇ ଭେଟିବାକୁ ଆସିଥିବା ଗାଁ ଲୋକଙ୍କ ଆଗରେ ବ୍ୟକ୍ତିଗତ ଧରଣର କଥାବାର୍ତ୍ତା କରାନଯାଉ। ସେତେବେଳେ ତାଙ୍କର ମନେହେଉଥିଲା ଗାଁରେ ପହଞ୍ଚିଲା ପରେ ନିଶ୍ଚୟ ଆହୁରି କିଛି ଚିହ୍ନା ମୁହଁ ଦିଶିଯିବେ। ତେବେ ପିଲାଦିନର ସ୍ମୃତି ଅକାରଣ ଟାଣୁଥିଲା ସିନା, ଗାଁଟିକୁ ଥରେ ଦେଖିନେବା ବ୍ୟତୀତ ଆଉ କଣ ବା ସେଠି ଥିବ ସେଠି ତାଙ୍କ ଲାଗି ? ପହଞ୍ଚିବା ପରେ ସେ ଜାଣୁଥିଲେ ଯେ ଗାଁକୁ ସମ୍ପନ୍ନତା ଆସି କ୍ରମେ ପୁରୁଣା ଚିତ୍ର ସବୁ ଲିଭାଇଦେଇଚି। ଗର୍ବରେ ସମାଦି ରଖିବା ଭଳି କଣ ବା ଥିଲା ଗାଁ ଲୋକଙ୍କର ଯେ ଏତେ ଗୁଡେ ବର୍ଷ ଧରି ସାଇତି ରଖିଥାଆନ୍ତେ ?

ଚଉଦିଗକୁ ଥରେ ଦୃଷ୍ଟି ପକାଇ ନିଶ୍ୱାସ ଛାଡ଼ିଲେ ସୁଧାଂଶୁ। ହେଲେ ଛୋଟିଆ ଡଙ୍ଗରୀଟିଏ ନଥିଲା ଏଇଠି ପାଖରେ କୋଉଠି ? ସାନ ପାହାଡଟିର ଦେହଯାକ ବୁଦୁବୁଦୁକିଆ ଜଙ୍ଗଲ, ଗଛ ତଳ ଯାକ ସୁଦ୍ଧୁ ସାନ ସାନ ଧୋବ ପଥର, କୁଆପଥର ପରି। ଆକାଶରୁ ସେ କରା ବର୍ଷିଥିଲା ତିନିଦିନ ତିନିରାତି ଧରି ଯେ କୁଢ଼ ହେଇ କାଳେ ପାହାଡ ପାଲଟି ଯାଇଥିଲା କେବେ ପୁରା କାଳରେ। ନାଁ ତାର ଥିଲା କରା ଡଙ୍ଗରୀ। ଏଇ ଗାଁ ମାମୁଁଘର ଥିଲା କୋଉକାଳେ। ପିଲାଦିନେ ଦି ଚାରିଥର କେତେ ସେ ଆସିଥିଲେ ଖରାଛୁଟିରେ, ବାହାଘରକୁ। ତା ପରେ ଟିକିଏ ବଡ ହେଲା ପରେ ଆଉ ଛୁଟିକୁ ନିଶ୍ଚେ ଯିବା କହି କହି ଚାଲିଗଲା ଦିନମାନ ଯେ ଶେଷକୁ କିଛି ଆଉ ରହିଲା ନାଇଁ ସେଠି ସମ୍ପର୍କ ପାତିବାକୁ।

ଚାଲୁ ଚାଲୁ ପାଦ ତଳ ରାସ୍ତାରେ ଦୃଷ୍ଟି ପଡ଼ିଲା, ଟିକି ଟିକି ଧଳା ପଥର ଅଜସ୍ର ସେ ମାଟିରେ। ସୁଧାଂଶୁ ଏଥର ପାଖରେ ଚାଲିଥିବା ବୟସ୍କ ମାମଲତକାରଙ୍କୁ ପଚାରିଲେ, "କରା ଡଙ୍ଗରୀ କଥା ପଚାରୁଥିଲି। ପିଲାଦିନେ ଆସିଚି ମୁଁ ଏଇ ଗାଆଁକୁ। କ'ଣ ଆଜିକାଲି ସେ ପାହାଡର ନୂଆ ନାଆଁ ଦିଆଗଲାଣି କି ?"

ଟିକିଏ ଦୂରରେ ଚାଲୁଥିବା ବୁଢ଼ା ଲୋକଟିଏ ପାଖେଇ ଆସିଲା, କହିଲା, "ଡଙ୍ଗରୀ ଆଉ କାଇଁ ? ସିଏ ଗଲାଣି ପରା କୋଉଦିନୁ, ବଣ ଜଙ୍ଗଲ ସବୁ ଗଲା ଆଜ୍ଞା।"

ସୁଧାଂଶୁ ତା ମୁହଁକୁ ଅନେଇଲେ, ସେ ଏକଥା ହସି ହସି କଥା କହୁଥାଏ, ତା ପାକୁଆ ପାଟି ଭିତରେ ଜିଭଟିର ପ୍ରତିଟି ଚଳପ୍ରଚଳ ଦିଶୁଥାଏ।

Digitized by srujanika@gmail.com

ଆଖପାଖରୁ ଆଉ କେତୋଟି ସ୍ୱର ଶୁଭିଲା, "ଆଉ ନୁହେଁତ କଣ? ଗଲା ସବୁ। କିଛି ରହିଲା ନାଇଁ। ବାଘ ମୟୂର ସବୁ ଗଲେ। କରା ଡଙ୍ଗରୀ ବି ଗଲା।"

"ବଣ ଜଙ୍ଗଲ ଗଲା ବୋଲି ପାହାଡଟାଏ କୁଆଡେ ଚାଲିଯିବ ମ?" ହସ ଚାପି ଗମ୍ଭୀର ମୁହଁ କଲେ ସେ। "ପାହାଡଟାକୁ କିଏ ଟେକିନେଇ ଗଲା?"

"ସରକାର ନେଲା ଆଜ୍ଞା।"

"କିଏ? ସରକାର?"

"ଆଜ୍ଞା। ସେଇ ତ ଏକା ରଜା, ସେଇ ମହାପୁରୁ। ତା ମନ କଲେ କଣ ନ ନେବ? ଡଙ୍ଗରୀକୁ ଖୋଳି ତାଡ଼ି ଲରୀ ଟରକ ଭଳି କରା ପଥର ବୋହି ନେଇ ବିକିଦେଲା ସେଇ, କାହିଁ କୋଉ ସହରରେ।"

ଦି ଚାରି ନିଶ୍ୱାସ ନେଇ ସାରି ସୁଧାଂଶୁ ପଚାରିଲେ, "ହଉ ହେଲା, ତେବେ କାମଟି କାହା ହାତରେ ହେଇଥିବ ତ? କିଏ ସେ ଏକଥା କଲା?"

ବିଭିନ୍ନ ସ୍ୱରରେ ଉତ୍ତର ଶୁଭିଲା ଏଥର, "ସରପଞ୍ଚ। କଲକ୍ଟର ସାଇବ। ହାବିଲ୍‌ଦାର। ଠିକାଦାର।"

ପରବର୍ତ୍ତୀ ପ୍ରଶ୍ନ କେଇଟି କରୁ କରୁ ସୁଧାଂଶୁ ଟିକିଏ ଚମତମ ଦିଶି ଆସିଲେ, ସତେ କି ଜେରା କରୁଚନ୍ତି ଚୋରୀ ଯାଇଥିବା ମୂର୍ତ୍ତିଟିଏ ବିଷୟରେ। ଏଥର ଗାଆଁ ଲୋକଙ୍କୁ ଆଉ ମଝିରେ ନ ରଖି ନିଜେ ବୁଝାଇଦେଲେ ଅଧିକାରୀ। ବିଶେଷ ପ୍ରକାର ପଥର ଥିଲା ସେ ପାହାଡଟିର। ବଜାରରେ ଚାହିଦା ଥିଲା। ନୀତିନିୟମ ଅନୁଯାୟୀ ହେଇଚି ସବୁକିଛି।

କଥାଟା ବୁଝିବାକୁ ସୁଧାଂଶୁଙ୍କୁ ଦି ଚାରି ମିନିଟ୍ ଲାଗିଗଲା। ଇତି କଲେ, "ଆଚ୍ଛା। ହଉ।"

ଦୃଶ୍ୟଟିଏ କାହିଁ କେତେଦିନ ତଳର। ଗାଆଁ ଭିତରୁ କି ଖଣ୍ଡେ ଦୂରରୁ, ଯୋଉଠୁ ଦେଖିଲେ ସେ ଦିଶେ, ଛୋଟିଆ ପାହାଡଟିଏ। ତା ଦେହଯାକ ବୁଦୁବୁଦିକିଆ ଶାଗୁଆ ଗଛ ଭିତରୁ ଧଳା ପଥର ମୁଣ୍ଡ ଟେକିଥାଏ ପୁଞ୍ଜା ପୁଞ୍ଜା ହୋଇ। ସବା ଉପରେ ପ୍ରକାଣ୍ଡ ତିନିଟା ପଥର ଲଦାଲଦି, ଧଳା ମେଘ ଗୁମ୍ଫା ଭଳି। ଡଙ୍ଗରୀର ଝଙ୍କାଳିଆ ଗଛବୃଛମାନ ତଳ ଦେଇ ଯାଇଥିବା ଅନେକ ପାଦଚଲା ବାଟରୁ ଯେଉଁ ଗୋଟିକରେ ବି ପାଦ ପକେଇଲେ ହାଫ୍ ପେଣ୍ଟ ପିନ୍ଧା କଅଁଳିଆ

Digitized by srujanika@gmail.com

ଗୋଡମାନ ତେଙ୍ଗ ତେଇଁକା ପହଞ୍ଚିଯାନ୍ତି ପାହାଡ ଟିପିକୁ। ସେଇଠି ଗଛବୁଦା ହଠାତ୍ ସରିଯାଏ। ମଳିଚିଆ ଧୋବ ଅରାଏ ଚଟାଣ ଉପରେ ଲଦାଲଦି ହେଇ ଠିଆ ହୋଇଥାନ୍ତି ପ୍ରକାଣ୍ଡ ପଥରମାନ। ଉଜ୍ଜଳ ଖରାଧୁଆ ଆକାଶରେ ଉଭା ଧଳା ପାଉଁଶିଆ ମେଘ ସମ୍ଭାର ଭଳି। ଯେଝା ସାଧମତେ ଚଢ଼ିଯାଇ ଜାଗା ଦେଖି ନିଃଶ୍ୱାସ ମାରିବାକୁ ବସିଯାନ୍ତି ସଭିଏଁ। ତଳକୁ ଅନେଇଲେ ଦିଶେ ଛାଡ଼ିଆସିଥିବା ଗାଆଁଟି, କାହିଁ କେତେ ଦୂରରେ ଅଚିହ୍ନା କେଉଁ ରାଜ୍ୟ ଭଳି। ଘର ବାରି, ଗାଁ ଦାଣ୍ଡ ସବୁ ସାନ ସାନ, କ୍ଷେତ ବିଲ ଯାକ ପରିଷ୍କାର, ହାତ ଅଙ୍କା ଚିତ୍ର ସତେକି। ଆରପାଖକୁ ଅନେଇଲେ ଦୂର ପାହାଡ ଯାଏଁ ଆଖି ଚାଲିଯାଏ, ବିଲ କାନ୍ତାରର ମଝି ମଝିରେ ଆଉରି ଗାଁ କେଇଟି। କେବେ କେବେ ବଣ ଭିତରୁ କେଉଁଠୁ ଚମକି ଆସନ୍ତି ଝାବୁରୁ ବାବାଜୀ, ଠେଙ୍ଗା ଉଠେଇ ପାଟି କରନ୍ତି, ଯାଅ ଯାଅ, ପଳାଅ ଏଠୁ।

ଚାରିପାଖେ କିଏ ସବୁ କଣ କହୁଥିଲେ। ମନେପଡ଼ିଗଲା ଭଳି ସୁଧାଂଶୁ କହିଲେ; "ଆଚ୍ଛା ଆଚ୍ଛା। ଚାଲ ତେବେ ଦେଖିବା ତମ ମନ୍ଦିର।"

ଜଣେ ବୁଢ଼ିଆ କହିପକେଇଲା, "ଆଜ୍ଞା ମନ୍ଦିର ପରା ସେଇଠି। ଯୋଉଠି ଥିଲା କରା ଡଙ୍ଗରୀ, ଠିକ୍ ତା ତଳକୁ।"

"ଆଜ୍ଞା ସେଠି ହେବ ସଭା।"

"ଦେଖିବେ ସାର୍, ସବୁଯାକ ସେଠି ଏବେ ପୋଡା ଇଟା ସିର୍‌ମିଟି କୋଠା। ଗୋଟିଏ ହେଲେ ଆଉ ମାଟି କୁଡ଼ିଆ ନାହିଁ ତମପଡାରେ।"

"ପୂର୍ବ ଜାଗା ବୋଲି ଚିହ୍ନିପାରିବ ନାଇଁ। ଅପୂର୍ବ ସୁନ୍ଦର ମାହାପୁରୁ ଘର ଏବେ।"

"ଆରେ ଜାଣିଚନ୍ତି ମ ଆଜ୍ଞା। ତାଆରି କଥା ପରା ବୁଝିବାକୁ ଡାକିଆଣିଚୁ ଆମେ।"

ଅନେକ ଦିନୁ ସହରକୁ ଆସି ଭେଟିଗଲେଣି ତୁମରିଗୁଡା ଗାଁ ଲୋକେ, ପୁଣି ଆଜି ସକାଳେ ସୁଧାଂଶୁ ଡାକବଙ୍ଗଳାରେ ପହଞ୍ଚୁ ପହଞ୍ଚୁ। ଅନେକ ବିଷୟରେ ସମାଧାନ ଲୋଡା ତାଙ୍କର। ମନ୍ଦିରର ନାଁ କଣ ଦିଆଯିବ। ଉଦ୍ୟୋକ୍ତାଙ୍କ ନାଁ ରହିବ ନା ନାଇଁ। ବେଢ଼ା କାନ୍ଥ ଦେହ ଖୋପରେ ଆଉ କିଏ ସବୁ ଠାକୁର ରହିବେ। କୋଉ ପଡାର ମନ୍ଦିର ବୋଲି କୁହାଯିବ, ଯିଏ ଚାନ୍ଦା ବେଶୀ ଦେଲେ ନା ଯିଏ ଜମି ଦେଲେ? ଅଥବା ଯାହାର ଶ୍ରମରେ ସେ ଠିଆହେଲା, କାହାର ସବୁଠୁ ବେଶୀ

Digitized by srujanika@gmail.com

ଅଧିକାର ତହିଁରେ ? କିଏ ହେବ ପୁରୋହିତ ? ବାହ୍ମଣ ପଡାଠୁ ତଳ ହରିଜନ ପଡା ଯାଏଁ ସଭିଙ୍କ ବିଭିନ୍ନ ପ୍ରକାର ଦାବି ।

ଦିଶିଲାଣି ଏଥର, ଘରଦ୍ୱାର ଉହାଡ ହେଉଥିଲା । ଛୋଟକାଟିଆ ମନ୍ଦିରଟିଏ, ଉଚ୍ଚ ଢ଼ିପ ଜାଗାରେ ।

"ପୂରା ପାହାଡଟା ଗଲାନାଇଁ ଆଜ୍ଞା । ଖଣ୍ଡିଏ ତହିଁରୁ ରହିଗଲା । ମା ଠାକୁରାଣୀଙ୍କ ଆସନ ହେବାର ଥିଲା ବୋଲି ।"

ପଚାରିଲେ ସେ, "ସମୁଦାୟ ଟାପୁଟା ତେବେ ଭଙ୍ଗା ହେଇଗଲା ? ଖୋଳିଥିବେ ତାଡ଼ିଥିବେ ତ ବହୁତ ଲୋକ ମିଶି ?"

"ଆଜ୍ଞା ହଁ ହଁ, ଭାଙ୍ଗିଲେ ତାଡ଼ିଲେ ସବୁ ଗାଁ ଲୋକେ ।"

"ତମରି ଗାଁ ଲୋକ ଭାଙ୍ଗିଦେଲ ?"

"ଆଜ୍ଞା, ଆଉ ଆଖପାଖ ଗାଁ ଲୋକେ । ଠିକାଦାର ସାଇବ ଆସିଥିଲେ ତେଣେ ବଡ ସହରରୁ ।"

"ଆସନ୍ତୁ ଆଜ୍ଞା, ଏଇ ବାଟ । ସଡକଟି ବି ତିଆରି କଲେ ଠିକାଦାର ସାଇବ । ଗାଡ଼ି ଟ୍ରକ ମଟର ଚାଲିଲା କିନା । ସହର ପାଲଟି ଗଲା ଆଜ୍ଞା ଆମ ଗାଁ ସେ ଦିନା କେତେ ।"

ଖଣ୍ଡେ ବାଟ ଚଢ଼ାଣିରେ ମନ୍ଦିର ଯାଏଁ ପହଞ୍ଚିଲେ, ଠିକ୍ ତା ପଛକୁ ଖାଇଟିଏ । ଏକାଚୋଟକେ ସତେକି ହାଣିପକେଇଚି କିଏ ପାହାଡଟିକୁ ଦହଡା ଖଣ୍ଡାଟିଏରେ, ଆଉ ରାମ୍ପି ନେଇଯାଇଚି ସମୂଳେ । ମନ୍ଦିରଟି କରାଡଙ୍ଗୀରର ଅବଶିଷ୍ଟାଂଶ ଉପରେ ଛିଡା ହେଇଚି, କଡକିଆ ହେଇ । ନେହୁରା ହେଇ ଅବା ରଖିନେଇଚନ୍ତି ଦେବୀ ଜାଗା ଅରାକ, ଲୁଟି ନେଉ ନେଉ ରାକ୍ଷସ ଦୟାର୍ଦ୍ର ହୋଇ ଛାଡ଼ିଦେଇଚି ମୁଠାଏ । ଶାଗୁଆ ମାଟିଆ ଲୁଗା କାନିରୁ ଚିରା ଖଣ୍ଡେ ପଡ଼ିଚି ଉଜାଡ ଲଙ୍ଗଳା ଭୂଇଁରେ ।

"ଦିନ ମଜୁରିର ଚିନ୍ତା ଚାଲିଗଲା ଆଜ୍ଞ ସେଇ ଦି ବର୍ଷ କେତେ । ଆଉ ରାଏପୁର ବିଜେବାଡା ଯିବା ଦରକାର ପଡ଼ିଲା ନାଇଁ । ଘରେ ବସି ଜୁଟିଲା ମଜୁରି ।"

ଭିନ୍ନ ଭିନ୍ନ ସ୍ୱରର ଉତ୍ତରମାନ । କେଉଁଟି ଉଦାସିଆ ତ ଆରେକ ଖୁସିବାସିଆ ।

Digitized by srujanika@gmail.com

"ଆଜ୍ଞା ପୂର୍ବେ ଦେଖିଥିବେ ବୋଲି ତ ପଚାରୁଚନ୍ତି। ଆଉ କାଇଁ ଡଙ୍ଗରୀ ?"

"ଚିନ୍ତା ଲାଗିଗଲା ଦିନାକେତେ ଲାଗି ଆଜ୍ଞା। ମିଳିମିଶି ଭାଙ୍ଗିଚୁରି ଦେଲୁ ଆମେ ସଭିଏଁ। ଟିରିପ ଟିରିପ ହେଇ ଲରୀ ଟରକରେ ବୁହା ହେଲା ଧଳା ପଥର। ହେଉ ହେଉ କୁଆଡେ ଉଭାନ ହୋଇଗଲା ଗୋଟା ସୁଦ୍ଧା ପାହାଡ଼ଟା।"

ପଛପାଖକୁ ନାହିଁ ନୋହିଲା ଗାତୁଆ ଟାଙ୍ଗରଟିଏ, ନାଲିଚିଆ ଆବୁଡା ଖାବୁଡା ପଥରର। ପୋଡା ଘାଆର ଦାଗ ଭଳି ରୋଗଣା ଅସୁନ୍ଦର। ମଝାମଝି ବିରାଟ ଖାଲଟିଏ। ପାଣି ଜମି ପୋଖରୀଟିଏ ପରି ଦିଶୁଚି, ବର୍ଷା ଧୋଇଆଣିଚି ଆଖପାଖରୁ ସବୁତକ ନାଲିମାଟି ତହିଁରେ। ଶୋଇଲା ଛବିମାନ ପୁଣି ଉଠିବସୁଚି ମନରେ।

ଖରାଛୁଟି ସରିଆସୁଥାଏ, ମାମୁଁ ଘର ରହଣୀ ବି। ନୂଆ ବର୍ଷା ମେଘ ଛାଇ ଆସିଥାଏ। ଦିନ କେତୋଟିରେ ଡଙ୍ଗରୀଟିର ବୁଦାଗଛମାନରେ ସବୁଜ ଲାଗିଯାଇଥାଏ, ଘୋଡେଇ ହେଇ ପଡ଼ିଥାଏ ପାହାଡଟି ଗୋଟିପଣେ।

"ଏଇ ଆଜ୍ଞା ଆମ ମନ୍ଦିର, ଏଇ ଅଞ୍ଚଳ ଖଣ୍ଡକରେ ଏଭଳି ମନ୍ଦିର ତିଆରି ହେଇନାହିଁ। କାରିଗର ବି ଏଇ ଗାଆଁର।"

ପିଲାଦିନ ମନେପଡୁଚି। ପାହାଡ ଉପରେ ବାବାଜୀର ସ୍ୱର ଶୁଣିଲାକ୍ଷଣି ପିଲାଏ ସବୁ ଯେ ଯୁଆଡେ ଛୁ। ହେଲେ ବେଶୀ ଭାଗ ଦିନ ବାବାଜୀର ପତା ନଥାଏ। ଆରପାଖ ଗଡାଣୀରେ ନିମ୍ବ ଗଛଟି ତଳେ ଥାଏ ତାର ଖୋଲାମେଲା କୁଡ଼ିଆଟି। ସବା ଉପରେ ଅଣଓସାରିଆ ପାଦଚଲା ବାଟଟିଏ କଡ଼େଇନିଏ ବିରାଟ ପଥର ମାନଙ୍କ ମଝାମଝିକୁ। ସେଇଠି ଦେବୀଙ୍କ ଆସ୍ଥାନ। ଲମ୍ବ ବାଉଁଶ ଅଗରେ ଉଡୁଥାଏ ତାଙ୍କ ନାଲି ପତାକା। ଆସିଲାବେଳେ ଗଛ ଡାଳ ଭିତରୁ ଦିଶେ, ଗାଁ ଭିତରୁ ବି କୋଉଠୁ କେମିତି ଦିଶିଯାଏ, ଧଳା କାଗଜ ଉପରେ ଅଙ୍କାହେଲା ଭଳି ଟିକି ନାଲି ଗାରଟିଏ। ଧଳା ପଥର ଗଡ଼ ଭିତରେ ଖୋଲା ଆକାଶ ତଳେ ଏକୁଟିଆ ବସିଥାନ୍ତି ଦେବୀ। ଗୋଡପାଖରେ କଦବା କେବେ ଫୁଲ ଚାଉଳ ଦି ଚାରିଟି, ଭୋଗରାଗର ଚିହ୍ନ କିଛି। ନାଲି ସିନ୍ଦୁର ବୋଳା ହାତେ ଉଚ୍ଚ ହେଇ ପଥର ଦେହରେ ପିଲାଏ ଦେବୀଙ୍କ ମୁହଁ ବାରିବାକୁ ଚେଷ୍ଟା କରନ୍ତି।

"ଏଇ ହେଲେ ଆଜ୍ଞା ଆମ ହାଇସ୍କୁଲ ହେଡମାଷ୍ଟର। ଇଏ ଗଉନ୍ତିଆ ଘର ସାନ ପୁଅ, ଟ୍ରାକ୍ଟର ରଖି ଅନେକ ଫସଲ କରନ୍ତି।" ସରପଞ୍ଚ ଚିହ୍ନା କରେଇ

Digitized by srujanika@gmail.com

ଦେଉଛନ୍ତି ଗାଁର ବିଶିଷ୍ଟ ଲୋକଙ୍କୁ, ଯେଉଁମାନେ ଆଜି ତାଙ୍କୁ ଭେଟିବାକୁ ଯାଇ ପାରିନଥିଲେ ।

"ଆଉ ଇଏ ତ ଆମ ଓକିଲ ବାବୁ, ସହରରେ ଥାଆନ୍ତି । ଗାଁର ସବୁଠୁ ବଡ ଘର ତାଙ୍କର । ଯୋଷୀ ଘର ଥିଲା ପୂର୍ବେ, ତାଙ୍କ ପିଲାମାନେ ତ ବିଦେଶକୁ ଚାଲିଗଲେ । ସବୁ ବିକି ଦେଇ ଗଲେ ।"

"ଆଚ୍ଛା, ସେ ଘରଟି ଆପଣଙ୍କର ?" ସୁଧାଂଶୁ ଅନେଇ ରହିଲେ ଖଣ୍ଡେ ଦୂରରୁ । ଅନେକ ବଦଳି ଯାଇଚି, ବୋଧେ ସାମ୍ନା ପାଖଟି ନୂଆ । ତଥାପି ପଛପାଖେ ଥିବ ପୁରୁଣା ଘରଟି । ଭିତର ଅନ୍ଦି କନ୍ଦି ସବୁ ଆଜି ବି ତାଙ୍କର ମନେଅଛି ।

"ତମେ ପିଲାମାନେ ଏଠି କାଇଁ ଭିଡ କରୁଚ କିରେ ? ଯାଅ ବସିବ ସଭା ପାଖରେ ।"

ଏ ପିଲାମାନେ କିନ୍ତୁ ବେଶ୍ ସଫାସୁତୁରା ଜାମାଯୋଡ ସଭିଏଁ, ସେବେ ଭଳି ଫୁଙ୍ଗୁଲା ନୁହନ୍ତି ଆଉ । କେଡେ ପାଖ ପରି ଦିଶିଯାଉଚି । ମୁହଁରେ ସାଇଁ ସାଇଁ ପବନ ପିଟୁଥାଏ ଧାଇଁ ଧାଇଁକା ଚଢ଼ିଗଲାବେଳେ । ଦେହରେ ପିଟିହେଇ ରାଞ୍ଚୁଡ଼ି ବି ହେଇଯାଏ ଡାଳ ବୁଦା । ନାକ କୁଞ୍ଚେଇ ହେଇଯାଏ ବେଳେବେଳେ କି ଗୋଟାଏ ବିଚିତ୍ର ଗଛର ଗନ୍ଧରେ । ଇଏ ହେଉଚି ଅଗ୍ନାଅଗ୍ନି ବନସ୍ତ । ଆମର ଇଏ ହେଲା ରଜାଙ୍କ ପାରିଧି । ସୁବୁ ଭାଇ ଆଉ ବାପି, ରଜାପୁଅ, କଟୁଆଳ ପୁଅ । ସୁଧାଂଶୁ ମନ୍ତ୍ରୀ ପୁଅ । ମୀନା ତୁ ରାଜକୁମାରୀ ନା ବୁଢ଼ୀ ରାକ୍ଷସୁଣୀ ? ନାଇଁ ମୁଁ ବି ଘୋଡା ଚଢ଼ି ମନ୍ତ୍ରୀପୁଅ, ନଇଲେ କହିଦେବି ମାଆଙ୍କୁ, ଚୋରୀ କରି ଆଣିଚ ଯାହା । ସମସ୍ତେ ସବାର ଘୋଡା ଉପରେ, ଖଡବଟ ଖଡବଟ୍ । ହାତରେ ବୁଦାରୁ ଭାଙ୍ଗି ଛାଟ ଖଣ୍ଡେ ଲେଖାଁ, ଚାବୁକ୍ । ଗପର ସଂସାର ଗୋଟିକ ଭିତରେ ଚାଲୁ ଚାଲୁ ଆଉ ଗୋଟିକର ଦୁଆର କାହୁଁ ଫିଟିଯାଏ, ତହୁଁ ବଳି ତହୁଁ ଦୃଶ୍ୟମାନ ଆପେ ଡାକିନିଏ ନିଜ ଭିତରକୁ । ଝଡ ତୋଫାନ ଭିତର ଦେଇ ଉବୁଟୁବୁ ଆମ ସିନ୍ଦବାଦ ଜାହାଜ ପରା ଲାଗିଚି ଆସି ଅପୂରୁବ ଦେଶରେ ।

"ଆରେ ତୁନି କରାଅ ଲୋକଙ୍କୁ, ଏଡ଼େ ପାଟି କଣ ? ଆସନ୍ତୁ ଆଜ୍ଞା ମନ୍ଦିର ଭିତରୁ ଆଗ ଘେରାଏ ବୁଲି ଦେଖି ଆସିବେ ।"

"ବାଃ, ଇଏ ତ ପୁରାପୁରି ନୂଆ ପ୍ରକାରର ତିଆରି ।"

Digitized by srujanika@gmail.com

ମନ୍ଦିରଟି ଦକ୍ଷିଣ ଆଡ଼ିଆ ଢାଞ୍ଚାରେ ତିଆରି। ପୂର୍ବରୁ କେବେ ଏ ଅଂଚଳରେ ଏପରି ଆୟତାକାର ମନ୍ଦିର ଥିବାର ତାଙ୍କର ମନେ ପଡୁନାହିଁ। ଉପରକୁ କମି କମି ଯାଇଚି କ୍ରମେ ଆୟତକ୍ଷେତ୍ରଟି ଓ ଦେଉଳ ମୁଣ୍ଡ ଜାଗାରେ ଧାଡ଼ିଏ କଳସ, ଦିପାଖେ ଚନ୍ଦ୍ର ବନ୍ଧନୀ। ସାମ୍ନାରେ ଲେଖା, ଶ୍ରୀ ଶ୍ରୀ ମା ଲଙ୍କେଶ୍ୱରୀ ଦେବୀ।

"ବେଢ଼ା ଚାରିପାଖେ କାନ୍ଥ ହେବ। ଆଉରି କେତେକଥା ହେବ ଆଜ୍ଞା।"

ମୁଣ୍ଡ ଭିତରେ ଅବିରାମ ପିଲାଦିନ। ଖାଲି ପାଦତଳେ ଗୋଡ଼ି ପଥରମାନ ଧଳା ନାଲି ହେଇ, କାଦୁଅ ମଳି କିଛି ନାହିଁ, ସଫା ସୁତୁରା। କିଛି ପଥର ଫାଙ୍କମାନଙ୍କରେ ଘାସ ଗଜୁରିଥାଏ। ହାତରେ ଗୋଟେଇ ଟିକିଏ ପୋଛିଦେଲେ ସେ ପଥର ଧଳା। ପାଦରେ ଆଡେଇ ଦେଲେ ବି ମାଟି ଭିତରୁ ଦେଖାଯାଏ ଭିତରଯାକ ଧୋବ କରା ପଥର। ବାଛି ବାଛି ଗୋଟାନ୍ତି ପିଲାଏ। ସାନ ବଡ ଗୋଡି ଗୁଡ଼ିଏ ସମାନ ସାଇଜ୍ ଦେଖି। ସଞ୍ଜବେଳେ ଲଣ୍ଠନ ଆଲୁଅରେ ନାନା ଖେଳ ହୁଏ ସେଥିରେ। ମାମୁଁ ଘର ଅଗଣାରେ ନାଲି ନେଳୀ ପଥର।

ମନ୍ଦିର ଭିତରୁ ଆଗନ୍ତୁକ ମଣ୍ଡଳ ବାହାରିଲା ବେଳକୁ ଗ୍ରାମବାସୀ ସଭାସ୍ଥାନରେ ଜମା ହେଲେଣି। ତଳେ ବସିଚନ୍ତି, ଠିଆ ହେଇ ଘେରିଚନ୍ତି ଆଉରି ଅନେକେ।

ମନ୍ଦିର ତିଆରି, ଚାନ୍ଦା ସଂଗ୍ରହ, ଶ୍ରମଦାନ ଆଦିର ବିବରଣୀ ଓ ପରିଶେଷରେ ଅଧିକାରକୁ ନେଇ ଯେତେ ହଟ୍ଟଗୋଳ ହୋଇଥିଲା ସବୁ କଥା ସୁଧାଂଶୁ ଶୁଣିସାରିଛନ୍ତି ସକାଳେ ଡାକବଙ୍ଗଳାରେ। କେମିତି ବାହ୍ମଣପଡା, ଗଉଡପଡା, ଡମପଡା, ସମସ୍ତେ ଦେଇଛନ୍ତି ଚାନ୍ଦା ଜଣା ଅଧିକେ। ଅବଶ୍ୟ ଡମପଡାର ଲୋକେ ନିଜେ ମେହେନତ କରି ମନ୍ଦିରଟି ଠିଆ କରିଚନ୍ତି। ତାକୁ ଆଉ କିଛି ଆଜିକାଲି କହିବା ବୃଥା ଆଜ୍ଞା। ବାହ୍ମଣମାନେ କାନମୁଣ୍ଡ ଆଉଁସି ତୁନି ରହିଚନ୍ତି, ପ୍ରତିଷ୍ଠା ଦିନ ବି ଆସିଥିଲେ ସଭିଏଁ। ହେଲେ ତା ପରେ ଆଉ ସେମାନେ ନିଜ ମହତ ଜଗି ପାଖ ମାଡୁ ନାହାନ୍ତି। ହଉ ହେଲା, ଜମି ତ ମାଗି ନେଲେଣି ତଳ ପଡାର ଲୋକେ, ନାଁ ଦେଲେଣି ଲଙ୍କେଶ୍ୱରୀ ମନ୍ଦିର। ତା ବୋଲି କଣ ନିଜ ସମ୍ପତ୍ତି କରି ରଖିବ ମନ୍ଦିରକୁ? ସଭିଙ୍କଠୁ ଚାନ୍ଦା ନେଉଥିଲ ପୁଣି କାହିଁକି?

ସଭାରେ ପୁଣିଥରେ ସେଇ କଥା ମାନ କୁହାଯାଉଚି। ଚନ୍ଦନ ତିଳକ ସଫାରୀ ସୁଟ୍ ସରପଞ୍ଚ ଦୀର୍ଘ ଭାଷଣଟିଏ ଦେଉଚନ୍ତି, କେମିତି ଏତେଦିନ କାଳ

Digitized by srujanika@gmail.com

ଗୋଟିଏ ପରିବାର ଭଳି ଚଳିଆସିଥିବା ପଡାମାନଙ୍କ ଭିତରେ ଆଜି ଫାଟ ସୃଷ୍ଟି ହେଇଚି, ତା ପୁଣି ଠାକୁରାଣୀଙ୍କି ନେଇ।

ଆଜି କିନ୍ତୁ ଡାକବଙ୍ଗଳାରେ ସେ ଭିନ୍ନ କଥା କହିଥିଲେ, ଗାଆଁରେ ଆଜ୍ଞା ସେମିତି କିଛି ଏଥି ପୂର୍ବରୁ ଯେ ଲୋକେ ଏକଜୁଟ ଥିଲେ ତା ନୁହେଁ, ତେବେ ଏମିତି ଭାଗ ହେଇଯାଇ ରୀତିମତ ଯୁଦ୍ଧ ଲାଗି ତିଆରି ହୋଇଯାଉନଥିଲେ। ଆଗେ ତ ଚଳଣୀ ଭିନ୍ନ ଥିଲା ଆପଣ ଜାଣିଚନ୍ତି, ନିଜ ନିଜ କୂଳ ବେଉସାକୁ ନେଇ କାନ ମୁଣ୍ଡ ଆଉଁସି ରହିଥିଲେ ଲୋକେ। କାହା ଭିତରେ ହାତ ଥିଲା ଯେଝା ଜାତି ଅନୁଯାୟୀ ନଚଳି ପଦେ କିଛି କହିଦେବାକୁ? ସାହସରେ ପାଦ ପକେଇ ନୂଆ କାର୍ଯ୍ୟଟିଏ କରିପକେଇବା ତ ଦୂରର କଥା। ଗଣମାନ୍ୟ ବ୍ୟକ୍ତି ଜଣକ ପରେ ଜଣେ ଠିଆ ହୋଇ ନିଜ ବକ୍ତବ୍ୟ ଦେଉଛନ୍ତି। ଭାଷଣ ମଝିରେ ଟୀକା ଟିପ୍‌ପଣୀ ଆସୁଚି ଲୋକଙ୍କ ଭିତରୁ। ତାତିଲା ଯୁକ୍ତି ତର୍କ ଆଡକୁ ମୋଡ଼ୁଁଚି ପରିବେଶ।

ତେବେ ଉଭୟ ଦଳର ଲୋକେ ଯାହା ଯାହା ସବୁ କହିଗଲେ, ସେଥିରୁ କେତେକ କଥା ଜଣାପଡୁଥିଲା ସତ ବୋଲି। ଯେ ମନ୍ଦିର ତିଆରି ଲାଗି ମିଳିମିଶି କାମ କରିବାକୁ ଆଶମତୀ ନାମ୍ନୀ ମହିଳା ଜଣକ କେବଳ ଲୋକଙ୍କୁ ଉଦ୍‌ବୁଦ୍ଧ କରିନଥିଲେ, ନିଜର ସଞ୍ଚିତ ଧନ ଅକାତରରେ ଦେଇଥିଲେ। ତା ପରେ ଯାହା କମ୍ ପଡ଼ିଲା ଗାଁ ଲୋକେ ମିଳିମିଶି ଚାନ୍ଦା କରି, ଶ୍ରମଦାନ କରି ପୂରାକରି ଦେଲେ। ଜମି ବି ମିଳି ଯାଇଥିଲା ଗାଁର ଜଣେ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ, ଅନେକ ଦିନୁ ସେ ପ୍ରବାସୀ ଭାରତୀୟ। ମନ୍ଦିର ପୂରା ହେଲାଯାଏଁ ସବୁକଥା ଜଣାଅଧିକେ ସୁରୁଖୁରୁରେ ଚାଲିଥିଲା। ପ୍ରତିଷ୍ଠା ଉତ୍ସବ ବି ସରିଗଲା ଅଚ୍ଛ ବହୁତେ ମିଠା ପିଠା ଉତ୍ତେଜନା ଭିତରେ। ତେବେ ନିକଟରେ ଆଶମତୀଙ୍କ ମୃତ୍ୟୁ ହେଇଯାଇଛି, ସ୍ୱାଭାବିକ ଅସୁସ୍ଥତାରୁ। ସେ ନଥିବା ଯୋଗୁ ହେଉ ବା କାକତାଳୀୟ ନ୍ୟାୟରେ ହେଉ, ପରେ ପରେ ସୃଷ୍ଟି ହେଲାଣି ନାନା ପ୍ରକାର ସମସ୍ୟା।

"ମନ୍ଦିର ନାଁରେ ଆମେ ଭେଦ ଭାବ ଭୁଲିଗଲୁ ସତ, ତା ବୋଲି ଏମାନେ ପଇସା ଗର୍ବରେ ପରମ୍ପରାକୁ ମାନିବେ ନାଇଁ?"

ସୁଧାଂଶୁ ଉତ୍ତର ଦେବା ପୂର୍ବରୁ ଅପର ପକ୍ଷର ପ୍ରଶ୍ନ, "ଆପଣ ଫଇସଲା କରନ୍ତୁ ଆଜ୍ଞା, ଯିଏ ଘର ଘର ବୁଲି ପଇସା ଏକାଠି କରିଛନ୍ତି, ଯାହା ଶ୍ରମଦାନରେ ମନ୍ଦିରଟି ତିଆରି ହେଇଚି, ତାଙ୍କର ବେଶୀ ଅଧିକାର ରହିବା ଉଚିତ ନା ନାଇଁ?"

Digitized by srujanika@gmail.com

ସୁଧାଂଶୁ ପଚାରିଲେ ଗାଆଁର ସମ୍ଭ୍ରାନ୍ତ ମୁଖିଆଙ୍କୁ, "ଏକଥା ଠିକ୍ ନା ନାଇଁ, ଆପଣ କଣ କହୁଚନ୍ତି ?"

"ଗାଆଁର ସମାଜ ଆଜ୍ଞା ଭିନ୍ନ, ଆମର ଏଠି ଧନ ସମ୍ପତ୍ତି ପଛେ ନଥାଉ, ନିଜ କୁଳ ମହତକୁ ବଡ ବୋଲି ଭାବୁ। ସହରକୁ ଦିଦିନ ଯାଇ କେତେ ଲୋକ କେତେ ପ୍ରକାରେ ଟଙ୍କା କମେଇ ବାକ୍ସ ଟ୍ରଙ୍କ ଭରି ଆଣୁନାହାନ୍ତି, ତା ବୋଲି ଆମେ କଣ ମୁଣ୍ଡ ନୋଇଁ ଦେବୁ ତାଙ୍କ ଆଗରେ ?"

ଚାଲିଚି ତର୍କ ଆଲୋଚନା।

ବୋଲ ନ ମାନି ଆସୁଚି ପିଲାଦିନ, ଝାଲଓଦା ସାର୍ଟ ତଳେ ଶୀତଳ ପବନ ପରି। ପ୍ୟାଣ୍ଟ ପକେଟ୍, ଗାମୁଛା କାନି, ସବୁ ଭରିଯାଇଥାଏ ଡଗରାରୁ ଓହ୍ଲେଇଲା ବେଳେ। କିଛି ମୁଣ୍ଡା ପଥର ପାଣି ପରି ସଫା, ଅସମାନିଆ ଗୋଟା କାଚ ପରି। ବହି ଅକ୍ଷର ଉପରେ ରଖିଲେ ପଢ଼ିହେବ ଚଷମା ଲଗେଇଲା ଭଳି। ଆଉ କେତେଗୁଡ଼ିଏ ନିଦା, ଧୋବ ବଗ ପର ଭଳି। ଧାର ମୁନ କି ଆଙ୍କ ବାଙ୍କ କିଛି ନାଇଁ, ଚିକ୍କଣ ତହିଁରୁ କିଛି। ସଞ୍ଜବେଳେ ତହିଁରୁ ଦିଇଟି ନେଇ ବାଡେଇଦେଲେ ଝକ୍ କିନି ବିଜୁଳି ଭଳି ଝଲସି ଯିବ ନିଆଁ। ଆଉ କେତେକ ଭିତରେ ଥାଏ ନାଲି ଗୋଲାପୀ ରଙ୍ଗ, ତୂଳୀରେ ମାରିଲା ପରି। କୋଉଥିରେ ଅବା ନାରଙ୍ଗୀ। ଦିନେ ସେଇ ଢେଲିଆଖି କାଳୀ ଟୋକିଟି ଉପରେ ସବୁପିଲାଙ୍କ ରାଗ ଈର୍ଷା କୁଢ଼େଇ ହେଇଯାଇଥିଲା, ସମସ୍ତେ ହାତରେ ଟିକିଏ ଧରିବାକୁ ନେହୁରା ହେଉଥାନ୍ତି ତା'ର ନଡ଼ିଆ ଫାଳ ଭଳି ପଥରଟିକି, ଯା ଭିତରେ ଛୋଟିଆ ଦିବ୍ୟ ଗୁମ୍ଫାଟିଏ, ତା ପୁଣି ପୁରିଥାଏ ଖଞ୍ଜା ହେଲାଭଳି କାହିଁ କେତେ ଚିକ୍ ଚିକ୍ ଟିକି ପଥରରେ, ଏମିତି ଦିଶୁଥାଏ ସତେକି ଓଲଟେଇ ଦେଲେ ଝଡିପଡ଼ିବ ଡାଳିମ୍ବ ମଞ୍ଜି ଭଳି ଅର୍ଣ୍ଣ ତରା ଆଞ୍ଜୁଳାଏ।

"ଆଜ୍ଞା, ଯାହା ତାଆରି ହେଲାବେଳେ ଲୋକେ ଭାବିଥିଲେ ଗାଁଟା ତା ଲାଗି ବିଶିଷ୍ଟ ହେଇ ବାରିହେଇଯିବ, ଆଖପାଖ ଲୋକ କହିବେ ତୁମେ ଅମୁକ ଗାଁ ଲୋକ ପରା, ଆଜି ଫଳ ହେଲା ଓଲଟା।"

'କିଓ ମନ୍ଦିରଟିଏ ମନ୍ଦିର ଭଳି ଚଳିଲେ ସିନା ଶୋଭା ପାଇବ। ନ ହେଲେ ସଭାଘରଟିଏ କଲନାଇଁ, ତମ ମନମାଫିକେ ଚଳେଇଥାଆନ୍ତ ?'

ଅଗ୍ନିବର୍ଷିଣୀ ବିବାହିତାଟିଏ, କାଖରେ କାନିରେ ଦୁଇଟି ଛୁଆ, ସଭା କମ୍ପେଇ କହୁଚି, "ଆମ ପିଇସୀ ଥିଲେ ସିଏ, ମୋ ବାପାର ନିଜ ଭଉଣୀ, କେତେ

Digitized by srujanika@gmail.com

ଲାଡ଼ ଗେଲ ନପାଇବୁ ଆମେ ପିଲାଦିନ ଯାକ। ତାଙ୍କରି ନାଁରେ ମନ୍ଦିର ହେବ ଅଲବତ। ନାଁ ଲେଖାଯିବ ଦୁଆର ମୁହଁରେ, ମାର୍ବଲ ପଥରରେ, ଶିରିମତୀ ଆଶ୍ମତୀ ବାଘ୍।"

ଏକାଠି କେତେଗୁଡ଼ିଏ ଜବାବ ଆସୁଚି, ବୁଝାପଡୁନି।

"ଜଣେ ଜଣେ କରି କହିଲେ ସିନା ମୁଁ ବୁଝିବି। ସବୁତକ ଟଙ୍କା ଚାନ୍ଦାରୁ ଆସିଥିଲା ନା ଆଶ୍ମତୀଙ୍କର ଦାନ ହିଁ ବଡ଼ ଭାଗ ଥିଲା?"

"ଆଜ୍ଞା ପ୍ରଥମେ ଟଙ୍କା ଦେଲେ ଆଶ୍ମତୀ। ପୁଣି ତାଙ୍କ କହିବାରେ ଆମେ ସାହି ସାହି ବୁଲି ଘର ଘର ଯାଇ ଚାନ୍ଦା କଲୁ। ହେଲେ ସେ କିଛି ନୁହେଁ ଆଜ୍ଞା, ଅସଲ କାମ ହେଲା ଶ୍ରମଦାନରେ। ଆମ ପଡାର ଲୋକ କରିଚନ୍ତି ସେ କାମ, ଏ ଗାଁରେ କିଏ ନାହିଁ କରିବ?"

ଅପର ପକ୍ଷରୁ ଯୁକ୍ତି ହେଲା, "କିଓ ତମେମାନେ ସବୁ ସିଆଡେ ଯାଇ ମେସିନ୍ ମିସ୍ତ୍ରୀ କାମ ଶିଖି ଆସିବ ବୋଲି ସେ କାମ କରିପାରିଲ, ଆମେ କେମିତି କରନ୍ତୁ ସେ କାମ?"

ଏକାସାଙ୍ଗେ କହୁଥିବା ଲୋକଙ୍କୁ ଅଣ୍ଡିଆର କରି ଅଧିକାରୀ କହୁଛନ୍ତି, "ହଉ ହେଲା, ବାବୁ ତମେ କହିଲ କଣ କହୁଚ?"

ପୁଣି ଘୁରି ଫେରି କୁହାଯାଉଚି ସେଇକଥା ସବୁ। କିଛି ନୂଆ ବର୍ଣ୍ଣନା ବି ହେଉଚି, ଗପ ଫିଟି ଫିଟି ଯାଉଚି। କେମିତି କାହିଁ କେତେ ବର୍ଷ ପରେ ପୁଣି ଆଶମତୀ ଆସିଲା। ମୂଳ ଲଗେଇ ଘର କଲା। ଘର ଛାଉଣୀ କଲା ଆପେ। ପରବର୍ଷ ଘରଟିକି ଆଉରି ସୁନ୍ଦର କଲା। କକେଇପୁଅ ଭାଇକୁ କହିଲା, "ରହିଥାରେ ମୋ ଘରେ। ଖାଲି ତ ପଡ଼ିଚି, କାଏଁ ହେଲା।"

ତା ଲାଗି ପୁଣି ପଞ୍ଚାୟତ ବସିବ ବୋଲି ଲୋକେ କୁହାକହି ହେଲେ, ତେବେ ବସିଲା ନାଇଁ ଆଉ। କେମିତି କ୍ରମେ ଗାଁ ସାରା ଲୋକେ ଜାଣିଲେ, ମାନିଲେ ଯେ ଆଶମତୀ ଆଉ ସାଧାରଣ ଗାଉଁଲି ସ୍ତ୍ରୀଟିଏ ହେଇ ନାହାନ୍ତି। ଥିଏଟର ପାର୍ଟିରେ ଦେଶ ସାରା ବୁଲିଛନ୍ତି।

"ଦେଶ କଣ ଆଜ୍ଞା, ଫଟ ଅଛି ଦେଖିବେ, ବିଦେଶ ଯାଇଚନ୍ତି ପରା ଆମ ଗାଁ ଆଶମତୀ।"

Digitized by srujanika@gmail.com

"ସ୍ୱଇଚ୍ଛାରେ ଏତେ ଟଙ୍କା ଦାନ କରିଦେଲେ ସେ ସାର୍, ଗାଁ ମନ୍ଦିର ଲାଗି। ଜୀବନ ଯାକର କଷ୍ଟୋପାର୍ଜ୍ଜିତ ଧନ।"

"ନୁହେଁ ଆଉ କଣ, ଥେଟର ସିନେମା ପଇସା କାଳେ।"

ଖିଁ ଖିଁ ହୋଇ ଚାପା ହସ ତୁହାଏ ବହିଗଲା ଜନତାର ଗୋଟିଏ କଡ ଦେଇ। ଆରପାଖୁ ପ୍ରତ୍ୟୁତ୍ତରରେ ତାତିଲା ଗୁଞ୍ଜରଣ ଶୁଭିଲା।

ସୁଧାଂଶୁ ପଚାରିଲେ, "ଆଶମତୀ ଦେବୀଙ୍କ ଟଙ୍କା ମନ୍ଦିର ଲାଗି ନିଆଯିବ କି ନାହିଁ, କିଛି ବିଚାର ବା ମତଭେଦ ହୋଇଥିଲା କି?"

"ଆଜ୍ଞା ବିଚାର ହୋଇଥିଲା। ସଭିଙ୍କ ରାୟ ନିଆଯାଇଥିଲା, ପଞ୍ଚ ମହାପ୍ରଭୁ ରାଜି ହେଲାରୁ ଯାଇ ସିନା କାମ ଆରମ୍ଭ ହେଲା।"

ସୁଧାଂଶୁ ସିଧାସଳଖ ହସ ଆସିଥିବା ଦିଗକୁ ଅନେଇ ପ୍ରଶ୍ନ କଲେ, "ଯେଉଁମାନଙ୍କର ସନ୍ଦେହ ଥିଲା ତାଙ୍କ ଧନ ସତ୍ ଉପାୟରେ ଅର୍ଜ୍ଜିତ ହୋଇ ନଥିବ କାଳେ ବୋଲି, ସେତେବେଳେ ଆପତ୍ତି କରିଥିଲେ କେହି?"

"ଆଜ୍ଞା, ସାରା ଜୀବନର ସଂଚିଲା ଟଙ୍କା ଯଦି ଜଣେ ଖର୍ଚ୍ଚ କରିବାକୁ ଚାହିଁଲା କିଛି ପୁଣ୍ୟ କାମରେ, ବାଧା କାହିଁକି ଦିଆଯିବ?"

"କେତେ ପାପୀ ମହାତ୍ମା ପାଲଟିଛନ୍ତି ଆଜ୍ଞା। ପ୍ରାୟଶ୍ଚିତ୍ତ ଲାଗି ଠାକୁରଙ୍କୁ ଦେବାରେ କିଛି ମନା ନାହିଁ ତ ଶାସ୍ତ୍ରରେ।"

ଉପର ସାହିର ଜଣେ ଶିକ୍ଷିତ ଯୁବକ କହିଲେ, "ଥିଏଟର ସିନେମା ତ କିଛି ପାପ କଥା ନୁହେଁ। ଏ ଗାଉଁଲି ଲୋକଙ୍କୁ କଣ ଜଣା? ବମ୍ୱେରେ ଯେତେବେଳେ ହିରୋଇନ୍ ମିଳୁ ନଥିଲେ, ସେଭଳି ବସ୍ତି ସବୁରୁ ପରା ନେହୁରା ହୋଇ ଡାକିନେଉଥିଲେ ଝିଅଙ୍କୁ। ସେଇମାନେ ଆଜି ପୂଜା ପାଉଚନ୍ତି। ଆଶମତୀ ଦେବୀଙ୍କୁ ଆମେ କାଇଁକି ଶାସ୍ତି ଦେଇବସିବା ତାଙ୍କ କଳାରୁ ଟଙ୍କା ଅର୍ଜ୍ଜନ କଲେ ବୋଲି?"

ତା କଥାକୁ ପାସଙ୍ଗରେ ନପକେଇ ବୁଢ଼ା ଜଣେ କହିଲେ, "ନାଇଁ ଆଜ୍ଞା, ଅପେରାରେ ମିଶିଥିଲା ସେ, ଏଥା ସତ। କେତେ କେତେ ଜାଗା ବୁଲିଚି। ସେ ତିଓ୍ୱାରୀକୁ ପଚାରିଲେ ସବୁ କଥା ଗାଇବ।"

Digitized by srujanika@gmail.com

"ତା ଦେହ ଖରାପ ହେଲା ଦିନୁ ଡ୍ରାମା ଥେଟର ସବୁ ଛାଡ଼ିଦେଲା ନା। ଦୁର୍ବଳ ହେଇଗଲା, ଆଉ ଜମା ଠିଆ ହେଇ ପାରିଲା ନାଇଁ ରୋଲ୍ କରିବା ଲାଗି।"

ସୁଧାଂଶୁ ପଚାରିଲେ, "ଗାଁକୁ ଆସୁଥିଲେ ସେ ବରାବର?"

"ଆସୁଥିଲା କଣ ଆଜ୍ଞା, ଛାଡ଼ି ନଥିଲା ସେ ଗାଁ କେବେ ହେଲେ। ପ୍ରତି ବର୍ଷ ଆସେ।"

ହସି ହସି କହିଲେ ଭୀମା ପଟେଲ୍, "ପ୍ରତିବର୍ଷ ବଦଳୁଥାଏ ତା ରୂପ ରଙ୍ଗ ଆଜ୍ଞା, ତଥାପି ମନ ତ ତାର କେବେ ବଦଳି ନଥିଲା।"

ସୁଧାଂଶୁ କହିଲେ, "ତେବେ ପ୍ରଥମେ ଆପତ୍ତି ହେଇଥିଲା କାଇଁକି, ତାଙ୍କ ନେତୃତ୍ୱ କରିବା କଥାରେ? ଏବେ ବି ଲୋକଙ୍କ ମନରୁ ଆପତ୍ତି କାଇଁ ଲିଭିଯାଇନି ତ।"

ମୁହଁ ଚାହାଁଚାହିଁ ଏଥିରେ ଯାହା ହେଲା ତା ସାମାନ୍ୟ କେଇ ମୁହୂର୍ତ୍ତରେ ସମ୍ଭଳା ପଡ଼ିଗଲା।

"ଆଜ୍ଞା, ପୁରୁଣା ଢଙ୍ଗରଙ୍ଗ ରୀତିନୀତି ଗାଁ ଲୋକେ କଣ ଛାଡ଼ିଦେଇ ପାରିବେ ରାତିରାତି? ଜାତିପାତି କଥାଟି ବି କଣ ଏକାବେଳକେ ଭୁଲି ଯାଇହୁଏ?"

"ଆପତ୍ତି ଉଠିଥିଲା, ସେଥିରେ ଆମେ ବି ଥିଲୁ। ପରେ ବୁଝାସୁଝା ହେଲା, ଗାଁର ଶିକ୍ଷିତ ଯୁବା କେଇଜଣ ଘର ଘର ଯାଇ ବୁଝେଇଲେ। ସବୁ ଝିଞ୍ଜଟ ତୁଟିଗଲା।"

"ଏବେ ସିଏ ଚାଲିଗଲାରୁ ସେଇ ତା ଜାତିର ଲୋକେ ଲୋଭ କଲେ, ସେଇ ଲୋକେ ଯେଉଁମାନେ ତାକୁ ପେଜ ଟିକେ ଦେଇ ନଥିଲେ, ବାପ ଝିଅ ଯେତେବେଳେ ଗାଁ ଛାଡ଼ିଥିଲେ।"

"ଦେଖୁ ନାହାନ୍ତି, ଏପାଖେ ତା ସ୍ୱାମୀ ତିୱାରୀ, ତେଣେ ତା ଝିଆରୀ ପୁତୁରା, ସଭିଏଁ ମିଶି ନାଟ ଲଗେଇଛନ୍ତି, ପୁରୋହିତୀ କରିବେ।"

"ତାଙ୍କ ସ୍ୱାମୀ ପୁରୋହିତୀ କଲେ କ୍ଷତି କଣ?"

"କାଇଁକି ଆଜ୍ଞା? କୋଉ ଆଡୁ ଉଡ଼ି ଆସିଲା ବାହ୍ମଣ। କଣ ସେ ଶାସ୍ତ୍ର ପୋଥି ଜାଣିଚି କି ନାଇଁ ଜଣାନାଇଁ। ଯଦି ପୁରୋହିତ ହେବ, ଆମ ଗାଁ ବାହ୍ମଣ ହେଉ।"

Digitized by srujanika@gmail.com

କଥା ସରୁଣୁ ରାଧାରାଣୀର ସରୁ ତୀଖ ସ୍ୱର ଶୁଭିଲା ସଭିଙ୍କୁ ଟପି- "ଆମ ଜାନୀ ରହିବ ପୂଜା କରିବାକୁ, ଆଉ କିଏ ନୁହେଁ। ସେ ବିଳାସପୁରିଆ ବି ନୁହେଁ।"

ଏଥର ଅନେକ ସ୍ୱର ଆଗପଛ ହେଇ ଆସିଲା, "ସତ କଥା ଆଜ୍ଞା। ରହିବ ଯଦି ଜଣେ ଜାନୀ ରହୁ। କରାଡଙ୍ଗରୀର ଠାକୁରାଣୀଙ୍କୁ କିଏ ପୂଜା କରୁଥିଲା କି ?"

ସୁଧାଂଶୁ ପଚାରିଲେ, "ଏ ଜାନୀ କିଏ ସେ ?"

କାନ ପାଖକୁ ନଇଁ ସରପଞ୍ଚ କହିଲେ, "ତାଙ୍କ ଜାତିର ପୁରୋହିତ ଆଜ୍ଞା। ପର୍ବ ପର୍ବାଣୀରେ ସେଇ ପୂଜା କରିବ କାଳେ।"

ମନେଅଛି। ପାହାଡ ଉପରେ କୁଡ଼ିଆରେ ଯିଏ ରହୁଥିଲା ବାବନା ଭୂତ ପରି, ତାକୁ ବି ଲୋକେ ଡାକନ୍ତି ଜାନୀ। ପ୍ରେତ ମାନେ ଡୁମା ମାନେ ତା ବୋଲ ମାନନ୍ତି କାଳେ। ପିଲାଏ ତା ପାଖକୁ ଯାଆନ୍ତି ନାହିଁ, ଡରନ୍ତି, ଦେଖିଲେ ଧାଇଁ ପଳାନ୍ତି।

ହେଡମାଷ୍ଟର ବୁଝାଉଥାଆନ୍ତି "ଆଶମତୀ ନିଜଲାଗି କଣ କିଛି ଚାହିଁଥିଲେ, ଟିକିଏ ଭାବନ୍ତୁ ଦେଖି ? ସେ କଣ ମନ୍ଦିର ତୋଳି ଧନ ଅର୍ଜିବାକୁ ଚାହୁଁଥିଲେ ?"

ଏଥିରେ ଭୀମା ପଟେଲ କହିଲେ, "ହଅ ମା। ନିଜ ଘରଡିହ ବୋଲି ତ କିଛି ତା'ର ନଥିଲା। ତାଙ୍କ ଜାତିରେ କିଏ ସେବେ ପକ୍କା ଘର ଦେଖିଥିଲା ନା ଜମିବାଡ଼ି ଚଷୁଥିଲା ? ମନ୍ଦିରଟି ପୁରା ହେଇଥିଲେ ତାରି ପଛରେ ବଖରାଏ ଘର କରି ରହିଥାନ୍ତା। କିଏ ତାକୁ ନାହିଁ କରିଥାନ୍ତା ଏ ଗାଁରେ ?"

ଏତେବେଳକୁ ରାଧାରାଣୀ କାନ୍ଦି ପକେଇଲା ବଡ ପାଟିରେ, "ହଉ ମୋ ନାନୀ ଶାନ୍ତି ପାଇଲାଣି। ନ ରହୁ ତା ନାଆଁ। ଖାଆନ୍ତୁ ଶତ୍ରୁମାନେ ତା ସମ୍ପତ୍ତି। ମା ଲଙ୍କେଶ୍ୱରୀ ଜାଣୁଚନ୍ତି ସବୁକଥା। ଆଶମତୀ ଦେବୀର ନାଁ ବୁଡ଼ିବନି ଯେଯାଏଁ ଠାକୁରାଣୀ ମାଆ ବିରାଜୁଥିବେ।"

ଚାଲି ଯାଉ ଯାଉ ରାଧାରାଣୀ ହାତ ଅଣ୍ଟା ହଲେଇ ଚିତ୍କାର କରୁଚି, "ଏଇ ଗାଁ ଲୋକେ, ତା ପଇସା ନେଲେ, ଆଉ ତାକୁ ଏବେ ନିନ୍ଦା କରୁଚନ୍ତି। ତା ନାଁ ବୁଡ଼ଉଚନ୍ତି। କେବେ ଧର୍ମ ସହିବ ?"

Digitized by srujanika@gmail.com

"ଆରେ ଯାଆ ମା। କେହି ନିନ୍ଦା କରୁନାହାଁନ୍ତି ତାକୁ। ତା ବୋଲି ଠାକୁରାଣୀ କରି ଦେଉଳରେ ଥାପିବୁ ନା କଣ? ନୀତି ନିୟମ ସେ କେବେ ମାନିଚି? ବାହ୍ମଣ କଣ ଡମ କଣ, ଜାତି ତ ତାର ଚିରୀ ଜାତି ନା ନାହିଁ ଆଜ୍ଞା?"

ଆଶମତୀର ପଡାର ଜଣେ, ସରପଞ୍ଚଙ୍କ ପାଖଲୋକ, ନିରପେକ୍ଷ ମତ ଦେଲାଭଳି କହିଲା, "ସତ କଥା ମାତ୍ରକ। ମାଇକିନା ଜାତିକୁ କୁକୁଡା ମନା, ମଦ ମନା।"

ସୁଧାଂଶୁ ତିରସ୍କାର ମିଶେଇ ବଡ ପାଟିରେ କହିଲେ, "ଜଣେ ଏକୁଟିଆ ସ୍ତ୍ରୀ ଲୋକ ଏତେ କାମ କଲା ଗାଁ ଲାଗି, ତାକୁ ଗାଁ ଲୋକ ଆଜି ଏଇ ସମ୍ମାନ ଦେଉଚନ୍ତି? ଆଶ୍ଚର୍ଯ୍ୟ କଥା।"

ଏଥର ମତାମତ ଅଚାନକ ଆଶମତୀଙ୍କ ସପକ୍ଷକୁ ଚଳିଲା। ବୁଢ଼ା ମୁଖିଆ କହିଲେ, "ନାହିଁ ନାହିଁ, ଆଶମତୀକୁ ସମ୍ମାନ ତ କେବେ ଊଣା କରିନାହାନ୍ତି ଗାଁ ଲୋକେ।"

"ଆମେ ତ ଦେଖି ଆସିଚୁ, ଗାଁକୁ ସିଏ ଆସିଲେ ଲୋକେ ଦେଖି ଏତେ ଗହ ଗହ ହୁଅନ୍ତି। ତଳୁ ଉପର ଯାଏଁ ସବୁ ପଡାର ମାଇପିଏ ତାକୁ ଶରଧା କରନ୍ତି। ଯୋଉଠି ବି ଚାରିଜଣ ଏକାଠି ହୁଅନ୍ତି, ତାଆରି କଥା ପଡ଼ିଥାଏ।"

"ଆମ ବାହ୍ମଣ ପଡ଼ାକୁ ଆପେ ଆସେ ପରା ଜୁହାର କରିବାକୁ।"

"ସେଥର ଆମ ବଡ ବୋହୂ ଡାକିଲା ତାକୁ, କେମିତି ଖୋସା କରୁଚୁ ଲୋ, କେଡେ ସୁନ୍ଦର। ଝଟ୍ କରି ଜବାବ ଦେଲା, କହିବ ଯଦି ନାନୀ ମୁଁ ବାନ୍ଧିଦେବି। କହିଲା, ଏଠି ଗାଁରେ ସିନା ମୁଁ ଛୋଟଲୋକ, ସେଠି ସହର ବଜାର କଥା ଭିନ୍ନ।"

"ଆମ ପଡାରେ ତ ସମସ୍ତଙ୍କୁ ଆପଣାର କରିଥିଲା। ସାନପିଲାଙ୍କୁ ପାଖରେ ବସେଇ କେଡେ ସୁନ୍ଦର ଗୀତ ଶିଖେଇଦେବ, କହିବ, ମନେରଖି ବୋଲିବରେ ପିଲାଏ, ମୁଁ ମରିଗଲେ ମନେ ପକାଉଥିବ।"

"ହେଡମାଷ୍ଟର ଆଜ୍ଞାଙ୍କୁ ପଚାରୁନାହାନ୍ତି। ତାଙ୍କ ଝିଅ ବୋହୂଙ୍କୁ ସେ ସୁନ୍ଦର ଫେରକରି ଲୁଗା ପିନ୍ଧିବା ଶିଖାଉଥିଲା କି ନାହିଁ।"

"ଭଲ ତ, ଯୁଗ ବଦଳିଲା ଯାକୁଇ କହନ୍ତି। କାହାଠୁ କିଏ ଶିଖିବା ଦିନ ଆସିଲା, ଏଁ?"

Digitized by srujanika@gmail.com

"ବଡ ଗଉଁଟିଆ ଘରେ ପରା କପ୍ ପିଲେଟ୍‌ରେ ଚାହା ଦେଲେ ତାକୁ ବୋହୂମାନେ, ମୋ ଝିଅ ଆସି କହୁଥିଲା।"

ଯେଉଁ ମୁରୁକି ହସ ବକ୍ତାମାନେ ଏକଆରେକ ଭିତରେ ବଣ୍ଟାବଣ୍ଟି ହେଉଥିଲେ, ସେ ପ୍ରଶଂସା ଭିତରେ ଆଉ କିଛି ବୁଝାମଣା ଥିବାର ସୁଧାଂଶୁଙ୍କ ଆଖିକୁ ଦିଶୁଥିଲା। ଆଜି ଡାକବଙ୍ଗଳାରେ ଭିନ୍ନ ରକମର ଆଲୋଚନା କରିଥିଲେ ସେଇମାନେ। ସକାଳେ ଓକିଲବାବୁ ଆଶମତୀ ଉପରେ ମନ୍ତବ୍ୟ ଦେଇଥିଲେ, ବେଶ୍ କୁଣ୍ଠିତ ସ୍ୱରରେ, "ଚରିତ୍ର ଦୋଷଟି ତାର ତ ଥିଲା ଆଜ୍ଞା। କେହି ସେକଥା ଅସ୍ୱୀକାର କରିପାରିବେ ନାହିଁ।" ଏଥିରେ ବୁଢ଼ା ମାମଲତକାର ଚିଡିଯାଇ କହିଥିଲେ, "ମଲା, ତମେନ୍ ଘସିଏନ୍‌ଙ୍କ ଚରିତ୍ର ନେଇ ଏତେ ଚିନ୍ତା କଣ ମ? କେବେ ତାଙ୍କ ଜାତିରେ ସବୁ ସତୀ ସାବିତ୍ରୀ ବାହାରୁ ଥିଲେ ଯେ?"

ହୋ ହୋ ହସ ହେଇଥିଲା। ଏତେ ସମ୍ଭ୍ରମରେ କଥାବାର୍ତ୍ତା କରାଯାଉଥିଲେ ବି ବେଳେ ବେଳେ କଥା ଅକ୍ତିଆର ବାହାରକୁ ଚାଲିଯାଉଚି।

"ଆଶମତୀ ଦେବୀଙ୍କ ପତି ଅଛନ୍ତି, ତାଙ୍କ ଅଧିକାର କଣ କିଛି ନାଇଁ? କଣ କହୁନ, ତିୱାରୀ ଜୀ?" ଖଣ୍ଡେ ଦୂରରେ ତୁନିତାନି ଠିଆ ହେଇଥିବା ଧୋତୀ କୁର୍ତ୍ତା ଭଦ୍ରଲୋକଙ୍କୁ ଦେଖେଇ ସରପଞ୍ଚ କହି ଦେଇଥିଲେ ଆରମ୍ଭରୁ, "ସେଇ ନାଟୁଆ ଲୋକଟି ଆଜ୍ଞା, ବିଳାସପୁରିଆ, ଆଶମତୀର ଦ୍ୱିତୀୟ ପତି।"

"ମନ୍ଦିରରେ ଗାଁ ଲୋକଙ୍କୁ ଛାଡି ବାହାର ବିଦେଶୀ ଲୋକଙ୍କ କାହିଁକି ଅଧିକାର ରହିବ? କିଏ ତାର ଦୁତିଅ ଛାଡ଼ି ଚାରି ପାଞ୍ଚଥର ହେଉ, ତାଙ୍କ ଜାତିଭାଇ ତାଙ୍କୁ ମାନିଲେ ସେଥିରେ ଆମର ଅବଶ୍ୟ କିଛି କହିବାକୁ ନାହିଁ।"

"ସେସବୁ ଆରମ୍ଭ କରନାହିଁ ବାହ୍ମଣ ଦେବତାମାନେ, ନହେଲେ ଗୁମର ସବୁ ଫିଟେଇ ଦେବୁ ଯଦି ମୁହଁ ଲୁଚେଇ ପଳେଇବାକୁ ବାଟ ପାଇବନି।"

ଏଥିରେ ଆଗନ୍ତୁକ ଅଧିକାରୀମାନେ ପରିସ୍ଥିତି ସମ୍ଭାଳିଲେ। ସୁଧାଂଶୁ ବୁଝାଇଲେ, "ଆମେ ପରା ଗଣ୍ଡଗୋଳ ସବୁର ଫଇସଲା କରିବା ଲାଗି ଏକାଠି ହେଇଛେ। ନ ହେଲେ ଆପଣମାନଙ୍କର ଏତେ ପରିଶ୍ରମ ପାଣିଫାଟିଯିବ ନା ନାଇଁ?"

ଦି ପାଖରୁ ତାତିଲା କଥା କଟିକଟି ହେଉଚି। ମଝିରେ ପଶି ବୁଝାସୁଝା କରୁଚନ୍ତି ନେତୃସ୍ଥାନୀୟ ଲୋକେ। ଦ୍ୱିପ୍ରହର ଗଡ଼ି ଗଲାଣି। ସମୟ ବେଶୀ ନାହିଁ।

Digitized by srujanika@gmail.com

ଆଖପାଖ ଗାଁରେ ବି କେତୋଟି ଜାଗାକୁ ଯିବାର ଥିଲା। ଏଣେ ଖିଆପିଆ ବି ହୋଇନାହିଁ ଏ ଯାକେ। ବିଧିବତ୍ ଆଶ୍ୱାସନା ବିଶ୍ୱାସ ଦେଇ କୌଣସି ପ୍ରକାରେ ବାହାରି ଆସିଲେ ସୁଧାଂଶୁ। ଗାଡ଼ିରେ ବସୁ ବସୁ ବାଟେଇ ଦେବାକୁ ଆସିଥିବା ଲୋକଙ୍କୁ ପଚାରିଲେ, "ତେବେ ଆଶମତୀ ଦେବୀଙ୍କର ଉଦ୍ଦେଶ୍ୟ କେବଳ ଧାର୍ମିକ ଥିଲା ନା ରାଜନୀତି ବି? ଜନସେବା ତ ସେ ବେଶ୍ ଆରମ୍ଭ କରିଦେଇଥିଲେ?"

ଝରକା ପାଖକୁ ମୁଣ୍ଡ ନଇଁ ସରପଞ୍ଚ କହିଲେ, "ନାଇଁ ଆଜ୍ଞା, ସେ ସେଣେ ବାହାରେ ଥିଲା, ଗାଁ ଲାଗି କେବେ କିଛି କରିନାଇଁ ପୂର୍ବରୁ। ଆଉ ସମସ୍ତଙ୍କ ଭଳି ଦଶରା ନୂଆଖାଇକୁ ଆସୁଥିଲା। ଏମାନଙ୍କ କଥା ଜାଣିନାହାନ୍ତି, ହାତକୁ କିଛି ଟଙ୍କା ପଇସା ଆସିଗଲେ ଆଉ ସମ୍ଭଳା ପଡେନାଇଁ..."

ଡ୍ରାଇଭରକୁ ଗାଡ଼ି ଛାଡ଼ିବାକୁ ନିର୍ଦ୍ଦେଶ ଦେଲେ ସୁଧାଂଶୁ।

ନିଜ ମାଟି ଛାଡ଼ି ପେଟି ପୋଷିବାକୁ ଯାଇଥାନ୍ତି ଯେଉଁମାନେ, ଦଶରା ନୂଆଖାଇକୁ ଆସନ୍ତି। କେଉଁ ଦୂର ଦୂରାନ୍ତ ରାଜ୍ୟରେ ଯାଇ ରହିଥାନ୍ତି, ତଥାପି ଗାଡ଼ି ଭଡା ଖର୍ଚ୍ଚ କରି ଗାଁକୁ ଆସନ୍ତି ସେମାନେ ପର୍ବ ପାଳିବାକୁ। ବୁଢ଼ା ବାପ ମାଙ୍କୁ ଭେଟିବାକୁ। ଯାହାର କେହି ନ ଥାନ୍ତି ସେମାନେ ବି ଆସନ୍ତି। କୁଡ଼ିଆ ଖଣ୍ଡକ ଛଟାକାନୁ କରନ୍ତି, ପାଖ ଜମି ଟିକିଏ କିଣି ଫର୍ଚ୍ଚା ବି କରିପକାନ୍ତି କିଏ କେମିତି। ଦିନା କେତେଟାରେ ଫେରି ଯାଆନ୍ତି ପୁଣି ଦୂର ଦେଶକୁ। ଆୟ ନଥାଏ ଏଠି। କି ବା ସ୍ୱତି ଥାଏ, ବାପ ଦାଦାଙ୍କ ହାନିମାନର ଇତିହାସ ଛଡା? ତଥାପି ଆସନ୍ତି ସେମାନେ। ଝିଅ ପୁଅ ବାହାଘର କରିବାକୁ। କାଇଁକି ଏଠି? କେଜାଣି। ଅଜଣା ମୁଲକରେ ଯେତେ ଭଲ ଲୁଗା ପିନ୍ଧିଲେ ବି, ଭଲ ଖାଇଲେ ବି, ଜାତି ଭାଇଙ୍କୁ ନ ଦେଖିଲେ, ଗାଁ ଲୋକଙ୍କୁ ଦେଖାଇନଦେଲେ ଶାନ୍ତି ନାହିଁ ଥବା।

ରେଳରେ ଭେଟିଲେ ହିନ୍ଦୀ କହନ୍ତି ସେମାନେ, "ହମାରା ଦେଶ୍ ଯା ରହେ ହେଁ। କଳାହାଁଡ଼ି ଦେସ୍। ବଲାଁଗୀର ଦେସ୍। ସମଲ୍‌ପୁର ଦେସ୍।"

"ଓଡ଼ିଆ କହୁନା, ଓଡ଼ିଆ ପରା ତମେ?"

"ଭୁଲ୍‌ଗିଆ ଉଡ଼ିଆ, ବହୁତ ଦିନ୍ ହୋ ଗୟା ଦେସ୍ ଛୋଡ୍ କର୍।"

ହେଲେ ସେମାନେ ଗାଁକୁ ଆସନ୍ତି ପର୍ବ ପାଳିବାକୁ। ମନେଅଛି। ସଞ୍ଜ ହେଲେ ତାଙ୍କ ପଡ଼ାରୁ ଶୁଭେ ବାଜା। କୀର୍ତ୍ତନ କରନ୍ତି, ଏକାଠି ସ୍ୱର ଶୁଭେ। ଯେଉଁ ପଡାରେ ହେଉ ବାହାଘର, ଦାଣ୍ଡରେ ଶିଙ୍ଗବାଜା ଲାଗି ଆଗ ଡାକରା ହୁଏ।

Digitized by srujanika@gmail.com

ବାଜିଲା କ୍ଷଣି ପବନରେ ମଉଛବର ନିଶା ଲାଗିଯାଏ। ଜରି ବେଶ ପିନ୍ଧି ମୁହଁରେ ପାଉଡର କଳା ମାରି ନାଟ କରନ୍ତି ରାତି ରାତି, ଦର୍ଶକ ଭୀଡ଼ରୁ ସାନ ପିଲାଏ ଚିହ୍ନି ପାଟିକରନ୍ତି, ହେଇଟି ସିଏ ଗୁରୁବାରୁ।

ଆଶମତୀ ଆସୁଥିବ ଏକୁଟିଆ।

ସଞ୍ଜ ଗଡ଼ିଗଲା ପରେ ବି ଡାକବଙ୍ଗଳାରେ ତଥାପି କିଛି ଲୋକ ଜମିଥିଲେ, ବାକି ଗୁହାରି ପ୍ରାର୍ଥନା କାଲିକି ଶୁଣାଯିବ ବୋଲି କହି ବିଦା କରାଯାଇଚି। ରାତିଟି କାଟି ସକାଳେ ଫେରିଯିବ ସେ। ଲଗାଲଗି ଗାଁ। ଛୋଟିଆ ଡାକବଙ୍ଗଳାଟିର ବାରଣ୍ଡାରେ ବସିଲେ ଡୁମୁରିଗୁଡା ଗାଁଟି ଦିଶୁଚି ଅଦୂରରେ। ଅଜବ ଲାଗୁଚି। ଦିନେ ଏମିତି ପର ଭଳି ଏଠି ରାତି କାଟିବା ଯୋଗ ଥିଲା, ଏତେ ଆପଣାର ଗାଁଟିର ବାହାରେ ବସି ଏକୁଟିଆ ଗଲାଦିନ ହେଜିବାକୁ ଥିଲା ସୁଧାଂଶୁର।

ମାମୁଁଘର। ଭାବି ଦେଲା କ୍ଷଣି ଉଶ୍ୱାସ ମେଘ କିଛି ପବନ ସାଙ୍ଗେ ମିଶି ପଶି ଆସୁଥିଲା ଡହକୁଥିବା ସ୍କୁଲ ଘର ଝରକା ଭିତରକୁ। ବାରଣ୍ଡା ସେକତୁ ଆସିଲା କିଏ ଜଣେ। ଚୌକିଦାର କଏଁରୁ ପାଣି ଜଗ୍ ଆଉ ଗିଲାସ ନେଇ ଆସିଚି। ସୁଧାଂଶୁ ଏବେ ବି ଦୋଦୋପାଞ୍ଚ, ଏଇ ତ ସେଇ, ଥିଲା ପିଲାଦିନ ସାଙ୍ଗ ମେଳରେ। ପଚାରି ଦେବ କି ନିଜେ ଚିହ୍ନା ଦେଇ? ଥାଉ, କି ଯାଏ ଆସେ। ଯା ସାଙ୍ଗେ ସୁଖଦୁଃଖ ଭାଗବଣ୍ଟା ଆଉ କଣ ବା।

"ପିଇବା ପାଣି ନଥିଲା ରୁମ୍‌ରେ, ଭଲ କଲ ଆଣିଦେଲ।"

ପାଣି ଥୋଇ ବାହାରି ଆସି କଏଁରୁ ପାଖରେ ଆସି ଠିଆ ହେଲା, ମୁଣ୍ଡ ଆଉଁସି କହିଲା, "ଅଭୟ ଦେଲେ ପଚାରିବି ହଜୁର, କଣ ଫଇସଲା ହେଲା। ମୁଁ ଡୁମୁରିଗୁଡା ଲୋକ କିନା।"

"ଫଇସଲା ଆଉ କଣ ହେବ? ସମସ୍ତେ ମିଳିମିଶି ସମ୍ଭାଳିବେ, ନ ହେଲେ ସେ କାହାରି କାମରେ ଆସିବ ନାଇଁ, ଏଇଆ ଲାଭ ହେବ।"

"କେତେ ଆଶାରେ ସେ ମନ୍ଦିର ହେଉଥିଲା ଆଜ୍ଞା। ଶାନ୍ତିରେ ବୁଝାମଣା ହେଇଗଲେ ଆଶମତୀର ଆତ୍ମା ଶାନ୍ତି ପାଇବ। ପିଲାଟି ଦିନରୁ ତାକୁ ଜାଣେ ମୁଁ।"

ଡାକବଙ୍ଗଳା ବାରଣ୍ଡାରେ ସେମାନେ ଦିହିଙ୍କୁ ଛାଡ଼ି ଦେଲେ କେହି କୁଆଡେ ଦେଖାଯାଉ ନାହାନ୍ତି ଆଉ। ଅବାଧରେ ଏ ଲୋକଟିକୁ କଥା କିଛି ପଚରା

Digitized by srujanika@gmail.com

ଯାଇପାରେ। ସୁଧାଂଶୁ ପଚାରିଲା, "ଆଜ୍ଞା ତମକୁ ତ ଜଣାଥିବ, ଆଶମତୀ ଗାଁ ଛାଡ଼ି ଯାଇଥିଲା କେବେ ?"

ମନଲାଖି କଥା ମିଳି ଯାଇଥିଲା ଭଳି ଉତ୍ସାହରେ ଗପ ଆରମ୍ଭ କରିଦେଲା କଏଁରୁ। କେମିତି ବାପ ଝିଅ ଦିହେଁଯାକ ଗାଁ ଛାଡ଼ିଲେ। ସହରରୁ ଠିକାଦାର ଆସି ଗାଁକୁ ଗାଁ ମଜୁରିଆ ଯୋଗାଡ କରି ବୁଲନ୍ତି, ତା'ରି ସାଙ୍ଗେ ଚାଲିଗଲେ। ପୁଣି ଦିନାକେତେ ପରେ ବାପ ମରିଗଲା, ଆଶମତୀ ବହୁତ ବର୍ଷଯାଏଁ ଆଉ ଆସି ନଥିଲା।

ଲୋକେ ଭୁଲିଗଲେଣି ତାକୁ ସେତେବେଳକୁ।

"ପୁଣି ଫେରିଲା କେମିତି ?"

"ସେଥର ନୂଆଖାଇ ବେଳକୁ ଚିକିମିକି ବେଶପଟା ହେଇ ଆସିଲା ଗାଁକୁ, ସଭିଏଁ ମନେରଖିଥିବେ ସେକଥା। ଗୋଟା ଗାଁ ଯାକ ଲହର ଝପର ହେଇ ବୁଲିଲା। କହିଲା ରାଏପୁରରେ ଥେଟର ଡ୍ରାମା କରୁଚି, ପଇସା କମଉଚି, ଏମିତି ସେମିତି କେତେକଥା।"

"ଏକୁଟିଆ ଫେରିଥିଲା, ଗାଁ ଲୋକେ ମାନିନେଲେ ତାକୁ ?"

"ତାଙ୍କ ଜାତି କଥା ଆଜ୍ଞା ଜାଣି ନାହାନ୍ତି ? ପ୍ରଥମେ ପ୍ରଥମେ ଟିକିଏ କରଛଡା ଦେଉଥିଲେ। ପରେ ଘର ଖଣ୍ଡେ କରି ଖପର ଛାଆଣି କଲା, ତା ଭାଇକୁ ରହିବାକୁ ଦେଲାରୁ ସେମାନେ ବି ତାକୁ ଆପଣାର କଲେ। ତଥାପି ଆଜ୍ଞା, ଲୋକେ ତାକୁ ହସି ହସି କଥା କହନ୍ତି, ଏଣେ ପଛରେ ଥଟ୍ଟା କରନ୍ତି। କେବେ କହେ ବାହାହେଇଚି, ମୋ ବର ଅଛି। କେବେ କହେ ନାଇଁ ମୁଁ ଥେଟର ପାର୍ଟି ସାଙ୍ଗେ ରହୁଚି, ବମ୍ବେ କଲିକତା ବୁଲୁଚି।"

"ଗାଁରେ ମନ୍ଦିର କରିବା ବିଚାର ପୁଣି କେବେ ହେଲା ?"

"ମଝିରେ ଦି ଚାରିବର୍ଷ ପୁଣି କୁଆଡେ ଗଲା କେଜାଣି, ଏଥର ଆସିଲାବେଳକୁ ତା ସାଙ୍ଗରେ ଏଇ ନାଟୁଆ ତିୱାରୀ ଥାଏ। ହେଲେ ପୂର୍ବ ତେଜ ଗଲାଣି ତାର ସେତେବେଳକୁ। କରାଡଙ୍ଗରୀ ଭଙ୍ଗା ଚାଲିଥାଏ। ଯୋଷୀ ଘର ବୁଢ଼ା ମରିସାରିଥାନ୍ତି, ପୁଅ ଦିହେଁ ତାଙ୍କର ତ ବିଦେଶରେ ଥାଆନ୍ତି, ବଡ ପୁଅ ଗାଁ ଜମିବାଡି ବିକି ଦେଇ ଯିବେ ବୋଲି ଆସିଥାନ୍ତି। କରାଡଙ୍ଗରୀ ତଳକୁ ଲାଗି ତାଙ୍କର

Digitized by srujanika@gmail.com

ଜମିକିଛି ଥାଏ। ସିଏ ବିଦେଶରୁ ଚିଠି ପାଇ ଆସିଲା ବେଳକୁ ଆଶମତୀ ଲୋକଙ୍କୁ ମତେଇ ଦେଇ ଜମି ନେଇସାରିଥାଏ। ଆଚମ୍ବିତ କଥା ହେଲା, ଯୋଷୀ ପୁଣି ପଦେ ନ କହି ସେଇ ଜମି ଲେଖିଦେଲେ। ତାଖଣ୍ଡେ ପାହାଡ ଠିକାଦାର ବି ନ ଖୋଳି ଛାଡ଼ିଦେଲା।"

ସୁବୁ ଭାଇ ଜମି ଲେଖିଦେଲେ ମନ୍ଦିର ଲାଗି? କେବେଠୁ ଏଡେ ଧାର୍ମିକ ହେଲେଣି କି ସିଏ? କୋଉକାଳୁ ଆଉ ସମ୍ପର୍କ ତାଙ୍କ ସାଙ୍ଗେ ନାହିଁ କହିଲେ ଚଳେ। କେବେ କାଁ ଭାଁ ନୂଆ ବର୍ଷ କାର୍ଡଟିଏ, ଥରେ ଅଚାନକ ଦିଲ୍ଲୀରେ ଭେଟ ହେଇଥିଲା। କେତେବେଳ ପରେ ତା କଥାର ଖିଅ ଧରିବାକୁ ଗଲା ବେଳକୁ କଏଁରୁ ବଖାଣୁଥାଏ, "କରାଡଙ୍ଗରୀ ଟିପି ଧୋବପଖାନ ତଳେ ଦେବୀ ମାଙ୍କୁ ଯିଏ ପୂଜା କରୁଥିଲା ସେ ଜାନୀ ତ କେବେଠୁଁ ପଳେଇଥିଲା, ମରି ହଜି ଯିବଣି। ଏପାଖ ଗାଁ ମୁଣ୍ଡରେ ଦେବତା ପୂଜା ପାଉଥିଲେ ଖୋଲାରେ। ଗାଁରେ ମନ୍ଦିର ନଥିଲା।"

ଟିକିଏ ରହି ହସି ହସି କଏଁରୁ କହିଲା, "ଆଜ୍ଞା, ଆଶମତୀ ଆମର ଥିଲା କଳାମନ୍ତୀଟିଏ।"

"ବେଶ୍ କଥାଟିଏ କହିଲୁ। କଳାବତୀ ଆଶମତୀ।"

"ନିଜ ଦୋଷଲାଗି ପସ୍ତେଇ ହେଇ ସେ ମନ୍ଦିର କଲା। ମନ୍ଦିର ପୁରା ହେଲା କ୍ଷଣି ଆଗ ତାଆରି ମୁଣ୍ଡ ନେଲେ ଠାକୁରାଣୀ।"

"ବାଜେ କଥା କହନା, ତାକୁ କ୍ୟାନସର ହେଇଥିଲା, ଯେମିତି ହେଲେ ମରିଥାଆନ୍ତା କିଛି ଦିନରେ।"

ସେହିକ୍ଷଣି ସ୍ୱର ବଦଳାଇ କଏଁରୁ କହିଲା, 'ତା ସତ ଆଜ୍ଞା। ଦୋଷ ଆଉ କଣ? ତାଙ୍କ ଜାତି ସବୁରେ କେତେ କଥା ଚଳେ, ବଡ ଜାତିର ଲୋକ ଛୁଇଁ ଦେଲେ ସେମିତି କିଛି ମାନ ମହତ କାହାର ଚାଲିଯାଏ ନାହିଁ। ତା ବୋଲି ପିଲା ଜନମ କରିବା ଚଳେ ନା କଣ?'

"କଣ କହୁଚୁ? ଭଲ କରି କହ।"

"ତାକୁ ମାଆଙ୍କ ବରଦାନ ମିଳିଲା କହନ୍ତୁ। ଯେତିକି ସେ କାନ୍ଦିଥିଲା ବାଳୁତ ବୟସରେ, ଯେତେ ପାପ କରିଥିଲା, କହିଲା, ମାହାପ୍ରୁ ଘରଟିଏ କରିଦେବି ଯେ ସବୁ ଧୋଇଯିବ ଏଇ ଜନ୍ମଲାଗି। ଠାକୁର ବି ତା କଥା ଶୁଣିଲେ ଆଜ୍ଞା। ନ ହେଲେ କି ସବୁ ଜାଗା ଖୋଲାଯାଇ ଠିକ୍ ତାଆରି କୁଡ଼ିଆ ଥିଲା ଭୂଇଁ ଖଣ୍ଡକ

Digitized by srujanika@gmail.com

ସରକାର ଛାଡ଼ିଦେଇଥାନ୍ତା ? ଆଉ ମନ୍ଦିର ବି ତିଆରି ହେଇଥାଆନ୍ତା ସେଇଠି ଠିକ୍ ତା ପିଲା ପୋତା ହେଲା ଜାଗାରେ ?"

"କାହା ପିଲା ? ଆଶମତୀର ?"

"ଆଜ୍ଞା, ତା ଝିଅ ଦିନର ପିଲା। ଗାଁ ଛାଡ଼ିବା ପୂର୍ବର। ଦିନ ଥିଲା, ତା ନାଁଟି ପରା ଜାଜ୍ୱର ଥିଲା। ମୁହଁରେ ଧରୁ ନଥିଲେ ଗାଁ ଲୋକେ। ହେଲେ କଣ ହେବ, ଫୁସୁରୁ ଫାସୁରୁ ହେଉଥାନ୍ତି ଗାଆଁସାରା ଯୋଉଠିକି ଯିବ।"

"କାହିଁ ଏକଥା ତ କେହି ମୋତେ କହିନାହାନ୍ତି ?"

"ସତ କଥା ଆଜ୍ଞା, ସମସ୍ତେ ଜାଣିଚନ୍ତି, କେହି ଭରସି କହୁନାହାନ୍ତି ସିନା।"

ସୁଧାଂଶୁର ଚଉକିକୁ ଟିକିଏ ଛାଡ଼ି କଏଁରୁ ଧୀର ସନ୍ତର୍ପଣରେ ତଳେ ବସିପଡ଼ିଲା, କହିଲା, "ଅଭିଆଡୀ ବେଳେ ଗର୍ଭ ହେଇଥିଲା ଆଶମତୀ, ଜାତିଭାଇ ତା ଘରକୁ ଅଜାଡି କରିଥିଲେ। କେତେ ପାଟିତୁଣ୍ଡ, ସେଇ ଡଙ୍ଗରୀ ତଳେ ପଲା ଖଣ୍ଡକରେ ଯାଇ ରହିଲେ ସେମାନେ। ପିଲାଟିଏ ଜନମ କରିଥିଲା, ଭୋର୍ ପାହାନ୍ତାରେ କୁଆଁରାବ ଶୁଣିଥିଲେ ଲୋକେ। ତାଙ୍କ ଜାତିରେ ଜନମ କଲା ମାଆ ନିଜେ ମାରିବ ପିଲାକୁ, ଉଚ୍ଚ ଜାତିରେ ସିନା ଟଙ୍କା ସୁନା ଟିକିଏ ଦେଲେ ଧାଇ କରିଦେବ ସବୁ କାମ।"

"ଛେଃ, କଣ କହୁଚୁରେ କଏଁରୁ। ପିଇଦେଇଚୁ ନିଶ୍ଚେ। ଯା ଶୋଇବୁ ଯା।"

"ଆଜ୍ଞା ଆଜି ଗୁରୁବାର ଦିନ ପିଇବି, ଲକ୍ଷ୍ମୀ ଛାଡ଼ିଯିବେ ନାଇଁ ? କେତେ ଅସ୍ପୃଟ କଥା, ମୋତେ କଣ ଭଲ ଲାଗୁଚି କହିବାକୁ ? ହେଲେ ମୁଁ ନ କହିବି ଯଦି ସରକାର ଜାଣିବେ କେମିତି ?"

"ହଉ ହେଲା, ସେଇଠୁ ?"

"ଆଶମତୀ ଗାଁ ଛାଡ଼ିଲା ପରେ ସେଇ ପିଲା ମାଟି ଭିତରୁ କୁଆଁ କୁଆଁ କାନ୍ଦେ ଯେ ବାହ୍ମନ୍ ପଡା ଯାଏଁ ଶୁଭେ। ଛାତି କମ୍ପିଯିବ ସେ କାନ୍ଦ ଶୁଣିଲେ। ରାତି ବିରାତିରେ ଶୁଭିବ, ଗୋଟିଏ କନକର, ଜୀଅନ୍ତା ଥିଲାବେଳେ ତା କାନ୍ଦ ଯେମିତି ଲୋକ ଶୁଣିଥିଲେ ଅବିକଳ ସେମିତି। ମଲା ପ୍ରେତର। ହେଲେ କନକ ବାହୁଣୀର କାନ୍ଦ ଅଲଗା ବୋଲି ଆମ ବୁଟୁର ମା କହେ। ଗଉନ୍ତିଆ ଘର ଢେଙ୍କିଶାଳରୁ ଆସେ

Digitized by srujanika@gmail.com

ରାତି ପାହାନ୍ତା ପୂର୍ବରୁ। ପ୍ରେତ ତା'ର ବାସ କଲା ସେଇଠି। ଅଧରାତିରେ ଭୁଆଁ ବିଲେଇ ରଡ଼ି କଲାପରି।"

କଏଁରୁ ମୁହଁ ଗୋଜେଇ ଅନୁକରଣରେ କାନ୍ଦିବା ସ୍ୱର ଫୁଟେଇଲା। ହାତ ଆଖି ଦେଖାଇ ତାକୁ ଅଟକେଇଲା ସୁଧାଂଶୁ, ସ୍ୱର ଉଞ୍ଚେଇ କହିଲା, "ବାସ୍ ବାସ୍, ବହୁତ ହେଲା, ଯାଆ ଏଥର।"

"କହୁଚି ଆଜ୍ଞା, କନକ ବାହ୍ମୁଣୀର କଥାଟା ମନେପଡ଼ିଗଲା କିନା। ଆଶମତୀର କଥା କହୁଚି ଟିକେ ଶୁଣନ୍ତୁ।"

ଗାମ୍ଭୀର୍ଯ୍ୟ ରଖିବା ଆଉ ହେଲା ନାଇଁ ତା ଦେଇ। ଯଦିଓ କଡା ସ୍ୱରରେ କହିଲା, "ବାଜେଗପ କରନି, ସତ କଥା କିଛି ଜାଣିଚୁ ଯଦି କହ।"

"ସତ, ଖାଣ୍ଟି ସତ କଥା ଆଜ୍ଞା। ଆଖି ଫୁଟିଯିବ ନୋହିଲେ। ସେଇ ଯେ ପିଲାଟି ତା'ର ମଣିଷ ଜନ୍ମ ପାଇଥିଲା, ସେ ଆତ୍ମା ଆଉ ଅନ୍ୟ ଘଟ ପାଇଲା ନାଇଁ। କାନ୍ଦିଲା ଖାଲି। ସେଇ କାନ୍ଦରେ ନିଶ୍ୱାସରେ ଏତେ ଶାଗୁଆ ଛନଛନ କରାଡଙ୍ଗରୀଟା ପାଉଁଶ ହାଡ ପାଲଟିଗଲା ନା ନାଇଁ? ବଇଁଶୀ ଯୋଷୀ ଘର ଗାଁରୁ ଉଚ୍ଛେଦ ହେଇଗଲେ ନା ନାଇଁ? କର୍ମଫଳ ଅବଶ୍ୟ ଫଳିବ।"

ସୁଧାଂଶୁ କହିଲା, "ଯୋଷୀ ଘର ପିଲାଏ ଆମେରିକାରେ ଅୟସରେ ରହିଛନ୍ତି, ଉଚ୍ଛେଦ ହେବାରେ କିଛି କ୍ଷତି ହେଇନାଇଁ ତାଙ୍କର। ଯାଆ ଏଥର, ମୁଁ ଶୋଇବି।"

ଚଉକିରୁ ଉଠିପଡ଼ିଲେ ସିଏ, ହେଲେ କଏଁରୁ ସେମିତି ଭୂଇଁରେ ଖୁଟୁମୁଟୁ ବସି ରହି ହାତ ମଳି ମଳି ଜାରି ରଖିଲା, "କର୍ମ ତ ଆଜ୍ଞା ଆମ ହାତରୁ ଝଡ଼ିବ ନିତି ନିତି, ଗଛରୁ ମଞ୍ଜି ଭଳି, ହେଲେ ମାଟି ଜାଣି ତା ଉଧେଇବ। କେଉଁଟି ଗଜା ନ ହେଉଣୁ ଶୁଖିଯିବ, କିଏ ଜାଣେ ଅବା ସାଇତା ହେଇ ରହିବ ଆର ଜନ୍ମ ଲାଗି, ପୁଣି କେଉଁଟି ଚାହୁଁ ଚାହୁଁ କାୟା ମେଲି ମହାଦ୍ରୁମ ପାଲଟିଯିବ। ଥିବ କିଛି ପୂର୍ବ ପୁଣ୍ୟ, ଯୋଷୀ ଘର ପୁଅ ତାର ପାଠ ପଢ଼ି ସାଇବ ହେଲା, ଦେହରେ ଧୂଳିମଳି କିଛି ଦିଶିଲା ନାଇଁ। ହେଲେ ପିଲାଟିଏର ବାପ ହେଲେ ଯା ଯଶ ଆନନ୍ଦ ମିଳିବା କଥା ତା ତାକୁ ମିଳିଲାନାଇଁ। ଜନମ କରିଥିଲା ଆଶମତୀ, ନା କ୍ଷୀର ଖୋଇଲା ନା ମା ଡାକ ଶୁଣିଲା।"

ଟିକିଏ ଚୁପ୍ ହେଲା ସେ, ଘନେଇ ଆସୁଥିବା ରାତିର ସ୍ୱରମାନଙ୍କୁ ଆସିବାକୁ ଦେଲା ସତେ ବା ପରିବେଶରେ ଓଜନିଆପଣ ଆଣିବା ଲାଗି।

Digitized by srujanika@gmail.com

ଚଉକିରେ ପୁଣି ବସିପଡ଼ିଲେ ସୁଧାଂଶୁ ଧୀରେ କରି । ଦିଶିଗଲା କାହୁଁ ଛବିମାନ, ଚିରା ଚିଠି ଭଳି ଟୁକୁରା ଟୁକୁରା । ଛେଳି ଗୋଠ ପଛରେ ବାଡ଼ି ଖଣ୍ଡେ ଧରି ବୁଲୁଥାଏ ଟିକି ଝିଅଟିଏ, ପଥର ସନ୍ଧିମାନଙ୍କରୁ ଫୁଟିଲା ଛତୁ ବାଛି ବାଛି ତା ଛୋଟିଆ କରିଆ ଶାଢ଼ୀ କାନିରେ ବାନ୍ଧେ ସିଏ, ପିନ୍ଧା ଲୁଗାରୁ ତିନିପା ସେ ଗଣ୍ଠିଳିରେ ଚାଲିଯାଏ, ଫୁଗୁଳା ଦେହକୁ ନିଘା ନଥାଏ । ମନେଅଛି, ଗୋଲ ଗୋଲ କଳା ଆଖି ଝଲସାଇ ସେଦିନ ଛାଟିପିଟି ହେଉଥାଏ ସେଇ ଝିଅଟି, "ମୁଁ ପାଇଚି ଏ ପଥର, ମୋଠୁ ଛଡେଇ ନେବ ଯଦି ଦେଖିଥିବ, କହିବି ତମ ମାଆଙ୍କୁ, ତମ ମାଷ୍ଟର ଆଜ୍ଞାଙ୍କୁ କହିବି ।" ତା ହାତ ଛାଡ଼ିଦେଲେ ସୁବୁ ଭାଇ । ହେଲେ କି କିମିଆ କଲେ କେଜାଣି, ମିଠା କଥା କହି କି ଆମ୍ବୁଲ ଆଚାର ଖଣ୍ଡେ ଦେଇ, ପରଦିନ ପଥରଟି ଥିଲା ସୁବୁଭାଇ ହାତରେ ।

ସେଇ ଥିଲା କି ଆଶମତୀ । ନା ଆର ଝିଅଟି ଯେ ପତର ତୋଳେ ଖଲି ଦନା ଲାଗି ? ସେଦିନ ମୁଣ୍ଡରେ ତେଲ ମାରି ରିବନ ବାନ୍ଧିଥାଏ । ସୁବୁ ଭାଇ ପଚାରିଥିଲା, ତୁ ରାଜକୁମାରୀ ହେବୁ କିଲୋ, ଭଲ ମାନିବ ।

ନା ଆରେକ କଙ୍କିପରି ସୁକୁଟୀ ଝିଅଟି ଯିଏ ତା ମା ସାଙ୍ଗେ ମାମୁଁଘର ବାରି ପରିବା କିଆରି ଲାଗି କୂଅ ଫନ୍ଦରେ ଚଢ଼ି ପାଟିଟାଣେ ? ଏତେ ଜୋର୍ ନଇଁପଡେ ଯେ ଦେଖିଲେ ଡରମାଡ଼େ ଏଇ ଗଳିପଡ଼ିବ କି ବାଲଟି ସହିତ ବୋଲି ।

ସୁଧାଂଶୁ କଳ୍ପନା କରୁଥିଲା, କେଉଁ ଝିଅଟି ହେଇଥିବ, ବର୍ଷ କେତେଟା ପରେ ଯାହା ଜୀବନକୁ ଆସିଥିବ ସୁବୁଭାଇ । କେମିତି ଦିଶୁଥିଲା ସେ ସେବେ, ଟୁକୁରା କେତୋଟି ଯୋଡିଯାଡ଼ି ଦେଲେ କାଳେ ଦିଶିଯିବ ଦରଲିଭା ଛବିଟି । କେତେ ତା ଭଳି ଝିଅ ଏଠି ପାଣିଗାର ପରି ଲିଭିଯାନ୍ତି ବଞ୍ଚି ଥାଉଁ ଥାଉଁ, ତାକୁ ହିଁ ଏତେ ଦିନ ଧରି ବଣୁଆ ସୁଲୁସୁଲୁ ପବନ ହେଇ, ଅଥବା ପଥୁରିଆ ହାତୁଡ଼ି ପାହାର ଦେଇ ବାଜିବାକୁ ଥିଲା ଏ ଗାଆଁର ଦେହରେ ? ପର ପାଲଟିଥିବା ଗାଆଁଟି ଆଜି କାହିଁକି ଭଲା ଡାକିଆଣିଲା ସୁଧାଂଶୁକୁ, କାହିଁ କୋଉକାଳେ ତାକୁ ଛୁଇଁ ନଛୁଇଁ ଚାଲିଯାଇଥିବା ଗପଟିଏ କହିବ ବୋଲି ।

ଏଥର ବସି ବସିକା କାଉପରି ପାଖକୁ ଘୁଞ୍ଚି ଆସିଲା କଏଁରୁ, ଅଧା ସ୍ୱର ଅଧେ ଫାସୁଫାସୁ ମିଶେଇ କହିଲା, "କଣ କହିବି ଆଜ୍ଞା, ହାଣ୍ଡିଟିଏ ଆଣି ଦେଲା ତା ବାପ, ଗାତ ଖୋଳିଦେଲା ବାଡ଼ିପାଖେ । ସେଇଠୁ ଆପେ ଆଶମତୀ ଜିଅନ୍ତା ପିଲାଟିକି ହାଣ୍ଡିଭିତରେ ରଖି ପଲମ ଘୋଡେଇଦେଇ ପୋତି ପକେଇଲା ଆଜ୍ଞା,

Digitized by srujanika@gmail.com

ସତେ କି ବଡ଼ି ଆଚାର ସଜିଲ କରି ପଠାଯାଉଚି ପୁନିଅଁ ଭାର। ନାଇଁ ଅବା ଖରା ଦିନେ ବନ୍ଧମରା ହେଇ ମାଗୁର ମାଛ ଜୀଅନ୍ତା ରଖାଯାଉଚି।"

ହାତ ମୁହଁ ଅଙ୍ଗଭଙ୍ଗୀ କରି ବର୍ଣ୍ଣନାରେ ଆଉରି ରଙ୍ଗ ମାରୁଚି କଏଁରୁ। ଛାତି ପିଠି ମଝିଦେଇ ଶିରିଶିରି ନିଆଁଟାଏ ଚାଲିଯାଉଚି, ପେଟ ଭିତର ଗୋଳେଇ ଦେଉଚି ସେଥିରେ। ଅଦୂର ଅନ୍ଧାର ଭିତରୁ ଶୁଭୁଚି ହୁକେହୋ କୋରସ୍।

"ବାସ୍, ଯଥେଷ୍ଟ ହେଇଗଲା", ହାତ ମୁଦ୍ରାରେ ଏକଥା ସୂଚେଇ ଦେଇ ସୁଧାଂଶୁ ଏଥର ଚଉକିରୁ ଉଠିପଡ଼ିଲା। ଏତେ ଗହୀର ପଙ୍କକୁ ଯିବା ଆଉ ତା ଦେଇ ହେବ ନାଇଁ।

କିଛି ପଦେ ନ କହି ସେ କୋଠରୀକୁ ଚାଲିଆସିଲା ସତେ କି ଭିତର ପବନ ଟିକିଏ ହାଲୁକା ଥିବ ନିଶ୍ୱାସ ମାରିବା ଲାଗି।

ଗାମୁଛାରେ ମୁହଁ ପୋଛି ଉଠୁ ଉଠୁ କଏଁରୁ କହିଲା, "ଏଣିକି ଆଜ୍ଞା ମନ୍ଦିର ହେଲା ପରେ ଆଉ କିଛି ନାଇଁ, ନିର୍ମଳ ସବୁ। ଡଙ୍ଗରୀ ଠାକୁରାଣୀ ବି ଆଉ ଅବେଳରେ ବିଜେ ହେଉ ନାହାନ୍ତି, ନ ହେଲେ ମା ଦିଶନ୍ତି କେବେ କେବେ। ସେଇଠି ଆକାଶରେ ପାହାଡଟି ହେଇ ଉଭା ହୁଅନ୍ତି ଉଆଁସ ପକ୍ଷ ରାତିରେ, ଟିପି ମଝାମଝି ରହିଥାଏ ଗୁମ୍ଫା ପରି ଧଳା ମେଘ।"

ନିଜ ଗପ ନିଶାରେ ନିଜେ ଭୋଳ ହେଇ କଏଁରୁ ଶୀତେଇଗଲା, ଦେହ ଟାଙ୍କି ନେଇ ଗାମୁଛା ଖଣ୍ଡକ ଗୁଡେଇ ଆଣିଲା। ସୁଧାଂଶୁ ମୁହୂର୍ତ୍ତେ ଠିଆ ହୋଇଗଲା ଖୋଲା କବାଟ ପାଖେ। କହିଲା, "ହଉ କଏଁରୁ, ଆଉ କେବେ କହିବୁ ସେ ଗପ। ପିଲାଦିନର ଆଉରି କେତେ କଥା ତ ରହିଗଲା ଗପିବାକୁ।"

ଦଣ୍ଡେ ଅନେଇଲା କଏଁରୁ ଏ କଥାର ଆଉକିଛି ମର୍ମ ଅଛିକି ଜାଣିବାଲାଗି। ଗାମୁଛାଟିରେ ମୁଣ୍ଡରୁ ଧୂଳି ଝାଡ଼ିଲା ପରି ପୋଛିଦେଇ କହିଲା, "ଜୁହାର ଆଜ୍ଞା। କବାଟଟା ଭଲ କରି ଦେଇଦେବେ।"

କଣ ଗୁଣୁଗୁଣୁ ହେଇ ବାରଣ୍ଡାରୁ ଓହ୍ଲେଇଯାଇ ଖଣ୍ଡେ ଦୂର ଗଲା ବେଳକୁ ବନ୍ତ ପାଟିରେ ତାର ଗୀତ ବୋଲିବାର ଶୁଭିଲା।

ଲାଇଟ୍ ଲିଭାଇ ଦେଲାରୁ ଝରକା ବାଟେ ବାହାରଟି ଚିତ୍ରଟିଏ ଭଳି କେତେ ସ୍ପଷ୍ଟ ଦିଶୁଚି। ଅଧା ଜହ୍ନଟିଏ ତଳେ ଗଛବୃଛ ଘରଦ୍ୱାର ସବୁର ଅନ୍ଧାରୁଆ ଆକାର ଯାକ ଘୋଡେହେଇ ଗାଁଟି ନିଶ୍ଚିନ୍ତରେ ଶୋଇଚି। ଉପରେ ଆକାଶର ଗୋଟିଏ ପାଖେ ଲଦାଲଦି ଢେଉଭଳି ଧଳାକଷରା ମେଘ କିଛି, ଜହ୍ନ ଆଲୁଅରେ ଦିଶୁଚି ଭାସନ୍ତା ପାହଡଟିଏ ପରି।

Digitized by srujanika@gmail.com

ଅସୁନ୍ଦର ଦୃଶ୍ୟ

ମୋ ପାଖ ସିଟ୍‌ରେ ବସିଥାଏ ପଞ୍ଜାବୀ ଝିଅଟି। ତା' ନାଆଁ କହିଲା, ରଚନା ସାହାନୀ। କଳାତ୍ମକ ନାଆଁଟିଏ ବୋଲି କହୁ କହୁ ଜବାବ ଦେଲା, "ଆଜିକାଲି ଦେଖାଶିଖାରେ ଏ ନାଆଁ ବହୁ ଲୋକ ଦେଲେଣି; ହେଲେ, ମୋ ସମବୟସ୍କଙ୍କ ଭିତରେ 'ରଚନା' ନାଆଁ ଆପଣ ଦେଖି ନଥିବେ।" ମୁଁ ରାଜି ହେଲି।

ଗୋରା ରଙ୍ଗ, ଭଲ ସ୍ୱାସ୍ଥ୍ୟ, ବ୍ରଣ ମୁହଁ, ଗୋଟାଳିଆ ନାକ। ତରତର, ଟଙ୍ଗ ଟଙ୍ଗ୍, ଚଳ୍ପ୍ରଉ କରୁଥାଏ ଏବେ ପାଖ ସିଟ୍‌ବାଲାଙ୍କ ଉପରେ, ମୋ ଜାଗାରେ କାହିଁକି ତମ ବାକ୍‌ସପତ୍ର ରହିବ, ଏତେ ଜିନିଷ ନେଇ ଯିବାର ଥିଲେ ଚେୟାର କାର୍‌ରେ ଯିବ କାହିଁକି ବୋଲି କହି। ପୁଣି ଚଢ଼ଉ ବିଅରର୍ ଉପରେ, କଫିରେ ଏତେ ଚିନି କାହିଁକି। ଖିଲି ଖିଲି ହସି ଲୋଟି ଯାଉଥାଏ ସାନ କଥାଟିଏରେ। ପର୍ସରୁ ଟିକି ଦର୍ପଣ କାଢ଼ି ମୁଣ୍ଡରେ ପାନିଆ ମାରୁଥାଏ, ଓଠରେ ଲିପଷ୍ଟିକ୍ ମାରୁଥାଏ। ଏମିତି ଝିଅ ଅବଶ୍ୟ ମୁଁ ସବୁଦିନେ ଦେଖେ। ଦିଲ୍ଲୀରେ ଯେଉଁ କଲେଜରେ ମୁଁ ପଢ଼ାଏ, ସେଠି ଶତକଡା ପଞ୍ଚସ୍ତରୀ ଝିଅଙ୍କ ହାବଭାବ ଉଣାଅଧିକେ ଏମିତି।

Digitized by srujanika@gmail.com

ପଛ ସିଟ୍‌ରେ ବଙ୍ଗାଳୀ ଦମ୍ପତି ଏଯାଏଁ ଥଇଥାନ ହେଉନାହାନ୍ତି, ଟ୍ରେନ୍ ଛାଡ଼ିବାର ଘଣ୍ଟାଏ ହେବଣି। ଟି.ଟି. ସାଙ୍ଗେ କ'ଣ କଥାବାର୍ତ୍ତା ଚାଲିଛି, ପଛରୁ ଆଗକୁ ଯିବା ଆସିବା, ଜିନିଷ ଘୁଞ୍ଚା ଘୁଞ୍ଚି ଚାଲିଚି। ବୋଧେ ଆଉ କାହା ସାଙ୍ଗେ ସିଟ୍ ଅଦଳବଦଳ ଚାଲିଛି, ଭଦ୍ରଲୋକ ଯୁକ୍ତି କଲାପରି ଶୁଭୁଛି।

ଖରାଦିନ ବୋଲି ସନ୍ଧ୍ୟା ଛଅଟା ହେଲାଣି, ବାହାରେ ଏଇମାତ୍ର ଖରା ନରମିଛି। ଦିଗନ୍ତବ୍ୟାପି ଟାଙ୍ଗର ଭୂଇଁ ଭିତରେ ମଳାମଳା ନୂଆଣିଆ ବସ୍ତି, ଟିଣ ଶେଡ୍ କାରଖାନା, କଣ୍ଟାବୁଦା ମଝିରେ ମଝିରେ। ସାନ ତୋଟା ଭଳି ଶାଗୁଆ ଥରାଏ ବବୁଲ୍ ଗଛ, ସେ ସବୁଣୁ ଆବର୍ଜନା କୁଢ଼ଟିଏ ପାଖରେ। ଆହାର ଖୁମ୍ପୁଛନ୍ତି ତିନି ଚାରିଟି ମୟୁରୀ। ସେଇଠି ପାଖରେ କଣ୍ଟାଗଛର ଡାଳ ଛାଇ କରିଥିବା କାରଖାନାର ଅଧାକାନ୍ଥି ଉପରେ ତଳକୁ ରାଜକୀୟ ପୁଚ୍ଛ-ସମ୍ଭାର ଓହଳାଇ ଠିଆ ହେଇଚି ମୟୁରଟିଏ। ପୁଣି ପୋଚରା ପାଣି ଚବକା, ଟିଣ ଅଖା ଘର, ଖରାରେ ଉଡୁଥିବା ନେଳୀ ପ୍ଲାଷ୍ଟିକ୍ କାଗଜ।

ରଚନା ସିନେମା ପତ୍ରିକାଟିଏ କାଢ଼ି କେଉଁ ତାରକାଙ୍କ ପ୍ରେମପ୍ରସଙ୍ଗ ଶୁଣାଉଚି, ପୁଣି ସେଥିନେଇ ମୋ ଅଜ୍ଞତାରେ ବିସ୍ମିତ ହେଉଚି। ମୁଁ ତା ମୁହଁକୁ ସିଧା ଅନେଇଲି। ଆଉ କେଉଁ ଜାଗା କି ସମୟ ହେଇଥିଲେ, ଧର ମୋ କଲେଜରେ, ଏମିତି ନାଲି ନେଳୀ ରଙ୍ଗବୋଳା ଗାଲ-ଆଖିବାଲୀ, ତହିଁରେ ମୁଣ୍ଡକୁ ଘେରି ଠାକୁରଙ୍କ ଦ୍ୟୁତି ଭଳି ଫୁଲିଲା ବାଳ ପଞ୍ଜାବୀ ଝିଅ, ମୋ ସାଙ୍ଗେ ଏମିତି ବେପରୁଆ ଢଙ୍ଗରେ କଥା କହିଥିଲେ ମୁଁ ଥରଟିଏ ମୁଣ୍ଡ ଟୁଙ୍ଗାରି ଅବଜ୍ଞାରେ ମୁହଁ ବୁଲାଇ ନେଇଥାନ୍ତି। ଏବେ କିନ୍ତୁ ହାତରେ ପ୍ରଚୁର ସମୟ। ତାକୁ ଭରିବାକୁ ହେବ ଯେମିତି ହେଉ ଆଲୁକୁଚି ମାଲୁକୁଚିରେ। ତେଣୁ ତା' ହାତର ପତ୍ରିକା ମୋ ଆଡକୁ ଟାଣିନେଲି।

ରଚନା ଏଥର କହିଲା ଯେ, ତିନିବର୍ଷ ତଳେ ସେ ଡିଗ୍ରୀ ନେଇଚି ଦିଲ୍ଲୀର ନାଆଁକରା ଗୋଟିଏ କଲେଜରୁ। ଏବେ ଗୋଟିଏ ସମ୍ଭ୍ରାନ୍ତ ଅଞ୍ଚଳରେ ତା'ର ପୋଷାକ ଦୋକାଟିଏ ଅଛି, ସିଏ ନିଜେ ତାକୁ ସମ୍ଭାଳେ। ତା ବାପାଙ୍କର ବହୁତ ବଡ ଲୁଗାପଟା କାରବାର, ବିଦେଶକୁ ପୋଷାକ ରପ୍ତାନୀ ହୁଏ, କକେଇ ଦି'ଜଣ ବି ବିଦେଶରେ ଅଛନ୍ତି ଓ ସେ ନିଜେ ବିଦେଶ ବୁଲିଆସିଛି କେତେଥର। ସେ କଲେଜ ଛାଡିଲାଠୁ ବାପା ଦୋକାନଟି ତାଆରି ଲାଗି ଖୋଲିଦେଲେ, କହିଲେ- ନେ' ତୁ ସମ୍ଭାଳ ଯା'କୁ ମୁନ୍ନୀ, ଦେଖିବା କେତେଦୂର ନେଇଯାଇ ପାରିବୁ ଆପେ।

ମୋର ମୋ ଝିଅ କଥା ମନେପଡ଼ିଗଲା, କହିଲି ଯେ, ମୋ ଝିଅ ଏ ବର୍ଷ ଦଶମ ପରୀକ୍ଷା ଦେଇଛି। କହିଲି ନାହିଁ ଯେ, ତୋ ଭଳି କେବେ ବି ହେଇ ପାରିବ ନାହିଁ ସେ; ଏତେ ସ୍ୱାଧୀନ, ଆତ୍ମବିଶ୍ୱାସୀ। ହେଇପାରନ୍ତା ଭଲା!

Digitized by srujanika@gmail.com

ରଚନାକୁ ସବୁ ଭଲ ଲାଗେ, ଦୋକାନ ସମ୍ଭାଳିବା, ଗ୍ରାହକଙ୍କୁ ମିଠା କଥା କହି ସେମାନେ ସ୍ଥିର କରିପାରୁ ନଥିବା ଜିନିଷ କିଣାଇ ଦେବା, ମଝିରେ ମଝିରେ ଏମିତି ଦିନାକେତେ ଛୁଟି ନେଇ, ଏକୁଟିଆ ଭ୍ରମଣ କରି, ଆତ୍ମୀୟସ୍ୱଜନଙ୍କ ଘରକୁ ବୁଲିଯିବା, ସବୁ ତାକୁ ଭଲ ଲାଗେ। ଭ୍ରମଣରେ ଲୋକଙ୍କୁ ଭେଟିବା, ନୂଆ ଲୋକଙ୍କୁ ସାଙ୍ଗ କରିବା, ସିଏ ଦୋକାନରେ ଲୋକ ଭେଟିବାଠୁ ଭିନ୍ନ, ତେଣୁ ଆଉ ପ୍ରକାରେ ଭଲ ଲାଗେ। ମୋ କଥା ବି ସେ ପଚାରି ବୁଝିଲା, ଆଉ କହିଲା ଯେ ମୋତେ ଦେଖୁ ଦେଖୁ ସେ ବୁଝିଯାଇଥିଲା ନିଶ୍ଚେ ଚାକିରିଆ ହେଇଥିବି, ଆଉ ପ୍ରଫେସର ହେବାର ସମ୍ଭାବନା ବେଶୀ (ଉଚ୍ଛୁଳା ହସ)।

ରାତି ହେଇଗଲାଣି ଏବେ। ଝରକା ବାହାରକୁ ଅନେଇଲେ କାଚ ଭିତରେ ଅସ୍ୱଚ୍ଛ ଦର୍ପଣ ଭଳି ଦିଶୁଛି ଡବା ଭିତରର ଦୃଶ୍ୟ। ଦିଶୁଛନ୍ତି ପଛ ସିଟ୍‌ର ଦମ୍ପତି। ଗପ କରୁଛନ୍ତି, ଦିହିଁଙ୍କ ମୁଣ୍ଡ ନଇଁଆସିଛି ପାଖାପାଖି। ବୟସ ପଇଁଚାଳିଶରୁ ପଚାଶଯାଏ ହେବ ଦୁହିଁଙ୍କର । ଏକପ୍ରକାର ମାର୍ଜିତ ସହରୀ ଚେହେରା, ଯହିଁରେ ବୟସ ବାରି ହୁଏ; କିନ୍ତୁ ତଜ୍ଜନିତ ବିଧ୍ୱସ୍ତ ଭାବଟିଏ ନଥାଏ। ବୋଧେ ସେଇ ଧରଣର ଲୋକ ଯେଉଁମାନେ ବୟସ ଦେହରେ, ଜୀବନର ସୁଅ ଦେହରେ ନିଜକୁ ଅସାଡ କରି ଛାଡ଼ିଦିଅନ୍ତି ନାହିଁ। ବେଶ ପୋଷାକ, ହାବଭାବ ସବୁଠି ସଉକ୍‌ର ରାଜୁତି।

ରଚନା କଡେଇ ଯାଇ ଲମ୍ବା ସୋଫା ପରି ସିଟ୍‌ଟି ଉପରକୁ ଅଧେ ଗୋଡ ମୋଡ଼ି, ହାତ ଭାଙ୍ଗି ତକିଆ କରି ଶୋଇବା ଚେଷ୍ଟାରେ ଲାଗିଲାଣି। ଟିକିଏ ନ ଯାଉଣୁ ପୁଣି ଧଡପଡ ଉଠି ବସିଲା। ହାଇ ମାରି କହିଲା, "ହେଇ ସେ କଣର ସ୍ତ୍ରୀକୁ ଦେଖିଲେଣି, କେଡେବଡ଼ ପାଟି ମେଲା କରି ଶୋଇଛି। ତା ସ୍ୱାମୀ ତା କାନିଟି ଭଲା ଘୋଡେଇ ଦିଅନ୍ତା।" ତା ପରେ ବହେ ହସ। ମୁଁ ବି ହସିଲି। ସ୍ଥିର କରିନେଲି, ନିଜ ଝିଅ କି ଛାତ୍ରୀ ସଙ୍ଗେ ତୁଳନା ନ କଲେ ବରଂ ଭଲ ସମୟ କଟିଯିବ ଯା' ସାଙ୍ଗରେ।

ରାତି ଖାଇବା ଟ୍ରେ ମାନ ଆସିଲା। ପଛ ସିଟ୍‌ର ସ୍ତ୍ରୀଟି ତଉଲିଆ ନେଇ ଫେରୁଥିଲା ବାଥ୍‌ରୁମ୍ ଆଡୁ, ଖଣ୍ଡେ ବାଟରୁ ପୁରୁଷଟି ପଚାରିଲା ବଙ୍ଗଳାରେ, "ତମେ ଆଇଁଷ ଖାଇବ ନା ନିରାମିଷ?" ସ୍ତ୍ରୀ ଉତ୍ତର ଦେଲା, "ପଚାରି ଦେଖିଲ ଆମିଷରେ କ'ଣ ଅଛି। ଚିକେନ୍ ମୋତେ ଭଲ ଲାଗେନି, ବରଂ ନିରାମିଷ ଖାଇବି।" ସ୍ତ୍ରୀଟି ତା' କାନ୍ଧ ତଳଯାଏଁ ଖୋଲା ବାଳକୁ ଏବେ ଗଣ୍ଠିଟାଏ ପକେଇଚି, ରଙ୍ଗ କରିଚି ନା ସତରେ କଳା ବାଳ କେଜାଣି। ଗୋଟିଏ ହାତରେ ବିବାହିତା ବଙ୍ଗାଳୀଙ୍କ ନାଲି ଧଳା ଶଙ୍ଖା। ହାତ ମୁହଁ ଧୋଇ ଆସିଛି, ପାଉଡର ଫରଫ୍ୟୁମ୍ ବାସ୍ନା ଆସୁଛି।

Digitized by srujanika@gmail.com

ଖାଉ ଖାଉ ରଚନା କହିଲା - "ସେମାନେ କଥାବାର୍ତ୍ତା କଲାବେଳେ ତାଙ୍କ ମୁହଁକୁ ଟିକିଏ ଚାହିଁବେ। ବଡ ଭାବ ଅଛି ବୁଢ଼ାବୁଢ଼ୀଙ୍କର।"

ଦୁଇ ସିଟ୍‌ର ଫାଙ୍କ ଦେଇ ମୁଁ ବି ରଚନାର ଦେଖାଦେଖି ପଛ ସିଟ୍‌କୁ ଅନେଇଲି। ପୁରୁଷ କ'ଣ ଗୋଟାଏ ଯାଚୁଛି ଖାଇବାକୁ, ସ୍ତ୍ରୀଟି ହସି ମଧୁର ବାରଣ କରୁଛି। ପୁରୁଷ ବାଁ ହାତରେ ନିଜ କପାଳରୁ ଦରପାଚିଲା ବାଳ ପଛକୁ ଛାଟି କ'ଣ ଜୋକ୍‌ଟାଏ କହୁଛି ନା କ'ଣ।

"ଦିଅନ୍ତୁ ତ, ମୁଁ ଟିକେ ଦେଖେଁ।" ରଚନା ପ୍ରାୟ ମୋତେ ପେଲିଦେଇ ନିଜେ ଫାଙ୍କରେ ଆଖି ଲଗାଇଲା। ଚୁପ୍‌ଚୁପ୍ କହିଲା, "ରାଣ ଅଛି, ଏମିତି ରସିକ ବୁଢ଼ାବୁଢ଼ୀ ମୁଁ ଜୀବନରେ ଦେଖି ନାହିଁ।"

ମୁଁ ଖାଉ ଖାଉ ସର୍ବଜ୍ଞ ପରି ମୁରୁକି ହସି କହିଲି- "ତମେ ଖାଅ ଆଗ, ପରେ ଅନେଇବ। ସେମାନେ ସ୍ୱାମୀ ସ୍ତ୍ରୀ ନ ହୋଇଥାଇ ପାରନ୍ତି।"

ରଚନା ଆଶ୍ଚର୍ଯ୍ୟ ମୁହଁ କଲା- "କ'ଣ କହିଲେ ? ମାନେ-"

"ଖାଇପକାଅ, ସେକଥା ପରେ ବିଚାର କରିବା। ବହୁତ ସମୟ ପଡିଚି।"

ରଚନା କିନ୍ତୁ ସମ୍ଭଳା ପଡୁନଥାଏ। ଗୁଣ୍ଡାଟାଏ ପାଟିରେ ନ ଦେଉଣୁ ଫେରିଯାଉଥାଏ ସିଟ୍ ଫାଙ୍କକୁ, ମୋତେ ଅନେଇ ଅର୍ଥ ମିଶେଇ ହସୁଥାଏ।

ଖାଇବା ସାରି ମୁଁ ବ୍ୟାଗ ଭିତରୁ ଘୋଡିହେବା ଲାଗି ଚାଦରଟି କାଢ଼ି ଶୋଇବା ଉପକ୍ରମ କଲି, ସିଟ୍‌କୁ ପଛଆଡକୁ ଲମ୍ବେଇଲି। ପଛ ସିଟ୍ ବି ଅଧାଶୁଆକୁ ଲମ୍ବିଲାଣି; କିନ୍ତୁ ଏବେ ବି ସେମାନଙ୍କ ଗପ ସରିନାହିଁ। ମହିଳା ମନଯୋଗରେ ନିଜ ବାଁ ହାତରେ ମୁଦିଟି ଘୂରାଉଛନ୍ତି, ପୁରୁଷ ମୁହଁରେ ଦରସ୍ମିତ ନେଇ ତାଙ୍କୁ ଏମିତି ବିଭୋର ଭାବରେ ଅନେଇଛନ୍ତି, ମନେହେବ ସତେକି ଏକାବେଳକେ ପ୍ରିୟ ରବୀନ୍ଦ୍ର ସଙ୍ଗୀତଟିଏ ଶୁଣୁଛନ୍ତି ଓ ରଜନୀଗନ୍ଧା ସ୍ତବକଟିଏ ଶୁଙ୍ଘୁଛନ୍ତି।

ଶୀତତାପର ସୁଖ ଟିକକ ଲାଗି ଆରାମ ଚଉକିରେ କଟାଇବାକୁ ହେବ ରାତିଟି। ନିଦ ଲାଗିଆସିଲା ବେଳକୁ ଦେହ ବିଦ୍ରୋହ କରୁଛି, ହାତ ଗୋଡ ଛାଟିପିଟି ହେଉଛନ୍ତି ମେଲିଯିବା ପାଇଁ। ନିଦ ଘାରି ହନ୍ତସନ୍ତ ଲାଗୁଚି। ଛେଃ ! ଆଉଦିନେ ଏଥିରେ ନୁହେଁ। ମଣିଷ ଗରମରେ, ଝାଳରେ, ଗନ୍ଧ ମଇଳାରେ ତିନି ବୁଡ଼ିଯିବ ପଛକେ ସେକେଣ୍ଡ କ୍ଲାସରେ, ଏଠି ଥଣ୍ଡା-ଆରାମଆଉଁସା ନିଦ ନିଶା ଭିତରକୁ ଓଟାରି ହୋଇସାରି ପୁଣି ଏ ହାତଗୋଡ ବନ୍ଧା ଅଣନିଃଶ୍ୱାସୀ କଷ୍ଟ ସହିହେବ ନାହିଁ। ରାତି

Digitized by srujanika@gmail.com

ବଢ଼ିଲାବେଳକୁ ଆଉରି ଆଉରି ହତାଶିଆ ଲାଗୁଛି। ଏ ରେଳବାଇବାଲା ସାମ୍ନା ସିଟ୍ ପଛରେ ପଟାଟିଏ ଭଲା ଦିଅନ୍ତେ ଗୋଡ ଥୋଇବା ପାଇଁ, ଆଣ୍ଠୁ କଟକଟ ହେଲାଣି। ବାଁ ପାଖେ କ'ଣ ଗୋଟାଏ କେଞ୍ଚି ହେଉଚି ଦେହକୁ, କେଞ୍ଚିଲେ ବି ଯାଉ ନାହିଁ।

"ଶୁଣିଲେ, ଉଠନ୍ତୁ ମ ଟିକିଏ।"

ଆଖି ଖୋଲିଲି। ରଚନା ବଡ ଜୋର୍‌ରେ ହଲେଇ କାନ ପାଖରେ ଡାକୁଚି, "ଉଠନ୍ତୁ ନା, ଦେଖନ୍ତୁ ଟିକିଏ କ'ଣ ଚାଲିଛି ପଛ ସିଟ୍‌ରେ।"

ମୁଣ୍ଡ ଭିତରୁ ନିଦ ଧୂଆଁ କଟିବାକୁ କିଛି ସମୟ ଲାଗିଲା। ପଚାରିଲି- "କ'ଣ କହୁଛ ? କୋଉଠି ?"

"ଦେଖନ୍ତୁ ଟିକିଏ ପଛକୁ।"

କଥା ସହିତ ତା' ବ୍ୟତିବ୍ୟସ୍ତ ଠାରନାରର ଅନୁଗମନରେ ମୁଁ ନଇଁପଡି ପଛ ସିଟ୍‌କୁ ଅନେଇଲି। ହାଲୁକା ନୀଳ ଆଲୁଅରେ କିଛି ବୁଝା ପଡୁନାହିଁ। ଦିହେଁଯାକ ଗୋଟିଏ ମୋଟା ଚାଦର ଘୋଡି ହୋଇଛନ୍ତି, ଅନ୍ୟ ଅନେକଙ୍କ ଭଳି ବସିବାରୁ ଶୋଇବା ଅବସ୍ଥାକୁ ଲୋଡ଼ି ସିଟ୍‌ର ଅଧଯାଏଁ ମୁଣ୍ଡକୁ ଖସେଇ ଯଥାକଥା ସାମ୍ନାସିଟ୍ ପଛରେ ପାଦ ଥାପି ଶରୀରକୁ ଆଉ ଟିକିଏ ଆରାମ ଦେବା ଚେଷ୍ଟାରେ ଅଛନ୍ତି ତ, ଆଉ କ'ଣ। ମୁଁ ମୁହଁ ଫେରେଇ ଆଣିଲି। ଦିଶୁ ନଥିବା ଦୃଶ୍ୟ ଆଙ୍କିବାକୁ ସଂସ୍କାରଶୀଳ ମନ ଅନୁମତି ଦେଉନାହିଁ। ସିଟ୍ ତଳୁ ପାଣି ବୋତଲ ଆଣିଲି। କହିଲି, "ପାଣି ପିଇବ କି ? ଏ ସିଟ୍‌ରେ ଜମା ନିଦ ହେଉନି ଭଲରେ, ନୁହେଁ ?"

ପାଣି ପିଇସାରି ରଚନା ଆଡକୁ ବୋତଲ ବଢ଼ାଇ ଦେଖିଲି ତା' ମୁହଁରେ ଆଦୌ ନିଦ ନାହିଁ। ଉଚ୍ଚାଟରେ ଆଖି ଗୋଲ ଗୋଲ କରି ଓଠରେ ହସ ଚାପି ପଚାରିଲା, "କ'ଣ ଚାଲିଛି ଦେଖିଲେ ନା ନାହିଁ ? ଏଁ। ସତରେ କ'ଣ ଚାଲିଛି କହନ୍ତୁ ତ।"

ମୁଁ ତାକୁ ସାନ୍ତ୍ୱନା ଦେଇ କହିଲି- "କିଛି ନାଇଁ ମ। ତମେ ଯେମିତି ଭାବୁଛ, ସେମିତି କିଛି ନୁହେଁ। ସମ୍ଭବ ନୁହଁ ଏଠି।"

"ତା ହେଲେ କ'ଣ ? କ'ଣ ଚାଲିଛି କହୁନାହାନ୍ତି ?"

ଏଥର ସେ ହସିପକେଇଲା ଅଚାନକ କୁରୁକୁରୁ ହେଇ, ମୁଁ ଜିଭ କାମୁଡ଼ିଲି ପଛକୁ ଶୁଭିବ ବୋଲି, ମିଛିମିଛିକା ଆଖି ଦେଖେଇ ତାକୁ ଶାସନ କରିବାକୁ ଚେଷ୍ଟା

Digitized by srujanika@gmail.com

କଲି, ହେଲେ ରଚନା ହସି ହସି ଅସମ୍ଭାଳ ହେଇପଡ଼ିଲା ଓ ଭଉଁରିଖିଆ ବଢ଼ିପାଣି ଭଳି ତା ହସ ମୋ ବୟସ୍କପଣର ବାଡକୁ ବୋହଲାଇ ଦେଲା। ମୁହଁରେ ଲୁଗା ଚାପି କେତେବେଳକେ ପୁଣି ମୁଁ ତିଆର ହେଇଗଲି ପରିସ୍ଥିତିକୁ ସମ୍ଭାଳିବାକୁ, କହିଲି, "କେଜାଣି ହେଇଥିବ ଯଦି ହେଇଥାଉ। ଚାଲ ଶୋଇବା, ରାତିସାରା ଜଗି ବସିଥିବ ନା କ'ଣ?"

ସେଠୁ ମୁଁ ଝରକା ଆଡକୁ ମୁହଁ କରି, ଗୋଡ ଭାଙ୍ଗି ଶୋଇବାକୁ ଚେଷ୍ଟା କଲି। ତକିଆଟାଏ ବୁଦ୍ଧି କରି ନେଇ ଆସିଥିଲେ ହେଇଥା'ନ୍ତା। କାଟୁଛି ଏମିତି ଶୋଇଲେ, ଡାହାଣ ପିଠିଟା ରକା ପଶିଲା ପରି ଲାଗିଲାଣି। କଡ ମୋଡ଼ିଲି, ରଚନା ଏଥର ନିଶ୍ଚିନ୍ତରେ ବସିଚି ଆଖି ମେଲି। ପଚାରିଲି, "ଶୋଇନା?"

"ନାଃ। କେମିତି ଏ ଲୋକଗୁଡା ନିଘୋଡ ଶୋଇଯାନ୍ତି କେଜାଣି ବସିବସିକା।"

"ମଣିଷ ଥକିଯାଇଥିଲେ ଯେଉଁଠି ମନ ସେଇଠି ନିଦ ହେବ, ବୁଝିଲ।" ମୁଁ ନିଜେ ଏ ଯାଏଁ ଶୋଇଥିବା ଲାଗି ସଫେଇ ଦେଲାଭଳି କହିଲି।

ରଚନା ଗମ୍ଭୀର ମୁହଁରେ ମୋତେ ଅନେଇଲା। କହିଲା "ଖାଲି ଥକି ଥିଲେ କ'ଣ ଯଥେଷ୍ଟ? ମନରେ ଚିନ୍ତା ଥିଲେ ନିଦ କୋଉଠୁ ହେବ?" ଟିକିଏ ରହି ଅନ୍ୟଆଡେ ମୁହଁ ବୁଲେଇ କହିଲା "ମୋତେ ତ ଜମାରୁ ନିଦ ହୁଏନି।"

ଚାରିଆଡର ଶୋଇପଡ଼ିଥିବା ଲୋକେ ଏକୁଟିଆ ଛାଡ଼ିଦେଇଥିଲେ ଆମ ଦିହିଙ୍କୁ, ଅଚିହ୍ନା ଅଜଣା ଜାଗାଟିଏରେ। ପଛସିଟ୍‌ରେ ଯଦିଓ ଆଉ ଦୁଇଜଣ ଚେଇଁଥିବା ଲୋକ, ସେମାନେ କିନ୍ତୁ ମୂଳରୁ ଅନ୍ୟମାନଙ୍କ ଉପସ୍ଥିତି ପ୍ରତି ବିଶେଷ ସଚେତନ ନୁହନ୍ତି, ସତେକି କାଚଘରଟିରେ ଅଛନ୍ତି, ଯାହା ଭିତରୁ କିଛି ଦେଖାଯାଉ ନାହିଁ ବାହାରକୁ। ଆମେ ଦୁହେଁ, ମୁଁ ଓ ରଚନା, ବର୍ତ୍ତମାନ କେବଳ ଏକୁଟିଆ ଓ ବେକାର ନୋହୁଁ, ସେ କାଚଘର ବାସିନ୍ଦାଙ୍କର ଅନନ୍ୟୋପାୟ ଦର୍ଶକ ବି।

ରଚନା ଟିକିଏ କେମିତି ଗମ୍ଭୀର ମନେ ହେଉଥିଲା। ପଚାରିଲି "କ'ଣ ହେଲା? ହଠାତ୍ ଏ ନିରୁତ୍ସାହ?"

ଉତ୍ତରରେ ପଛକୁ ଠାରି ରଚନା କହିଲା, "ଶୋଇଗଲେଣି ସେମାନେ... (ଦି'ଚାରିଟା ଇଂରାଜୀ ଗାଳି)"।

Digitized by srujanika@gmail.com

ମୁଁ କହିଲି,"ବଡ ଅନ୍ୟାୟ କଥା। ଆମେ ଏଣେ ତାଙ୍କ ଲାଗି ନିଦ ଭାଙ୍ଗିଦେଇ ବସିଛୁ।" ରଚନା ଆଉ ଦି'ଚାରିଟା ଅଶ୍ଳୀଳ ଇଂରାଜୀ ବିଶେଷଣ କହିଲା ସେମାନଙ୍କ ଲାଗି।

ସେମିତି ସିଧାସଳଖ ଅଶ୍ଳୀଳ ନ ହେଲେ ବି ସେମାନଙ୍କ ହାବଭାବ ନିଃସନ୍ଦେହରେ ରୁଚିହୀନ। ଭାବିଲି, ଆଜି ଯଦି ଦୁର୍ଭାଗ୍ୟକୁ ମୋ ଝିଅ ମୋ ପାଖ ସିଟ୍‌ରେ ବସିଥାନ୍ତା, କେତେ ଅପ୍ରସ୍ତୁତ ଅବସ୍ଥା ହୋଇଥା'ନ୍ତା, ତା' ପାଇଁ ଆଉ ମୋ ପାଇଁ ବି। ରଚନା ପୁଣି କହିଲା, "ବିଦେଶରେ ଖୋଲାଖୋଲି ପ୍ରେମ ମୁଁ ବହୁତ ଦେଖିଛି ବୁଝିଲେ; କିନ୍ତୁ ଏ ବୁଢ଼ାବୁଢ଼ୀଙ୍କ ଭଳି ଅଶ୍ଳୀଳ ଆଉ ଦେଖି ନାହିଁ।"

ମୁଁ ମୁଣ୍ଡ ଟୁଙ୍ଗାରି କହିଲି,"ଯୋଉ ଜାଗା, ସମାଜ, ସେଇ ଅନୁସାରେ ଲୋକଙ୍କ ଆଖିକୁ ସୁନ୍ଦର ଅସୁନ୍ଦର ଦେଖାଯାଏ। ଚାରିଆଡର ଲୋକଙ୍କ ରୁଚିକୁ ନେଇ ମଣିଷ ଚଳେ, ବ୍ୟବହାର କରେ। ସେତିକି ତ ପ୍ରତ୍ୟେକଙ୍କର ଦାୟିତ୍ୱ।"

ମୋ ଭିତରର ମାଷ୍ଟରିଆ ସ୍ୱରଟି ବାହାରୁଥିଲା ଏତେବେଳକେ, ରଚନା ତାକୁ ବେଖାତିର କରି ଦବେଇ ଦେଇ କହିଲା, "ବ୍ୟବହାର କରିବେନି ଯିବେ କୁଆଡେ ମ'! ଏଠି ସମସ୍ତେ ଭଦ୍ର ଲୋକ, ପୁଣି ରାତି ବୋଲି ଦେଖି ନ ଦେଖିଲା ଭଳି ସଭିଏଁ ରହିଛନ୍ତି। କାଲି ସକାଳ ହେଉ ଦେଖାଯିବ।"

କେତେବେଳ ଚୁପ୍ ରହି ରଚନା ହଠାତ୍ ପଚାରିଲା ମୋତେ,"ଆଚ୍ଛା ଆପଣ କାହିଁକି ଭାବୁଛନ୍ତି ଯେ ସେମାନେ ବିବାହିତ ନୁହନ୍ତି ବୋଲି, କହିଲେ? ଆପଣ କହୁଛନ୍ତି ବିବାହିତ ଦମ୍ପତି ଭିତରେ ଏଭଳି ପ୍ରେମ ଅସମ୍ଭବ।"

କ'ଣ କହିବି ଭାବିହେଲି। ମୋର ଅଠରବର୍ଷର ବିବାହିତ ଜୀବନର ଅଭିଜ୍ଞତାନିଃସୃତ ସତ୍ୟକୁ କେତେ ପଦ କଥା କି ଯୁକ୍ତିରେ ଏ ଅର୍ବାଚୀନ ଝିଅ ମୁଣ୍ଡରେ ପୂରେଇବାର ଚେଷ୍ଟା ବୃଥା।

ମୋତେ ପଢ଼ି ନେଲା ପରି ସେ ଆକ୍ଷେପ କଲା, "ଆପଣଙ୍କ ନିଜ ବିବାହିତ ଜୀବନରୁ ଆପଣ ବୋଧହୁଏ ସାଧାରଣ ନିଷ୍କର୍ଷଟାଏ କାଢ଼ି ପକାଉଛନ୍ତି; କିନ୍ତୁ ପ୍ରତି ମଣିଷଙ୍କ ଅନୁଭବ ଭିନ୍ନ ଭିନ୍ନ ହୋଇପାରେ।"

ମୁଁ ସାଙ୍ଗେ ସାଙ୍ଗେ ସନ୍ଧିପତ୍ର ବାଢ଼ି ଦେଇ କହିଲି, "ତା' ଠିକ୍। ମଣିଷ ଗୋଟିକେ ପ୍ରକୃତି ଗୋଟିଏ। ତମକୁ ଭବିଷ୍ୟତରେ ସେଭଳି ସମ୍ପର୍କଟିଏ ମିଳୁ, ଯାହା କେବେ ଘଷରା ନ ହେଉ, ନା କ'ଣ କହୁଛ? ବାହାଘର ଠିକ୍ ହେଲାଣି ତମର?"

Digitized by srujanika@gmail.com

ରଚନା ବିନା ଦ୍ୱିଧାରେ କହିଗଲା ଯେ, ତା'ର ଜଣେ ବୟଫ୍ରେଣ୍ଡ୍ ଅଛି, ଗତ ତିନି ବର୍ଷ ହେଲା। ବାହାଘର? ବାହାଘର କଥା ଛାଡନ୍ତୁ ମ, ଆଗ ସମ୍ପର୍କ କେତେ ପକ୍‌କା ନ ଜାଣି ବାହାଘରରେ କିଏ ପଶିବ, ଥରେ ସେଥିରେ ପଶିଗଲା ପରେ, ଧରନ୍ତୁ କିଛି ଗଣ୍ଡଗୋଳ ହେଲା, ଅଡୁଆ ହେଲା, ଆଉ କ'ଣ ମୁକୁଳିବା ସହଜ?

ମୁଁ ପଚାରିଲି, "ତମ ବାପା, ମା ତମର ବାହାଘର କରିଦେବାକୁ ଚାହୁଁନାହାନ୍ତି?"

ରଚନା ଭୃକୁଞ୍ଚେଇଲା, ଟିକେ ଅଧୈର୍ଯ୍ୟ ହେଲା ପରି କହିଲା- "ଛାଡନ୍ତୁ ତାଙ୍କ କଥା, ପଦପଦକେ ତାଙ୍କୁ ଜଗିବସିଲେ ନିଜ ଜୀବନ ବଞ୍ଚିହେବ ନାହିଁ। ଆମ ଲୋକଙ୍କ ଲାଗି ତ ସବୁଠୁଁ ବଡକଥା ହେଲା ଯଥାକଥା କେମିତି ବାହା ହେଇପଡ଼, ତେଣିକି ପଛକେ କାନ୍ଦୁଥା' ବସି ସାରା ଜୀବନ। ସମ୍ପର୍କ କହିଲେ କ'ଣ ବୁଝନ୍ତି ଆମ ଲୋକେ? କି ଅର୍ଥ ତାଙ୍କ ପାଖେ ପ୍ରେମର? ବା ସେକ୍‌ସର? ସେଇ ଘୋଷା ରଟା ଦିନ କାଟୁ କାଟୁ ଅକସ୍ମାତ କାହା ଭାଗରେ କିଛି କିଛି ପଡ଼ିଗଲା ତ ଭଲ, ନ ହେଲେ ନାଇଁ ସେମିତି କାଟିଦେବେ ସାରାଜୀବନ, ଆଖିରେ ଅନ୍ଧପୁଟୁଳି ବାନ୍ଧି।"

ତା' ସ୍ୱର ଟିକେ ଚଢ଼ିଯାଇଥିଲା, ଆଖପାଖ ଲୋକେ କାଳେ ନିଦରୁ ଉଠିବେ ବୋଲି ତାକୁ କହିଲି, "ଧୀରେ, ଧୀରେ। ଆଉ ତମ ବୟଫ୍ରେଣ୍ଡଟି ତା'ହେଲେ ତମ ମନଲାଖି, ନା' କ'ଣ?"

ରଚନା ଶାନ୍ତ ହେବ କ'ଣ, ଆଉରି ଟିକିଏ ନାଲି ପଡ଼ିଯାଇ ଦବିଲା, କିନ୍ତୁ ତାତିଲା ଗଳାରେ କହିଲା, "କ'ଣ ଆପଣ ଇଙ୍ଗିତ କରୁଛନ୍ତି ମୁଁ ବୁଝୁଛି। ମୁଁ ବହୁତ ଅନ୍ତରଙ୍ଗ ମୋ ବୟଫ୍ରେଣ୍ଡ ସାଙ୍ଗେ, ବୁଝିଲେ? ଶାରୀରିକ ସମ୍ବନ୍ଧ କଥା କହୁଛନ୍ତି ତ? ଶାରୀରିକ ଆଉ ମାନସିକ ଅନ୍ତରଙ୍ଗତା କ'ଣ ଅଲଗା ଅଲଗା? ମୁଁ ଆଦୌ ବୁଝିପାରେ ନାହିଁ, ମାନେ ଅନ୍ତରଙ୍ଗ ଥରେ ହେଇଗଲା ପରେ ସୀମାଟା ଏତିକିରେ ରଖାଯାଉ- ନାଇଁ ଆଉ ଏତିକିରେ- ଏ ସବୁର ମାନେ କ'ଣ? ଆଉ ହୋମନିଆଁ ପାଖେ ବରକନ୍ୟା ସାତଘେରା ବୁଲିଗଲା ପରେ ଅଜଣା ଅଚିହ୍ନା ଲୋକଟା ସାଙ୍ଗରେ ସିଧାସଳଖ ଶାରୀରିକ ସମ୍ବନ୍ଧ କ'ଣ ଜମାରୁ ଅଶ୍ଳୀଳ ନୁହେଁ?"

ନିଦ ପୁଣି ମୋ ମୁଣ୍ଡ ଭିତରକୁ କୁହୁଡ଼ିଆ କରିବାକୁ ଆରମ୍ଭ କରିଥାଏ; ରଚନା ତା'ର କହିଚାଲିଥାଏ ବଡ ଜଟିଳ ଅଙ୍କଟାଏ ନିର୍ବୁଦ୍ଧିଆ ଛାତ୍ରଟିଏକୁ ବୁଝାଇବା ଭଳି, "ଆପଣ କେବେ ପ୍ରେମରେ ପଡ଼ିଥିବେ କି ନାହିଁ ମୁଁ ଜାଣିନି। ହେଲେ ଗୋଟାଏ କଥା ମନେରଖନ୍ତୁ, ଥରକର ପ୍ରେମର ଅନୁଭବ ପାଖରେ ଆଉ ସବୁ ଯୁକ୍ତି ହାଲୁକା,

Digitized by srujanika@gmail.com

ନିରର୍ଥକ। ଜଣକୁ ଭଲ ପାଇଲେ ବଳେ ତମର ମନ, ଚିନ୍ତା ଚେତନା ବାନ୍ଧି ହୋଇପଡ଼ିବ ଆରଜଠି। ନିଜକୁ ପ୍ରକାଶ କରିଦେବାକୁ, ସ୍ନେହ ଅଜାଡ଼ି ଦେବାକୁ ଦେହ ବି ଆପେ ଓଟାରି ହୋଇଯିବ। ତା'ଠୁ ପବିତ୍ର ସାର୍ଥକ ଅନୁଭୂତି ଆଉ ନାହିଁ। ବୁଝିଲେ..."

ମୁଁ ଥରେ ଅଧେ କର୍ତ୍ତବ୍ୟନିଷ୍ଠ ଭାବେ ମଝିରୁ ଆମ ସମାଜ ସଂସ୍କୃତି ତରଫରୁ ଟିକିଏ ଓକିଲାତି କରିବା ଲାଗି ଚେଷ୍ଟା କରିଥିଲି, ହେଲେ ତା'ର ବୟସର ଉତ୍ତେଜନା ପାଖରେ, ଅନୁଭବର ସତ୍ୟତା ପାଖରେ ମୋର ବଳ ପାଇଲା ନାହିଁ।

ସକାଳୁ ମୋ ଆଖି ଖୋଲିଲା ବେଳକୁ ସମସ୍ତଙ୍କର ଜଳଖିଆ ଆରମ୍ଭ ହୋଇଗଲାଣି। ରଚନା ସିଟ୍ ଉପରେ ଠିଆ ହୋଇ ମୁଣ୍ଡ ଉପର ଥାକରୁ ତା' ବ୍ୟାଗ୍ ଖୋଲି କ'ଣ କାଢୁଥିଲା, ଓହ୍ଲେଇ ପଡୁଣୁ ମୋତେ ଅନେଇଲା ଓ ହସି କହିଲା, "ଗୁଡ୍ ମର୍ଣ୍ଣିଂ। ବହୁତ ସମୟ ଶୋଇପଡ଼ିଲେ। ଯାଆନ୍ତୁ ମୁହଁ ଧୋଇ ଆସନ୍ତୁ, ଜଳଖିଆ ଥଣ୍ଡା ହୋଇଯିବ।"

ମୁଁ ବୋଧେ ଡବା ବାହାରେ ରଚନାକୁ ଦେଖିଥିଲେ ଚିହ୍ନି ପାରିନଥାନ୍ତି। ଗତ ରାତିରେ ଅଳ୍ପ ଆଲୁଅ ବୋଲି କି ପାଖ ସିଟ୍‌କୁ କରିକିଆ ତା' ମୁହଁଟା ଦିଶୁଥିଲା ବୋଲି କେଜାଣି, ତା' ମୁହଁଟା ଅଲଗା ରକମ ଦିଶୁଥିଲା। ଏବେ ମୁହଁଟା ସେତେ ପିଲାଳିଆ ମନେହେଉନି, ଅଣ୍ଟାତଳକୁ ଦେହଟା ଚଉଡା। ଟିକିଏ ବୟସ୍କ ଦିଶୁଛି, ନା କାଲି ତା' ବୟସ ଲୁଚାଇ କହିଥିଲା କେଜାଣି ?

ବାଥରୁମ୍ ଦର୍ପଣରେ ନିଜ ମୁହଁକୁ ଦେଖି ମୁଁ ଭାବିଲି, କାଲି ଏଇ କପାଳର ରେଖାମାନ ଧୀମା ଆଲୁଅରେ କେମିତି ହଠାତ୍ ଲିଭିଯାଇଥିଲା ନା କ'ଣ, ଅଚିହ୍ନା ଝିଅଟା ସମବୟସୀ ସାଙ୍ଗ ଭଳି କେମିତି ଫିଟିଯାଇ ଗପୁଥିଲା, ପୁଣି ମୁଁ ତା' ସାଥିରେ ପଡ଼ି ହସି ହସି ଅସମ୍ଭାଳ ହେଉଥିଲି। ଆଉ ସେ ପ୍ରେମିକ ଯୋଡ଼ି ?

ସିଟ୍ ଆଡକୁ ମୁହାଁଇଲାବେଳେ ମୋର ଦୃଷ୍ଟି ଥାଏ ଆମ ପଛସିଟ୍‌ର ସେ ଯୋଡ଼ି ଉପରେ। ହେଲେ ପାଖାପାଖି ପହଞ୍ଚିଯାଇ ମୁଁ ଚକିତା ହେଇଗଲି ପ୍ରାୟ। ନିତାନ୍ତ ସୁଧାର, ସାମାଜିକ ଦିଶୁଥିବା ମଧ୍ୟବୟସ୍କ ଦମ୍ପତିଟିଏ। ନିଶ୍ଚିନ୍ତ ଗପସପରେ ନିମଗ୍ନ। କିନ୍ତୁ ସିଟ୍‌ରେ ବସିଯାଇ କିଛି ସମୟ ଭିତରେ ବୁଝିଗଲି, ଖାଲି ଆମେ ନୁହଁ, ଆଖ ପାଖ ସିଟ୍‌ର ଲୋକେ ବି ସୁବିଧା ଦେଖି କଣେଇ ଲୁଚେଇ ଆମ ପଛ ସିଟ୍‌ର ଯୋଡ଼ିଙ୍କୁ ଚାହୁଁଛନ୍ତି। ସଭିଙ୍କ ନିଜ ନିଜ ଭିତରେ ସେ ନେଇ କିଛି କିଛି କଥାବାର୍ତ୍ତା, ଚାପା ହସ ବି ହେଲା ଭଳି ମନେହେଉଛି। ନିଜକୁ ଯେତେ ନାହିଁ କଲେ ବି ପ୍ରତି ଦଶମିନିଟ୍‌ରେ

Digitized by srujanika@gmail.com

ମୁଁ କଡ ଦେଇ ଚାହୁଁଥାଏ ପଛକୁ। ସ୍ତ୍ରୀ ମୁଣ୍ଡ କୁଣ୍ଡାଉଛି, ପୁରୁଷ ହାତରେ ତା' କ୍ଲିପ୍ ଓ ହେୟାରପିନ୍‌ଯାକ ଧରିଛି, ଅପୂର୍ବ ବସ୍ତୁ କିଛି ଧରିଥିବା ପରି। ସ୍ତ୍ରୀ କ୍ଲିପ୍‌ଟିଏ ପୁରୁଷ ପାପୁଲିରୁ ଗୋଟାଇ ପାନିଆଁ ବି ଥୋଇଦେଲା। ପୁରୁଷ ଛୁଇଁ ଛୁଇଁ ପରଖୁଛି ପାନିଆକୁ, କ୍ଲିପ୍‌ଗୁଡ଼ିକୁ। ସ୍ତ୍ରୀ ଟିକି ଦର୍ପଣ କାଢ଼ି ମୁହଁରେ କ୍ରିମ ମାରୁଛି। ଗାଲର ଚମ, ବେକ ଚମ ଫୁଲୁଫୁଲିଆ, ଯୁବାବେଳର ଟାଣ ଆଉ ତହିଁରେ ନାହିଁ। ପୁରୁଷ ଅନେଇଛି ତା'ର ପ୍ରତିଟି ଭାବଭଙ୍ଗୀକୁ ମଗ୍ନ ଏକାଗ୍ରତାରେ।

ଟ୍ରେନ୍ ରହିଲା ଷ୍ଟେସନଠି। ରଚନା ଏତେବେଳକୁ ମୁଣ୍ଡ କୁଣ୍ଡାଇ, ଆଖିରେ କଳା, ଗାଲରେ, ଓଠରେ ନାଲି ମାରି ଫିଟ୍‌ଫାଟ୍ ହୋଇ ଯାଇଥାଏ। ଉଠି ଚାଲି ଯାଉ ଯାଉ ପଚାରିଲା, "କ'ଣ ତଳୁ କିଣାଇବେ କିଛି? ଫଳ ଚଳିବ?"

କମ୍ପାର୍ଟମେଣ୍ଟ ସାରା ବ୍ୟସ୍ତତା, ଚଢ଼ା ଓହ୍ଲା ହଉଚଇ; ଏ ଟ୍ରେନ୍ ହାତଗଣତା ଷ୍ଟେସନ୍‌ରେ ରହେ। ପ୍ରେମିକ ଯୋଡ଼ି ଉପରେ କିନ୍ତୁ ପାରିପାର୍ଶ୍ୱର କିଛି ପ୍ରଭାବ ପଡ଼ିଲା ପରି ଜଣାଯାଉ ନାହିଁ। ଏଯାବତ୍ ସେମାନେ ଆଖପାଖ ସିଟ୍‌ରେ ସୃଷ୍ଟି କରିଥିବା କୌତୂହଳର ବି ନୁହେଁ। ତାଙ୍କ ହାତରେ ଥିବା ସମୟରୁ କ୍ଷଣଟିଏ ବି ବୋଧହୁଏ ଅନ୍ୟ କେଉଁଥିରେ ଖର୍ଚ୍ଚ ହେଉ ବୋଲି ସେମାନେ ପ୍ରସ୍ତୁତ ନୁହନ୍ତି। ମୁଁ ଝରକା ବାହାର ପ୍ଲାଟ୍‌ଫର୍ମର ଭିଡ଼କୁ ଚାହିଁଲି। ମୋଠୁ ଅତି ପାଖରେ ମଫସଲି ସ୍ତ୍ରୀ ଦି'ଜଣ ମୁଣ୍ଡରେ, କାଖରେ ପେଡ଼ି ପେଟରା ବୋହି କ'ଣ ଗପରେ ମାତିଛନ୍ତି; କପାଳରେ, ସୂଳାରେ ବହଳ ଦାଉ ଦାଉ ସିନ୍ଦୂର, ପାଟି ଓଠ ପାନବୋଳରେ ନାଲି। ତାଙ୍କୁ ଆଦୌ ଜଣାନାହିଁ ତାଙ୍କଠୁ ଦି'ହାତ ଛାଡ଼ି ନେଳୀ କାଚ ଏପାଖେ ଡବା ଭିତରେ ମୁଁ ବସି ନିଘା କରୁଛି ତାଙ୍କ ସବୁ ଅଙ୍ଗଭଙ୍ଗୀକୁ। ନିଜକୁ ଅଦୃଶ୍ୟ ଯକ୍ଷଟିଏ ପରି ଲାଗୁଛି ମୋତେ।

ଟ୍ରେନ୍ ହୁଇସିଲ୍ ଦେଲା। ରଚନା ଫେରିଲା, ସାଙ୍ଗରେ ଆଉ ଗୋଟିଏ ଝିଅ, ତା'ରି ବୟସର, ଆଉ ଟିକିଏ ପାତଳ। ଡବା ଭିତରେ ପାଦ ଦେଉଣୁ ଦୁହେଁ କିଛି ଫୁସ୍‌ଫାସ୍ ହେଲେ, ନିଃସନ୍ଦେହ ପଛସିଟ୍ ଯୋଡ଼ିଙ୍କ ବିଷୟରେ ଓ ଚିଡିଆଖାନାର ଜନ୍ତାଟିଏ ଭଳି ମୋ ପଛସିଟ୍‌କୁ ଅନେଇ ଅନେଇ ତା' ସାଙ୍ଗ ଝିଅଟି ଆଗେଇ ଆସିଲା। ରଚନା ଚିହ୍ନା କରିଦେଲା, ଝିଅଟିର ନାଁ ଇରା, ଦୁହେଁ କଲେଜରେ ଏକାଠି ପଢୁଥିଲେ ଓ ଏଯାଏଁ ଭାରି ସାଙ୍ଗ। ଇରା ଏଇ ଟ୍ରେନ୍‌ରେ ଅନ୍ୟ ଡବାରେ ଯାଉଛି, କାଲି ଦିଲ୍ଲୀ ଷ୍ଟେସନ୍‌ରେ ଚଢ଼ିଲାବେଳେ ଦିହେଁ ଭେଟିଥିଲେ; କିନ୍ତୁ ଏକାଠି ବସିବା ବନ୍ଦୋବସ୍ତ ଆଉ ହୋଇପାରିଲାନି। ତେଣୁ ଏବେ ତାକୁ ଡାକିଆଣିଛି ଗପିବା ବୋଲି।

ପଚାରିଲି, "ତମ ସାଙ୍ଗ ବସିବେ କୋଉଠି?"

Digitized by srujanika@gmail.com

ସାଙ୍ଗ କହିଲା, "ମୁଁ ଆର ଷ୍ଟେସନଠି ଓହ୍ଲେଇଯିବି, ଚିନ୍ତା ନାହିଁ।"

କିନ୍ତୁ ଆର ଷ୍ଟେସନ ଆସିବାକୁ ତ ଆହୁରି ଦେଢ଼ଘଣ୍ଟା। ଦିହିଁଙ୍କର କିନ୍ତୁ ସେଥିନେଇ ଆଦୌ ଚିନ୍ତା ନଥିଲା। ସମୟ କାଟିବା ଲାଗି ଅତି ଉତ୍ତମ ମନୋରଞ୍ଜନର ଆଶା ଦେଇ ରଚନା ନିଶ୍ଚୟ ତା' ସାଙ୍ଗକୁ ଡାକିଆଣିଥିଲା। ଦି' ସଖୀ ଆଉ ସମୟ ନଷ୍ଟ ନ କରି ଗୋଟିଏ ସିଟ୍‌ରେ ଛାକିଜୁକି ବସି ମଝି ଫାଙ୍କବାଟେ ପର୍ଦ୍ଦାରେ ଅଭିନୀତ ହେଉଥିବା ଦୃଶ୍ୟରେ ମନୋନିବେଶ କଲେ। ମଝି ମଝିରେ ଫୁସୁରୁ ଫାସୁରୁ ହେଇ, ପାଟିରେ ଓଢ଼ଣୀ ଛାକି, ପେଟରେ ହାତ ଚାପି ଦିହେଁ ତୁହାକୁ ତୁହା ହସରେ ଭାଙ୍ଗି ପଡ଼ୁଥାନ୍ତି। ମୁଁ ଅନାୟାସ ବିସ୍ମୃତ ହେଇଯାଇଥାଏ। ତେଣୁ ଝରକା ବାହାରକୁ ଦେଖିବାରେ ମନ ଦେଉଥାଏ, ତଥାପି ଟାଣି ହେଇଗଲା ଭଳି ଭିତରକୁ ପୁଣି ଅନାଏ, ପର୍ଦ୍ଦାପାଖକୁ ଥରେ ଉଙ୍କି ମାରିଦିଏ। ସେଠି ପୁଣି ଆଗଭଳି ରଜନୀଗନ୍ଧା ଓ ରବୀନ୍ଦ୍ର ସଙ୍ଗୀତର ଆବହାଓ୍ୱା, ଏଥର ମଝି ମଝିରେ ସଙ୍ଗୀତର ମର୍ମଚ୍ଛୁଆଁ କଣ୍ଠକାମ ଟିକିଏ ଆସିଗଲା ପରି ଦିହିଁଙ୍କ ଆଖିମାନ ବାମ୍ଫେଇ ଗଲା ଭଳି ଦିଶୁଛି କେତେବେଳେ କେମିତି।

କ'ଣ ଦେଖିଲା କେଜାଣି, ଅଚାନକ ଇରା ନାଟକୀୟ ମୃଦୁ ଚିତ୍କାରଟିଏ କରି ମୁହଁ ବୁଲେଇ ନେଲା, ସୁନ୍ଦର ପିଲାଳିଆ ଆଖିଯୋଡ଼ିକୁ ବଡ଼ ବଡ଼ କରି, ବିସ୍ମୟରେ, ଭର୍ତ୍ସନାରେ ଓଠ ଉପରେ ପାପୁଲି ଥାପି। କଣ୍ଢେଇ ପରି ସୁନ୍ଦର ଝିଅଟିଏ, ଗଢ଼ିଦେଲା ପରି ଆଙ୍ଗୁଠିମାନ, ପ୍ଲାଷ୍ଟିକ୍ ଡଳେଇ ହେଲା ଭଳି ନଖ। କହିଲା,"ଉଃ ଭଗବାନ୍। ମୁଁ ବିଶ୍ୱାସ କରିପାରୁନି।"

ରଚନା କହିଲା, "ଇଏ କିଛି ନୁହେଁ। କାଲି ରାତିଯାକ କ'ଣ ହେଇଛି ଯାଙ୍କୁ ପଚାର।" ମୋତେ ପୁଣି ସାକ୍ଷୀ ମାନିଲା, "କ'ଣ ମୁଁ ମିଛ କହୁଛି? କହୁନାହାନ୍ତି?"

ମୁଁ ଉତ୍ତରରେ ହସିଲି ଟିକିଏ। ଇରା କହିଲା, "ମୋ ବାହାଘର ପରେ ହନିମୁନ୍ ପାଇଁ ଆମେ ମାନାଲି ଯାଇଥିଲୁ, ଏଇ ଛ'ମାସ ତଳେ। ମୋ ସ୍ୱାମୀ ଏ ଯାଏଁ ଅଭିଯୋଗ କରନ୍ତି ମୁଁ କାଳେ ପବ୍ଲିକ୍‌ରେ ଜାଣିଶୁଣି ବଡ ଫର୍ମାଲ ହେଉଥିଲି।"

ସ୍କୁଲ ଝିଅ ପରି ଦିଶୁଥିବା ଇରାକୁ ମୁଁ ନୂଆ ଆଖିରେ ଦେଖିଲି। ଏଥର ସେ ତା' ପୁଅଙ୍କ ଭଳି କଟା ବାଳରେ ଆଙ୍ଗୁଳି ଚଳାଇ କଣ୍ଢେଇ ଭଳି ଆଖି ମିଟିମିଟି କରି କହିଲା- "ଗଡ୍। ଏ ବୟସରେ ଏମିତି ଲଷ୍ଟ୍ କେମିତି ସମ୍ଭବ? ରଚନା, ଏ ଦୁହେଁ ଆମ ବାପମା'ଙ୍କ ବୟସର ହେବେନି?"

Digitized by srujanika@gmail.com

ରଚନା କହିଲା- "ଛିଃ ! ଏମାନଙ୍କୁ ତୁ ଆମ ବାପମା'ଙ୍କ ସାଙ୍ଗେ କେମିତି ତୁଳନା କରୁଛୁ ଭଲା !"

ପୁଣି ଦୁଇ ସଖୀ ତାଙ୍କ ସିଟ୍ ପାଙ୍କ ଦେଇ ଉଣ୍ଡିବା, କିରି କିରି ହସ ଓ ଛି ଛି, ଥୁ ଥୁକୁ ଫେରିଗଲେ। ମଝିରେ ମଝିରେ ଗଭୀର ଆଲୋଚନା ବି ହେଉଥାଏ, ସେମାନେ ବିବାହିତ ନା ନୁହନ୍ତି, ଦମ୍ପତି ନା ନୁହନ୍ତି। ଯଦି ନୁହନ୍ତି, ତେବେ ଏ ଟ୍ରେନରେ କାହିଁକି ଏ ଲୋକଦେଖାଣିଆ ପ୍ରେମ, କୌଣସି ହୋଟେଲରେ ନିଭୃତରେ କାହିଁକି ନୁହଁ। ଆଖପାଖର ଲୋକ ଏଥର ବୁଲିବୁଲି ଆମରି ସିଟ୍‌କୁ ଅନାଉଥାନ୍ତି। କାହିଁକିନା ଚାରିଆଡର ବେଶ୍ ଶାନ୍ତ ବାତାବରଣ ଭିତରେ ଛୋଟକାଟର ଅସ୍ତବ୍ୟସ୍ତ ଭାବଟିଏ, ଉତ୍ତେଜନାମୟ ପରିବେଶଟିଏ ଆମରି ସିଟ୍‌ରେ ଥାଏ। ଦୁଇ ସଖୀ ଭିତରୁ ପାଳିକରି ଜଣେ ଲେଖା ଠିଆ ହୋଇ ରହୁଥାନ୍ତି। ଇରା ସିଟ୍‌ରେ ବସିଲେ ରଚନା ତାକୁ ମୁହଁ କରି ପଛ ଆଗ ସିଟ୍‌ରେ ପିଠି ଆଣ୍ଠୁ ଢିରା ଦେଇ ଶୂନ୍ୟ ଚଉକିରେ ବସିଲା ପରି ବସୁଥାଏ, ଆଉ ଅନବରତ ଅପଲକ ଦେଖିଲାଗିଥାଏ ପଛ ସିଟ୍‌କୁ, ଖେଳର ଧାରା ବିବରଣୀ ପରି ଶୁଣାଉଥାଏ ଟିକିନିଖି ଦୃଶ୍ୟ।

ପାଖ ସିଟ୍‌ର ଗମ୍ଭୀର, ଦାୟିତ୍ୱସମ୍ପନ୍ନ ଗୃହସ୍ଥପ୍ରତିମ ଭଦ୍ରଲୋକ ହାତର ବହି ବୁଜିଦେଇ ସ୍ୱଗତୋକ୍ତି କଲେ- "ବଡ କଷ୍ଟ ଏମିତି ଚେୟାର୍ କାର୍। ବହିଟିଏ ପଢ଼ି ହେଉନାହିଁ।" ରଚନା ତୁରନ୍ତ ଜବାବ ଦେଲା - "ଟିକିଏ ବେଶୀ ପଇସା ଖର୍ଚ୍ଚ କଲେ ଏ.ସି. ଟୁ-ଟାୟାର ଅଛି। ଅଯସରେ ଶୋଇ ଶୋଇ ପଢ଼ିହେବ। ଆଉ ଟିକିଏ ବେଶୀ ପଇସାରେ ଫାଷ୍ଟକ୍ଲାସ୍- ବହିପଢ଼ା କ'ଣ, ରିସର୍ଚ୍ଚ ୱାର୍କ ବି କରିହେବ (ହିଁ ହିଁ ହିଁ ହିଁ)।"

ଭଦ୍ରଲୋକ ଶବ୍ଦ ଥୋଇଦେବାର ଭଙ୍ଗୀରେ ବହିଟିରେ ମୁହଁ ଗୁଞ୍ଜିଲେ। ମୁଁ ଦୁହିଁଙ୍କୁ କହିଲି- "ଏ ପତ୍ରିକାରେ କ୍ରସ-ୱାର୍ଡ ଅଛି, ଚାଲ ଏକାଠି ଖେଳିବା।"

ଉତ୍ତର ମିଳିଲା- "ରହନ୍ତୁ ମ ! ଏମିତି ଦୃଶ୍ୟ ଆଉ ମିଳିବ ନା କ'ଣ ? ଆଲୋ, ଦେଖ୍ ଦେଖ୍, ପୁଣି ଚାଦର ଘୋଡେଇ ହେଲେଣି, ଦେଖ୍ ମ !"

ଇରା ଶୁଣେଇଲା ଭଳି କହିଲା- "ନିର୍ଘାତ ଏକ୍‌ଜିବିଶନିଜ୍‌ମ ଯେଉଁଠି ଆଉ ଚାଦର ଘୋଡା କାହିଁ ପାଇଁ ?"

ପଛକୁ ଚାହିଁଲି, ଦୁହେଁ ମଗ୍ନ ପରସ୍ପରରେ। କାନ୍ଧ ଲଗାଲଗି, ପୁରୁଷର ମୁଣ୍ଡ ଝୁଙ୍କିଯାଇ ସ୍ତ୍ରୀର କପାଳ ଛୁଉଁଛି। ଚାଦରଟି ଦୁହିଁଙ୍କ ଛାତିଯାଏ ଢଙ୍କା। ସ୍ତ୍ରୀର ମୁହଁଟି ଉଦାସ ଦିଶୁଛି। ଡରିଥିଲା ପରି, ଦୁଃଖ ପାଇଲା ପରି, ବୟସ୍କା ଗୃହିଣୀଟିଏ ଚିନ୍ତାମଗ୍ନ

Digitized by srujanika@gmail.com

ଥିଲା ପରି। ପୁରୁଷ ମୁହଁ ଘୁଞ୍ଚାଇ କ'ଣ କହୁଛି ଧୀର ଗଳାରେ, ସ୍ତ୍ରୀ ତାକୁ ବ୍ୟଗ୍ର ହେଇ ଶୁଣୁଛି, ଅନେଇଛି ତା ମୁହଁକୁ କାତର ହେଲା ଭଳି, ଆଶ୍ରା ଖୋଜିଲା ଭଳି।

ମୁହଁ ଫେରେଇ ଝରକା ବାହାରକୁ ଅନେଇଲି। ଦିନ ବଢ଼ି ଆସୁଛି, ଖରାଦିନ। ଗାଁ ଗଣ୍ଡା, ପଡ଼ିଆ, ଗଛ ଛାଇରେ ଗାଈଜଗା ପିଲା। ନୀଳକାଚ ଏପାଖେ ଥାଇ ଅଦୃଶ୍ୟ ଯକ୍ଷ ଭଳି ଅଦେଖା ଅଛୁଆଁ ମୁଁ ସଭିଙ୍କ ମଝିରେ ଉଡ଼ିଚାଲିଲି। କ'ଣ ସେ ସମସ୍ୟା ସେ ଯୋଡ଼ିଙ୍କ ପାଖରେ କେଜାଣି, ସ୍ଥାନ କାଳ ଜ୍ଞାନ ଯାହା ରଖୁ ନାହିଁ, ଲୋକଲଜ୍ଜା, ସୁନ୍ଦର ଅସୁନ୍ଦର ବାରି ପାରୁନାହିଁ। ଆଉ ମୋ ପାଖରେ ଠିଆ ହୋଇଥିବା ରଚନା ? ତା'ର ଅତିଷ୍ଠ ଅସହିଷ୍ଣୁ ପଣିଆ କାହିଁକି କେମିତି ଆବୋରି ପକାଉଚି, କାଲି ରାତିରେ ଅନୁଭବ, ସମ୍ପର୍କ ବିଷୟରେ ମୋତେ ବୁଝାଉଥିବା ମଣିଷଟିକି ?

ହଠାତ୍ ମୁହଁରେ କିଛି ଧକ୍କା ଖାଇଲା ଭଳି ଲଘୁ ଚିତ୍କାର କରି ଦି ସଖୀ ଜଳାକବାଟି ପାଖରୁ ମୁହଁ ଘୁଞ୍ଚାଇନେଲେ ପଛକୁ। ତମତମ ମୁହଁରେ ଦିହେଁ ଆପତ୍ତି ଅଭିଯୋଗର ସ୍ୱରରେ ମୋତେ ଦେଖାଇଦେଲେ ତା'ର କାରଣ। ସ୍ତ୍ରୀଟି ନିଜ ଚଦରଢଙ୍କା ପାଦଟିଏକୁ ଥାପି ଦେଇଥିଲା ଉଣ୍ଡୁଥିବା ସଖୀ ଦିହିଙ୍କ ମୁହଁ ସାମ୍ନାରେ। ଫାଙ୍କଟି ବର୍ତ୍ତମାନ ସମ୍ପୂର୍ଣ୍ଣ ବୁଜିହେଇ ଯାଇଥିଲା ପାଦ ଓ ତାକୁ ଢାଙ୍କି ତଳକୁ ଓହଳିଥିବା ମୋଟା ଚାଦରଟିରେ। ମୁଁ ମୋର ହସକୁ ସମ୍ଭାଳି ନେଲି ଏ ଦିହିଁଙ୍କ ତମତମ ମୁହଁକୁ ଦେଖି। ସେ ଦିହେଁ ମୋ ମୁହଁକୁ ଦେଖି ଏକାଠି ସ୍ଥିର କଲାଭଳି ଅପମାନ ଭାବକୁ ବର୍ଜନ କଲେ ଓ ପୁଣି ଖେଳୁଆଡ ଭାବକୁ ମାନିନେଇ ଖିଲିଖିଲି ହସି ପକାଇଲେ। ଟିକିଏ ନ ଯାଉଣୁ ରଚନା ମୁହଁରେ କିନ୍ତୁ ହସ ସହିତ ତମତମ ଭାବଟି ଫୁଟିଲା ଓ ସେ ସିଧା ଠିଆ ହେଇପଡ଼ି ସିଟ୍ ଉପର ଦେଇ ପଛକୁ ଅନେଇଲା। ବଡ ପାଟିରେ କହିଲା- "କି ଅନର୍ଥ ହେଲା। ମଣିଷ ବୟସ ଭୁଲି, ଭଦ୍ରତା, ସଭ୍ୟତା ଭୁଲି କୋଉଠି ପହଞ୍ଚିପାରେ ଦେଖ। ମନେହେଉଛି ବୁଢ଼ାବୁଢ଼ୀମାନେ ଟୁଏଣ୍ଟିଫାଷ୍ଟ ସେଞ୍ଚୁରୀରେ ପହଞ୍ଚିବା ଲାଗି ଆଗ ତିଆର ହୋଇଗଲେଣି।"

ଆଖପାଖର ସମସ୍ତେ ତାକୁ ଅନେଇଲେ। ଇରା ତା ହାତ ଟାଣିଲା- "ଛାଡ ମ, ତୁ ବସିଲୁ। ଆମକୁ ସେଥିରୁ କ'ଣ ମିଳିବ ?"

ରଚନା ତା ହାତକୁ ଛିଞ୍ଚାଡି ଦେଲା। କହିଲା- "ତୁ ମୋ ପାଖେ ଠିଆ ହୋଇପଡ ବରଂ। ଏମିତି ସୌଭାଗ୍ୟ ଆଉ ମିଳିବ ତୋତେ ବୟୋଜ୍ୟେଷ୍ଠ ମାନଙ୍କୁ ପ୍ରଶଂସା କରିବା ଲାଗି ?" ଓ ବଡ ପାଟିରେ ହସିଲା। ତା' ହସରେ କିନ୍ତୁ ଆଉ ପ୍ରାଣ କି ସହଜଫୁଟା ଭାବ ଜମାରୁ ନଥାଏ। ଆଗ ସିଟ୍‌ର ଭଦ୍ରଲୋକ ବିରକ୍ତି ସୂଚକ ଧ୍ୱନିଟିଏ

Digitized by srujanika@gmail.com

କରି ଉଠି ପଡ଼ିଲେ ଓ ବାଥ୍‌ରୁମ୍ ଆଡକୁ ଚାଲିଲେ। ପାଖ ସିଟ୍‌ରେ ଢୁଳାଉଥିବା ଗୃହସ୍ଥ ଚମକିପଡ଼ି ବିରକ୍ତ ଆଖିରେ ଅନେଇଲା। ପଛ କଡବାଗିଆ ସିଟ୍‌ରେ ଏ ଯାବତ ସାନ ସାନ ତିନୋଟି ଛୁଆଙ୍କୁ ନେଇ ବ୍ୟସ୍ତ ଥିବା ସ୍ତ୍ରୀଟି ଭ୍ରୂକୁଞ୍ଚାଇ ସ୍ୱାମୀକୁ କ'ଣ ଗୁଡ଼ିଏ କହିଲା, ଆମରି ସିଟ୍‌କୁ ଲକ୍ଷ୍ୟ କରି।

ଅସ୍ୱସ୍ତିରେ ମୁଁ ଚାରିଆଡକୁ ଅନେଇଲି, ପୁଣି ଝରକା ବାହାରକୁ। କାଳେ କିଛି ଉପାୟରେ ମୁଁ ନିଜକୁ ଏ ଦୃଶ୍ୟଟିର ପରିଧି ବାହାରକୁ ନେଇଯାଇ ପାରିବି। ପଛ ସିଟ୍ ନୁହେଁ, ଆମରି ସିଟ୍‌ଟି ଏଣିକି ସଭିଙ୍କ ଦୃଷ୍ଟିର ଶରବ୍ୟ।

ଷ୍ଟେସନରେ ଗାଡ଼ି ରହିଲା। ବଗି ସାରା ବ୍ୟସ୍ତତା ସଞ୍ଚରିଗଲା। ହଠାତ୍ ମୋତେ ମୁକ୍ତିର ସନନ୍ଦ ଶୁଣାଇଦେବା ଭଳି ଇରା ଉଠି ପଡ଼ି ଘୋଷଣା କଲା ଯେ, ସେ ତା ବଗିକୁ ଫେରିଯିବ। କଲିକତା ପହଞ୍ଚିବା ପୂର୍ବରୁ ଏ ଶେଷ ଷ୍ଟେସନ୍। ସଖୀର ଅନୁରୋଧ, ମିନତିକୁ ଖାତିର ନ କରି ଇରା ବାହାରିପଡ଼ିଲା ଓ ତା ପଛେ ପଛେ ତାକୁ କବାଟ ଯାଏ ବାଟେଇ ଦେବାକୁ ଯାଇ ହୁଇସିଲ୍ ଦେବା ବେଳକୁ ଅପେକ୍ଷାକୃତ ଶାନ୍ତ ଦିଶୁଥିବା ରଚନା ଫେରିଆସିଲା।

ଫେରିଆସି ମୋ ପାଖେ ଠିଆ ହୋଇ କହିଲା- "ଆପଣ କିଛି ମନେ ନ କଲେ ଗୋଟିଏ ଅନୁରୋଧ କରିବି ?"

ମୁଁ 'କୁହ' ଭଙ୍ଗୀରେ ଚାହିଁଲି ତାକୁ। ମୋ ମୁହଁରେ ତାକୁ ନିଶ୍ଚେ ଗତ ରାତିଠାରୁ ଟିକିଏ ଦୂରଛଡା ଭାବ ଦିଶିଥିବ, ନ ହେଲେ ଏତେ ସୌଜନ୍ୟ ରଖି ସେ କହନ୍ତା ନାହିଁ।

- "ମୋତେ କିଛି ସମୟ ଲାଗି ଝରକା ପାଖେ ବସିବାକୁ ଦେବେ ?"

ମୁଁ ସିଟ୍‌ରୁ ଉଠି ପଡ଼ିଲି, କହିଲି- "ଏତିକି କଥା ?"

- "ନାଇଁ ମୁଁ ଦଶ ପନ୍ଦର ମିନିଟ୍ ବସି ଉଠି ଯିବି ଯେ।"

- "ବସ ବସ। ଆଉ ତ ଘଣ୍ଟାଏ ଜମା, କି ଯାଏ ଆସେ ଯୋଉଠି ବସିଲେ।"

ମନେ ମନେ କହିଲି, ଏଥର ତୋ ସାଙ୍ଗ ତ ନାଇଁ, ତୁ ବି ପଦାକୁ ଅନା ଯେ ତୋ ମନ ଅନ୍ତତଃ ବାହାରେ ଲାଗୁ। ଆଖପାଖରେ ଟିକିଏ ଶାନ୍ତି ବିରାଜୁ।

Digitized by srujanika@gmail.com

ଏପାଖ ସିଟ୍‌ରେ ବସି ମୋତେ ଟିକିଏ ଖାପଛଡା ଲାଗୁଥିଲା। ରଚନା ବାହାରକୁ ଅନେଇ ଚୁପ୍‌ଚାପ୍ ବସିଛି। ତା' ଦୃଷ୍ଟି ଦୂରରେ ଶୂନ୍ୟକୁ ଲମ୍ବିଚି। ସତେ ଯେମିତି ଆଉ କିଛି ଦୃଶ୍ୟ ନାହିଁ ଦେଖିବା ଯୋଗ୍ୟ। ପଛସିଟ୍‌କୁ ଅନେଇଲି, ଗମ୍ଭୀର ଦିଶୁଛନ୍ତି ଦୁହେଁ, କାଲିର ଚପଳତା ଉଭେଇ ଯାଇଚି। ସ୍ତ୍ରୀଟିର ବାଁ ହାତକୁ ନିଜ ଦୁଇ ପାପୁଲି ଭିତରେ ରଖି କ'ଣ ସବୁ ଧୀର ଗଳାରେ କହି ଲାଗିଛି ପୁରୁଷଟି।

ରଚନା ବି ହଠାତ୍ ଗମ୍ଭୀର ହେଇପଡ଼ିଚି। ତାକୁ ମାନୁନାହଁ। କହିଲି- "ଟ୍ରେନ୍‌ଟା ଦେଢ଼ଘଣ୍ଟା ପ୍ରାୟ ଲେଟ ଅଛି, ନୁହେଁ? ପହଞ୍ଚିଲା ବେଳକୁ ଭାରି ଗରମ ହେଉଥିବ କଲିକତାରେ।"

ରଚନା ମୁହଁ ଫେରେଇଲା, କହିଲା- "ଆପଣଙ୍କ ଠିକଣାଟା ଦିଅନ୍ତୁ। ଜର୍ଣ୍ଣିରେ ଭେଟିଥିବା ଲୋକଙ୍କ ସାଙ୍ଗେ ସଂପର୍କ ରଖିବା ମୋ ସଉକ।"

ତା' ମିଜାଜ୍ ହାଲ୍‌କା କରିବାକୁ କହିଲି, ପଛ ସିଟ୍‌କୁ ଠାରି - "ସେମାନଙ୍କୁ ଠିକଣା ମାଗିବ ନା ନାହିଁ?"

- "ମାଗିଲେ କ'ଣ ସେମାନେ ଦେବେ? ସେମାନେ ପରା ସ୍ୱାମୀ ସ୍ତ୍ରୀ ନୁହନ୍ତି, ଠିକଣା ଲୁଚେଇବେନି?"

- "କେଜାଣି, ଧର ହେଇଥିବେ ସ୍ୱାମୀ ସ୍ତ୍ରୀ।"

- "ମାନେ, ସ୍ୱାମୀ ସ୍ତ୍ରୀ ହେଇ ପ୍ରେମିକପ୍ରେମିକା ବୋଲି ଦେଖେଇ ହେଉଛନ୍ତି?"

ଆମେ ଦିହେଁ ହସିଲୁ। ମୁଁ ଖାମ୍‌ଖିଆଲି ଭାବେ ପଚାରିଦେଲି - "ଆଚ୍ଛା କହିଲ, ତମ ବୟଫ୍ରେଣ୍ଡ ସାଙ୍ଗରେ ତମେ ଏକାଠି ଥିଲାବେଳେ କେମିତି ହାବଭାବ ଦେଖାଅ, ପ୍ରେମିକପ୍ରେମିକା ଭଳି ନା ଦମ୍ପତି ଭଳି?"

ରଚନାର ମୁହଁରୁ ହସ ଲିଭିଗଲା, ମୋଠୁ ଆଖି ଫେରେଇ ନେଲା, ସତେକି କହିଯାଇଥିବା କଥାଗୁଡ଼ିକ ସେ ଫେରସ୍ତ ନେଇନେବାକୁ ଚାହୁଁଛି। ଟିକିଏ ଅପ୍ରସ୍ତୁତ ହେଇ ପଚାରିଲି- "କିଛି ମନେ କଲ କି ଏମିତି ପଚାରିଲି ବୋଲି?"

ଅଳ୍ପ ହସି ସେ କହିଲା - "ନା, ତାଙ୍କ ସାଙ୍ଗେ ବୁଲାବୁଲି କଲାବେଳେ ଆତ୍ମୀୟସ୍ୱଜନ ଦେଖିବେ ବୋଲି ଭୟ ଥାଏ ସବୁବେଳେ।"

Digitized by srujanika@gmail.com

ମନ ହେଲା ପଚାରିବି- କି ଧରଣର ଭୟ ? ଅନୁଭବର ସଙ୍କୋଚତା ପରା ଅଛି ତମର ? ହେଲେ, ଆଉ ସମୟ ନାହିଁ ଏତେ ସବୁ କଥା ଲାଗି। ପଚାରିଲି- "ଆଉ ବାହାହୋଇଗଲା ପରେ ? ଇରା ଭଳି ହନିମୁନ୍‌ରେ ଫର୍ମାଲ ହେବ ନା ନାହିଁ ?"

- 'ବାହା ?' ରଚନା ମୋ ମୁହଁକୁ ଅନେଇଲା। ତା' ଗୋରା ମୁହଁ ଅଳ୍ପ ନାଲି ପଡ଼ିଆସିଲା। କହିଲା - "ଆମର ବାହାଘର ମୁସ୍କିଲ୍। ମାନେ ଅସମ୍ଭବ। ଶକିଲ, ମୋ ବୟଫ୍ରେଣ୍ଡ, ମୁସଲମାନ।"

ମୁଁ ମୁହୂର୍ତ୍ତେ ସମୟ ନେଲି। ତା'ପରେ କହିଲି - "ଖାଲି ସେଇ କାରଣରୁ ତମେ ବାହାହେବନି ତାକୁ, ଯଦିଓ ଦୁହେଁ ଭଲ ପାଉଛ ?"

ଟିକିଏ ଧୀର ଥିଲା ସ୍ୱରରେ କହିଲା - "କାହିଁକି, ଏଇଟା ଖୁବ୍ ଛୋଟ କାରଣଟିଏ ଆପଣଙ୍କ ଲାଗି ?"

ମୁଁ ଚୁପ୍ ରହିଲି, ଉଠୁକି ଆସୁଥିବା ପ୍ରଶ୍ନ ସବୁ, କାଲି ରାତିରେ ସେ କହିଥିବା କଥା ସବୁକୁ ମନରେ ଚାପିନେଲି।

ରଚନା ସ୍ୱରକୁ ଏଥର ନରମ କରି କହିଲା- "ଆପଣଙ୍କୁ ତ କହିଥିଲି, ଆମର ରକ୍ଷଣଶୀଳ ପରିବାର। ସେମାନଙ୍କ ମନରେ ଏତେ ବଡ ଧକ୍‌କା କେମିତି ଦେବି ?"

ସାନ୍ତ୍ୱନା ଦେବି ନା ଯୁକ୍ତି କରିବି, କିଛି ମନୋଭାବ ସ୍ଥିର କରିବା ପୂର୍ବରୁ ସେ ଝରକା ବାହାରକୁ ଅନେଇ ରହି କହିଲା- "ତା' ଛଡା ଶକିଲର ପରିବାର ବି ସେମିତି। ପୁରୁଣାକାଳିଆ। ଶକିଲ ନିଜେ ବି ଆଉ କ'ଣ ଯେ!"

ରଚନା ମୁହଁରେ କ୍ଷୋଭ, କ୍ରୋଧ, ଅସହାୟତା କିଛି ନଥିଲା। ଶୀତଳ କଟୁରୀ ଭଳି ସ୍ୱର। ବୟସ୍କ, ରୋକ୍‌ଠୋକ୍।

ଇଚ୍ଛା ଥିଲା ପଚାରିଥା'ନ୍ତି, କାଲି ତମେ ଭୟକୁ ତାହେଲେ ସାହସ ବୋଲି କହୁଥିଲ କାହିଁକି ? ହେଲେ କେତେବେଳକେ ଜାଣିଶୁଣି ବେପରୁଆ ସ୍ୱରରେ ପଚାରିଲି- "ତମେ ଦିହେଁ ତା ହେଲେ ମାନିନେଇଛ ବାହାଘର କେବେହେଲେ ହେବାର ନୁହେଁ ବୋଲି ?"

ରଚନା ବାହାରକୁ ଅନେଇ ରହିଲା।

ଲୋକେ ଜିନିଷପତ୍ର ସଜଡାସଜଡ଼ି ଆରମ୍ଭ କଲେଣି। ବାହାରେ ସହର ତଳି ଦିଶିଲାଣି କେତେବେଳୁ। ମୁଁ ଠିଆହେଲି ଉପରୁ ମୋ ସୁଟ୍‌କେଶଟି ଓହ୍ଲେଇବାକୁ।

Digitized by srujanika@gmail.com

କଣେଇ ଦେଖିଲି, ପଛ ସିଟ୍‌ରେ ଦୁହେଁ ସେମିତି ବସିଛନ୍ତି, କିଛି ତରବର ନାହିଁ। ସ୍ତ୍ରୀଟି ଚାଦର ଖଣ୍ଡିକ ଚଉତି ରଖୁଚି, ତା ମୁହଁଟି ତଳକୁ ପୋତି ହୋଇଯାଉଚି, ଆଉ ଚାଦର ଧଡିଟି ନେଇ ଚଟ୍‌କିନି ଆଖିତଳ, ନାକଅଗ ଛୁଏଁଇ ନେଉଛି। ମୁଁ ଦେଖିଲି, ସେ କାନ୍ଦୁଚି ଚୁପ୍‌ଚାପ୍। ସେମିତି ସେ ବସିଛି, ସାମ୍ନାସିଟ୍ ପିଠିରେ ଦୁଇପାଦ ଥାପି। ପୁରୁଷଟି ତଳୁ କ'ଣ ଗୋଟାଇବା ଲାଗି ବୋଧେ ନଇଁପଡ଼ିଲା, ତଳେ କ'ଣ ଖୋଜିଲା ଭଳି। ପୁରୁଷଟି ସେମିତି ନଇଁ ରହି ହଠାତ୍ ଚୁମା ଦେଇଦେଲା ସ୍ତ୍ରୀଟିର ପାଦରେ। ସ୍ତ୍ରୀଟି ଓଠ ଉପରେ ଚାଦର କଣଟି ମାଡ଼ିଧରୁଚି, ଆଖି ବୁଜି ଆପଣାକୁ ସମ୍ଭାଳୁଛି।

ବାହାରେ ହାଓଡା ଷ୍ଟେସନ। ରଚନା ତା' ସୁଟ୍‌କେଶ ନେଇ ଆଗରେ ଚାଲିଲାଣି। ପଛ ସିଟ୍‌ରେ ଦୃଶ୍ୟଟି ତଥାପି ଅଟକି ରହିଛି ଅଦ୍ଭୁତ ଏକକ ଭାବେ। ପ୍ରସ୍ତୁତ ହେଉଛି ଏଇ ପର ମୁହୂର୍ତ୍ତରେ ଭାଙ୍ଗି ପଡ଼ିବ ବୋଲି ଖଣ୍ଡଖଣ୍ଡ ହେଇ, ପେଷି ହୋଇଯିବ ବୋଲି ଆତ୍ମୀୟ ସହରରେ।

Digitized by srujanika@gmail.com

ଗଲାଦିନ ଯାଏ ନାହିଁ

ସୁଜାତା କାମସାରି ଉପର ଓଳି ଘରକୁ ଫେରି ଦେଖନ୍ତି ଆଦିତ୍ୟ ବସିଚି ସେମିତି, ଯେମିତି ବସିଥିଲା ସକାଳ ପହରୁ ବେତ ଚଉକୀ ଖଣ୍ଡକରେ କୋଳରେ ଚଟାଣରେ ସାମ୍ନା ଟେବୁଲ୍‌ରେ କାଗଜପତ୍ର ଗୁଡାଏ ଖେଳାଇ। ଟେବୁଲ୍ ଉପରେ ଖାଇବା ଥାଳି ଢଙ୍କା ହୋଇ ରହିଛି ସେଇ ଏଗାରଟା ବେଳୁ। ଥରେ ମୁଣ୍ଡ ଟେକି ଅନେଇଲା ବି ନାଇଁ, ପିଉ ଚଢ଼ି ଯାଉଚି ମୁଣ୍ଡକୁ।

ଭିତରକୁ ଲୁଗା ବଦଳାଇବାକୁ ଯାଉ ଯାଉ ପଚାରି ଦେଲେ, "ଆଜି କଣ ଖିଆପିଆ ବି ହୋଇନି ବାବୁଙ୍କର? ଭାରି ଲେଖାପଢ଼ା ଚାଲିଚି ତ।"

ତାଙ୍କ ସ୍ୱରର ଧାରକୁ ଆଦିତ୍ୟ ଉହ୍ୟ କରି କେବଳ କଥାର ଜବାବ ଦେଲା, "ତମେ କଣ ଭାବିଚ ମୁଁ ସକାଳୁ ମିଛଟାରେ ବସିଚି? ଆସି ଦେଖିଲ କେତେ କାମ, ମୁଣ୍ଡ ଗୋଳମାଳ ହୋଇଯାଉଚି। ମାର୍ଚ୍ଚ ମାସ, ଅଡିଟ୍ ହେବ ପରା।"

Digitized by srujanika@gmail.com

ଆଉ କିଏ ଯାକୁ ଜାଣିଲା ଲୋକ ଏକଥା ଶୁଣିଲେ ହସନ୍ତା, ସୁଜାତା ଦୀର୍ଘଶ୍ୱାସଟାଏ ପକାଇଲେ। କାମ ଆଉ ଆଦିତ୍ୟ। ଏ ଘରେ ସମୟ ସାଙ୍ଗେ କାମ ବନ୍ଧା ହେଇ ରହିଥାଏ ସଭିଙ୍କର, କାହିଁ କେତେଦିନୁ। ଘର ଯେତେବେଳେ ଘୋ ଘୋ ହେଉଥିଲା ଲୋକବାକରେ, ସେବେଠୁ। ସୁଜାତା ପକେଇଦେଇଥିଲେ ସମସ୍ତଙ୍କୁ ଅଭ୍ୟାସରେ। ସକାଳ ଦଶଟାରେ ସ୍ୱାମୀ ଆଲୋକ ଖାଇପିଇ ଅଫିସ୍ ଯାନ୍ତି। ଏଗାରଟା ସୁଦ୍ଧା ସୁଜାତା ବାହାରିଯାନ୍ତି, ସପ୍ତାହରେ ତିନିଦିନ ବୁଟୀକ୍‌ରେ କାମ ନେଇଛନ୍ତି, ଆଉ ତିନିଦିନ ଗୋଟିଏ ମହିଳା ଉଦ୍ୟୋଗରେ, ତା ବାହାରେ ପୁଣି ଡକରା ଆସେ ଲେଡ଼ିଜ୍ କ୍ଲବ୍ କି ମହିଳା କଲେଜ ହୋମ୍ ସାଇନ୍‌ସ ବିଭାଗରେ ଅତିଥି-ଭାଷଣ ଲାଗି।

କେବେ ବେକାର ବସିନି ସୁଜାତା, ପିଲା ଦିହେଁ ସାନ ଥିଲା ବେଳେ ବି ନୁହେଁ। ବରଂ ଦିନ ଯେତେ ଗଡୁଚି, ଆଉରି ମାଠିମୁଠି ଚିକ୍‌କଣ କରୁଚି ସେ ତା ଜୀବନଯାପନ। ଖାଲି ଏଇ ଦରବୁଢ଼ା ଦିଅରଟାର ଯେତେକ ନାଟ। କାମଧନ୍ଦା ସମୟ ଦାୟିତ୍ୱ କାହିଁରେ ବୋଲି କିଛି ନାହିଁ। ନା ସହିହୁଏ ନା କହିହୁଏ। କହି ନ ହୁଏ ବୋଲି ନୁହେଁ, ହେଲେ ଲାଭ କଣ। କି ଭାଗ୍ୟ ଯେ ବାହା ହେଲା ଦିନୁ କାନିରେ ବନ୍ଧା ହେଇଚି ଦିଅରଟିଏ। ଏମିତି ଦେଖିବ ଯଦି ଦିଅରରେ ନା ଯିବ, ନା ଯିବ ପୁଅରେ। ପୁଅ ହେଲେ ଗୋଟିଏ ଥାଆନ୍ତା କପାଳରେ।

ମୁହଁ ହାତ ଧୋଇ ରୋଷେଇ ଘରକୁ ପଶି ସୁଜାତା ପଚାରିଲେ, "ଖାଇବା ବେଳ ତ ଗଡ଼ିଗଲାଣି। ଚା ପିଇବୁ?"

ଦି ଝିଅ ବାହା ହେଇ ତାଙ୍କର ସୁଖରେ ଅଛନ୍ତି। ଦିଅର ନଣନ୍ଦ ସଭିଏଁ ଘରଦ୍ୱାର କରିଛନ୍ତି ଭଲରେ, ସଭିଙ୍କ ମଣିଷ ହେବାରେ ସୁଜାତାଙ୍କର ହାତ ଅଛି। ଏବେ ରହିଯାଇଛନ୍ତି ସ୍ୱାମୀ ସ୍ତ୍ରୀ, ଆଉ ଏଇ ଦରବୁଢ଼ା ଦିଅରଟି, ଆଦିତ୍ୟ। ଦାନ୍ତ ଦେଖାଇ କହୁଚି, "ସେ ଚୁଡ଼ା ଭଜାଅଛି ନା ସରିଲାଣି... ଦେଲ ଟିକିଏ।"

ସୁଜାତା ଫେରି ଚାହିଁଲା ତା ମୁହଁକୁ ଭଲ କରି, ଏ ବେଉସାଟି ବି ଏଥର ବୁଢ଼ିଲାଣି ତେବେ ନା କଣ? ଏମିତି ହୁଏ ସେ, ହାତରୁ ଯେତେବେଳେ ସବୁ ଭାସି ଚାଲିଯାଉଥାଏ, ଭାରି କଅଁଳ କରି କଥା କହେ।

ଆଦିତ୍ୟ ଏଣେ ଭାବୁଥିଲା, ଆଉ ଶାନ୍ତିରେ ବସିବା ହେଉନାହିଁ, ଚୁପ୍‌କିନି ଉଠି ପଳେଇବା ତ ଜମା ନୁହେଁ। ଭାଉଜ ବୋଧେ ଅନୁମାନ କରି ସାରିବେଣି ସେ ମଝିରେ ଉଠି ଏଣୁତେଣୁ ଖାଇଚି, ସାଣ୍ଡଉଇଚ୍ କି ଫଳ କିଛି, ଘରୁ ବାହାରି ବି

Digitized by srujanika@gmail.com

ଘେରାଏ ବୁଲିଆସିଚି କୋଉଠି ଓ ଅଡିଟ୍ କାମ ଫାମ ନୁହେଁ, ଅନ୍ୟ କିଛି ଗୋଟାଏ ନୂଆ ଧନ୍ଦା ନେଇ ବସିଚି। ଅନୁମାନ କଲେ ବି ସେ ଆଦିତ୍ୟକୁ କିଛି କହିବେ ନାହିଁ ସିଧା, କଥାବାର୍ତ୍ତାରେ ଜଣେଇଦେବେ ଯେ ଆଦିତ୍ୟ ସତ କହୁନାହିଁ ବୋଲି ସେ ଜାଣିପାରିଛନ୍ତି। ସେଥିକି ବି ଆଦିତ୍ୟର ଚିନ୍ତା ନାହିଁ ଅବଶ୍ୟ, କାରଣ ତାର ଧାରଣା ଭାଉଜଙ୍କୁ ଏକଥା ବି ଜଣାଥିବ, ଆଦିତ୍ୟ ଯେ ଜାଣିଶୁଣି ମିଛ କହୁଚି ବା ସତ ଲୁଚାଉଛି ତା ନୁହେଁ। ସବୁ କଥା ଯାହା ଘଟିଲା ବା ମନକୁ ଆସିଲା, ମଣିଷ କଥାରେ ଗୋଟି ଗୋଟି ସବୁ କହିପକେଇବା ଦରକାର ନା କଣ?

ଚା ତିଆରି କରୁ କରୁ ସୁଜାତା ଦେଖୁଛନ୍ତି ଥାକର ଡବାମାନ ଢାଙ୍କୁଣି ବଙ୍କା ହେଇ ଅଧାବନ୍ଦ ହେଇଚି, ଫ୍ରିଜ୍ ଭିତରେ ଜିନିଷମାନ ଏପାଖ ସେପାଖ ହେଇଚି। ମିଛରେ କ'ଣ ମୁଁ କହୁଥିଲି ଖାଇବା ଥାଉ, ଏଥର ଚା ପି ବୋଲି। ବାହା ହେଇ ଏ ଘରକୁ ଆସିଲା ବେଳକୁ ଶାଶୁଙ୍କ ଏ କୋଡପୋଛା ପୁଅଟି ଠୁକୁରୁ ଠୁକୁରୁ ଧାଇଁ ଖେଳି ବୁଲୁଥାଏ ଏଇ ବାରଣ୍ଡାରେ। ପର ବର୍ଷକୁ ସୁଜାତାର ବଡ ଝିଅର ଜନ୍ମ।

ଆଦିତ୍ୟ କାଗଜପତ୍ର ଯାକ ଗୋଟ୍ଲାଇ ପକାଇଲା। କୋଉକାଳେ ଲେଖା ହେଇଥିଲା ଏସବୁ, ଆଉ ଦେଖିଲେ ଆପଣାର ଲାଗୁନାହିଁ। ପଶି ହେଉନାହିଁ ସେସବୁ ଭିତରକୁ ଜମା। ଡ୍ରାମା ଥିଏଟରରେ ମାତିବାର ଦିନମାନ ଥିଲା ସେବେ କିଛିଦିନ। ପୁଣି କେତେ ଢେଉ ଆସି ଚାଲିଗଲାଣି ମୁଣ୍ଡ ଉପର ଦେଇ ଏଭିତରେ। ବେଳେବେଳେ ମନହୁଏ ଫେରିଯିବାକୁ, ଅଧାଛାଡ଼ି ଆସିଥିବା କାମଟିଏ ପୁଣି ହାତକୁ ନେଇ ପୁରା କରିଦେବାକୁ। କୋଉ ହୁଏ ସେମିତି?

ଏବେ ହାତରେ ଥିବା କାମଟି ପୁଣି ଅଧାରେ ରହିଯିବ ନାଇଁ? ଅଧାକାମ, ଅଧାପଢ଼ରିଆ କାମର ଧାଡ଼ି ଖାଲି। ସୁଜାତାର ମନେପଡ଼େ ବିଛଣା ଧରିଲା ବେଳକୁ ଶାଶୁ କହିଥିଲେ, "ଠାକୁରେ ତୋତେ ପୁଅ ଦେଇନାହାନ୍ତି, ଏଇଟିକୁ ତୋର ପୁଅ ବୋଲି ଭାବିବୁ ମାଆ। ହେଳା କରିବୁ ନାଇଁ।" ବାହାହେଇ ଆସିଲା ବେଳେ ନୁହେଁ, ଏଇ କେତେବର୍ଷ ତଳର କଥା ଇଏ। ପୁଅ ନା ଆଉରି କିଛି । ମୋ ପୁଅ ହେଇଥିଲେ ଏମିତି ବିଗିଡ଼ା କରି ମୁଁ ବଢ଼େଇ ନଥାନ୍ତି। ଗେହ୍ଲା କରି ତା ମୁଣ୍ଡ ଚୋବେଇ ଯାଇନଥାନ୍ତି ଯେମିତି ତମେ ତା ମାଆ ହେଇ କଲ। ଛାଡ଼ିଦେଇଗଲ ମୋରି ମୁଣ୍ଡରେ ଦାଉ ସାଧିବାକୁ। କଣ ନା ପୁଅ ବୋଲି ଭାବିବି। କୋଉଠି ଆଉ ଜାଗା ଥିଲା ମୋ ଭିତରେ ଯେ ପରଛୁଆକୁ ପୁଅ ସ୍ନେହ ଦେଇଥାଆନ୍ତି? ଅଳ୍ପ ବୟସରେ ବଡ ପରିବାରର ବୋହୂ ହେବାର, ଉପାର୍ଜ୍ଜନକ୍ଷମ ବଡ଼ ପୁଅର ସ୍ତ୍ରୀ ହୋଇ ଦାୟିତ୍ୱ ତୁଲାଇବାର ସେ

Digitized by srujanika@gmail.com

ଯେଉଁ କଷ୍ଟର ଦିନମାନ। ହେଲେ ସେ ପରିଶ୍ରମ ଅକାରଣ ଗଲାବୋଲି ସୁଜାତା ଭାବେ ନାହିଁ। ଏମିତି ଥକା ହେଇ ଘରକୁ ଫେରିଲେ ଭଲଲାଗେ ସବୁ କଥା ଭାବି। ଖାଲି ଯାହା ବେଳେବେଳେ ଆଖିରେ ବାଲିପରି ଗଡେ ଏଇ ବୟସ୍କ ଅପଦାର୍ଥଟିକୁ ବସିଥିବାର ଦେଖିଲେ। ଚା ଆଉ ମିକ୍‌ଚର ନେଇ ଟେବୁଲ୍‌ରେ ଥୋଇଲା ବେଳକୁ ସିଏ ପୁଣି ଉଠି ଗଲାଣି କୁଆଡେ। ଭିତର ଘରୁ ଶୁଭିଲା, "ଏଇ ଆସିଲି ଭାଉଜ। ତମେ ଚା ପିଅ।"

ଚା କପ୍ ମୁହଁରେ ଲଗେଇ ଓଠର କଥା ଚାପିନେଲା ସୁଜାତା। କାମରୁ ଫେରିଚି ମୁଁ, ଘରେ ବସି ଅୟସ କରୁଚୁ ତୁ ଦିନଯାକ, ଚା କପେ ଅନ୍ତତଃ ତିଆରି କରନ୍ତୁ କଣ, ଓଲଟି ମୁଁ କରିବି ଯାର ସେବା। ଭିତରୁ ପୁଣି କଣ ଶୁଭିଲାଣି ତା ମନ ଫୁଲାଣିଆ ଗୀତ। ସୁଜାତାର ଛାତିରେ ଖଟ୍‌କା ଲାଗିଲା। ନା, ବେଉସା ବୁଡ଼ିବାର ତ ଲକ୍ଷଣ ନୁହେଁ ଇଏ। ସେମିତି ବେଳେ ତ ନରମେଇ ଯାଏ ସିଏ। ତା ସାଥିରେ ପିଠିଟା ବି କୁଞ୍ଚେଇ ଗଲାପରି ଦିଶେ। ଏଇ ଅନ୍ୟ କିଛ । ପୁଣି ସେଇ ପ୍ରେମ ଫ୍ରେମ କିଛି ସଉକିନିଆ ବାବୁଙ୍କର ବାହାରିଲାଣି।

ଆଦିତ୍ୟ ହେଙ୍ଗରରୁ ସାର୍ଟ ବାଛୁଥିଲା। ଦର୍ପଣ ସାମ୍ନାରେ ସାର୍ଟଟା ଦେହକୁ ଲଗେଇ ଦେଖୁଥିଲା ନିଜକୁ ଏକଡରୁ ସେକଡରୁ। ସକାଳୁ ତିନିଥର ଆଜି ପ୍ୟାଣ୍ଟ ସାର୍ଟ ବଦଳିଲାଣି। ଘରୁ ବାହାରି ବୁଲି ବି ଆସିଲାଣି ଘେରାଏ ପାଖ ଛକ ଦୋକାନ ଆଡୁ। ପିଉ ରାଏ ଅପେକ୍ଷା କରିଥିବେ। ତା ଲାଗି।

ସୁଜାତା ଖାଲି କପ୍ ଥୋଇଲେ। ଆର କପ୍‌ଟି ପ୍ଲେଟ୍ ଘୋଡା ହେଇ ବି ଥଣ୍ଡା ହେବଣି। ସେ ଜାଣନ୍ତି ଆଦିତ୍ୟ ଏବେ ଦର୍ପଣ ଆଗରେ ଠିଆ ହେଇଥିବ, ଗୋଟିଏ ସାର୍ଟ ପାଲଟି ପୁଣି ଆଉ ଗୋଟିଏ ତା ଉପରେ ମଡ଼େଇ ପରଖୁ ଥିବ ନିଜକୁ। ବାଁ ହାତ ଟେକିଦେଇ ଆର ହାତରେ ସେଣ୍ଟ ବୋତଲରୁ ମାରିପକାଉଥିବ ଏଇନା ଫୁସ୍‌ଫାସ୍। ବାହାରିଯିବ ଏଇ ବାଟ ଦେଇ ଚା ନ ପିଇ। ତା ମନହେଲେ କହିବ, ନ ହେଲେ ନାଇଁ। ମିଛରେ କହିବ, ନର୍ସରୀକୁ ଯାଉଚି। ତା ନୂଆ ବେଉସାଟି ହେଲା ସହର ବଡ ହ୍ରଦ କୂଳରେ ଫୁଲଫଳ ଚାରାଗଛର ନର୍ସରୀଟିଏ। ତା ଦୁଃଖ ସରୁନି ନର୍ସରୀକୁ ଯିବ ଏ ସଞ୍ଜ ମୁହଁଟାରେ? ଏମିତି କେତେ ବେଉସା କରିସାରିଚି, ବୁଡେଇ ସାରିଚି ସେ। କାମକୁ ନ ଯାଇ ସମୟ ନଷ୍ଟ କରିଚି ସାଙ୍ଗ ମଉଜ ଆଡ୍‌ଡାରେ। ଟୋକୀଙ୍କ ପଛରେ। ଡ୍ରାମା ଥେଟରରେ ବି ମାତିଚି ଦିନାକେତେ।

ଆଦିତ୍ୟ ଟି-ସାର୍ଟ ଖଣ୍ଡକ ବାଛି ପିନ୍ଧିସାରିଲା ପରେ ଏଥରକ ଜୋତା ବାଛି ବସୁଚି। ଭିଣେଇ ଆଣିଦେଇଥିବା ବିଦେଶୀ ସ୍ପୋର୍ଟ୍‌ସ ଶୁ ହଳକ ମାନିବ ନା କାଜୁଆଲ୍

Digitized by srujanika@gmail.com

ସାଣ୍ଡାଲ୍। ପିଉ ରାଏଙ୍କର ଅବଶ୍ୟ ଏସବୁକୁ ଦୃଷ୍ଟି ଯିବ ନାହିଁ ଯେ। ଏଇ ବୟସରେ ବୋଧେ ନୁହେଁ। ପୁଣି ଏତେ ବର୍ଷ ଆମେରିକା ରହଣୀରୁ ଫେରିବା ପରେ। ତା ବୋଲି ଆଦିତ୍ୟ ନିଜ ସନ୍ତୋଷ ମତେ ତିଆର ନ ହେଇ ତାଙ୍କ ପାଖକୁ ଯାଇପାରିବ ଭଲା। ଦିନ ଥିଲା, ତାଙ୍କ ଆଖେପାଖେ ରହିବା ଚିନ୍ତାରେ ହିଁ କୃତକୃତ୍ୟ ହୋଇଯାଉଥିଲା ସିଏ।

ଏତେ ବଡ କଲେଜରେ ତାଙ୍କ ଦୃଷ୍ଟିରେ ପଡ଼ିଯିବ ଅବା ବୋଲି ହିଁ ପ୍ରସ୍ତୁତ ହେଇ ବାହାରିବାକୁ ହେଉଥିଲା ତାକୁ ପ୍ରତିଦିନ। କେତେ ହଜ ବା ଜାମା ଜୋତା ଥାଏ ସେତେବେଳେ ତା ପାଖେ? ହେଲେ କିଛି ଗୋଟାଏ ପିନ୍ଧିଲା କ୍ଷଣି, ଦର୍ପଣରେ ନିଜ ଛବି ଦେଖିଲାକ୍ଷଣି ସେ ତାଙ୍କରି ଦୃଷ୍ଟି ବାରି ପାରୁଥିଲା ନିଜ ଉପରେ।

ସୁଜାତ କହୁଥିଲେ ନିଜକୁ, ଛାଡ, କାଇଁ ତା କଥା ଭାବି ଧନ୍ଦି ହେବି ଆଉ? କୋଉ ମୋ ନିଜ ଆପଣାର ଲୋକ ନାହାନ୍ତି। ଖାଲି ଶେଷ ଯାକେ ଯା ବୋଝ ବୋହିବା ଯାହା ମୋ ଭାଗ୍ୟରେ ଲେଖାଅଛି। କରୁ ସେ ତା'ର ଯାହା କରୁଚି, ଯାଉ ତା ବାଟରେ। ଶାଶୁ ଥାଉ ଥାଉ ବାହା କରି ଦେଇଥାନ୍ତେ ଯଦି, ତାଙ୍କ କଥା ସେ ମାନି ଥାଆନ୍ତା। ବଳେ ବାଟକୁ ଆସିଥାନ୍ତା ଘରସଂସାରଟିଏର ଦାୟିତ୍ୱ ଉପରେ ପଡ଼ିଥିଲେ। କୋଉ ଝିଅଟାଏ ହେଲେ ଜୁଟିଥାଆନ୍ତା ବିଭାହେବା ଯାକେ କଥା ଗଲାଭଳି। କେମିତି କେଜାଣି ଗୋଟିଏ ହେଲେ ଝିଅ ଠିକିଲେ ନାହିଁ ତା ଜୀବନଯାକ। କାଇଁକି ଭଲା ଠିକିବ ଯେ କୋଉ ବୁଦ୍ଧି ଶୁଦ୍ଧି ଥିଲା ଝିଅ? ରୂପଭେକ ଦେଖି ପାଖକୁ ଚାଲିଆସିବା, ଦି ଚାରିଦିନ ହେଁ ହେଁ ଫେଁ ଫେଁ ହେବା ସହଜ ସିନା। ସବୁ ବଳେ ଫସର ଫାଟିଯାଏ ବାହାରୁ ଜାକଜମକ ଦିଶୁଥିବା ଏ ରଇସ ଖୋଳର ପୋଲାଟା ଦେଖିଦେଲା କ୍ଷଣି।

ଆଦିତ୍ୟ ପଚିଶ ବର୍ଷ ତଳର କଥା ଭାବୁଥିଲା, ତା କଲେଜ ଜୀବନର କଥା। ରଇସ୍ ଯୁବକର ରୋଲ୍ କରୁଥାଏ ସେ ସେତେବେଳେ; କାରଣ ତାଠୁ ସେ ରୋଲ୍‌ଟି ଅପେକ୍ଷିତ ବୋଲି ସେ ବୁଝିଥାଏ। ହିଟ୍ ଫିଲ୍ମ ହୀରୋର ପ୍ରତିଛବିଟିଏ ଆଖପାଖରେ ଦେଖାଗଲେ ଭଲଲାଗେ ଲୋକଙ୍କୁ, ମହାନଗର ହେଉ କି ସାନ ସହର ହେଉ। ଚନ୍ଦ୍ରକୁ ହାତ ବଢ଼ାଉଥିବା ଲୋକେ ତ ସଭିଏଁ ଏକାଭଳି, ବାମନ କଣ ଡେଙ୍ଗା ଲୋକ କଣ। ପୁରୁଣା ଖୋଲା ଜିପ୍‌ଟାଏ ସେ ଚଢ଼େ, ବାଁ ହାତରେ ଷ୍ଟିଅରିଂ ଡାହାଣ ହାତରେ ସିଗ୍ରେଟ୍, ବେକ ପଛରେ ସାର୍ଟ କଲର୍ ଠିଆ। କଲେଜ ଗେଟ୍ ଦେଇ ଭିତରକୁ ପଶିଗଲା ବେଳକୁ ମୁହଁ ଯାକ ତାଆରି ଆଡେ ବୁଲିଯାଏ, ଯେତେକ ମୁହଁପୋତା ପାଠୁଆ ପିଲା, ମୋଟା ଚଷମା ଓଠ ଚିପା ମାଷ୍ଟ୍ର, ବେଣୀ ଦୋହଲାଇ ଛାତି ଡେରିଥିବା ଝିଅ, ସମସ୍ତଙ୍କ ଆଖି ଯାକ ଛାଟିଯାଉଥାଏ ଖରାଦିନିଆ ବର୍ଷା ଟୋପା ପରି ଆଦିତ୍ୟ ଉପରେ। ଆଉ ଥାଆନ୍ତି ପିଉ ରାଏ, ଇଂରାଜୀ ଅଧାପିକା।

Digitized by srujanika@gmail.com

ମନେପଡୁଚି ଆଜି, ଏମିତି ତରତର ହାତରେ ଫିତା ବାନ୍ଧୁଥିଲା ସେ ତା କାନ୍‌ଭାସ୍ ଜୋତାର। ଶସ୍ତା, ଧଳା ପତଳା କାନ୍‌ଭାସ୍ ଜୋତା। ଖେଳ ସାରି ଆସିଲା ବେଳକୁ ମାଟି କାଦୁଅରେ ତା ରୂପ ଚିହ୍ନି ହେଉନଥାଏ। ସନ୍‌ଲାଇଟ୍ ସାବୁନ ଘଷି ସଫା କରାଯାଏ ତାକୁ, ପୁରୁଣା ଟୁଥ୍‌ବ୍ରସ୍‌ରେ ରଗଡା ହେଇ। ନିଜ ହାତରେ ଧୋଇ ସାର୍ଟ ପ୍ୟାଣ୍ଟ ଇସ୍ତ୍ରୀ ହୁଏ। ଦେଖଣାହାରୀଙ୍କ ଭିତରେ ଥିବେ ସିଏ। ମିସ୍ ପିଉ ରାଏ।

ଆଜି ଦର୍ପଣ ଭିତରେ ବଦଳିଲା ଚେହେରାରୁ ସେ କଳିବାକୁ ଚେଷ୍ଟା କରୁଚି, କେମିତି ଦିଶୁଥିଲା ସେ ସେବେ ଅଧ୍ୟାପିକା ପିଉ ରାଏଙ୍କ ଆଖିକୁ। ନିଜେ କାର୍ ଚଢ଼ିବା ଲୋକ କମ୍ ଥାନ୍ତି, କାର୍ ଚଳାଉଥିବା ନାରୀ କେଜାଣି ଦି ଚାରିଜଣ ଥିଲେ ଥିବେ, ଆଦିତ୍ୟର ମନେନାହିଁ। ସାରା କଲେଜର ଆଖି ଖୋସି ହେଇଯାଏ। କଲେଜ ପୋର୍ଟିକୋରେ କାର୍ ରହେ, କବାଟ ଖୋଲେ, ବାହାରି ଆସନ୍ତି ପିଉ, ସୁନ୍ଦର ଶାଢ଼ୀ ବେଢ଼ିଥାଏ ଦେହରେ ପ୍ରଜାପତିର ପର ଭଳି। ସେଦିନ ପିଅନ୍ ନୁହେଁ, ଟୋକା ଦଳଙ୍କ ଭିତରେ ଆଦିତ୍ୟ ଉପରେ ହିଁ ରହିଯାଇଥିଲା ତାଙ୍କ ଆଖି। ଖୋଲା ବାହୁଟିଏ ଉଠିଯାଇଥିଲା, ଚାବି ଆଙ୍ଗୁଠିରେ ନେଇ, "ଆଦିତ୍ୟ। ଟିକିଏ ମୋତେ ସାହାଯ୍ୟ କରିବ ପ୍ଲିଜ୍.."

ସେଦିନ ହିଁ ନୁହେଁ, ତାପରେ ଅନେକ ଦିନ, ପିଉ ରାଏଙ୍କ ଆସିବାକୁ ଅପେକ୍ଷା କରିଥାଏ ସେ ସେଇଠି ଆଖପାଖରେ। ନିଜ ନାଁ ତାଙ୍କ ମୁହଁରୁ ଶୁଣିବା ପାଇଁ ବାଁରେଇ ହେଉଥାଏ, ତାପରେ ଚାରିଆଡର ଆଖି ଯୋଡାମାନଙ୍କ ତିଆରି ବିଦ୍ୟୁତ୍ କ୍ଷେତ୍ର ଭିତରଟି ଦେଇ ଚାଲିଆସେ ସେ ତାଙ୍କ ପାଖକୁ, କିଛି ନହେଲା ଭଳି, ଯତେକି ଶୂନ୍ୟ ଭିତରେ ଚାଲିଯାଉଚି। ରିହର୍ସାଲ୍ କରିଥାଏ ସେ ମନେମନେ ଦୃଶ୍ୟଟିକୁ, ଦଉଡି ଯିବ ନାଇଁ କେବେ ଡାକ ଶୁଣିଦେଇ, ଅତି ଧୀରେ ବି ଚାଲିବ ନାଇଁ। ହାଲୁକା ପାଦରେ ସହଜ ଗତିରେ ଯିବ ସେ। ତା ପରେ ପ୍ରିୟ ସିନେମା ନାୟକର ପାଲିସ୍ କରା ସ୍ମିତ ଓ ଅଭିବାଦନ, "ଗୁଡ୍ ମର୍ଣ୍ଣିଂ ମାଡ଼ାମ୍।"

ପିଉ କହନ୍ତି, "ଗାଡ଼ିଟା ଟିକେ ପାର୍କ କରିଦେବ ଆଦିତ୍ୟ, ଏତେ ସାଇକଲ୍ ଭୀଡ ନା.."

ଆଦିତ୍ୟ ପରଫ୍ୟୁମ୍‌ରୁ ଗୋଟିଏ ବାଛୁବାଛୁ ଭାବୁଚି, କଣ ଭାବୁଥିବ ସେଇ ନାରୀଟି ତାକୁ ନେଇ, ତା'ର ଯେତେବେଳେ ସାରା ସ୍ଥିତି ପିଉମୟ ହେଇଯାଇଥିଲା? କେବେ ହେଲେ ଠିକ୍ ଜାଣିପାରୁନଥିଲା ବିଚରା ଆଦିତ୍ୟ। ତାଙ୍କ ସେ ମିଠା ଡାକରେ ନୁହେଁ, ତା କ୍ରିକେଟ୍ ମ୍ୟାଚ୍ ଚାଲିଥିଲା ବେଳେ ଛାଉଣୀ ତଳର ଅତିଥି ଦର୍ଶକଙ୍କ ଭିତରେ ବସି ପିଉ ତାଳି ବଜାଇଲା ବେଳେ ବି ନୁହେଁ। ମ୍ୟାଚ୍ ମଝିଟାରେ ଆଖି

Digitized by srujanika@gmail.com

ବୋଲ ନମାନି ଚାଲିଯାଏ ବାରମ୍ବାର ସେ ଛାଉଣୀ ତଳ ଚଉକି ମାନଙ୍କ ଆଡକୁ । ବଲ୍‌ଟାଏ ଉଠିଆସୁଥାଏ ଆକାଶରେ ଚାପ କାଟି ତାଆରି ଆଡକୁ, "କ୍ୟାଚ୍ ଆଦିତ୍ୟ"- ଶୁଭେ ଆରପାଖ ଭିତରୁ। ବଲ୍‌ଟା ଚାଲିଯାଏ ହାତ ପାଖ ଦେଇ, ଯାଏ ଚାଲି, ବାଉଣ୍ଡାରୀ ଡେଇଁଯାଏ।

କଣ ଭାବୁଥାନ୍ତି ପିଉ, ପରଦିନ ଯେତେବେଳେ କହନ୍ତି ତାକୁ, "ଭଲ ଖେଳୁଚ ତମେ ଆଦିତ୍ୟ। ଏଥର ପଢ଼ାପଢ଼ିରେ ବି ଟିକେ ମନ ଦିଅ।" ଏତିକି ଜାଣିପାରେ ସେ ନିଶ୍ଚୟ ବୋଲି, ଯେ ଆଦିତ୍ୟ କଥା ସେ ମନେରଖିଥାନ୍ତି, ତା ଭଲମନ୍ଦ କଥା ଭାବନ୍ତି। ହେଲେ ଭାବୁଥାନ୍ତି କି ?

ଭିତରୁ ଭାସିଆସିଲା ପରଫ୍ୟୁମ୍‌ର ମହକ। ସୁଜାତା ଭାବିଲା, କିଏ ମ ଏଥର ? କେହି ତ ଦିଶୁନାହାନ୍ତି କାଇଁ ଆଖପାଖରେ। ସତରେ କଣ ପିଉ ରାଏ, ଯିଏ ଫେରିଆସିଚି ଏବେ କାଳେ ଦିଇ ଦିଇଟା ବାହାହେଇ, ଘର ସଂସାର ସାରିଦେଇ, ଶେଷ ଜୀବନ କାଟିବ ବୋଲି ନିଜ ଲୋକଙ୍କ ପାଖରେ ବୋଲି। ସୁଜାତା ସାଙ୍ଗେ ପଢ଼ିଥିଲା କଲେଜରେ, କୋଉ ଯୁଗର କଥା, ସେଇ ଆଦିତ୍ୟକୁ କଲେଜରେ ପାଠ ପଢ଼ାଉଥିଲା। ସେଇ ପୁଣି ଆସିଚି ଫେରି ଆଦିତ୍ୟ ଜୀବନକୁ ? ଫେରି ମାନେ ସତରେ କେବେ ଥିଲା ନ କ'ଣ ? କେତେ ହେବଣି ତା ବୟସ ? ପଚାଶ ପଞ୍ଚାବନ ? ନାଇଁମ, ଷାଠିଏ ପାରିହେବଣି ପରା। ହସିବ ନା କାନ୍ଦିବ ମଣିଷ।

ସୁଜାତା ନିଜକୁ ଆକଟି ବସିଲା ଏଥର। ମୋତେ ବୟସ ଘାରିଲାଣି ନିଷ୍ଚେ, ଏଭଳି ଭାବି ପାରୁଚି ଯାହା। ଆଦିତ୍ୟ ମୋ ଶତ୍ରୁ ନୁହେଁ, ନ ହେଉ ପଛେ ପୁଅ ପରି। ରାଗ ରୋଷ ଆସିଥାଉ ପଛକେ ଅନେକ ଥର, ଘରୁ ବାହାରିଯାଉ ସେ, ଭିନେ ରୋଷେଇ ହେଉ ବୋଲି ବି କେତେଥର ପାଞ୍ଚି ପାରିଥାଏଁ। ତଥାପି ଆଖି ଆଗରେ ବଢ଼ିଚି ତ, ଅଧାଅଧି ହେଉ ବା ଚଉଠେ ହେଉ ପାଳିଚି ନାଳିଚି ତାକୁ। ଆଉ ଯାହା ହେଉ ପଛକେ, ଆଦିତ୍ୟର ଅମଙ୍ଗଳ ତ ପାଞ୍ଚିନାଇଁ ମୁଁ କେବେ।

ଦିନଥିଲା ଯେବେ କାହାରି ଆଖିକୁ କିଛି ଦିଶୁ ନଥିଲା, କେବଳ ସୁଜାତା ହିଁ ଧରିପାରିଥିଲା ଠିକ୍। ଆଉ ଦୁଃଖ ଲାଗିଥିଲା ଆଦିତ୍ୟ ଲାଗି। ଅଠର ଉଣେଇଶ ବର୍ଷର ହୁଣ୍ଡା ଟୋକାଟି ଲାଗି। ଯେ କାଇଁକି ଖେଳୁଚି ପିଉ ପିଲାଟା ସାଙ୍ଗରେ। ବାହା ହେଇନାଇଁ କାହିଁକି ଏଯାଏଁ ଭଗବାନଙ୍କୁ ଜଣା, ତା ବୋଲି ଛଟକ ଦେଖାଇ ମୋହିବାକୁ କଣ ଆଉ ଲୋକ ମିଳିଲେନି, ପୋଖତ ବୟସର ବୁଦ୍ଧିଶୁଦ୍ଧି ଥିବା ମଣିଷ ଦିଶିଲେନି ତାକୁ କେହି ? ସ୍ତ୍ରୀ ଲୋକ ହେଇ ଏତେ ନିଷ୍ଠୁର। ଶେଷକୁ ସମ୍ଭାଳି ନ ପାରି

Digitized by srujanika@gmail.com

ସୁଜାତା ଶାଶୁଙ୍କୁ କହିଥିଲା। ସେ କିନ୍ତୁ କଥାଟିକି ଉଡେଇ ଦେଲେ ନାପସନ୍ଦରେ ନାକଟେକି। ଓଲଟି କହିଲେ, 'ଯେତେକ ଅଳିଆ ଆବର୍ଜନା ଇଆରି ମୁଣ୍ଡରେ। ଆଉ କାହା ମୁଣ୍ଡକୁ ପଶିବ ଭଲା ଏମିତି ଅଜବ କଥା। ସାଇ ପଡ଼ିଶାରେ ଅବଶ୍ୟ ସାଙ୍ଗ ବୟସର ଝିଅ ଅଛନ୍ତି ତା ଆଖପାଖରେ, ମାଆ ଆଖିରୁ ସେକଥା ବାଦ୍ ଯାଇନି, ପୁଅର ହାବଭାବ ବି ନୁହେଁ। ଏ ଟୋକା ବି କମ୍ ନୁହେଁ, ସାଙ୍ଗ ପିଲାଙ୍କୁ ଦେଖେଇ ହେଉଥିବ, ଦେଖ ମୁଁ ପିଉ ମାଡାମ୍‌ଙ୍କୁ ଜାଣେ, ସେ ମୋତେ ତାଙ୍କ ଗାଡ଼ିରେ ବୁଲେଇନିଅନ୍ତି। ସେ ଉତ୍ପାତିଆ ମାଇପିଟି ବି ଏଇ ଗୁଣରୁ ଦରବୁଢ଼ୀ ହେଲାଣି, ବାହାହେଇ ପାରୁନି।'

ଆଲୋକ ତ ହୋ ହୋ ହସି ଅସମ୍ଭାଳ ହେଇଗଲେ, ସେ ସବୁଦିନେ ତାରିଫ କରନ୍ତି ନିଜ ସ୍ତ୍ରୀଙ୍କ ପାରିଲା ପଣିଆକୁ, ଘରଣୀପଣର ତୀକ୍ଷ୍ଣ ଦୃଷ୍ଟି, କଡା ଶାସନକୁ। ତା ବୋଲି ଏତେ ଦୂରଯାଏଁ ଅନେଇ ଅର୍ଥ କାଢ଼ିବା? ନାଇଁ ସୁଜାତା, ରିଲାକ୍ସ କର। ପିଉ ରାଏ କିଛି ଏମିତି ସେମିତି ଘର ଝିଅ ନୁହନ୍ତି, ତାଙ୍କୁ କଣ ନିଜ ମାନ ସମ୍ମାନର ଚିନ୍ତା ନାହିଁ? ଏମିତି କିଏ କି ଆମ ଆଦିତ୍ୟ କି ତା ପରିବାର, ତାଙ୍କୁ ଚାହିଁଲେ?

ତାପରେ ଯେତେବେଳେ ପିଉ ବାହାହେଇ ବିଦେଶ ଚାଲିଗଲା, ସେ ଦିନ ସବୁ ଆଦିତ୍ୟର କେମିତି କଟିଥିଲା, ଆଉ କାହାକୁ ନଦିଶୁ, ସୁଜାତାକୁ ଦିଶୁଥିଲା। ପିଲାଟି ଝାଞ୍ଜି ପବନରେ ଝାଉଁଳିଗଲା ସତେକି। ମୁହଁରେ ହସ ନଥାଏ, ଆଖି ଶୂନ୍ୟରେ ହଜିଗଲା ଭଳି।

ନିଜ ଦେହରୁ ମହକ ଖେଳାଇ ଦେଇ ବୟସ୍କ ଆଦିତ୍ୟ ଦର୍ପଣ ଆଗରେ ପାଦ ପକାଇଲା ଡାନ୍‌ସ୍ ତାଳରେ, ସେଇ ଯୁବା ବୟସରେ ଦଳକ ଯାକ ଟୋକାଙ୍କ ସାଙ୍ଗେ ରେକର୍ଡ ବଜାଇ ଯାହା ପ୍ରକ୍ଟିସ୍ କରାଯାଉଥିଲା। କ୍ରିସ୍‌ମାସ ଛୁଟିରେ ଦୂର ସ୍କୁଲ୍ ହଷ୍ଟେଲରୁ ଫେରିଥିବା ସନ୍ଦୀପର ସବୁ ଆତ୍ମବଡ଼ିମାକୁ ମୁଣ୍ଡପାତି ନେଇଥାନ୍ତି ଅନ୍ୟମାନେ, ଟୋକା ଦିଜଣ ଲେଖାଁ ପୁଅ ଝିଅ ଯୋଡ଼ିର ଅଭିନୟ କରୁଥାନ୍ତି। ସନ୍ଦୀପ କହେ, "ହେତ୍, ଅଣ୍ଟାକୁ ସେମିତି ଜାବୁଡ଼ି ଧରାଯାଏନି, ଝିଅମାନେ ଅଭଦ୍ରମୀ ବୋଲି ଭାବନ୍ତି, ହେଇଟି ଦେଖ ଏମିତି, ଛୁଇଁ ନ ଛୁଇଁଲା ଭଳି।"

ତାପରେ ନିଉ ଇଅର ଇଭ୍‌ର ସେଦିନ। ସହରର ବଡ଼ବଡ଼ିଆ ଲୋକ କ୍ଲବରେ ନୂଆ ବର୍ଷ ସନ୍ଧ୍ୟା ଉତ୍ସବରେ ନାଚିବାର ପେଖନା କରନ୍ତି ସିନା, କାଁ ଭାଁ କାହାକୁ ଭଲରେ ନାଚି ଆସେ ବିଦେଶୀ ମ୍ୟୁଜିକ୍ ସାଙ୍ଗରେ, ତା' ପୁଣି ଚଟାଣ ଉପରେ ସଙ୍ଗୀଟିଏ ନେଇ ହାଲୁକାରେ ପାଦ ପକେଇ ପକେଇ ଏପାଖୁ ସେପାଖ। ସେଇଠି

Digitized by srujanika@gmail.com

ବାଜି ପଡି ଗଲା ଟୋକା ଦଳଙ୍କ ସାଙ୍ଗରେ, ଆଦିତ୍ୟ ମିସ୍ ରାୟଙ୍କ ପାଖକୁ ଚାଲି ଯାଇଥିଲା ମଚ୍ ମଚ୍ ଅମୁକ ସିନେମାର ନାୟକର ଅନୁକରଣରେ, ଆଉ ଡାକିଥିଲା ଫ୍ଲୋରକୁ । ତାପରେ ସତକୁ ସତ ସ୍ୱପ୍ନ ସାକାର । ପଞ୍ଜରା ଦେହରେ ଧାଇଁ ଧାଇଁ ବାଡ଼େଇ ହେଉଥାଏ ଛାତି । କିନ୍ତୁ ଭୁଲି ନଥାଏ କିଛି ଶିଖିଥିଲା ନାଚର ପାଠ । କଣେଇ ଦେଖୁଥାଏ, ଅନ୍ୟ ଟୋକା ଦଳଙ୍କ ଭିତରେ ଖୋଦ୍ ସନ୍ଦୀପର ପାଟି ମେଲା ହେଇଯାଇଥାଏ ।

ପରଦିନ ପୁଣି ସାଙ୍ଗମାନେ ଏକ ଜୁଟ ହୋଇଯାଇଥିଲେ । ବାଜି ଜିତିଲେ କଣ ହେଲା, ଆଦିତ୍ୟକୁ ପିଲା ଭାବି ମିସ୍ ରାଏ ମଜା ଦେଖୁଥିଲେ । ଗୁଡ଼େଇ ଦୁଡ଼େଇ ହେଇ ଅତିଷ୍ଠ କରିପକାଏ ଆଦିତ୍ୟକୁ ସେ ପ୍ରଶ୍ନଟି, କଣ ସତରେ ଭାବନ୍ତି ତା' ବିଷୟରେ ପିଉ ରାଏ ? ଏତିକିରେ ନୁହେଁ, ଯାପରେ ଆଉ କିଛି ହେଲେ ଯାଇ ସେ ଉତ୍ତର ପାଇବ ।

ଚା କପ୍‌ଟା ଥଣ୍ଡା ହେଇଗଲା ପଛକେ, ଆଦିତ୍ୟର ବେଶ ସରୁନି । ଦେଖିବା ଆପେ କହୁଚି କିଛି ନା ସୁଜାତାକୁ ରୋକ୍‌ଠୋକ୍ ପଚାରିବାକୁ ହେବ । କି ଢଙ୍ଗ ଏ ? ଏ ବୟସରେ ଏମିତି ଖିଆପିଆ ଭୁଲିଯାଉଚି । ଗଲା ବର୍ଷ ତ ଏମିତି ପଡ଼ିଲା ଯେ ମରୁମରୁ ବଞ୍ଚିଥିଲା । ସେଥର ବ୍ୟବସାୟଟା ବୁଡ଼ିଯିବାପରେ ବର୍ଷେକାଳ ଘରୁ ବାହାରିନଥିଲା । ମଦ ପିଇଲା ନିର୍ଘୁମ । ଅଧା ହୋସ୍‌ରେ ରହିଲା ରାତି ଦିନ, ଶେଷରେ ଡାକ୍ତରଖାନାରେ ପଡ଼ିଲା ଦି ମାସ କାଳ । ଭାଇ ଭଉଣୀ ସଭିଏଁ କାମଧନ୍ଦା ଛାଡ଼ି ଧାଇଁ ଆସିଲେ, ସବାସାନ ବିଗିଡା ଭାଇଟିର ସେବା ସୁଶ୍ରୁଷା, ଗେହ୍ଲା କଲେ । ବାବୁ ଭଲ ହେଇ ଫେରିଲା ପରେ ସଭିଙ୍କଠୁ ଚାନ୍ଦା ନେଇ ପୁଣି ଆରମ୍ଭ ହେଲା ଏ ଫୁଲ ବଗିଚା, ଚାରା ଗଛର ବେଉସା । ତାକୁ କେବେ କଣ ଖିଆଲ ଆସିନି, ଯେ ନିଜ ପିଲାଙ୍କର ବି ଏତେ ସେବା ଯତ୍ନ କରିନି ସୁଜାତା, ସେମାନେ କୋଳରେ ଥିଲାବେଳେ ବି ନୁହେଁ । ଶାଶୁ ଥିବାଯାକେ ତ ଜବରଦସ୍ତି ଆଦାୟ କରାଯାଉଥିଲା ତାଠାରୁ ସେବା । ବୋହୂ, ଆଦୁ ଖାଇଲାଣି ? ଆଦୁ ଚା ପିଇଲାଣି ? ଆଦୁର ଜାମାପଟା ପଡ଼ିଚି ଗାଧୁଆଘରେ କାଲିଠୁ, ଧୋଇଦେଲୁନି । ଜବାବ ଦିଏ ସୁଜାତା । ହେଲେ ଆଦିତ୍ୟ ଉପରେ ଏସବୁର ବିଶେଷ କିଛି ପ୍ରଭାବ ପଡେନାଇଁ । ଘମାଘୋଟ କଳି ତକରାଳ ପରେ ବି ବାହାରୁ ଘେରାଏ ବୁଲି ଆସିଲା ପରେ ଯେଉଁ କଥାକୁ ସେଇ କଥା ତାର । ଏବେ ଆଉ ତାକୁ ଛଳ କରି ଲାଭ କଣ । ଆଲୋକ ଫେରନ୍ତୁ ତାଙ୍କୁଇ କହିବ ଆଦିତ୍ୟର ଏ ନୂଆ ଢ଼ଙ୍ଗ କଥା । ସେ ପଛକେ କିଛି ଉତ୍ତର ନଦେଇ ଚୁପ୍‌ଚାପ୍

Digitized by srujanika@gmail.com

ଶୁଣିଯାନ୍ତୁ, ଅଥବା ଓଠର ପାପୁଲି ଦେଇ ହସ ଲୁଚାନ୍ତୁ । କ'ଣ ଯାଏ ଆସେ ତାଙ୍କ ଭାବିବାରେ ?

ତିନିଟି ଏକୁଟିଆ ଥୁଣ୍ଟା ଗଛ ତ ସେମାନେ, ଯେଝା ଜାଗାରେ ଯିଏ । କଦବା କେବେ ପବନ ଝଙ୍କାରେ ଏକ ଆରେକକୁ ଆଉଁସି ଦେବା କଥା । ତେବେ ଆଲୋକ ଥାଆନ୍ତି ସବୁରି ଅପହଞ୍ଚରେ । ପବନରେ ବି ବେଶୀ ଦୋହଲେ ନାହିଁ ସେ ଡ଼ାଳ । ଆଦିତ୍ୟ ଲହଲହକା ଦୁର୍ବଳ ଡାଳ, କମ୍‌ଜୋର ଦେହ । ଝଡଟିଏ ଉଠାଇଲା କ୍ଷଣି ହାତ ବଢ଼ିଯାଏ ଆପେ ସମ୍ଭାଳି ଦେବାକୁ ।

ଆମେ ତିହ୍ନିଏଁ । ଏକୁଟିଆ ତଥାପି ଏକାଠି । ଡରିବାର କିଛି ନାହିଁ ଆଉ । ଚୁପ୍‌ଚାପ୍ ଥିଲେ ନୁହେଁ କି ରୋକ୍‌ଠୋକ୍ କଥାରେ ନୁହେଁ ।

ସୁଜାତାଙ୍କ ଡାକ କାନରେ ବାଜିଲା, ପାଦ ବନ୍ଦ କରି ପଛକୁ ବୁଲି ଚାହିଁଲା ଆଦିତ୍ୟ । ତାଳ ସାଙ୍ଗେ ପାଦ ଆଉ ପଡୁନାହିଁ ବି ସହଜରେ, ଗତଥର ଦେହ ଖରାପ ପରଠୁ ଦେହଟା ଆଗଭଳି ଆଉ ଶକ୍ତ ନାହିଁ । ନିଶ୍ୱାସ ଚାପି ଧରିଲେ ବି ପେଟଟି ଅବାଗିଆ ଦିଶୁଚି । କଣ ଭାବୁଚନ୍ତି ପିଉ ରାଏ ଏ ମଧ୍ୟବୟସ୍କ ଆଦିତ୍ୟ ବିଷୟରେ ? କଣ ବା ଭାବୁଚି ଆଦିତ୍ୟ ନିଜେ ସେଇ ବୟସର ନାରୀଟିକୁ ନେଇ ? ପିଉ ତା ଜୀବନରୁ ଗଲାପରେ କେତେ ତ ଆହୁରି ଆସିଚନ୍ତି ତା ଜୀବନକୁ, ଏଗୁଣ୍ଠି ବନ୍ଧରୁ ଭିତର ଗମ୍ଭିରୀ ଯାକେ । ହେଲେ ସେଇଠି ରହିଗଲା ତାଙ୍କ ଛବି । ନା ଲିଭିଲା ନା ସଶରୀର ହେଲା । ମେଘୁଆ ଚିତ୍ରଟିଏ ହେଇ ଲୁବ୍‌ଧ କଲା ସେ ଛବି କଅଁଳ ବୟସ ତମାମ୍ । ଆଉ କଥାମାନ ଘଟିଗଲା ସିନା, ଆଦିତ୍ୟକୁ ଉତ୍ତର ମିଳିଲା ନାହିଁ କେବେବି । ତାଙ୍କ ସାଙ୍ଗେ କଲେଜ ପଛ ପାଖ ସର୍ଟ୍‌କଟ୍ ବାଟଦେଇ ଏକାଠି ଚାଲିଲା ବେଳେ ନୁହେଁ, ଘରେ ଛାଡିଦେବା ନାଁରେ ତାଙ୍କ କାର୍‌ରେ ସହର ପାଖ ବଣ ଆଡୁ ଘେରାଏ ବୁଲି ଆସିବା ବାଟରେ ନୁହେଁ, ଅବଶେଷରେ ସେଦିନ ବି ନୁହେଁ, ଯେଉଁଦିନ ପିଉ ତାକୁ ନିଜ ଘରକୁ ଡାକିଥିଲେ ।

"ଏଥରକ ଆସିଲି ଭାଉଜ" ବୋଲି କହି ସକାଳୁ ଲାଗିଥିବା କାଗଜ ପତ୍ର ଗୋଛାରୁ ବାଛି ପକାଇଲା ଆଦିତ୍ୟ ଅଲଗା କରିଥିବା କଳଙ୍କି କ୍ଲିପ୍ ଲଗା କେତେ ପୃଷ୍ଠା । ସେଦିନ ପିଉ ରାଏ ତାଙ୍କ ଉପର ମହଲା ଘରେ ସାମ୍ନା ଚଉକୀରେ ବସେଇ ତଲତ୍ ମହମୁଦ୍‌ର ପୁରୁଣା ରେକର୍ଡ଼ ଲଗାଇଥିଲେ, ଆଉ ଗଜଲ ଶୁଣୁ ଶୁଣୁ ତାଙ୍କ ଆଖି ଭରି ଯାଇ ଉଛୁଳି ଯାଇଥିଲା । ପୁଣି ତାକୁ ସେ ଶୁଣାଇ ବସିଲେ ତାଙ୍କ ଜୀବନର ଦୁଃଖ କଥା । ଅତି ନିଭୃତ ଗୋପନ ଦୁଃଖ ତାଙ୍କର ।

Digitized by srujanika@gmail.com

ସେ ବୁଝିପାରୁଥିଲେ କି ନାହିଁ କେଜାଣି, ଆଦିତ୍ୟ ତାଙ୍କ କଥାର ଆଦିଅନ୍ତ କିଛି ପାଉନାହିଁ ବୋଲି । ଏଠୁ ସେଠୁ ଚେନାଏଁ ଲେଖାଁ ଶୁଣି ସିଏ କେବଳ ପିଉଙ୍କ ମୁହଁକୁ ଓଠକୁ, ନରମ ଆଙ୍ଗୁଠିର ଭଙ୍ଗୀକୁ, ହାଲୁକା ଶାଢ଼ୀରେ ଗୁଡେଇ ହେଇଥିବା ତାଙ୍କ ଦେହକୁ ଅନେଇଚି ବୋଲି। ସେ ସତରେ ତାଙ୍କୁ ଦଗା ଦେଇ ଛାଡି ଚାଲିଯାଇଥିବା ପ୍ରିୟର କଥା ହିଁ ଭାବୁଥିଲେ, ନା ସାମ୍ନାରେ ବସିଥିବା ମୋହିତ କିଶୋରଟିଏକୁ ପ୍ରେମ କାହାଣୀଟିଏ ଶୁଣାଉଥିଲେ ? ଆଦିତ୍ୟ କେବେହେଁ ଜାଣିପାରିଲା ନାହିଁ ।

ଶୁଣୁ ଶୁଣୁ ଆଦିତ୍ୟର ଛାତି ଜମାଟ ବାନ୍ଧିଯାଉଥିଲା ଯେତେବେଳେ ପିଉ ଥରକୁ ଥର ରୁମାଲ୍‌ରେ ଆଖି ନାକ ପୋଛିଲେ ଓ ତାଙ୍କ କଅଁଳ ନାକଟି ପୁରା ଲାଲ୍ ପଡ଼ିଗଲା । ଆଦିତ୍ୟର ଆଖି ବାମ୍ପ ଭିତରୁ କିଛି ଦେଖି ପାରିଲା ନାହିଁ । କଣ ସେତେବେଳେ ଲାଗୁଥିଲା ତାକୁ କେଜାଣେ ? ଆଣ୍ଠେଇ ପଡ଼ି ତାଙ୍କ ସାନ ଦେହଟିକୁ କୋଳେଇ ନେଇଥିଲା ବେଳର କଥାହିଁ ତାର ମନେଅଛି । କେବଳ ମନେଅଛି ନୁହେଁ, ଜୀବନରେ ଏତେ ଦିନ ଚାଲି ଆସିଲା ବାଟରେ ଯେତେଥର ସେ ସୁଖାନୁଭୂତିର ପାଖାପାଖି ହେଇଚି, ଅତୀବ ପୂର୍ଣ୍ଣତାର ପାହାଚରେ ପାଦ ଦେବା ମାତ୍ରେ ପୁଣି ସେଇ ବେଳଟିର ଭିତର ଦେଇହିଁ ଯାଇଚି ସେ, ଛୁଇଁଚି କଅଁଳ ନାଲି ମୁହଁଟିଏ ।

ଆଦିତ୍ୟ ଏଥରକ ଭିତରୁ ବାହାରିଲା, ଟେବୁଲରୁ ଚା କପ୍‌ଟା ନେଇ କହିଲା, "ଯାଃ, ଥଣ୍ଡା ହେଇଗଲା ଏକ୍‌ଦମ୍" । ସୁଜାତାଙ୍କୁ ପଛ କରି ରୋଷେଇ ଘରକୁ ଚାଲି ଯାଉଯାଉ କହିଲା, "ଗରମ କରିଆଣେ, ପିଇଦେଇ ବାହାରିବି ।"

"କୁଆଡେ ବାହାରିଚୁ ଏ ସଞ୍ଜଟାରେ । ନର୍ସରୀକୁ ଯାଆନ୍ତି କଣ ରାତିରେ ?"

ତାଙ୍କୁ ସେମିତି ପିଠିକରି ଆଦିତ୍ୟ ଉତ୍ତର ଦେଲା, "ମିସ୍ ରାଏ ମାଗିଥିଲେ ଗୋଟେ ଫୁଲ ଚାରା, ମାଗ୍ନୋଲିଆ । ମୋ ପାଖେ ଅଛି ବୋଲି ଶୁଣି ଆଶ୍ଚର୍ଯ୍ୟ ହେଇଗଲେ । ତାଙ୍କର ଧାରଣା ଥିଲା ଏଠିକାର ପାଣିପାଗରେ ଉଧାଉନଥିବ ଏ ଗଛ ।"

"ସତରେ ? କି ଗଛ ମ ସେଟା ? ମୋତେ କାହିଁ ଦିନେ ଦେଖେଇନୁ ତ ?"

"ମୋ ନର୍ସରୀକୁ ଆସିଲେ ଦେଖିଥାନ୍ତ । ତମକୁ ତ ନେହୁରା ହେଇ ଡାକିଲେ ବି ମୁହଁ ମୋଡିଦେବ ।"

Digitized by srujanika@gmail.com

"ତା ବୋଲି ଆଜି ଦେବା କି ଦରକାର ? କାଲି ସକାଳୁ ଯାଇ ଦେଇଦେବୁ ।"

"କେତେଦିନୁ ମାଗିଲେଣି ସେ । କାଲି ଭୋର୍‌ରୁ ସେ ଫେରିଯାଉଚନ୍ତି ଏଠୁ ।"

ଆଦିତ୍ୟ ବାହାରିଗଲା । ସୁଜାତା ପଚାରୁଥିଲେ ମନେ ମନେ, କୋଉ ଉପକାର ଭଲା ପିଉ କେବେ ତୋ ଲାଗି କରିଚି । ଯେବେ ସତରେ ଶୁଭାକାଂକ୍ଷୀ ହେଇଥାନ୍ତା, କିଛି ମଙ୍ଗଳ କଣ କରିପାରିନଥାନ୍ତା । ବାଟ ବତେଇଥାନ୍ତା ଅନ୍ତତଃ, ଓଲଟି ଅବାଟ ଦେଖାଇଦେଲା । ଆଜି ପୁଣି କଣ ଦେଖୁଚି ପିଉ ଯାଠି । ବିଦେଶିନୀ, ସମ୍ପନ୍ନ ପିଉ । ସବୁ ଆଡୁ ହାରିଯାଇଥିବା ଥକା ଲୋକଟାକୁ କିଛି ସାହାଯ୍ୟ ଦେବାକୁ ଚାହେଁ କି ସେ ? ନା ନିଜେ ନିଆଶ୍ରୀ ହୋଇ ଫେରି ଆସିଚି ସତରେ ? ଅବା ନିରିମାଖୀ ନାରୀର ରୋଲ୍‌ରେ ଏଥର ମୋହୁଚି ପୁଣି ତାର ପୁରୁଣା ଭକ୍ତକୁ ?

ପୁଣି ସୁଜାତା ବାନ୍ଧି ହେଇ ପଡ଼ିଲା ଗୋଟିପଣେ ଆଉରି ହାବୁକାଏ ଚିନ୍ତାରେ । ବିଜୁଳି ଭଳି ବିନ୍ଧି ଯାଉଚି ତା ମନରେ । ଯେ ଦିନ ବି ଆସିଚି, ଯେବେ ସେ ଆପଣାର ମଣିଚି ଆଦିତ୍ୟକୁ । ଅତି ଆପଣାର । ହେଲା ବା ସେଭଳି ଭାବ ବି ବେଶୀଦିନ ରହିନାଇଁ, ଆସିଚି ଯାଇଚି । ସଂସାର ଚାପାରେ ପଡ଼ିଲେ, ଏକୁଟିଆ ଖାଁ ଖାଁ ପଣ ଘେରିଗଲେ ମଣିଷ ତ ଆଶ୍ରା କରିପକାଏ ପାଖରେ ଯାହାକୁ ପାଏ । ହେଲେ ଏ ମୂର୍ଖ କୁଳାଙ୍ଗାର ପାଖେ କୋଉ କଥା ସ୍ଥିର ହେଇ ରହିବା ଯୋଗ୍ୟ ଅଛି ଯେ ପୃଥିବୀରେ ? ମାନରୋଷ ବି ନୁହେଁ, ରାଗ ଧିକ୍‌କାର ବି ନୁହେଁ ।

ଭାରୀ ମୁଣ୍ଡର ଓଜନ ଚଉକୀ ପଛରେ ରଖି ଆଖି ବୁଜିଦେଲା । ପିଲାଦିନ ଅଗଣାର ଅଗସ୍ତି ଗଛଟି ଦିଶିଗଲା କାଇଁକି । ଜାଗା ଆବୋରି ଠିଆ ହେଇଥିବ, ପତ୍ର ଝାଡୁଥିବ ଅଳିଆ କରୁଥିବ, ଫୁଲ ଫୁଟୁଥିବ ନିଜ ଇଛା ମତେ ।

ଆଦିତ୍ୟ ତାର ପୁରୁଣା ରଙ୍ଗଛଡା ସ୍କୁଟରଟି ନେଇ ଯେତେବେଳେ ଚିହ୍ନା ରାସ୍ତା ଘାଟ ଦେଇ ଚାଲିଲା, ମୁହଁ ଉପରେ ବାଡେଇହେଲା ସାଇଁ ସାଇଁ ପବନ, ଉଡେଇ ନେଲା କେତେ ପୁରୁଣା କଥା, ଆଉରି କିଛି ପୁଣି ଉଖାରି ପକାଇଲା । ଏତେଦିନ ପରେ ପିଉର ଚେହେରା କେତେ ବଦଳି ଯାଇଚି । ପ୍ରଥମେ ସେଦିନ ଦେଖିଦେଇ ଟଟସ୍ଥ ହେଇଯାଇଥିଲା ସେ ସତେକି । ଏକେବାରକେ ହଠାତ୍ । ହେଲେ ଚିହ୍ନିବାକୁ ମିନିଟେ ଲାଗିଲା ନାଇଁ । ବାହାଘର ଭିଡ ଗହଳି ଥାଏ । ନିଜେ ପାଖକୁ ଗଲାପରେ, କଥା କହିଲା ପରେ ଯାଇ ଚିହ୍ନିଲେ ପିଉ, ନା ଜାଣିଶୁଣି ଅଚିହ୍ନା ବାରିଲେ

Digitized by srujanika@gmail.com

କିଏଜାଣେ । ଭାଇଘରକୁ ଆସିଥିଲେ, ଝିଅାରୀ ବାହାଘର । ଭଲମନ୍ଦ ଦିପଦ ପରେ କେବେ ଦିନେ ଆସ ବୋଲି କହିଲେ, ତାଙ୍କ ଘରକୁ । ହେଲେ ଡ୍ରଇଂ ରୁମ୍‌ରେ ହିଁ ଭେଟିଚନ୍ତି ସେ ଆଦିତ୍ୟକୁ ଗତ କେଇଥର । ନିଜ ଚିନ୍ତାରେ ହସ ମାଡିଲା, କୋଉଠି ଆଉ ଭେଟନ୍ତେ ଯେ ? ଆଗଭଳି ପାଠପଢେଇ ଦେବାକୁ ଡାକନ୍ତେ ଉପର କୋଠରୀକୁ ନା କଣ ? ନିଜକୁ କହିଲା ସେ, ଆରେ ମୂର୍ଖ, ଏଥର ଆଉ ତାଙ୍କ ନିଜ ବଖରା ବି ନଥିବ, ଗେଷ୍ଟ ରୁମ୍‌ଟିରେ ରହୁଥିବେ । ଏବେ କଣ ଆଉ ବା ଥିବ ଯେ ତାଙ୍କଠି ? ତଥାପି ପାଖକୁ ଯିବାକୁ ମନ ଡାକୁଚି । କଣ କହିବ ଏ ଡାକିବାକୁ !

ଏଇକେତେଦିନ ତଳେ କହିଲେ, ଫେରିଯାଉଚନ୍ତି ସେ । ଏଥର ଆମେରିକା ନୁହେଁ, ଦିଲ୍ଲୀରେ ତାଙ୍କ ଫାର୍ମ ହାଉସ୍‌ରେ ରହି ସିଏ ବି ଫୁଲ ବଗିଚା କରିବେ। ସତରେ ନା ଥଟ୍ଟାରେ କହୁଥିଲେ କେଜାଣି । କହିଲେ, "ଆସୁନ ଆଦିତ୍ୟ,ତମେ ମୁଁ ଦୁହେଁ ମିଶି ନର୍ସରୀଟାଏ କରିବା ସେଠି । ଭଲ ଫୁଲ ହେଲେ ବିଦେଶକୁ ପଠାଇ ବେପାର କରିବା ।" ଆଦିତ୍ୟ କହିଲା, "ଆପଣ ଆରମ୍ଭ କରିବେ ଯଦି, ଯେବେ ଡାକିଲେ ମୁଁ ରାଜି ।" ସେ ହସି ଉତ୍ତର ଦେଲେ, "ମୁଁ କଣ ଜାଣେ ଗଛ ପତ୍ର ବିଷୟରେ ? ତମେ ଆସୁନ ବାହାରି, କି ଝଂଝାଳ ଯେ ତମର ?"

ଆଦିତ୍ୟ ନାହିଁ କରିପାରୁ ନଥିଲା ଏ ଚିହ୍ନା ଆପଣାପଣକୁ । କହିଲା, "ପହିଲେ ବଗିଚା ଆରମ୍ଭ କରନ୍ତୁ, ମୁଁ ଯୋଗାଇ ଦେବି ଏମିତି ଫୁଲଚାରା ଯେ ଆପଣ କେବେ ଦେଖିନଥିବେ । ହେଲେ ଆପଣଙ୍କ ମନ ଲାଗିଲେ ଯାଇ ମୁଁ ଆସିବି । ନହଲେ ଆପଣଙ୍କୁ କି ଭରସା ?"

ଦୁଃଖ ଲାଗିଥିଲା ପରି ସେ କହିଲେ, "ତମକୁ ଠକିଦେଇ ଚାଲିଯିବି ବୋଲି ଭାବିଚ ?"

ଆଦିତ୍ୟ କହିଲା, "ଭାବିବିନି ? ବ୍ୟବସାୟ କଥା ପରା । ବୁଡିବାକୁ କେତେବେଳ ?"

ପିଉ କିଛି କହିପାରିଲେ ନାହିଁ ଟିକେ ବେଳ, ତାପରେ କହିଲେ, "ଯୋଗ ନଥିଲେ କଣ ବେଉସା ହୁଏ ଆଦିତ୍ୟ ? ସମୟ ତ ପୁଣି ମେଳ ଖାଇବା କଥା ନା ନାହିଁ ?"

ଆଦିତ୍ୟ ଜାଣୁଥିଲା ସେ ବି ନିଶ୍ଚେ ଗଲାଦିନ କଥା ଭାବୁଥିବେ ।

ଶେଷ ସାକ୍ଷାତ୍‌ଟି ଅପ୍ରୀତିକର ଥିଲା, ପଚିଶ ବର୍ଷ ତଳେ । ପିଉ ଆଉ ତାଙ୍କୁ ଘରକୁ ଡାକୁ ନଥିଲେ । ତେବେ ଆଦିତ୍ୟ ଜାଣିଯାଇଥାଏ କୋଉଠି କେତେବେଳେ

Digitized by srujanika@gmail.com

ତାଙ୍କୁ ଭେଟି ହେବ । ରବୀନ୍ଦ୍ର ଭବନ ଲାଇବ୍ରେରୀ ପାଖେ ବୁଲାବୁଲି କରେ ସେ, ପିଉ ବହି ନେଇ ବାହାରନ୍ତି, ତାକୁ ଦେଖି ଡାକନ୍ତି କ୍ୟାଣ୍ଟିନ୍‌ରେ ଚା ପିଇବାକୁ । ତା ବି ଦି ଚାରିଥରରୁ ବେଶୀ ହେଇ ନଥିବ ।

ସେଦିନର କଥା, ସେଇ ଶେଷ ଦିନଟି । ପୋଲ ଉପରେ ବସି ଅନେକ ସମୟ ଅପେକ୍ଷା କଲାପରେ ଆଦିତ୍ୟ ଦେଖିଲା, ଅଚିହ୍ନା କାର୍‌ଟିଏ, ପିଉ ସଙ୍ଗେ ଓହ୍ଲେଇଲେ ଜଣେ ଭଦ୍ରବ୍ୟକ୍ତି । ଦିହେଁ ଲାଇବ୍ରେରୀ ଭିତରକୁ ଗଲେ, ଆଦିତ୍ୟ ବାହାରେ ଠିଆ ହେଇ ରହିଥାଏ । ପୁଣି ଦିହେଁ ବାହାରି ଆସିଲେ ହାତରେ ବହି ନେଇ, ପିଉ ଆଦିତ୍ୟକୁ ଅନେଇ ହସି ହାତ ହଲେଇଦେଲେ ଟିକିଏ । ପୁଣି ହ୍ରଦ ପାଖ ଖୋଲା ରେସ୍ତରାଁରେ ଟେବୁଲଟିଏ ବାଛିଲେ ସେ ଦିହେଁ । ମେନୁକାର୍ଡ ଉଠେଇ ଦେଖିବସିଲେ ।

ଆଦିତ୍ୟ ଧୀର ପାଦରେ ସେମାନଙ୍କ ପାଖକୁ ଗଲା କହିଲା, 'ହେଲୋ' । ପିଉ ମୁହଁ ଉଠେଇ ତା ଆଡେ ଚାହିଁଲେ, ଟିକେ ଆଶ୍ଚର୍ଯ୍ୟ ହେଲା ଭଳି, ହସି କହିଲେ ସ୍ନେହରେ, "ଆରେ ଆଦିତ୍ୟ ?"

ପରିଚୟ ବି ପୁରା କରି ଦେଲେ ନାଇଁ ତାଙ୍କ ବନ୍ଧୁ ସାଙ୍ଗେ, ହାଲୁକାରେ କହିଲେ, "ମୋର ପ୍ରିୟ ଛାତ୍ରଟିଏ ।" ତାଙ୍କ ସାଙ୍ଗ ସେଇ ଲୋକଟି, ଆଦିତ୍ୟ ଆଖିକୁ ସେତେବେଳେ ଦିଶିଥିଲା କେଡେ ଗମ୍ଭୀର, ବୟସ୍କ, ବେରସିକ, ରୁକ୍ଷ । ପିଉ କେମିତି ହସି ହସି ତା ସାଙ୍ଗେ କଥା କହି ପାରୁଥିଲେ କେଜାଣେ ।

ଲୋକଟି ଆଦିତ୍ୟକୁ ଥରେ ତଳୁ ଉପର ଯାଏଁ ତଉଲିବା ଢ଼ଙ୍ଗରେ ଦେଖିନେଇ କହିଲା, 'ହେଲୋ' । ଓ ମେନୁକାର୍ଡରେ ମନ ଦେଲା । ଆଦିତ୍ୟ ଠିଆହେଇ ରହିଲା ସେ ଟେବୁଲ୍ ପାଖରେ, ପିଉ କଣ ଗୋଟାଏ କହୁଥିଲେ ତାଙ୍କ ସଙ୍ଗୀଟିକୁ ତରତର ଗଳାରେ କି ଗୋଟାଏ ବିଷୟରେ, ଭାରୀ ଜରୁରୀ କଥା ସତେବା ।

ଆଦିତ୍ୟ ନିଜ ପକେଟ୍‌ରୁ ଉଇଲସ୍ ସିଗ୍ରେଟ୍ ପ୍ୟାକଟଇଟି କାଢ଼ିଲା, ଯାହା ତାର ଭାବମୂର୍ତ୍ତି ସକାଶେ ସ୍ଥଳ ବିଶେଷରେ ଦରକାର ହୋଇଥାଏ । ପ୍ୟାକେଟ୍‌ଟି ଖୋଲି ଯାଚିଲା ସେ ସିଧା ତାଙ୍କ ବନ୍ଧୁଙ୍କୁ, ପିଉଙ୍କୁ ଜମା ନ ଅନେଇ ।

ଭ୍ରୂ କୁଞ୍ଚେଇ ଅବାକ୍ ଆଖିରେ ଅନେଇଲା ତାକୁ ଲୋକଟି ପିଉଙ୍କୁ ଥରେ ଅନେଇଲା ଅଭିଯୋଗ କଲା ଭଳି, ବେଶ୍ ବାଧ ଛାତ୍ର ତ, ଭଙ୍ଗୀରେ । ଓ କହିଲା କଡ଼ା ସ୍ୱରରେ 'ନା ଥ୍ୟାଙ୍କ୍‌ସ୍' । ପିଉଙ୍କୁ ଅନେଇଲା ସିଧା ସଳଖ ଏଥର ଆଦିତ୍ୟ,

Digitized by srujanika@gmail.com

ନିଜ ଓଠରେ ସିଗ୍ରେଟ ଲଗେଇ ଆପେ ଦିଆସିଲି ମାରୁ ମାରୁ । ବିସ୍ମିତ କି ବ୍ୟଥିତ କିଛି ଗୋଟେ ମିଶାମିଶି ଦିଶୁଥିଲା ତାଙ୍କମୁହଁ କି କଣ । ମୁହଁ ବୁଲେଇ ନାୟକ ସୁଲଭ ଧୀର ପାହୁଲ ପକେଇ ଚାଲିଆସିଲା ଆଦିତ୍ୟ ସେଇଠୁ ।

ସେଇ ଶେଷ ଦେଖା । ସେଇ ଲୋକଟି ହିଁ ପିଉଙ୍କର ଭାବୀ ସ୍ୱାମୀ ଥିଲା ବୋଲି ଆଦିତ୍ୟ ପରେ ଜାଣିଲା, ସେ ବାହାହେଇ ସହର ଛାଡି ଚାଲିଯିବା ପରେ ।

ନର୍ସରୀ ଛାଡି କାହିଁ କେତେବାଟ ବୁଲିଆସିଲାଣି ଆଦିତ୍ୟ । ଫୁଲ ଚାରାଟି କାହିଁକି ପବନ ଧାସରେ ଝାଉଁଳି ଗଲାପରି ଦିଶୁଚି । ଏଇଟିକୁ ସତରେ କଣ ଯାଇ ଦେବ ପିଉଙ୍କୁ ? ବଡ଼ ଉତ୍ସାହରେ ପଚାରିଥିଲେ ଅବଶ୍ୟ ସେ ଫୁଲଗଛଟି କଥା । ତା ବୋଲି ସତରେ କଣ ସେ ସାଥିରେ ନେଇଯିବେ ପ୍ଲେନ୍‌ରେ, କାଲି ସକାଳେ ? ଆଦିତ୍ୟ ବିଚାରିଲା, ଅବା ସେ ଯିବ ନାଇଁ ଆଉ ପିଉଙ୍କ ପାଖକୁ । ଘରକୁ ଫେରି ଭଉଣୀଙ୍କୁ ଦେଇଦେବ ବରଂ ଚାରାଟି, ଆମ ଅଗଣାରେ ଲଗେଇଦେବା ବୋଲି କହି ।

Digitized by srujanika@gmail.com

ନୂଆ ପୁରୁଣା ମୋଡ଼

ଅତି ପତଳା ବ୍ରଣ ମୁହଁ ଚଷମା ପିନ୍ଧା ଟୋକାଟିଏ ଭବତୋଷ । ଅନୁଭା ଘରକୁ ଆସେ । ସାହିରେ ଏକମାତ୍ର ଆଖି ଦୃଶିଆ କୋଠା ତାଙ୍କର । ଅନୁଭାର ବାପା ମା କୃତାର୍ଥ ଦିଶନ୍ତି ସେ ଆସିଲେ । ଭବତୋଷର ବାପା ସହରର ବଡ଼ ଓକିଲ ଥିଲେ । ସେ ନିଜେ ଏବେ ଲ ପାସ୍ କରି ବାପାଙ୍କ ତଳେ ଓକିଲାତି ଆରମ୍ଭ କରିଥିଲା । ଭବତୋଷ ଗଲା ପରେ ଅନୁଭାର ବାପା ମା ଚର୍ଚ୍ଚା କରନ୍ତି, "ଆଉ କଣ ଦରକାର ଯେ ଝିଅ ଲାଗି ? ସହରରେ କୋଠା, ଗାଁରେ ବିସ୍ତର ଜମିବାଡି ।" ବାପା କହନ୍ତି, "ଆଜି ନହେଲେ କାଲି ବାପର ଓକିଲାତି ପୁଅ ହାତକୁ ଆସିବା ସୁନିଶ୍ଚିତ ।" ମା କହେ, "ହଉ, ଓକିଲାତି ହେଲେ ହେଲା ନ ହେଲେ ନାହିଁ । ଘର ତ ଏତେ ଅଛି ଯେ ତିନି ପୁରୁଷ ବସି ଖାଇଲେ ସରିବନି ।"

ଅନୁଭାକୁ ଜଣା ଯେ ଦି ପରିବାର ଭିତରେ ବାହାଘର କଥାଟି କେବେଠୁ କେଜାଣି ପକ୍କା ହେଇ ରହିଥିଲା ।

Digitized by srujanika@gmail.com

ଭବତୋଷ ଆସିଲେ ଚୁପ୍‌ଚାପ୍ ବସିରହେ, ଦାଣ ଘର ଟେବୁଲ ଉପରୁ ଖବର କାଗଜ କି ମାଗାଜିନ୍ ଖଣ୍ଡେ ଉଠାଇ ଲେଉଟାଏ । ଅନୁଭାର ମା' କିଛି ଆଣି ଯାଚନ୍ତି ଯେତେବେଳେ, ନାହିଁ ନାହିଁ କଲା ପରେ ଜଳଖିଆ ଖାଏ । ଅନୁଭାର ମା କି ବାପା ଏଣୁତେଣୁ ଯାହା ପଚାରିଲେ ଉତ୍ତର ଦେଉଥାଏ ପଦେଅଧେ କଥାରେ । ସବୁ ଭିତରେ ମଝି ମଝିରେ ଅନେଇ ଦେଉଥାଏ ଅନୁଭାକୁ, ଯିଏ ଦି ଚାରିଥର ସେଇ ବାଟ ଦେଇ ଯିବା ଆସିବା କରୁଥାଏ । ଅନେଇ ମୁରୁମୁରୁ ହସେ, ହେଲେ କିଛି କହେ ନାହିଁ କେବେ । ଅନୁଭାକୁ ଚିଡି ମାଡେ । କଥା ପଦେ କହିଦେଲେ କଣ ମାରା ହେଇ ଯାଆନ୍ତା । ସମସ୍ତଙ୍କୁ ତ ଜଣାଅଛି, ଏତେ ଜାଣିସିଆଣା ହେବା କି ଦରକାର ।

ଅନୁଭା ସାଇକଲ ନେଇ ଭବତୋଷର ସାମ୍ନା ଦେଇ ଘରୁ ବାହାରି ଯାଏ, ମା'କୁ କହେ କୋଉ ସାଙ୍ଗ ପାଖରୁ ନୋଟ୍ ଖାତା ମାଗିବାକୁ ଯାଉଚି ବୋଲି । ସେଠି ଯାଇ ବି ବେଶୀବେଳ ମନ ଲାଗେ ନାହିଁ, ତଥାପି ଟାଣିଟୁଣି ଘଣ୍ଟାଏ ରହି ଫେରେ । ଭବତୋଷ ସେଯାଏଁ ବସି ରହିଥାଏ ତାଙ୍କ ଦାଣ ଘରେ, ହାତରେ ମାଗାଜିନ ଧରି ଅନୁଭାର ମା ସାଙ୍ଗରେ ଏଣୁତେଣୁ କ'ଣ ସବୁ କଥା କହୁଥାଏ । ଅନୁଭା କଳ୍ପନା କରିବାକୁ ଚେଷ୍ଟା କରେ,ଏଇ ଲୋକଟି ସାଙ୍ଗରେ ଘରଦ୍ୱାର କରି ରହିବା କେମିତି ହେବ ।

ଯେତେ ନାହିଁ କଲେ ବି ଅନୁଭାର ମନ ଭିତରକୁ ମେଘଭଳି ପଶିଆସନ୍ତି ଅନ୍ୟ ଛବିମାନ, କଲେଜରେ ଦେଖିଥିବା ମୁହଁମାନ । ଏକୁଟିଆ ଥିଲାବେଳେ ଆପେ ମନ ଭିତରେ ଦୋହରାଇ ହେଇଯାଏ କାହା ସଙ୍ଗେ ହୋଇଥିବା ପଦେ ଅଧେ କଥାବାର୍ତ୍ତା, ରଙ୍ଗମାରି ଯୋଡ଼ିହେଇଯାଏ ସେଥିରେ କାହିଁ କେତେ ଦୃଶ୍ୟ । ତହିଁରେ ଭବତୋଷ ନଥାଏ ।

ତା'ପରେ କ୍ରମେ ଠିକ୍ କେମିତି କେଜାଣି ଅନୁଭା ମୁଣ୍ଡରେ ଜର୍ଣ୍ଣାଲିଜମ୍ ପଢ଼ିବାର ଝୁଙ୍କ ଚଢ଼ିଲା । ବାପାଙ୍କ ସାଙ୍ଗ ଦିବାକର ମଉସା, ବଡ଼ ଗୋଟିଏ ଖବର କାଗଜର ସ୍ଥାନୀୟ ସାମ୍ବାଦିକ, ସେ ହିଁ ତା ମୁଣ୍ଡରେ ପ୍ରଥମେ ପୂରାଇଥିଲେ ସେ କଥା । ସେତେବେଳକୁ ତା ଲେଖା କେଇଟା ଛପା ହେଇ ସାରିଥାଏ ଏଠି ସେଠି । ବି.ଏ. ପରୀକ୍ଷା ସରିଯାଇଥାଏ । ଘରେ ବାପା ମା ଓ ଅନୁଭା ଭିତରେ, ବେଳେବେଳେ ଅନୁଭା ସପକ୍ଷରେ ଥାଇ ଖରା ଛୁଟି ସାରା ତୁମୁଳ ଆଲୋଚନା ଚାଲିଲା । ମଝିମଝିରେ ବେଶ୍ ଯୁକ୍ତିତର୍କ ଓ ଏକୁଟିଆରେ ବାପାଙ୍କ ଧମକ, ମା'ର ବୁଝାସୁଝା ଯାଏଁ କଥା ଗଲା । ଶେଷରେ ଅନୁଭାର ବହୁ ଜିଦ୍ ଓ ମୁହଁ ଫୁଲା ରାଗ ରୁଷା ପରେ, କେତେଜଣ

Digitized by srujanika@gmail.com

ବନ୍ଧୁ ଶୁଭେଚ୍ଛୁଙ୍କ ମତାମତ ନେଲା ପରେ ଠିକ୍ ହେଲା ଅନୁଭା ଦିଲ୍ଲୀ ଯିବ । ଫର୍ମ ମଗାଗଲା, କୁହାବୋଲା ପରେ ସିଟ୍ ବି ମିଳିଗଲା । ଭବତୋଷର ବାପାଙ୍କ କାନ ଯାଏଁ କଥାଟା ନିଆଯାଇଥିଲା । ତାଙ୍କ ତରଫରୁ ଯେମିତି ଆପତ୍ତି ଉଠିବ ବୋଲି ଆଶଙ୍କା କରାଯାଉଥିଲା ସେମିତି କିଛି ହେଲାନି । ଭବତୋଷର ମା ନଥିଲେ । ବାପାଙ୍କୁ ଓକିଲାତି ପୁଣି ଗାଁରେ ସମ୍ପତ୍ତି କଥା ବୁଝାବୁଝିରୁ ଜମା ଫୁରସତ୍ ନଥିଲା ଘର କଥାରେ ବେଶୀ ମୁଣ୍ଡ ଖେଳାଇବା ଲାଗି । ପୁଅ ପାଇଁ ଝିଅ ଠିକ୍ କରି ଦେଲା ପରେ ସେ ଖାସ୍ କିଛି ତରବର ନଥିଲେ ଘରକୁ ବୋହୂ ଆଣିବାକୁ । ପୁଅ ତାଙ୍କର ସୁଧାର ପିଲା, ତା ତରଫରୁ କୌଣସି ବିଷୟରେ ଓଜର ଆପତ୍ତିର ପ୍ରଶ୍ନ ନଥିଲା କେବେ ।

ଯିବାକୁ କେତେ ଦିନ ଥାଏ, ଭବତୋଷ ଆସିଲା । ପ୍ରଥମ କରି ସେ ଅନୁଭା ସାଙ୍ଗରେ ନିଜ ତରଫରୁ କଥା ହେଲା । ପଚାରିଲା, "ତମେ ଦିଲ୍ଲୀ ଯାଉଚ ପଢ଼ିବାକୁ ?"

ପ୍ରଶ୍ନରେ ଭାରି ଆକ୍ଷେପଟିଏ ଥିଲା । ଅନୁଭା ଉତ୍ତର ଦେଲା ଓଲଟା ପ୍ରଶ୍ନରେ, "ଯିବିନି ? ଏତେବେଡେ ସୁଯୋଗ ମିଳିଚି ମୋତେ, ଆପଣଙ୍କୁ ଖୁସି ଲାଗୁନି ?"

ପ୍ରକୃତରେ କେମିତି ଦୋଷୀ ଲାଗିଥିଲା ଅନୁଭାକୁ । ସେ ଭାବିଥିଲା ଭବତୋଷ ଯୁକ୍ତି କରିବ,ମନା କରିବ, ନ ରାଗୁ ପଛକେ ଅନ୍ତତଃ ତମତମ ମୁହଁରେ କଥା କହିବ । ସେ କିନ୍ତୁ କେତେବେଳ ଚୁପ୍ ରହିଲା ପରେ ଭାବିଚିନ୍ତି କହିଲା, "ତମ ପାଠପଢ଼ା ସରିଲେ କଣ କରିବ ବୋଲି ଭାବୁଚ ? ଏଇଠି ତ ରହିବାକୁ ହେବ ତମକୁ, ମୋରି ସାଙ୍ଗରେ । ଜର୍ଣାଲିଜମ୍ ପଢ଼ି କରିବ କଣ ?"

ଭବତୋଷ ସୋଫାରେ ବସିଥିଲା, ପାଖ ସୋଫାରେ ବସି ତା ସାଙ୍ଗେ କଥା କହିବାକୁ ତଥାପି ଅନୁଭାର ସାହସ ନଥିଲା । ଖଣ୍ଡେ ଦୂରରେ ଚଉକି ବାଡକୁ ଧରି ଠିଆ ହେଇ ସ୍ୱର ନରମେଇ ସେ ଉତ୍ତର ଦେଲା, "ରହିବି ତ ଏଇଠି । ଯିବି କୁଆଡେ ? ଏବେ ଯେମିତି ଲେଖାଲେଖି କରୁଚି, ସେମିତି ଲେଖିବି ସବୁଦିନେ । ଘରେ ରହି ଲେଖିବି, କ୍ୟାରିଅର କଣ ହୁଏନି ଘରେ ରହି ? ତେବେ ସମସ୍ତେ କହୁଚନ୍ତି, ଦିବାକର ମଉସା, ଆମ କଲେଜରେ ପ୍ରଫେସର ଦାସ, ସମସ୍ତେ, ଯେ ଜର୍ଣାଲିଜମ୍ ପଢ଼ିଲାପରେ ଆଉରି ଭଲ ଲେଖିବି ।"

ଟିକିଏ ରହି ସେ ପୁଣି କହିଲା, "ଯୁଗ ଯାଇ କୋଉଠି ପହଞ୍ଚିଲାଣି । କେତେ ଝିଅ ଡାକ୍ତର ଇଂଜିନିୟର ବାହାରିଲେଣି ଏଇଠୁ । ମୁଁ ଗୋଟାଏ ପଢ଼ିବାକୁ ଯିବା କଣ ଏତେ ବଡ଼ କଥା ?"

Digitized by srujanika@gmail.com

ଭବତୋଷ ଦୁଃଖୀ ଦିଶୁଥିଲା, କେମିତି ଗୋଟେ ଆତ୍ମବଳ ଭାଙ୍ଗିପଡ଼ିଥିବା ପରି । ପଚାରିଲା, "ବାହାଘରଟା ହେଇଗଲା ପରେ ଦିଲ୍ଲୀ ପଢ଼ିବାକୁ ଗଲେ ?"

ଅନୁଭାକୁ ପ୍ରକୃତରେ ଆଉ ଟିକିଏ ଦୋଷୀ ଲାଗିଲା, କାରଣ ସେ ଆଉ ଏ ଭିତରେ ବାହାଘର କଥା ବେଶି ଭାବୁ ନଥିଲା । ବେଶୀ ଭାବୁଥିଲା ବଡ଼ ଗୋଟିଏ ଜାଗାକୁ ଯିବା କଥା, ଏତେ ନାମୀ କଲେଜରେ ନୂଆ ଲୋକଙ୍କ ଗହଣରେ ପାଠ ପଢ଼ିବା କଥା ଓ ସବୁଠୁ ବେଶୀ ଭାବୁଥିଲା ନୂଆ ଗୋଟିଏ ଦୁନିଆଁ ଭିତରକୁ ଗୋଡ ବଢ଼େଇଲା କ୍ଷଣି ତା ଦେହରେ ନାହିଁ ନଥିବା ପର ଲାଗିଯିବାର ସମ୍ଭାବନାର କଥା । ତେଣୁ ସେ ଭବତୋଷର କଥାରେ ଆଘାତ ପାଇଥିବା ଭଳି, ଓଲଟି ତାକୁ ପ୍ରାୟ ଅଭିଯୋଗ କଲା ଗଳାରେ କହିଲା, "ଆପଣ ମୋ ପାଠ କି ମୋ ଖୁସି ବିଷୟରେ ଭାବୁଥିଲେ ଏକଥା କହିନଥାନ୍ତେ । ମୁଁ ତ ଭାବିଥିଲି ମୁଁ ଭଲ ପଢୁଚି, ବେଶୀ ପଢ଼ିବାକୁ ଚାହୁଁଚି ଶୁଣି ଆପଣ ଖୁସି ହେବେ, ମୋତେ ଉତ୍ସାହ ଦେବେ । ବାହାହେଲା ପରେ ମୁଁ ପୁଣି ଶାଶୁଘରୁ ଯାଇ ପାଠ ପଢ଼ିବି ଦିଲ୍ଲୀ ହଷ୍ଟେଲରେ ରହି ?"

ଦିଲ୍ଲୀକୁ ବାହାରିବା ପୂର୍ବଦିନ ସନ୍ଧ୍ୟାରେ ଭବତୋଷ ଭେଟିବାକୁ ଆସିଲା । ସେଦିନ ଅନାୟାସରେ ତାକୁ ଦାଣ ଘରେ ଭବତୋଷ ସାଙ୍ଗରେ ଏକୁଟିଆ ବସିବାକୁ ଛାଡ଼ିଦିଆଗଲା । ଅନୁଭାର ଏଣେ ସଜଡ଼ା ସଜଡ଼ି କାମ ଗୁଡାଏ ବାକି ଥାଏ, ଖୋଲା ବାକ୍ସ ପାଖରେ ଜିନିଷ ବିଛାଡି ପଡ଼ିଥାଏ ଶୋଇଲା ଘରେ । ଏବେ ଭବତୋଷ ବସିବ ନିଶ୍ଚେ ଅନ୍ତତଃ ଘଣ୍ଟାଏ । ସହଜେ ତ ତା ମୁହଁରୁ କଥା ପଦେ ବାହାରିବା ମୁସ୍କିଲ୍, ଆଜି ଆଉରି ଗୁମ୍‌ସୁମ୍ ଦେଖାଯାଉଥାଏ । ଅନୁଭା ଉପରେ ପଡ଼ି ଏଣୁ ତେଣୁ କଥାବାର୍ତ୍ତା କଲା । ପ୍ରଥମ କରି ନିଜ ବିଷୟରେ, ପଢ଼ାଲେଖା ବିଷୟରେ କହିଲା । ଭବତୋଷକୁ ପଚାରିଲା ତା ଓକିଲାତି, ତା ସାଙ୍ଗସାଥୀଙ୍କ କଥା । ଭାବୀ ସ୍ୱାମୀ ଆଗରେ ଅପେକ୍ଷିତ ଲଜ୍ଜା, ସଂକୋଚ ସବୁ ତାର ଆପେ କେମିତି କଟି ଯାଇଥିଲା ।

ଆଜି ଅନେକଦିନ ପରେ ସାହସ ବାନ୍ଧି ଭାବୁଚି ଅନୁଭା, ଯେଉଁ ଘଟଣାଟି ଭବତୋଷ ସାଙ୍ଗରେ ତା ସମ୍ପର୍କକୁ ନୂଆ ମୋଡଟିଏ ଦେଇଦେଲା, ସେକଥା କହିଛି କାହାରିକି କେବେ ? କେଜାଣି । ଆଉ ଠିକ୍ କରି ମନେ ପଡୁନାହିଁ । ସେସବୁ ଦିନର କଥା ମନକୁ ଆସିବା ହିଁ ଛାଡ଼ିଯାଇଛି କେବେଠୁ । ଘଟଣାଟି ପରେ କିନ୍ତୁ ଅନେକଦିନ ଯାଏଁ ଗୁଡେଇ ତୁଡେଇ ହୋଇ ତାକୁ ଜମା ଛାଡୁନଥିଲା କଥାଟା । ଯେତେ ଭାବିଲେ ସେତେ ଅସନା, କଦର୍ଯ୍ୟ ଲାଗୁଥିଲା ତାକୁ । ଆଜି କିନ୍ତୁ ମନେ ପକେଇଲା ବେଳକୁ ଲାଗୁଚି, ସତରେ ଘଟଣାଟା ସେତେ ବଡ ଥିଲା, ନା ତାକୁ ବଡ କରିଥିଲା ତାର

Digitized by srujanika@gmail.com

ବୟସ, ସଂସ୍କାର, ପରିବେଶ? ଆଉ ଗୋଟିଏ ଦିଗ ବି ପରିଷ୍କାର ଦିଶିଯାଉଚି ଅନୁଭାକୁ। ଯେଉଁ ନିର୍ଣ୍ଣୟଟି ସେ ନେଇପାରୁନଥିଲା ଠୋସ୍ ଯୁକ୍ତିସଂଗତ କାରଣ ଅଭାବରୁ, ଏଥର ମନ ଦୃଢ଼ କରି କଥାଟାର ଗୋଟେ ଫଇସଲା କରିଦେବାଲାଗି ତାକୁ ଆଉ ଧର୍ମସଂକଟରେ ସାମ୍ନା କରିବାକୁ ହେଲା ନାହିଁ।

ପୁରା ଦୃଶ୍ୟଟି ମନେପଡୁଚି ତାର, ହଠାତ୍ କେତେ ପରିଷ୍କାର, ମେଘ ଚାଲିଗଲା ପରେ ଖରା ପଡ଼ି ଆଖପାଖର ସବୁ ଟିକିନିକି କଥା ବାରି ହେଇ ପୁରା ଛବିଟିଏ ତିଆରି ହୋଇଗଲା ପରି। ହଷ୍ଟେଲରୁ ପ୍ରଥମ କରି ଘରକୁ ଫେରିଥାଏ। ଏତେ କଥା ଖୁନ୍ଦି ହୋଇଯାଇଥାଏ ତା ପାଖେ କହିବାକୁ, ଘରେ, ପୁଣି ସାଙ୍ଗ ସାଥୀଙ୍କ ଆଗରେ ଯେ ତାକୁ ତର ସହୁ ନଥାଏ ସମସ୍ତଙ୍କୁ ଭେଟିବାକୁ, ପୁଣି ଭେଟିଲା ଲୋକଙ୍କୁ ଯେତେ କହିଲେ କଥା ସରୁ ନଥାଏ। ଉପର ଓଳି ଚାରିଟା ପାଖାପାଖି ହେବ, ଭବତୋଷ ସାଙ୍ଗେ ଭେଟ ହେଲା। ସିଧା ତା ନିଜ କୋଠରୀରେ। କେମିତି କେଜାଣି ଭବତୋଷ ସେଦିନ ତାଙ୍କ ଭିତରେ ଘର ଯାଏଁ ଆସିଥିଲା, ବୋଧେ ପ୍ରଥମ କରି। ଅନୁଭା ବାକ୍ସରୁ ବହିପତ୍ର କାଢୁଥାଏ, ଭବତୋଷ ଆସିଚି ବୋଲି ଜାଣି ସାରିଥାଏ। ଡାଣଘରେ ବାପା କାହା ସାଙ୍ଗେ ସବୁ କଥାବାର୍ତ୍ତା ହେଉଥିଲେ ବୋଲି ମା ଭବତୋଷକୁ ଭିତର ବାରଣ୍ଡାକୁ ଡାକିଆଣିଥିଲା। ପୁଣି ରୋଷେଇଘରୁ କଣ ଗୋଟାଏ ତଳି ଲାଗିଯିବାର ଗନ୍ଧ ଆସିବାରୁ, "ତମେ ବସ ପୁଅ, ମୁଁ ଆସୁଚି", ବୋଲି କହି ଚାଲିଯାଇଥିଲା। ପୁଣି ରୋଷେଇଘରୁ ବଡ଼ ପାଟିରେ ଅନୁଭାକୁ ଡାକି କହିଲା, "ତୁ ଟିକିଏ ବସ୍ ଅନୁ, ମୁଁ ଚା ଆଣୁଚି।"

ନିଜ ଟେବୁଲ ପାଖରୁ ବହି ସଜାଡୁ ସଜାଡୁ ଉତ୍ତର ଦେଲା, "ଏଇ ଆସିଲି।"

ଶୋଇବା ଘର କବାଟ ଖୋଲା ଥିଲା, ପର୍ଦ୍ଦା ପଡ଼ିଥିଲା ଯାହା। କବାଟ କଡ କାନ୍ଥ ପାଖ ଟେବୁଲର ବହିପତ୍ର ଭିତରୁ ଅନୁଭା କଣ ଗୋଟାଏ ଖୋଜୁଥାଏ ବ୍ୟସ୍ତ ହେଇ, ବୋଧେ ତା'ର ଲେଖା ବାହାରିଥିବା ପତ୍ରିକାଟିଏ ବାପାଙ୍କୁ ଦେଖାଇବ ବୋଲି । ଭବତୋଷ କୋଠରୀ ଭିତରକୁ ଆସିବାର ସେ ଜାଣିଲା, ପତ୍ରିକାରୁ ଆଖି ନ ଉଠେଇ କହିଲା, "ଟିକିଏ ବସନ୍ତୁ, ଏଇ ଆସିଲି।" ବିନା ଉପକ୍ରମଣିକାରେ ଭବତୋଷ ତା ପାଖକୁ ଆସିଲା, ତା ପଛପାଖେ ଠିଆ ହେଲା ଓ ଅନୁଭାର ଦେହକୁ ଗୋଟିପଣେ ନିଜ ଉପରକୁ ଟାଣିନେଲା।

ଏପରି ଘଟଣାଟିଏ ଅନେକ ଆଗରୁ କଳ୍ପନାରେ ଦେଖିଥିଲା ଅନୁଭା, କିନ୍ତୁ ଭିନ୍ନ ପ୍ରକାରରେ। ସେଥିରେ ସେ ରୋମାଞ୍ଚିତ ହେଉଥିଲା, ପ୍ରତୀକ୍ଷା କରୁଥିଲା

Digitized by srujanika@gmail.com

ଭବତୋଷର ପାଦେ ପାଦେ ପାଖେଇବାକୁ ଓ ତାର ଅପେକ୍ଷାକୁ ମେଳ ଖାଇଲା ଭଳି, ଆଉରି ସୁନ୍ଦର କରି ଭବତୋଷର ପାଖେଇ ଆସିବାର ଥିଲା ତା କଳ୍ପନା ମତେ। ତା ହାତର ସ୍ପର୍ଶ ପାଇଲା ମାତ୍ରେ ଅନୁଭାର ଦେହରେ ବେପଥୁ ହେବାର ଥିଲା ଓ କ୍ରମେ ଅଧା ସ୍ୱପ୍ନ ଅଧା ମୂର୍ଚ୍ଛା ଭାବରେ, ମଧୁର ନାହିଁ ନାହିଁ ଭିତରେ ପ୍ରେମିକ ହାତରେ ତା'ର ସମର୍ପି ହୋଇଯିବାର ଥିଲା। କିଛି ହେଲା ନାହିଁ।

ଓଲଟି ତା ଦେହ ଗୋଟାଛାଏଁ ଛାଟି ହେଇ ଆସିଲା ନିଜ ଭିତରକୁ, ମୋଡ଼ି ହୋଇଗଲା ପେଡ଼ି ଭିତର ସାପ ଭଳି। ଭବତୋଷ ସାଙ୍ଗରେ କେବେ ଦିନେ ଆଖିର ଖିଅରେ କି ପଦେ ଅଧେ କଥାରେ ତିଆରି ହେଇଥିବା ଲହଲହକା ସେତୁଟି ଏ ଭିତରେ ଅବହେଳାରେ ଭାଙ୍ଗିପଡ଼ିଥିଲା ନିଶ୍ଚୟ। ଅନୁଭା ଦୁଇହାତରେ ପ୍ରାଣପଣେ ନିଜଠୁ ଅଲଗା କରିଦେବାକୁ ଚେଷ୍ଟା କଲା ସେ ଅଚିହ୍ନା ଶରୀରଟିକୁ ଯିଏ ତା'ର ହଁ ନାହିଁକୁ ଅପେକ୍ଷା ନକରି, ବହୁ ସୁକୁମାର ଭାବନା କଳ୍ପନାରେ ସଜାହେଇଥିବା ତୋରଣମାନଙ୍କୁ ଅଦେଖା କରିଦେଇ, ସିଧା ଲଂଘି ଆସିବାକୁ ବସିଥିଲା ତାର ଆପଣା ପରିଧି ଏ ପାଖକୁ, ନିଜସ୍ୱ ସୀମା ଭିତରକୁ। କେବଳ ମୁକୁଳି ଯିବାକୁ ଚାହିଁଲା ସେ ଅତର୍କିତରେ ଆବୋରିଯିବାକୁ ବସିଥିବା ସେ ଅଜବ ରୁକ୍ଷ ଉତ୍ସୁକତାରୁ, ମୁହଁ ଉପରେ ଅଯାଚିତ ମାଡ଼ି ହେଇ ଯାଉଥିବା ଅନ୍ୟ ମୁହଁଟିର କର୍କଶତାରୁ, ବାଘ ଭଳି ଅଣ୍ଡାଳି ପକାଉଥିବା ସେ ହାତ ପନ୍‌ଝାରୁ। ଅନୁଭାର ସାରା ଦେହ ଆଉ ସତ୍ତାରୁ ସେଦିନ ଉଠିଲା ଯେଉଁ ଧୂଳିଝଡ ପରି ପ୍ରତିକ୍ରିୟାଟିଏ, ସେଥିରେ ଆଜିଯାଏଁ ଚାପି ରହିଥିବା ସବୁ ବିସ୍ୱାଦ ମୁହଁରେ ଫୁଟିଲା। ନିଜକୁ ଅଲଗା କରିଦେଇ ନିଆଁ ଝୁଲ ଖସୁଥିବା ସ୍ୱରରେ ସେ କହିଲା, "ଇଏ କଅଣ? ମୁଣ୍ଡ ଖରାପ ହେଇଯାଇଛି କି ଆପଣଙ୍କର?"

ତା ପରେ ଲୁଗା ଠିକ୍ କରୁ କରୁ ବିମୂଢ଼ ଭବତୋଷକୁ ସେଇଠି ଠିଆ ଛାଡ଼ିଦେଇ ସେ ଘର ଭିତରୁ ବାହାରି ଆସିଲା। ବାଥରୁମ୍‌ରୁ ମୁହଁ ଧୋଇ ଫେରିଲା ବେଳକୁ ଭବତୋଷ ଭିତର ବାରଣ୍ଡାର ଚଉକୀରେ ବସିଥିଲା, ମା ତା ସାମ୍ନାରେ ରଖିଥିବା ଚା କପ୍ ଉପରେ ସର ପଡ଼ିଯାଇଥିଲା। ରୋଷେଇଘରୁ ମା ଡାକି କହିଲା, "ଏକୁଟିଆ ତାଙ୍କୁ ବସେଇ ଦେଇ କୁଆଡେ ଚାଲିଗଲୁ ଅନୁ? ତୋର ଯୋଉ କଥା।"

ଅନୁଭା ପାଖ ଚଉକିରେ ବସି କହିଲା, "ଚା ଥଣ୍ଡା ହୋଇଗଲାଣି। ଗରମ କରିଆଣି ଦେବି?" ମୁଣ୍ଡ ହଲେଇ ନାହିଁ କରି ଭବତୋଷ କପ୍ ହାତକୁ ନେଲା। ତା ଆଖି ଚା କପ୍‌ରେ ଥିଲା, ଆଖି ଦିଶୁଥିଲା ନିତାନ୍ତ ଉଦାସ। ଅନୁଭା ଭାବି ପାରୁନଥିଲା ତା ମନରେ ଉଠୁଥିବା ତିରସ୍କାର, ଘୃଣାକୁ ପ୍ରଶୟ ଦେବ ନା ଭବତୋଷ ପାଇଁ ଆସୁଥିବା

Digitized by srujanika@gmail.com

ଚିହ୍ନା ଚିହ୍ନା ଦୋଷୀ ଭାବ ଓ ଦୟାକୁ। ପୁଣି ଘର ଲୋକଙ୍କ ଦ୍ୱାରା ନିର୍ଦ୍ଧାରିତ ହେଇ ସାରିଥିବା ସଂପର୍କର ନକ୍ସା କଥା ଭାବି ଏକ ପ୍ରକାର ଭୟ ବି ଲାଗୁଥିଲା ତାକୁ।

ଦିଲ୍ଲୀକୁ ଫେରିଯିବା ଯାଏଁ ଭବତୋଷ ଆଉ ତାକୁ ଭେଟିବାକୁ ଆସିଲାନି। ହଷ୍ଟେଲରେ ପହଞ୍ଚି ଜିନିଷ ପତ୍ର ସଜାଡ଼ି ଦେଲାପରେ ଅନୁଭା ନିଷ୍ପତ୍ତି କଲା, ଏଥିରୁ ତାକୁ କୌଣସି ମତେ ମୁକ୍ତି ପାଇବାକୁ ହେବ। ଅନ୍ୟ କିଛି ଚାରା ନାହିଁ। ନିଜ ପ୍ରତି ଏତେ ଅବିଚାର ସେ କରିପାରିବନି। ଆଉ କାହାକୁ ସେଥିରେ ଅଛେ ବହୁତେ ଦୁଃଖ ମିଳିଲେ ମିଳୁ ପଛକେ। ସେ ମା ପାଖକୁ ଚିଠି ଲେଖିଲା, "ଭବତୋଷକୁ ମୁଁ ବାହାହେଇ ପାରିବିନି। ମୋ ଜୀବନ ନଷ୍ଟ ହେଇଯିବ। ବାପାଙ୍କୁ କହିବୁ ସେମାନଙ୍କୁ ବୁଝାଇଦେବେ। ତାଙ୍କୁ ଝିଅ ଅଭାବ ହେବେ ନାହିଁ।"

ଦିନାକେତେ ଚିଠିପତ୍ରରେ ଖୁବ୍ ବାକ୍‌ବିତଣ୍ଡା ଚାଲିଲା ବାପା ମାଙ୍କ ସାଂଗେ, ଏମିତିକି ବାପା ଦିନେ ଆସି ତା ହଷ୍ଟେଲରେ ପହଞ୍ଚିଗଲେ। କହିଲେ, "ତୋ ମୁଣ୍ଡ ବିଗିଡ଼ି ଗଲାଣି ଦିଲ୍ଲୀକୁ ଆସି। ବାକ୍ସ ଠିକ୍ କର, ଆଜି ଫେରିବା ଘରକୁ।"

ଅନୁଭା କାନ୍ଦିଲା ସିନା, ବାପାଙ୍କ କଥାକୁ ପ୍ରକୃତରେ ଗୁରୁତ୍ୱ ଦେଲା ନାହିଁ। କାନ୍ଦି କାନ୍ଦି କହିଲା, "ଖାଲି ନିଜ କଥା ରଖିବ ବୋଲି। ତମେ ମୋ ଜୀବନକୁ ନଷ୍ଟ କରିଦେବାକୁ ବସିଚ। ଯୋଉ ଲୋକ ମୋର ଯୋଗ୍ୟ ନୁହେଁ ଜମାରୁ, ଜାଣିଶୁଣି ମୋତେ ତା ସାଙ୍ଗେ ବାନ୍ଧି ଦେବାକୁ ବସିଚ, ଖାଲି ଝିଅ ଦାୟିତ୍ୱ ଖସାଇବ ବୋଲି ?"

ବାପାଙ୍କ ପାଖେ ବିଶେଷ କିଛି ନଥିଲା ଏ ଆକ୍ଷେପକୁ କାଟିବା ଲାଗି। ପ୍ରାୟ ନେହୁରା ହେଲା ଭଳି କହିଲେ, "କଥା ଦିଆଯାଇ ସରିଚି ପରା। ପୁଣି ତୋ ଲାଗି ଆଉ କୋଉଠି ପାତ୍ର ବୁଝିବି ମୁଁ? ମୋର ବା ବଳ କେତେ ?"

ଅନୁଭା ଏଥରକ ସ୍ୱର ଟାଣ କରି କହିଲା, "ତମର କଥା ଦେଇଦେବା କଣ ମୋ ଜୀବନଠୁ ବେଶୀ ବଡ ? ମୋ ବୋଝ ଯଦି ଏତେ ବଳେଇ ପଡୁଚି, ତେବେ ମୋତେ ପଇସା ନଦିଅ। ଟିଉସନ କରି ମୁଁ ମୋ ଖର୍ଚ୍ଚ ଚଳେଇନେବି।"

ଝିଅକୁ ବାଧ୍ୟ କରିବାକୁ ବାପାଙ୍କ ପାଖେ ନା ଯୁକ୍ତି ଥିଲା, ନା ଚାରା। ଅଖାଡୁଆ ସମସ୍ୟାଟିଏ ସାଙ୍ଗେ ଲଢ଼ିବାକୁ ତାଙ୍କର ତ ସହଜେ ସାହସ ନଥାଏ କେବେ। ମଝିମଝିଆ ରାସ୍ତା ଧରିବା ଲୋକ ସେ ସବୁବେଳେ। ପରିସ୍ଥିତି ହାତରୁ ବାହାରି ଗଲେ ବରଂ ସେ ନିୟତି ବୋଲି ଧରିନେଇ ଆଶାବାଦୀ ହେବାକୁ ଉଚିତ୍ ମଣନ୍ତି। ଘରକୁ ଫେରିଗଲାବେଳେ ଅନୁଭା ମୁଣ୍ଡରେ ହାତ ବୁଲେଇ ଦେଇ କହିଲେ, "ମୁଁ ଜାଣେ ତୋ

Digitized by srujanika@gmail.com

ପିଲାଦିନୁ, ତୁ ଏମିତି ସେମିତି ସାଧାରଣ ଝିଅ ନୋହୁଁ। ପିଲାଦିନୁଁ ତୋ ପ୍ରତିଭା ସମସ୍ତେ ଦେଖିଛନ୍ତି, ତୋତେ ଜାଣିଲା ଲୋକେ। ତଥାପି ଭୟ ହୁଏ ମା। ବାପା ମା ଭାବେ ଆମର ତ ପୁଣି କର୍ତ୍ତବ୍ୟ ଅଛି।"

ଯଦିଓ ଏତେବେଳକୁ ତାଙ୍କ କର୍ତ୍ତବ୍ୟ କଅଣ ବିଚରା ବୁଝି ପାରୁନଥିଲେ ଠିକ୍‌ରେ। ଅନୁଭା ଆଖିରେ ଲୁହ ମୁହଁରେ ହସ ନେଇ ତାଙ୍କୁ ସାନ୍ତ୍ୱନା ଦେଲା, "ତମେ ମୋ ବିଷୟରେ ଆଦୌ ଚିନ୍ତା କରନି ବାପା। ମୁଁ ଯାହା କରିବି ନିଶ୍ଚେ ଭାବିଚିନ୍ତି କରିବି, ଏତିକି ମୋ ଉପରେ ଭରସା ରଖ।"

ସେସବୁ କଥା ବହୁତ ଦିନୁ ଆଉ ମନକୁ ନ ଆଣିଲେ ବି ଆଶ୍ଚର୍ଯ୍ୟ ଭାବେ ସବୁ ପରିଷ୍କାର ମନେ ଅଛି ତା'ର। କେତେ କାମ ଠିକ୍ କଲା, କେତେ ଭୁଲ୍ କଲା, କେବେ ଅନୁଭା ନିଜେ ବୁଝିବ କେଜାଣି। କି କି କଥା ବିଚାରକୁ ନେବା ଉଚିତ୍ କାମଟିଏ ଠିକ୍ କି ଭୁଲ୍ ନିର୍ଣ୍ଣୟ ନେଲା ବେଳେ, କିଏ କହିଦେବ ? ଆଜି ଠିକ୍ ବୋଲି ଲାଗୁଥିବା କାମ ତ କାଲିକି ଭୁଲ୍ ଭାଲ୍ ପ୍ରମାଣିତ ହେଇଯାଏ। ପାଦେ ଗୋଡ ବଢ଼ାଇଲା ବେଳକୁ ବାଟ ଏଣେ ତାର ନୂଆ ବାଙ୍କଟିଏ ନେଇସାରିଥାଏ। ଟିକିଏ ନିଶ୍ୱାସ ମାରି ଆଖପାଖର ଦୃଶ୍ୟ ଘେନିନେବି ବୋଲି ଭାବୁ ଭାବୁ ଜୀବନ ମୋଡ ଭାଙ୍ଗି କେଉ ଖୋଜ ଚାଲିଯାଇଥାଏ ତା ବାଟେ।

Digitized by srujanika@gmail.com

ଅଯାଚିତ ସମୟ

ସ୍କୁଟର୍ ରିକ୍‌ସା ବାହାରେ ଅପେକ୍ଷା କରିଚି, ରାଜୀବ ବାରଣ୍ଡାରେ ଠିଆହୋଇ ହାତଘଡିକୁ ଚାହୁଁଚନ୍ତି ବାରମ୍ବାର, ନୀଳିମାଙ୍କର କାମ ଛିଡ଼ିବାକୁ ନାହିଁ। ରାଜୀବ ପୁଣି ଘର ଭିତରକୁ ପଶିଲେ ଅଗତ୍ୟା- "କିଓ, କହିଲ ପରା ଚାବିପେନ୍ଥା ମିଳିଗଲା ବୋଲି, ପୁଣି କଅଣ ହେଲା ?"

ନୀଳିମାଙ୍କର ଉତ୍ତର ଶୁଭିଲା ରୋଷେଇ ଘରୁ- "ମଣ୍ଟୁ ପାଇଁ ଜଳଖିଆ ରଖିଦେଇ ନଗଲେ ସିଏ ଫେରି ଖାଇବ କ'ଣ ?"

ରାଜୀବ ପୁଣି ବାରଣ୍ଡାକୁ ଯିବେ କି ନାହିଁ ଭାବି ଝରକାବାଟେ ଅନେଇଲେ ଓ ହତାଶ ସ୍ୱରରେ କହିଲେ, "ସ୍କୁଟର୍ ମିଟର ଚଳୁଚି ତେଣେ, ଖିଆଲ୍ ଅଛି ନା ନାହିଁ ?"

ନୀଳିମାଙ୍କର ଉତ୍ତର - "ହଉ ହେଲା, ଆସିଲି ଏଇ।"

ନୀଳିମାଙ୍କର ମୂଳରୁ ଆଗ୍ରହ ନାହିଁ ଯିବାରେ, ଏକଥା ରାଜୀବଙ୍କୁ ଅଜଣା ନୁହେଁ। ରୋଗର ନାଁରେ

Digitized by srujanika@gmail.com

ଯେତେ ନୁହେଁ, ଡାକ୍ତରଖାନା ନାଁରେ ସେ ବେଶୀ ଛାନିଆଁ ହେଇପଡନ୍ତି। ପୁଣି ବ୍ରଜଭାଇ ସେମିତି କିଛି ରକ୍ତ ସମ୍ପର୍କ ଭାଇ ତ ନୁହନ୍ତି, ତାଙ୍କ ସହିତ ସମ୍ପର୍କ ବି ଅନେକ ଅନେକ ବର୍ଷ ହେଲା ଆଉ ସଜୀବ ହେଇ ନାହିଁ; ଖାଲି ଯାହା ସମ୍ପର୍କର ସ୍ମୃତି। ତେବେ ନୀଳିମାଙ୍କ ନିରୁତ୍ସାହ ପଛରେ ବ୍ରଜଭାଇ, ତାଙ୍କ ରୋଗ ବା ଡାକ୍ତରଖାନା ଅସଲ କାରଣ ନୁହନ୍ତି। ମୂଳକଥା ହେଲା ତାଙ୍କ ନିପଟ ଗୃହିଣୀପଣିଆ। ପୁଣି କାରଣ ନ ହେଇ ବେଳେବେଳେ ବି ସେ ତାଙ୍କର ଅମୋଘ ଢାଲ ହେଇଯାଏ, ଘର ଜଞ୍ଜାଳ ଆଳ ନେଇ ସେ ଯେ କୌଣସି ଅବାଞ୍ଛିତ କାମକୁ ଟାଳି ଦେଇ ପାରନ୍ତି।

ରିକ୍‌ସା ଚାଲିବାକୁ ଆରମ୍ଭ କଲାପରେ ରାଜୀବ ନୀଳିମାଙ୍କୁ ଆଶୁ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇ ଦେବାଭଳି କହିଲେ- "ବ୍ରଜଭାଇଙ୍କର ଆଉ ବେଶୀଦିନ ନାହିଁ, ବୁଝିଲ। କେତେବେଳେ ଶେଷ ଆସିଯିବ, ଠିକ୍ ନାହିଁ।"

ନୀଳିମା ଆଣ୍ଠୁ ଉପରେ ଶାଢ଼ୀକୁଞ୍ଚ ସଜାଡୁ ସଜାଡୁ ନିଶ୍ଚିନ୍ତରେ କହିଲେ - "ଜାଣେ, କହିଲ ପରା ସେଦିନ, କ୍ୟାନ୍‌ସର୍ ବାହାରିଲା ବୋଲି।"

ରାଜୀବ ପତ୍ନୀଙ୍କ ମୁହଁକୁ ଅନେଇଲେ ଭାରି ଛାତିରେ, କାଳେ ତାଙ୍କ ମନର ଭର୍ତ୍ସନାକୁ ମିଛ ପ୍ରମାଣିତ କରି ସେଠି କିଛି ଭାବର ଲେଶ ଥିବ ବୋଲି, ହେଲେ ରାସ୍ତାର ଦୃଶ୍ୟାବଳୀ ଦେଖୁ ଦେଖୁ ନୀଳିମାଙ୍କ ମୁହଁରେ ହସ ଫୁଟିଲା, ଆଉ ସେ କହିଲେ- "ଏତେ ବଡ କୋଠାଟାଏ କେବେଠୁଁ ତିଆରି ହେଲାଣି ମ ଏ ପୋଲ ପାଖରେ? ଆଗରୁ ଏଇଠି କ'ଣ ଥିଲା ଟି?"

ରାଜୀବ ଉତ୍ତର ଦେଲେ ନାହିଁ ଓ ନିଜେ ଅନ୍ତତଃ ହାଲୁକା ଗପରେ ବହି ନଯିବାକୁ ମନକୁ ଦୃଢ଼ କଲେ। ଅବଶ୍ୟ ବ୍ରଜଭାଇ ଏଯାଏଁ ହୁଏତ କ୍ୟାନ୍‌ସରର୍ ଶେଷ ପର୍ଯ୍ୟାୟରେ ପହଞ୍ଚି ନାହାନ୍ତି। ସମ୍ଭବତଃ ସିଏ ନିଜେ ଜାଣିନାହାନ୍ତି ଯେ, ତାଙ୍କର ପେଟରେ ଟ୍ୟୁମର ଅପରେସନ୍ ମୂଳରୁ ହେଇନାହିଁ, ପେଟ ଖୋଲିଲା ପରେ ଭିତରେ କ୍ୟାନ୍‌ସର୍ ଥିବା ଦେଖି ଡାକ୍ତର ସେଥିରେ ଟିପ ନ ମାରି ସେମିତି ବୁଜିଦେବାକୁ ନିଷ୍ପତ୍ତି କଲେ। ତେବେ ବ୍ରଜଭାଇଙ୍କ ସହିତ ତାଙ୍କ ସମ୍ପର୍କ ଏମିତି ସରିଗଲା ବା କେମିତି?

ଚାହୁଁ ଚାହୁଁ ଏତେଗୁଡାଏ ଦିନ ଚାଲିଗଲା, କାଲି କାଲି ହେଇ ଟାଳୁ ଟାଳୁ ବ୍ରଜଭାଇଙ୍କ ସାଙ୍ଗରେ ସମ୍ପର୍କଟା ବି ଟାଳିହେଇ ରହିଗଲା ସବୁଦିନ ଲାଗି, ଘରସଂସାର ଜଞ୍ଜାଳରେ ଗୋଡ ଦେବା ପରେ ପରେ କେବେଠୁଁ ଠିକ୍ କେଜାଣି। କଲେଜ ଦିନରେ ବାପାଙ୍କଠୁ ପାଇଥିବା ପ୍ରଥମ ହାତଘଣ୍ଟାଟି ଯେମିତି ସେ ମରାମତି କରିବେ ବୋଲି ରଖିଦେଇଥିଲେ, ଆଉ ସେ କାମ କେବେହେଲେ ହେଇପାରିଲା ନାହିଁ। ପୁରୁଣା ଡ୍ରୟର୍

Digitized by srujanika@gmail.com

ଖୋଲିଲେ ଯେବେ ଆଖିରେ ପଡ଼ିଯାଏ, ସେ ଘଡିଟିକୁ ଆଉଁସି ପକାନ୍ତି, ପୋଛି ପକାନ୍ତି ସତ, ହେଲେ ସେ ଘଡି ଆଉ ଆବଶ୍ୟକ ପଡ଼ିଲା ନାହିଁ କେବେ।

ନୀଳିମା କହୁଥିବାର ସେ ଶୁଣିଲେ- "ବୁଝିଲ, ବ୍ୟାଗ୍ ଖଣ୍ଡକ ନେଇ ଆସିଥାନ୍ତେ ଯଦି, ଫେରିଲାବାଟରେ ପରିବା କିଛି ନେଇଯାଇଥାନ୍ତେ। ଏଠି ସିଟି ମାର୍କେଟ୍‌ରେ ପରିବା ଶସ୍ତା ପଡେ।"

ରାଜୀବ ଦୀର୍ଘଶ୍ୱାସ ଛାଡ଼ି ମନେପକେଇଲେ, ସେ ନୀଳିମାଙ୍କୁ ବ୍ରଜଭାଇଙ୍କ ବିଷୟରେ ପ୍ରକୃତରେ କେତେଦୂର କହିଛନ୍ତି ? ନୀଳିମାଙ୍କୁ ଦୋଷ ଦେଇ ଲାଭ ନାହିଁ; କାରଣ ସେ ରାଜୀବଙ୍କ ଜୀବନକୁ ଆସିହିଁ ନଥିଲେ, ଯେଉଁ ଦିନମାନଙ୍କରେ ସାଙ୍ଗ ପିଲାଙ୍କ କଥା ତ ଛାଡ ତାଙ୍କ ନିଜ ଘରେ ବଡଭାଇ, କକେଇ ସୁଦ୍ଧା ଥଟ୍ଟା କରୁଥିଲେ ବ୍ରଜ ତାଙ୍କର ଫ୍ରେଣ୍ଡ୍, ଫିଲସଫର୍ ଏଣ୍ଡ ଗାଇଡ୍ ବୋଲି।

ନୀଳିମା କହୁଛନ୍ତି- "ଦେଖିଲଣି, କେତେ ସୁନ୍ଦର ମଟର ଛୁଇଁ ଆସିଲାଣି ବଜାରକୁ। ନୂଆ ପରିବାଟାଏ ଦେଖିଲେ ଆଣନ୍ତ ସିନା, ବନ୍ଧାକୋବିରେ ପକେଇଲେ ଟିକିଏ ସ୍ୱାଦ ବଦଳେ।"

ଏଥର ରାଜୀବ ମୁହଁ ଖୋଲିଲେ- "ତମେ ତାହେଲେ ଅସଲରେ ବଜାର ସଉଦା କରିବ ବୋଲି ବାହାରିଚ, ନା କ'ଣ ?"

ନୀଳିମା ସେମିତି ପରିବା ହାଟର ସୁଷମା ଦେଖୁ ଦେଖୁ କହିଲେ- "ସେଇଠୁ ? ରୋଗୀକୁ ଦେଖିବାକୁ ଯିବା ବୋଲି କ'ଣ ବଜାର କରିବା ମନା ?"

ରାଜୀବ ଚିହାଇ କହିଲେ- "ଫଳ ଟିକିଏ କିଣିନେବା ବୋଲି ଭଲା ଥରେ କହନ୍ତ ?"

ନୀଳିମା ସପ୍ରତିଭ ଉତ୍ତର ଦେଲେ- "କି ଦରକାର ଯେ ? ସେମାନେ ବଡଲୋକ, ଆମ ଅବସ୍ଥା କ'ଣ ସେମାନଙ୍କୁ ଅଜଣା। ରିକ୍‌ସା କରି ଏତେବାଟ ଯାଉଚୁ, ତମେ ପୁଣି ଆଗରୁ ଦି'ଥର ଗଲଣି ଦେଖିବାକୁ, ସେତିକି ଯଥେଷ୍ଟ ନୁହେଁ ?"

ରାଜୀବ ଦାନ୍ତ ଚାପିନେଲେ, ଥାଉ। ଏମିତି ବିଷୟରେ ବେଶୀ ଆଲୋଚନା କରିବା ମୂର୍ଖାମୀ, ମଇଳା ଗାତ ଖୋଳିବା ଭଳି। ବରଂ ଜୀବନର ବିଚିତ୍ର ଗତି ବିଷୟରେ ସେ ଭାବିଲେ । ଯେଉଁ ବ୍ରଜଭାଇ ଛାତ୍ର ଜୀବନରେ ଅନ୍ୟ ପାଇଁ କେତେ ଖର୍ଚ୍ଚ କଲେ, କି ସାହାଯ୍ୟ କଲେ ସେକଥା ଦ୍ୱିତୀୟ ଥର ମନକୁ ଆଣିବା ଭଳି ଭାବ ଦେଖାଉନଥିଲେ, ତାଙ୍କ ବିଷୟରେ ଏ ଧରଣର ହିସାବ କିତାବର ଭାଗୀଦାର ବି ରାଜୀବଙ୍କୁ ହେବାକୁ ପଡ଼ିଲା। କିଛି ସମୟ ଚୁପ୍ ରହିଲା ପରେ ଆଉ ସମ୍ଭଳା ନ ପଡ଼ିଲା

Digitized by srujanika@gmail.com

ପରି ରାଜୀବ କହିପକାଇଲେ- "ବ୍ରଜଭାଇଙ୍କ ସାଙ୍ଗରେ ଏଇ ତଫାତ୍- ଏଇ ଧନୀ ଆଉ ନିର୍ଦ୍ଧନର ମୋର କେବେ ନଥିଲା? ପିଲାଦିନୁ ଥିଲା, ସଭିଏଁ ସେକଥା ବି ଜାଣିଥିଲେ। ତମେ ତାଙ୍କୁ ଜାଣିଥାନ୍ତ ଯଦି ଆଜି ରିକ୍ସା ଖର୍ଚ୍ଚ କଥା ମୁହଁରେ ଧରିବାକୁ ଲାଜ ଲାଗନ୍ତା, ବୁଝିଲ?"

ନୀଳିମା ଏଥର ପୁରା ମୁହଁ ଫେରେଇନେଲେ ରାସ୍ତାକଡ଼ ଦୃଶ୍ୟାବଳୀରୁ ଓ ବିରକ୍ତ ସ୍ୱରରେ କହିଲେ- "କ'ଣ ତମେ ଏମିତି କହୁଚ ମ, ଯେମିତି ମୁଁ ତମ ବ୍ରଜଭାଇଙ୍କୁ ଜମା ଜାଣେ ନାହିଁ। ତାଙ୍କୁ ପରା ମୁଁ ପାଠ ପଢ଼ିଲାଦିନୁ ଜାଣେ, ମୋ ବାପାଙ୍କ ଛାତ୍ର ଥିଲେ ସେ। ମୋ ବାପଘରେ ସମସ୍ତେ ଜାଣନ୍ତି ତାଙ୍କୁ, ତମେ କେମିତି ନିଜେ ଭୁଲିଯାଉଚ?"

ରାଜୀବ କହିଲେ- "ଓ!" ତାପରେ ଭାବିଲେ- ଏମିତି କେତେ ଲୋକ ଜାଣିଥିବେ, ଚିହ୍ନିଥିବେ ବ୍ରଜଭାଇଙ୍କୁ। ହେଲେ ମୁଁ ଯେଉଁ ବ୍ୟକ୍ତିଟିକି ଜାଣିଥିଲି, ଉଷ୍ଣମ୍ ଜୀବନଟିଏ ଯେତେବେଳେ ଫିଟି ଫିଟି ଆସୁଥିଲା, ନିଜ ଚାରିଆଡକୁ ଅଦ୍ଭୁତ ସ୍ପର୍ଶ କାତରତାରେ ଶୋଷି ନେଉଥିଲା ନିଜ ଅନୁଭୂତି ଭିତରକୁ, ନିଃସର୍ତ୍ତ ସ୍ନେହରେ ଉତ୍ସୁକତାରେ ଭେଦିଯାଉଥିଲା ସମସ୍ତ ପରିପାର୍ଶ୍ୱକୁ, ତାକୁ ଆଉ କେତେଜଣ ଜାଣିଛନ୍ତି? ସେଇ ଯେଉଁ ଛବିଟି ଆଜିଯାଏଁ ଅପୂର୍ବ ଅଲିଭା ହେଇ ରହିଚି ମୋ ଭିତରେ, ସେଇଟି ସତରେ ଆଉରି କେତେ ଲୋକଙ୍କୁ ଦୃଶ୍ୟ ହେଇ ପାରିଲା, ବା ସଂସାର ଜଞ୍ଜାଳ ଭିତରେ ବ୍ରଜଭାଇଙ୍କ ଭିତରେ ହିଁ ତାପରେ ଛପିଗଲା ସେ ଚିରଦିନ ପାଇଁ କିଏ ଜାଣେ?

ନୀଳିମାଙ୍କର ଏଥର ଦୋକାନ ବଜାରରୁ ମନ ଫେରି ଆସିଥିଲା। ଗାଲରେ ହାତ ଦେଇ ସେ ସ୍ୱାମୀଙ୍କର ଇଚ୍ଛାମତେ ଏକାଗ୍ର ହେବାକୁ ଚେଷ୍ଟା କଲେ। କେଉଁ ମଣିଷଟିକି ଦେଖିବାକୁ ଯାଉଛନ୍ତି ସେ? କେମିତି ଦିଶୁଥିଲା ସେ ଲୋକଟି ଗତଥର? ମୋ ମନ ଭିତରେ ଯେଉଁ ଏକାଧିକ ଛବି ସାଇତା ରହିଚି, ବ୍ୟକ୍ତିଟିର ମୃତ୍ୟୁ ଘୋଷିତ ହୋଇସାରିବା ପରେ କେଉଁ ଛବିଟିକି ଉଦ୍ଧାର କରିବି? ପୁଣି ମରଣର ଦୁଆର ମୁହଁରେ ଛିଡା ହୋଇଥିବା ଲୋକଟିର ଆମ ପ୍ରତି ଭଲ ବା ଖରାପ ଧାରଣା ହେବ ବୋଲି ରାଜୀବ ଏତେ ବ୍ୟସ୍ତ ଭଲା କାହିଁକି?

କଣେଇ ଚାହିଁଲେ ସେ ରାଜୀବଙ୍କୁ। ବଡ ବିଷର୍ଣ୍ଣ ଦିଶୁଛନ୍ତି, ସତେକି ଜୀବନର ଅର୍ଥହୀନତାକୁ ଏଇ ହୃଦୟଙ୍ଗମ କରୁଛନ୍ତି। କ'ଣ ଏମିତି ହେଇଯାଇଚି କି ବ୍ରଜଭାଇଙ୍କର? କ୍ୟାନ୍‌ସର ହେଇଚି ହଁ। ନ ହେଇଥିଲେ ବଞ୍ଚିଥାନ୍ତେ ଆଉ କେତେଟା ବର୍ଷ। କିନ୍ତୁ ଜୀବନ ତାଙ୍କୁ କ'ଣ ଦେଇନାହିଁ ଯେ ଆଉରି ସମବେଦନା ଦେଖାଯିବ?

Digitized by srujanika@gmail.com

ନିଜର ଇଚ୍ଛାମତେ ବଞ୍ଚିଚନ୍ତି ସେ, ଅଭିଳାଷ ସବୁ ସଫଳ ହେବା ଦେଖିଛନ୍ତି, ଅପରର ଇଚ୍ଛା କି ନିର୍ଦ୍ଦେଶ ମତେ ନିଜ ଇଚ୍ଛାକୁ ରୁଆଏ ହେଲେ ବଙ୍କେଇ ଯିବାକୁ ଦେଇନାହାନ୍ତି। ଗତ ଅନେକ ବର୍ଷରୁ ଦେଖାସାକ୍ଷାତ୍ ନଥିଲେ ବି ନୀଳିମା ନିଃସନ୍ଦେହ ଯେ, ବ୍ରଜଭାଇ ଏମିତି ହିଁ ବଞ୍ଚିଥିବେ ସାରାଜୀବନ, ନିଜ ବିଚାରରେ ପରିପୂର୍ଣ୍ଣ ଭାବେ। ତହିଁରେ ପୁଣି ଆଖିଦୃଶିଆ ଧନଜନ ଗୋପଲକ୍ଷ୍ମୀ ବି କୁଢ଼େଇ ହେଇଚି ତାଙ୍କ ଉପରେ। କ'ଣ ହେଇଗଲା ବର୍ଷ କେତେଟା ଅଧିକା ଜୀଇଁ ପାରିଲେ ନାଇଁ ବୋଲି? ରାଜୀବ ଭଳି ଶୁଆ ପାଠ ପଢ଼େଇ ପଢ଼େଇ, ଚପଳ ଘୋଷାରି ଦରମା ଟଙ୍କା କେତେଟାରେ ଦୁନିଆଁଯାକର ଦାୟିତ୍ୱ ମୁଣ୍ଡାଇ ତ ସେ ଜୀବନ କାଟିନାହାନ୍ତି। ରାଜୀବ ଏତେ କାଇଁକି ଭାବଗଦ୍‌ଗଦ୍ ତାଙ୍କ ଦୁର୍ବିପାକ କଥା ଭାବି।

ହସ୍‌ପିଟାଲ ହତା ଭିତରକୁ ଆଣି ଅଟୋ ରହିଲା। ଭଡା ତୁଟେଇ ବାରଣ୍ଡାରେ ପାଦ ଦେଲାବେଳେ ନୀଳିମା ପଚାରିଲେ- "କେମିତି ଦେଖାଯାଉଛନ୍ତି ବ୍ରଜଭାଇ? ବହୁତ ବୁଢ଼ା ଦିଶିଗଲେଣି?"

ରାଜୀବ ତାଙ୍କ ମୁହଁକୁ ଅନେଇଲେ, ସତେକି ତଉଲି ଦେଖୁଛନ୍ତି ମନୋଭାବକୁ, ଓଜନ ପରଖିସାରି କହିବେ। ଟିକେ ତୀଖ ଗଳାରେ କହିଲେ- "ତା ବୋଲି ତମେ ଜାଣିଶୁଣି ଏମିତି ମୁହଁ ଓହଳାଇ ପକାଅ ନାହିଁ। ରୋଗୀର ସେଥିରେ ଆଉରି ମନ ଖରାପ ହେଇଯାଏ।"

ଅଚାନକ ନୀଳିମାଙ୍କ ଛାତି ଭିତର ଜମାଟ ବାନ୍ଧିଗଲା, ଆଖି ପୋଡ଼ିଉଠିଲା ଅତର୍କିତ। ନିଜ ଉପରେ କାବୁ ପାଇଲାବେଳକୁ ରାଜୀବ କହୁଛନ୍ତି- "ଏଇ ଡାହାଣ ହାତି ପ୍ରଥମ କବାଟ। ତମେ ଏମିତି ଆମ୍ବିଳିଆ ମୁହଁ କରନାଇଁ ପରା କହିଲି।"

ହସ ହସ ମୁହଁରେ ହିଁ ନୀଳିମା ପଶିଲେ। ଯଦିଓ ପୁଣି ଥରେ ସେ ଆଶ୍ଚର୍ଯ୍ୟ ହେଉଥିଲେ ଯେ, ଯେଉଁ ଲୋକଟାର ଆଉ କେଇଟା ଦିନ ବା ଘଣ୍ଟା ଜୀବନ ବାକି ଅଛି, ତାକୁ ଆଉ ମିଛ ଆଶ୍ୱାସନା ଦେଇ ଲାଭ କ'ଣ? ମୋଟ ଉପରେ ତାକୁ କ'ଣ ଜୀବିତ ସଂପୂର୍ଣ୍ଣ ମଣିଷଟିଏ ବୋଲି ଧରାଯାଇପାରେ?

ସ୍ପେଶାଲ କ୍ୟାବିନ୍। ଖଟରେ ନିଶ୍ଚଳ ଶୋଇଛନ୍ତି ବ୍ରଜଭାଇ। ଗୋଡ ପାଖ ଚଉକିରେ ବସି ପୁଅ ବହିଖଣ୍ଡେ ପଢୁଛି। ଟେବୁଲ ଉପରେ ରଖା ସରଞ୍ଜାମରେ ବୋହୂ ବୋଧେ ଚା ତିଆରି କରୁଚି।

ବ୍ରଜଭାଇ ଶୋଇନଥିଲେ। ରାଜୀବଠୁଁ ଦୃଷ୍ଟି ପହଁରିଯାଇ ପଛେ ପଛେ ଆସୁଥିବା ନୀଳିମାଠିଁ ତାଙ୍କ ଦୃଷ୍ଟି ଲାଖିଗଲା, ନିଷ୍ପ୍ରଭ ମୁହଁ ଉଜ୍ଜ୍ୱଳ ଦିଶିଲା।

Digitized by srujanika@gmail.com

ପ୍ରତିନମସ୍କାରରେ ଡାହାଣ ହାତ ଛାତି ପାଖକୁ ନେଉ ନେଉ ହସ ଟିକିଏ ଫୁଟିଲା ମୁହଁରେ, କହିଲେ- "ଯା'ହେଉ ଆସିଲ ଦିହେଁ ଯାକ, ଏଁ।"

ସେ କଥାରେ ଅଭିଯୋଗ ନଥିଲା।

କୁଶଳ ସମାଚାର ଚାଲିଥିଲାବେଳେ ନୀଳିମା ବୋହୂ ପାଖରେ ଯାଇ ଗପ ଯୋଡ଼ିଲେ, ତା ହାତରୁ ନେଇ କ'ଣ ଗୋଟାଏ କାମ କଲେ। ବ୍ରଜଭାଇ ଦିଶୁଛନ୍ତି ଯେମିତି ଦିଶିବାର କଥା। ତେଣିକି ମନ ଦେଇ ଆଉ ଲାଭ କ'ଣ? ଦିନ କେଇଟାର କଥା, ଭଲରେ କଟିଯାଉ, ବିଚରା କଷ୍ଟ ନ ପା'ନ୍ତୁ।

ରାଜୀବ କହୁଛନ୍ତି ତାଙ୍କୁ- "ଭଲ ହେଇଯିବ ଭାଇନା। ଆଉ ଦିନ କେଇଟାରେ ଯିବ ଘରକୁ।"

- "ଯାହା ଥିବ ଈଶ୍ୱରଙ୍କ ଇଚ୍ଛା।"

ନୀଳିମା ସଫେଇ ଦେଉଛନ୍ତି, ଘର ଜଞ୍ଜାଳରେ ଏଯାଏଁ ଆସିପାରି ନଥିଲେ ବୋଲି। ରାଜୀବ କେଉଁ ବ୍ରଜଭାଇଙ୍କ ସାଙ୍ଗେ କଥା ହେଉଛନ୍ତି? ଯାହା କଥା ପଡ଼ିଲେ ଦେବତା ଭଳି କହନ୍ତି, ତାଙ୍କୁ ଏମିତି ନିର୍ବୁଦ୍ଧିଆ ପିଲାଟିଏ ଭଳି ସାନ୍ତ୍ୱନା ଦେଇବାକୁ ବାଧୁନାହିଁ? ଆଉ ଉତ୍ତର ବି ତଦ୍ରୂପ। ଈଶ୍ୱରଙ୍କ ଇଚ୍ଛା। ଆଜିଯାଏ ସବୁ କିଛି ତ ହେଲା ନିଜ ଇଚ୍ଛାମତେ। ଆଜି? ନୀଳିମା ନିଜକୁ ଆକଟ କଲେ। ଏମିତି ଚିନ୍ତା ଆସିବା କଥା ନୁହେଁ। ଆସନ୍ନ-ମୃତ୍ୟୁ ଅବସ୍ଥାରେ ଦେଖିଲେ ଶତ୍ରୁକୁ ବି ପରା କ୍ଷମା କରି ଦେଇହୁଏ, ସବୁ ଦୋଷ ଦୁର୍ବଳତା କରୁଣାରେ ବୁଡ଼ିଯାଏ ?

ବୋହୂ ତାଙ୍କ ହାତକୁ ବଢ଼େଇ ଚା ଚଉକିଟିଏ ବ୍ରଜଭାଇଙ୍କ ବିଛଣା କତକୁ ଟାଣିଦେଇ କହୁଛି- "ମାଉସୀ, ଆପଣ ଏଇଠି ବସନ୍ତୁ।"

ବ୍ରଜଭାଇ ପଚାରୁଛନ୍ତି ଦୁର୍ବଳ ସ୍ୱରରେ- "ଆଉ ନୀଳିମା, ତମର ବଡ ପୁଅଟି ତ ପାରିଗଲା, ଆଉ ଚିନ୍ତା କ'ଣ?"

ପରସ୍ପରର ପିଲାଝିଲା, ଘରଦ୍ୱାର, ନିକଟ ଅତୀତର ଘଟଣାବିଶେଷମାନ ଆଲୋଚନା ହେଇସାରିଲା ବେଳକୁ ସଞ୍ଜ ହେଇ ଆସୁଥିଲା। ନର୍ସ ଆସି ରୋଗୀର ତାପ ନେଲା, ଚାର୍ଟ ପଢ଼ି ଔଷଧ ଦେଲା।

ବୋହୂ କହିଲା ପୁଅକୁ- "ରାତି ହେବା ଆଗରୁ ଯାଇ ବଜାରରୁ ଜିନିଷ କେଇଟା ନେଇ ଆସ।"

Digitized by srujanika@gmail.com

ରାଜୀବ କହିଲେ- "ମୁଁ ବି ଯାଏଁ ଘେରାଏ ବୁଲିଆସେ, ଏଠି ବସିରହି ଏତେଗୁଡାଏ ସମୟ ତମ ସାଙ୍ଗେ କଥା କହିବା ଉଚିତ୍ ହେବ ନାହିଁ। ତମେ ଭାଇନା ଟିକିଏ ଶୋଇପଡ, ମୁଁ ଫେରିଲେ ପୁଣି ଗପିବା। ଆମେ ଦିହେଁ ଠିକ୍ କରିଛୁ ଆଜି ଟିକେ ଡେରିରେ ଫେରିବୁ ଘରକୁ।"

ଦିହେଁ ବାହାରିଗଲା ବେଳକୁ ବ୍ରଜଭାଇଙ୍କ ଆଖି ଲାଗିଆସିଥିଲା। ବୋହୂ ତା'ର ଚା ବାସନ ଧୂଆ ଧୋଇ କରି ଆସିଲା, ନୀଳିମା ଝରକା ପାଖେ ଠିଆ ହୋଇ ବାହାରେ ରୋଷେଇବାସ କରୁଥିବା କେଉଁ ମଫସଲି ରୋଗୀଙ୍କ ପରିବାରମାନଙ୍କୁ ଦେଖୁଥିଲେ। ବୋହୂ କହିଲା - "ମାଉସୀ, ଆପଣ ଏଠି ବସିବେ ଯଦି ମୁଁ ଟିକିଏ ଯାଇ ସେ ପାଖ ମହିଳା ଓ୍ୱାର୍ଡରୁ ଦେଖି ଆସନ୍ତି, ମୋର ସମ୍ପର୍କର ନାନୀ ଜଣେ ଅଛନ୍ତି, ବାପାଙ୍କୁ ଛାଡ଼ି ଜମା ଯାଇପାରୁନାହିଁ।"

ଝରକା ପାଖ ଆରାମ ଚଉକିରେ ବସିପଡ଼ି ପତ୍ରିକା ଖଣ୍ଡେ ଗୋଟାଇ ନୀଳିମା କହିଲେ- "ତମେ ଯାଅ ନିଶ୍ଚିନ୍ତରେ, ମୁଁ ବସିଛି, ଚିନ୍ତା କରନି।"

ବହି ପୃଷ୍ଠାରେ ଝରକା ପାଖର ଆଲୁଅ ସୁଦ୍ଧା ଯଥେଷ୍ଟ ହେଉନାହିଁ, ଲାଇଟ୍ ଜଳାଇବା ଉଚିତ୍ ହେବ କି ନାହିଁ ଭାବୁ ଭାବୁ ନୀଳିମା ବିଛଣା ଆଡକୁ ଚାହିଁଲେ। ରୋଗୀର ନିଦ ଏଇ ଭାଙ୍ଗିଲା ବୋଧେ, ଅଳ୍ପ ହାତ ମେଲି ଦୁର୍ବଳ ଭାବେ ଭିଡ଼ିମୋଡି ହେଉ ହେଉ ସେ ଆଖି ଖୋଲିଲା ଓ ତା ଦୃଷ୍ଟି ଏଠି ସେଠି ଘୁରି ତାଙ୍କରି ଉପରେ ସ୍ଥିର ହେଲା।

ସନ୍ଧ୍ୟାର ସେ ଆଲୁଅ ଅନ୍ଧାରର ମିଶାମିଶି ବେଳରେ ହଠାତ୍ ଲୋକଟି ଜାଗି ଉଠିବାର ଦେଖିଲେ ନୀଳିମା, ଆଉ ଶୀତେଇଗଲେ, ସତେକି ଅନ୍ଧାରର ନିଷିଦ୍ଧ ଗାର ଡେଇଁ ସେ ଚାଲିଆସିଛି ଆଲୋକ ଭିତରକୁ। ଆଉ ତାଙ୍କ ତନ୍ଦ୍ରା ଭାଙ୍ଗି ଦେଇ ମୁହାଁମୁହିଁ କରିଦେଉଛି ଅନୁଭବ ସାଙ୍ଗେ, ଟାଣିନେଉଛି ତାଙ୍କ ନିଜସ୍ୱ ଜାଗିବାର ମଝାମଝି ବିନ୍ଦୁକୁ। ନୀଳିମା କାକୁସ୍ୱରେ ନାହିଁ ନାହିଁ କଲେ, ଠିଆ ହୋଇ ପଡ଼ି ପଚାରିଲେ- "ତମେ ଉଠିଲଣି କି କେତେବେଳୁ ? କ'ଣ ଦେବି ? ଫଳରସ ?"

ଆଉ ନୀଳିମା ନିଜ ଭିତରେ ଶୁଣିଲେ- ନାହିଁ କରନା, ଏଇତ ସମୟ, ବାଂଛିତ ସମୟ ଯାହାକୁ ଅନେଇ ଅନେଇ ତୁ ଆଶା ଛାଡ଼ି ଦେଇଥିଲୁ। ଏଇ କେଇଟା ମୁହୂର୍ତ୍ତ ହିଁ ତ ତତେ ଦେଉଛି ଜୀବନ। ଆଉ ଏ ଆସିବାର ନୁହେଁ। ସାଉଁଟି ନେ, ଖର୍ଚ୍ଚ କରିପକା ଇଚ୍ଛାମତେ। ଫିଙ୍ଗି ଦେଉଚୁ କାହିଁକି ?

Digitized by srujanika@gmail.com

- "ନା ମୋର କିଛି ଦରକାର ନାହିଁ। ବସ।"

ନୀଳିମା କିନ୍ତୁ ଆସି ଖଟ ପାଖରେ ଠିଆ ହେଲେ। ଦେଖେଁ ଦେଖି, କ'ଣ ଅଛି ଏଇନା ସେ ମୁହଁ ପଛରେ, ସେ ଆଖିରେ। ଭୟ କରୁଚି କି ମୋତେ, ନା ବେଖାତିର? ତା'ର ନିର୍ଲଜ୍ଜ ପ୍ରତାରଣା ଲାଗି କିଛି ଲାଜ କି ପଶ୍ଚାତ୍ତାପର ଚିହ୍ନ ଅଛି କି ସେଥିରେ, ନା ତଥାପି ରହିଚି ବାକି ସେଇ ବିରକ୍ତି, ଅକାରଣ ହିଂସା? କାରଣ ମୃତ ଲୋକ ଏ ନୁହେଁ। ତକିଆରେ ଆଉଜି ତାଙ୍କ ମୁହଁକୁ ଖୋଜୁଛି ଦୁଇଟି ଜୀଅନ୍ତା ଆଖି।

ନୀଳିମା ପଚାରିଲେ- "ଦେହ କେମିତି ଲାଗୁଛି?"

"ଲାଗିବ ଆଉ କ'ଣ। ଦେହଟାଏ ତ ଅଛି, ଜୀବନ ଥିବା ଯାଏ ସହିବାକୁ ହେବ।"

ନୀଳିମା ନିଜକୁ କହିଲେ- ଏଇଟା ମୋର ଅନ୍ୟାୟ। ଜୀବନ ପରି ଦିଶୁଥିଲେ ବି ସେ ଆଖିଦିଇଟା ଖଞ୍ଜି ହେଇଚି ଗୋଟିଏ ମୃତ ଦେହରେ। କ୍ୟାନ୍‌ସର୍‌ର ପଞ୍ଜା ଭିତରେ ଥାଇ ଅନେଇଚି ସେ, ସତେକି ଅହିରାଜର ଆଁ ଭିତରେ ହଜିଯାଉଥିବା ଦେହଟିଏର ଜୀବନ-ଲୋଲୁପୀ ଆଖିଦିଇଟି।

କହିଲେ - "ସେମିତି ଭାବନି। ଦେହ ଦୁଃଖ ତ ଭୋଗିବାକୁ ହୁଏ। ସଭିଙ୍କୁ।"

କିନ୍ତୁ ଶୀଘ୍ର ଭଲ ହେଇଯିବ ବୋଲି ଆଶ୍ୱାସନା ନୀଳିମାଙ୍କ ମୁହଁରୁ ଫୁଟିଲାନି। ଆଉ କ'ଣ କହିବେ ବୋଲି ସେ ମୁହଁକୁ ଚାହିଁଥିଲା ବେଳେ ଶୁଭିଲା ଆଶାତୀତ କିନ୍ତୁ ବହୁ ପ୍ରତୀକ୍ଷିତ ସେ ପ୍ରଶ୍ନଟି- "ନୀଳିମା, କ'ଣ କହିବ କି କିଛି ମୋତେ? ଏମିତି ଅନେଇଚ?" ଓ ନୀଳିମା ନିରୁତ୍ତର ରହିବା ପରେ- "ଏଯାଏଁ ରାଗ ରଖିଚ କି ନୀଲି? ଭୁଲିନା? ରାଗିଲା ପରି ଦିଶୁଚ ଯେ।"

ନୀଳିମା ଭାବିଲେ- ଥାଉ, ଏତିକିରେ ଥାଉ। ଆଉ ଅଧିକକୁ ମୋର ଲୋଭ କରିବାର ନୁହେଁ। ଭାଗ୍ୟ ଯଦିବା ଆଗତ ଅତୀତ ସବୁକୁ ଏମିତି ବେଳେବେଳେ ଗୋଳିଆପୋଳିଆ କରି ଖେଳ ଖେଳେ, ଘଟଣା କ'ଣ ତା ବୋଲି ଅକ୍ଷତ ଥାଏ ସ୍ମୃତିରେ ବି? ଚାଲିଯାଉଥିବା ସମୟ ସୁଧ ଅସୁଲ କରି କରି ଘଟଣାର ମୂଳଧନ ବି ବାକିରଖେ ନାହିଁ। ମୋର ତେଣୁ ଏବେ ଖାଲି ଗିଳିଯାଉଥିବା ଅହିରାଜକୁ ହିଁ ଦେଖିବା କଥା। କହିଲେ- "ଛାଡ ସେସବୁ। ବାଜେ କଥା।"

Digitized by srujanika@gmail.com

ଏତିକିରେ ନିଳିମା ସତରେ ଚାଲିଯିବାକୁ ଦେଇଥାଆନ୍ତେ, ହାତରେ ଆସି ପଡ଼ିଥିବା ଅଯାଚିତ ସମୟକୁ; କିନ୍ତୁ ତା' ହେବା ବୋଧେ ନଥିଲା। କାରଣ ବ୍ରଜଭାଇ ଆଉରି କିଛି ଖୋଜୁଥିଲେ ତହିଁରୁ, ହାତରୁ ବାହାରି ଯାଇ ସାରିଥିବା ଜୀବନରୁ ଅଂଶଟିଏ। କହିଲେ - "ସେ ଦିନମାନଙ୍କରେ କେତେଥର ଭାବିଚି ତମ ସାଙ୍ଗେ ଭେଟ ହେଇଯିବ ନିଶ୍ଚେ କୋଉଠି। ଦେଖାହେଲେ କିଭଳି କଥାବାର୍ତ୍ତା ହେବ ଆମର। ଦେଖା ନ ହେଇ ବି ମୁଁ ଜାଣିଥିଲି ତମର କିଛି ଅଭାବ ରହିନାଇଁ ଜୀବନରେ, ସବୁମତେ ପାଇଚ ତମେ। ଆଜି ଦେଖିଲି ତମକୁ, ଭଲ ହେଲା, ମୋର ବିଶ୍ୱାସ ସତ ବୋଲି ମୁଁ ଜାଣିଲି।"

ସଞ୍ଜ ଅନ୍ଧାରରେ ଜାଲଜାଲୁଆ ଦିଶୁଥିବା ମୁହଁରୁ ଆଖି ଚୋର୍ କରି ଫେରେଇ ନେଇ ଅନ୍ୟଠି ମନ ଦେବାକୁ ଚେଷ୍ଟାକଲେ ନୀଳିମା। ଘରସାରାର ଛାଇ ଅନ୍ଧାର ଭିତରେ ଉଠି ବସିଥିବା ଲୋକଟି ଏଥର କହିଲା - "ଗୋଟିଏ କଥା ଖାଲି ମୋର କହିବାକୁ ଅଛି ନୀଳି। ମୁଁ ଯାହା କଲି ଭୁଲ୍ କି ଠିକ୍ ସେ ଆଲୋଚନା ମୁଁ କରିବିନି। ପୂର୍ବରୁ ଦେଖା ହେଇଥିଲେ ଆମ କଥାବାର୍ତ୍ତା ଏଇଆ ହୋଇଥାନ୍ତା କି ଅନ୍ୟ ମୋଡ ନେଇଥାନ୍ତା କେଜାଣି; କିନ୍ତୁ ସେଦିନମାନଙ୍କ କଥା ମନେ ପଡ଼ିଲେ ମୋତେ କ'ଣ ଲାଗେ ଜାଣ? ବାକି ଜୀବନରୁ ସେତକ ସମୟ କାଟିଦେଇ ଏକକଟିଏ ଭଳି ନେଇ ଭାବିଲେ ଲାଗେ- ଏତେ ପରିପୂର୍ଣ୍ଣ, ପ୍ରଗାଢ଼ ଭାବେ ମୁଁ ଖୁବ୍ କମ୍‌ଥର ଅନୁଭବ କରିଚି ଜୀବନକୁ। ଏତେ ଆନନ୍ଦ ଆଉ ଖୁବ୍ କମ୍ ପାଇଚି। ଏତକ ପ୍ରାପ୍ତିର ଧାରଣା କ'ଣ କମ୍ କଥା ନୀଳି?"

ନୀଳିମା ଏଥର ତାଙ୍କୁ ମୁହଁ କଲେ। ସିଧା ହେଇ ଠିଆ ହେଇ ଲମ୍ବ ନିଶ୍ୱାସଟିଏ ଟାଣିନେଲେ ଛାତି ଭିତରକୁ, ଆଉ ଏକାଧାରରେ କହିପକାଇଲେ - "ତା ହେଲେ ମୋ କଥା ବି ଶୁଣ। ମୁଁ ଜୀବନରୁ ବୁଝିଚି ଯେ ସୁଖଦୁଃଖର କଥା ସବୁ ସେଇ ମୁହୂର୍ତ୍ତରେ ବୁଝିହୁଏ ନାହିଁ। ସ୍ଥାନକାଳ ବିଶେଷରେ ଯାହା ସୁଖ ବୋଲି ମନେ ହେଇଥାଏ, ପରେ ଲେଉଟି ଚାହିଁଲେ ହୁଏତ ତା ଜୀବନର ସବୁଠୁ ବଡ ଝଞ୍ଜା ପରି ଦିଶେ। ଆଉ ବୟସର ଗର୍ବରେ, ପୁରୁଷ ଜନ୍ମ ପାଇଥିବାର ଦମ୍ଭରେ ଯେଉଁଟି ବଡ ବୁଦ୍ଧିମାନର କାମ ପରି ତମକୁ ଲାଗିଥିଲା, ପରେ କେଜାଣି ହୁଏତ ବୁଝିପାରିଥିବ ଯେ ସେଭଳି କିଛି ପୌରୁଷ ବା ବାହାଦୂରୀ ନଥିଲା ତହିଁରେ।"

କିଛି ଆଉ ଉତ୍ତର ଆସିଲା ନାହିଁ ଅନେକ ସମୟ ଧରି। ତା'ପରେ ଆଉରି ଧୀର ସ୍ୱରରେ ପ୍ରଶ୍ନ ଶୁଭିଲା- "ନୀଳି, ପରବର୍ତ୍ତୀ କଥାମାନ କିଛି ସମୟ ଲାଗି ଭୁଲିଯାଇ

Digitized by srujanika@gmail.com

କେବଳ ସେଇ କେତେଦିନ ତମ ଜୀବନର ଏକକ ଅଂଶଟିଏ ବୋଲି କଳ୍ପନା କର ଦେଖି। ସେଭଳି ଅନୁଭବ କ'ଣ ଆହୁରି ଅନେକଥର ଆସିଥିବ ତମ ଜୀବନରେ? କିଛି ସମୟ ପାଇଁ ମୁଁ ତମକୁ ସୁଖ ଦେଇନାହିଁ, ମିଛ ଥିଲା ସେ?"

ନୀଳିମା ପରିଷ୍କାର ରୋକ୍‌ଠୋକ୍ ଗଳାରେ ଜବାବ ଦେଲେ - "ହଁ, ପୁରା ମିଛ। ଯାହାକୁ ତମେ ମୋର ସୁଖ ବୋଲି ଭାବି ନିଜକୁ କ୍ଷମା କରି ଦେବାକୁ ବସିଛ, ସିଏ ମୋର ସୁଖ ନଥିଲା। ତମର ସ୍ୱାର୍ଥପରତା ଥିଲା କେବଳ।"

ପୁଣି କେତେବେଳ ପରେ ରୋଗୀଟିଏର ଦୁର୍ବଳ, ଦୋଦୋପାଞ୍ଚ ସ୍ୱର ଶୁଭିଲା- "କିନ୍ତୁ କାହିଁକି? ତମର କଣ ଟିକିଏ ହେଲେ ସ୍ନେହ ନଥିଲା?"

ଅତର୍କିତ ରୁନ୍ଧି ଆସିଥିବା ଗଳାରୁ କଷ୍ଟରେ ସ୍ୱର ଫୁଟାଇ ନୀଳିମା କହିଲେ- "ମୁଁ ଯେଉଁ ସଂସ୍କାରରେ ବଢ଼ିଥିଲି, ସେଥିରେ ଭଲପାଇବା ମନ ଭିତରେ ଥାଏ। ସେଇ ଆଳରେ ଦେହ ନେଇ ଶିଖାଯାଇଥିବା ନିୟମ ଯଦି ଭାଙ୍ଗି ଦିଆଯାଏ କଦବା, ତା ହେଲେ ନିଜ ପ୍ରତି ଘୃଣା ହୁଏ। ତହିଁରୁ ଆନନ୍ଦର ପ୍ରଶ୍ନ ନାହିଁ; କିନ୍ତୁ ମୋର ସୁଖ ନୁହେଁ, ନିଜ ଭବିଷ୍ୟତ ଚିନ୍ତା ବି ନୁହେଁ, କେବଳ ତମକୁ ସୁଖ ଦେବାର ଇଚ୍ଛାରେ ହିଁ-"

କବାଟରେ ନକ୍ ଶୁଭିଲା। ବ୍ରଜଭାଇଙ୍କ ବେଡ୍ ସୁଇଚ୍ ଟିପରେ ଆଲୁଅ ଜଳୁଜଳୁ କବାଟ ଖୋଲି ପଶିଆସିଲା ନର୍ସ। ପାଖକୁ ଆସି ଆସ୍ତେ ରୋଗୀକୁ ଶୁଆଇଦେଲା, ଥର୍ମୋମିଟର୍ ଝାଡ଼ି ଦେହ ବିଷୟରେ ସାଧାରଣ ପ୍ରଶ୍ନ ପଚାରିଲା।

ନୀଳିମା ନିଃଶ୍ୱାସ ରୋକି ଅପେକ୍ଷା କରି ରହିଥିଲେ, ତାଙ୍କ କଥା ଆଉରି ସରିନାହିଁ।

ବାରଣ୍ଡାରେ କଥାବାର୍ତ୍ତା ଶୁଭିଲା। କବାଟ ଖୋଲି ବ୍ରଜଭାଇଙ୍କ ବୋହୂ ଆସିଲା, ପାଖକୁ ଆସି ନୀଳିମାଙ୍କୁ ହାତଧରି ନେହୁରା ହେଲା ତା'ର ଡେରି ଲାଗି କିଛି ମନେ ନ କରିବାକୁ, ନାନୀଙ୍କ ସାଙ୍ଗେ ଗପୁଗପୁ ବେଳ ଜଣାପଡ଼ିଲାନି। ନୀଳିମା ତା ପିଠିରେ ହାତ ଦେଲେ, ସ୍ୱରରେ ମିଠା ଫୁଟାଇ କହିଲେ- "ସେଥିରେ କ'ଣ ହେଇଗଲା? ସାରାଦିନ ଘରଟା ଭିତରେ ରହୁଚ, ଭଲ ହେଲା ଟିକେ ବୁଲିଆସିଲ।"

ନର୍ସ ବାହାରିଗଲା ବେଳେ ରାଜୀବ ଓ ପୁଅ ଫେରିଲେ। ଖଟକୁ ଘେରି ବସିଲେ ସଭିଏଁ ଆଗଭଳି। ପୁଅ ବୋହୂକୁ ଚା ଜଳଖିଆ ବରାଦ ଦେଲା। ରୋଗୀ ଛାତକୁ ଅନେଇ ନିଷ୍ପଳ ଶୋଇଥିଲା ।

Digitized by srujanika@gmail.com

ଚା ପିଇ, ଗପସପ ସାରି ଘଣ୍ଟାକ ପରେ ରାଜୀବ ଉଠିଲେ, ନୀଳିମାଙ୍କୁ କହିଲେ, "ଯିବା ଏଥର, ରାତି ହେଲାଣି।"

ବ୍ରଜଭାଇଙ୍କୁ ପୁଣିଥରେ ଦାୟିତ୍ୱମତେ ରାଜୀବ ଆଶ୍ୱାସନାର କଥା କହୁଥିଲା ବେଳେ ବୋହୂ ନୀଳିମାଙ୍କୁ ଚୁପ୍‌ଚୁପ୍ କହୁଥିଲା- "ବାପାଙ୍କୁ ଘରକୁ ନେଇଯିବୁ ନା ଏଇଠି ରଖିବୁ ଠିକ୍ କରିପାରୁନୁ। କ୍ୟାନସର୍ ବୋଲି ସେ ତ ମୂଳରୁ ଜାଣିନାହାନ୍ତି। ଆଉ କେତେଦିନ କେଜାଣି?"

ନୀଳିମା ବ୍ରଜଭାଇଙ୍କ ମୁହଁକୁ ଅନେଇଲେ। ସେମାନେ ଆସିବା ବେଳର ହସ ଆଉ ସେ ମୁହଁରେ ନ ଥିଲା। ଝରକା ବାହାରେ ରାତିର ଅନ୍ଧାର।

ନୀଳିମାଙ୍କ ନାହିଁ ନମାନି ଛାତି ଭିତରୁ ଉଠି ଆସୁଥିଲା ମାଗୁଣୀଟିଏ, ଯଦି କିଛି ଆଚମ୍ବିତ ହେଇଯାଆନ୍ତା ପୁଣିଥରେ, ସମୟ ଆଉଥରେ ସୁଯୋଗ ତାଙ୍କୁ ଦିଅନ୍ତା । ଆଉ ସେ ବ୍ରଜଭାଇଙ୍କୁ ଏକୁଟିଆରେ କହିଦିଅନ୍ତେ- ଏକଥା ବି ମୁଁ ବୁଝିଲିଣି ଯେ, ମୁହଁରୁ ଫୁଟିଥିବା କଥା ସବୁବେଳେ ଅନୁଭବିଥିବା କଥା ନୁହେଁ, ସତ କି ମିଛ ନୁହେଁ।

ବ୍ରଜଭାଇ କ'ଣ ନିଜେ ଜୀବନରୁ ଏତିକି ବୁଝି ନଥିବେ?

Digitized by srujanika@gmail.com

ଯେଝା ପ୍ରେମ

ଆମ ସହରକୁ ଜଣେ ପୋଖତ ଲେଖକ ଆସି ରହୁଥାନ୍ତି। ଆମ ସହର ମାନେ ମୁଁ ଭୋପାଳ କଥା କହୁଛି। ମୋ ଚାକିରି ଜୀବନକାଳ ପ୍ରାୟ ଏଇଠି କଟିଚି କିନା। ଅପୂର୍ବ ମନୋହର ସହର, ମନ ଲାଖିଯିବ କିଛିଦିନ ରହିଗଲେ; ଯେ ଯାହା କହିଲେ କହୁ, ଯେଉଁ ଭାଷା ସଂସ୍କୃତି ସେଠି ଥାଉ... ସେ ଜନ୍ମରୁ ଆପଣାର ହୋଇଥାଉ କି ନ ଥାଉ।

ଲେଖକ ଭୁବନ ଶର୍ମା ମହାନଗରୀମାନଙ୍କରେ ତାଙ୍କର କର୍ମମୟ ଜୀବନ ବିତାଇଥିଲେ। ଏବେ କଣ ମନ ହେଲା, ଆସି ଆମ ମଧ୍ୟମ ଧରଣର ନଗରୀଟିରେ ଉତ୍ତର ଜୀବନ କଟାଇବାକୁ ସ୍ଥିର କରି ଘରଟିଏ କିଣିଲେ। କିଛି ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ତଥା କେଇ ବର୍ଗର କେତେକ କଳାକାରଙ୍କୁ ନେଇ ସହର ଉପକଣ୍ଠରେ ସେଇ କଲୋନୀଟି ପ୍ରତିଷ୍ଠା ପାଇସାରିଥାଏ। ଥଇଥାନ ନ ହେଉଣୁ ଲେଖକଙ୍କ ଘରେ କବି ଲେଖକଙ୍କ ଆସର ଜମିଲା ଓ ବିଭିନ୍ନ ସଭାସମିତିକୁ ତାଙ୍କୁ ଡକାଗଲା। ପୁରୁଣା ଧାଇ ଦେଖିଲା ମାତ୍ରେ କୋଳରେ ଛୁଆଟିଏ

Digitized by srujanika@gmail.com

ଧରେଇଦେଲା ଭଳି ଉତ୍ସାହୀ ସାହିତ୍ୟିକମାନେ ପତ୍ରିକାଟିଏର ସମ୍ପାଦନା ଦାୟିତ୍ୱ ବି ତାଙ୍କୁ ଦେଇଦେଲେ ।

ଆମ କଲେଜର ବାର୍ଷିକ ମହୋତ୍ସବ ବେଳେ ଦିନଟିଏ ଶ୍ରୀ ଶର୍ମା ମୁଖ୍ୟ ଅତିଥି ଭାବେ ଆମନ୍ତ୍ରିତ ହୋଇ ଆସିଲେ । ଆମ କଲେଜ କଥା ବି କହିଦିଏ, କାରଣ ଏଭଳି ମନୋରମ ଦୃଶ୍ୟରାଜି ଥିବା କଲେଜ କେଜାଣି ସାରା ଦେଶରେ ଥିବ କି ନାହିଁ । ପୂର୍ବେ ନବାବଙ୍କ ଗ୍ରୀଷ୍ମକାଳୀନ ପ୍ରାସାଦ ଥିଲା । ଏବେ ରାଣୀ ଲକ୍ଷ୍ମୀବାଈ ବାଳିକା ମହାବିଦ୍ୟାଳୟ । ଏ ନଗରର ବିଶେଷତ୍ୱ ହେଉଛି ତା ଘନ ବସତି ଭିତରେ ଥାଇ ଦିଗବିଦିଗ ପରିବ୍ୟାପ୍ତ ଐତିହାସିକ ହ୍ରଦଟି, ବେଳେବେଳ ଯାହାର ଏ କୂଳରୁ ସେ କୂଳକୁ ଆଖି ପାଏନାହିଁ । ତା'ର ଅପେକ୍ଷାକୃତ ସଂକୀର୍ଣ୍ଣ ଭାଗର ଗୋଟିଏ କୂଳରେ ଦୋତାଲା ନାଲି କୋଠାଟି ଅଧାଅଧି ପାଣି ଭିତରେ ଚକା ପକେଇ ବସିଛି । ବାକି ଅଧକ କୋଠାବାଡ଼ି ଝଙ୍କାଳିଆ ତୋଟା ଗହଳ ଭିତରେ ଲୁଚି ଯାଇଥାଏ ପ୍ରାୟ । ପୁରୁଣା ସହରର ବଜାର, ଗଳି, ରିକ୍ସା, ଘୋଡାଗାଡ଼ି, ନାଳନର୍ଦ୍ଦମା ପାରି ହୋଇ କୌଣସି ମତେ କଲେଜ ଫାଟକ ଭିତରେ ପଶିଗଲା କ୍ଷଣି ବିଶାଳ ପାଦପମୟ ପରିସର । ପରୀକ୍ଷା ପାଖ ଦିନମାନ ଆମ୍ବ, ଜାମୁ ଗଛ ସବୁ ଫାଟିପଡୁଥାନ୍ତି ବଉଳରେ, କଞ୍ଚା ପାଚିଲା ଫଳରେ, ଚଢ଼େଇଙ୍କ ହାଉଯାଉରେ । ଏପରି କୌଣସି ଭାରତୀୟ ବୃକ୍ଷ ଅବା ଥିବ ଯାହା ଏ ହତା ଭିତରେ ନାହିଁ । କେତେକ ମହାଦ୍ରୁମ ଦେହରେ ନାଁ ଗାଁ ଲେଖାଥିବା ଚକତି ସବୁ ବି ମରାଯାଇଛି ।

ସେ ଯାହାହେଉ ସେତେବେଳକୁ ସହସ୍ରାଧିକ ନାରୀ ପରିବେଷ୍ଟିତ ମଞ୍ଚ ଉପରେ ମୁଖ୍ୟ ଅତିଥି ବସିଥାନ୍ତି ଓ ଆହ୍ଲାଦ ସମ୍ବରଣ କରିନପାରି ପାଖରେ ବସିଥିବା କଲେଜ କଳଚରାଲ ସେକ୍ରେଟାରୀ ଅନୁପ ଦ୍ୱିବେଦୀଙ୍କୁ କିଛି ଟିପ୍ପଣୀ ବି ଦେଉଥାନ୍ତି । ଅନୁପ କଲେଜର ହାତଗଣତା ପୁରୁଷ ଅଧ୍ୟାପକରୁ ଜଣେ । ହେଲେ ଏଭଳି ପରିସରରେ ରହି, ପୁଣି ଯୁବା ବୟସରେ ଥାଇ ବି ପରିବେଶରୁ କିଛି ଚାକ୍ଷୁଷ ଆନନ୍ଦ ସେ ପାଇପାରେ ନାହିଁ । ସେ ଜନ୍ମାନ୍ଧ ।

କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶର୍ମାଙ୍କ ମନରେ ଅନ୍ୟ ସବୁକଥା ଠାରୁ ବୋଧେ ଅନୁପ ନିଜେ ହିଁ ବେଶୀ ପ୍ରଭାବ ପକାଇଲା । ଅନୁପ ସେ କଥା ଅନ୍ଦାଜ କରିନେଲା ଓ ପ୍ରୋଗ୍ରାମ ଶେଷରେ ସବୁଦିନ ଭଳି ତା ଡ୍ରାଇଭର ଡାକିବାକୁ ଯେବେ ଆସିଲା, ସେ ଶର୍ମାଙ୍କୁ ତାଙ୍କ ଘରେ ଛାଡ଼ିଦେଇ ଆସିବ ବୋଲି ଅନୁରୋଧ କଲା । ଗାଡ଼ିରେ ବସି ଶର୍ମା ପ୍ରାୟ ବନ୍ଧୁଟିଏ ପାଇଲା ଭଳି ଗପ କରିବସିଲେ । ଅନୁପ ଲାଗି

Digitized by srujanika@gmail.com

ଏ କଥା ଅବଶ୍ୟ ନୂଆ ନୁହେଁ; ପ୍ରାୟ ଲୋକେ କୌତୂହଳୀ ହୋଇ ପଡନ୍ତି ତା ବିଷୟରେ। ତା ନିଜ ଆଖିରେ ଯଦିଓ ତାକୁ ସେଭଳି କିଛି ବିଶେଷତ୍ୱ ଦେଖାଯାଏନି ନିଜ ଜୀବନର। ସହରର ସମ୍ଭ୍ରାନ୍ତ ଅଞ୍ଚଳରେ ତାର ପୈତୃକ ଘର, ବାପା ସରକାରୀ ଅଫିସର ଥିଲେ। ପୃଥିବୀର ସବୁ ସଭ୍ୟ ଦେଶ ଭଳି ଏଠି ବି ଉତ୍ତମ ପୃଷ୍ଠଭୂମି ଯୋଗୁଁ ବିକଳାଙ୍ଗ ହେବାର ଅସହାୟତାକୁ ଯଥାସମ୍ଭବ ଆୟତ୍ତ କରାଯାଇଛି। ପିଲାଟି ଦିନରୁ ଶିକ୍ଷିତ ବାପାମା ତା ଜୀବନର ଏ ମୂଳଭୂତ ଦୁଃଖଦ ସତ୍ୟଟିକୁ ମାନିନେବା ଶିଖେଇ ଦେଇଛନ୍ତି।

କାର୍‌ରେ ଗଲାବେଳେ ଶର୍ମା ତାଙ୍କୁ ପଚାରିଲେ- "ବାହା ହେଲଣି ?"

ଅନୂପ- "ନାଇଁ ଆଜ୍ଞା।"

ଅନୂପ ଭାବିଥିଲା, ସେ ଆଉ ପାଞ୍ଚଜଣଙ୍କ ଭଳି ମାଟ୍ରିମୋନିଆଲ ଆଡକୁ ଯିବେ। ହେଲେ ହଠାତ୍ ଶର୍ମା କହିବସିଲେ, ତମ କଲେଜକୁ ଆସିଲା ପରଠୁ ଗୋଟିଏ କଥା ମୋ ମନକୁ ଆସିଛି। ଆମ ପତ୍ରିକାର ପ୍ରେମ ବିଶେଷାଙ୍କଟିଏ ପ୍ରସ୍ତୁତ କରାଯିବ। ତମକୁ ଦେଖିବା ବେଳୁ କାହିଁକି କଥାଟି ମୋ ମନକୁ ଆସୁଛି।"

"ମୋତେ ଦେଖିଲା ପରଠୁଁ ?"

ଶର୍ମା ବୁଝେଇବସିଲେ କେମିତି ହେବ ପ୍ରେମ ବିଶେଷାଙ୍କଟିର ବିଶେଷତ୍ୱ ଓ ରୂପରେଖ ଓ କେମିତି ଅନୂପ ହାତରେ ହିଁ ସେ ସାକାର ହୋଇପାରିବ।

ଅନୂପ ଥତମତ ହେଲା। ମୁହଁର ଭାବ ସେ ବେଶୀ ଲୁଚାଇ ପାରେ ନାହିଁ। କାଇଁକିନା ଦର୍ପଣରେ ବିଚରା ନିଜ ମୁହଁ ତ କେବେ ଦେଖିନି। ତେଣୁ ସେଥିରେ ଯାହା ଭାବ ଯେମିତି ଉଦୟ ଅସ୍ତ ହୁଏ, ସ୍ୱଚ୍ଛନ୍ଦରେ ହୋଇଯାଏ। ପୋଖତ ଲେଖକ ତେଣୁ ତା'ର କିଶୋର ସୁଲଭ ଲଜ୍ଜାରୁଣିମାକୁ ଦେଖିଲେ, ଉପଭୋଗ କଲେ। ଛାତି ଭିତର ତାଙ୍କର ଉଷ୍ମ ହୋଇଉଠିଲା। କହିଲେ, "ବୁଝୁଛି, ତୁମର ବିଶେଷ ପ୍ରେମ ଅନୁଭବ ନ ଥିବ। ସେଇଥିଲାଗି ତ ତୁମ ଦେଇ ବିଷୟଟି ଗଭୀର ହେଇ ଫୁଟିବ।"

ସେ ଅନୂପକୁ ବୁଝାଇବସିଲେ, କଥାବାର୍ତ୍ତା କରି ଲୋକଙ୍କଠାରୁ ପ୍ରେମ ସମ୍ପର୍କୀୟ କାହାଣୀ କାଢ଼ିବାର ଚାତୁରୀ ସବୁ। ବୟସ୍କ ମୁରବିପଣିଆରେ, ପୋଖତ ପ୍ରେମିକ-ସାହିତ୍ୟିକ ହୋଇଥିବାର ଆତ୍ମବିଶ୍ୱାସରେ, ଦମ୍ଭରେ।

"ଲେଖ ତମେ। ଗଳ୍ପ ନୁହେଁ। ସାକ୍ଷାତକାର। କେତୋଟି ଜୀବନର ଗୋପନ ଅନୁଭବ ଉପରେ ଆଧାରିତ ପ୍ରକୃତ ପ୍ରେମ କାହାଣୀ କେତୋଟି। ଯାହା ରୂପ ପାଇବ

Digitized by srujanika@gmail.com

ଏଇ ସ୍ୱପ୍ନମୟ ପରିବେଶରେ। ବଳ ପାଇବ ତୁମ ପରି ଜଣେ ଭାବଗ୍ରାହୀ ଅଥଚ ଅନଭିଜ୍ଞ ପୁରୁଷ ଆଗରେ।"

"ଆପଣ କହୁଛନ୍ତି ସତସତିକା ପ୍ରେମିକ-ପ୍ରେମିକା ମୋତେ ମିଳିଯିବେ ତାଙ୍କ କାହାଣୀ କହିବା ଲାଗି?"

"ଉଁ ହୁଁ। କେବଳ ପ୍ରେମିକା। ନାରୀ। ତୁମ ଆଗରେ ନିରାପଦରେ ସେମାନେ ମନ ଖୋଲିଦେଇ ପାରିବେ। ତାଙ୍କୁ ଲାଗିବ ଇଏ ଏକ ପ୍ରକାର ଗୋପନ, ଅଦେଖା ଇଣ୍ଟରଭିଉ।"

"ସାର୍, ମୁଁ କିନ୍ତୁ ଶସ୍ତା ସାହିତ୍ୟରେ ବିଶ୍ୱାସ କରେ ନାହିଁ।"

"ଶୁଣ ଆଗ ମୋ କଥା। ଗୋପନ ଇଣ୍ଟରଭିଉ ନେବ ତୁମେ, ସେମାନଙ୍କ ମନ ଗହୀରରେ ଥିବା, କାହାରିକୁ ଦିଶୁ ନଥିବା, ସବୁଠୁ ସୁଖର କଥା, ପୁଣି ସବୁଠୁ ବଡ ଦୁଃଖର କଥାମାନ। ପ୍ରେମ ଆଉ କ'ଣ କି?"

ଅନୁପର ମନକୁ ପାଇଲା ପ୍ରେମର ଏ ସଂଜ୍ଞାଟି। ପ୍ରସ୍ତାବଟିକୁ ମାନିବା ଲାଗି ତା'ର ସାହସ ବି କୁଳେଇଲା। ପରବର୍ତ୍ତୀ ଦିନମାନ ସେ ଏକ ଆଚ୍ଛନ୍ନ ଅବସ୍ଥାରେ କଲେଜରେ ଦିନ କାଟିଲା। ସେ ଜାଣେ କେଉଁ ବାଟ ଭାଙ୍ଗି କେଉଁ ଆଡେ ଗଲେ, କି ପ୍ରକାର ଗଛ ପଡ଼ିବ, ହାତ ପାହାନ୍ତାରେ ଫୁଟୁଥିବା ବିଶ୍ୱବିଖ୍ୟାତ ଫୁଲ ସବୁ, ଯାହାକୁ ଦେଖିବାକୁ ଅନ୍ୟ କଲେଜରୁ ଉଦ୍ଭିଦ ବିଜ୍ଞାନ ପିଲାଏ ଆସନ୍ତି। ଅଫିସ ସାମ୍ନାର ଫୁଲ ବଗିଚା ଯାହାର ନାଁ ଦିବଙ୍ଗତ ପ୍ରିନ୍‌ସିପାଲଙ୍କ ନାଁରେ ସରୋଜ ଗାର୍ଡନ ରଖାଯାଇଛି। ଦୂରାନ୍ତରେ ହତାର ତ୍ରିଭୁଜାକାର ବଣଟି ଯାହାକୁ ବଟାନିକାଲ୍ ଗାର୍ଡନ କୁହାଯାଏ। ହେଲେ ସେଇ ବାଟଦେଇ ଛାତ୍ରୀ ଅଥବା ଶିକ୍ଷୟିତ୍ରୀ ତା' ହାତଧରି ବାଟ କଢ଼ାଇ ନେଇଗଲା ବେଳେ ଦୃଶ୍ୟଜନିତ ଭାବାନ୍ତର ତା'ର ହୁଏ ନାହିଁ। ଶର୍ମାଙ୍କୁ ଅନୁକୂଳ ଦିଶୁଥିବା ଏଇ ପରିବେଶଟିକୁ ବି ତାକୁ ହୃଦୟଙ୍ଗମ କରିବାକୁ ହେବ।

ଅନୁପ ଯେବେ ବୟୋଜ୍ୟେଷ୍ଠ ସହକର୍ମୀ ଭାବେ ମୋଠୁ ପରାମର୍ଶ ଲୋଡ଼ିଲା, ଭାବିଥିଲା ମୁଁ ତୁରନ୍ତ ତା ସହିତ ଏକମତ ହେବି ଯେ କାମଟି ଇଣ୍ଟରେଷ୍ଟିଂ ଓ ଏକ୍ସାଇଟିଂ ବି। ଆମୋଦଜନକ ଓ ରୋମାଞ୍ଚକର। ମୋର ପ୍ରଥମ ପ୍ରତିକ୍ରିୟା କିନ୍ତୁ ଥିଲା ଦ୍ୱନ୍ଦ, ଯେ କଲେଜ ପରିସରରେ ଛାତ୍ରୀମାନଙ୍କ ସାଙ୍ଗେ ଏଭଳି ପ୍ରସଙ୍ଗରେ ଆଲୋଚନା କରିବା ନୀତିଗତ ବୋଲି ଧରାଯିବ ନା ନାହିଁ; ସେଥିରେ ତାଙ୍କର ମଙ୍ଗଳ ହେବ ନା ଅମଙ୍ଗଳ।

Digitized by srujanika@gmail.com

ଅନୂପର ଛାତ୍ରୀମାନଙ୍କ ସାଙ୍ଗରେ ଅତି ସହଜ ମେଳ ଥାଏ। ଖାଲି ଛାତ୍ରୀ କାହିଁକି, ସେ ଏକପ୍ରକାର ଲୋକ, ଯିଏ ନାରୀ ମେଳରେ ଥିଲାବେଳେ କାହାରି ମନେ ହିଁ ନଥାଏ ପୁରୁଷଟିଏ ଏଠି ଅଛି ବୋଲି। ଲହଲହକା ଡେଙ୍ଗା ହେଇ ପଇଁତ୍ରିଶ ବର୍ଷ ବୟସରେ ବି ଦିଶେ ପଚିଶ ଭଳି, ସୁନ୍ଦର ଚେହେରାଟି ଗଢ଼ା ହୋଇଆସୁଥିଲା, ହେଲେ ଠିକ୍ ପ୍ରଶସ୍ତ ଲଲାଟ ତଳକୁ ନିଷ୍ଠୁର ଭାବେ କୋରଡିଆ ବୁଜା ଆଖିପତା ଦିଇଟି। ବଡ ପାଟିରେ ହସେ କଥା କଥାରେ। ଅନୁଶାସନ ରଖିବା ଲାଗି ତାକୁ ବିଶେଷ ଚେଷ୍ଟା କରିବାକୁ ପଡେ ନାହିଁ, ତା କ୍ଲାସରେ ପିଲା ବସନ୍ତି ତା' ସହଜ ସ୍ୱଭାବ ଯୋଗୁଁ। ମୋତେ କହିଲା, "ଇଣ୍ଟରଭିଉ କାମ ମୋ ଉପରେ ଛାଡ଼ି ଦିଅନ୍ତୁ, କଥା ମୁଁ ଆଦାୟ କରିନେବି। ହେଲେ, ସଜେଇ ବାଗେଇ ଲେଖିବାର ଦାୟିତ୍ୱ ଆପଣଙ୍କର। ମୋର ଲେଖିବାର ଅଭ୍ୟାସ କାଇଁ?"

ଅନୂପ ଦେଖିପାରେ ନାହିଁ, ତେଣୁ ଆମମାନଙ୍କ ଭଳି ଲେଖିବା ଅଭ୍ୟାସ ବି ତା'ର ନାହିଁ। କେବଳ ଦସ୍ତଖତ କରିବା ତାକୁ ମୁଁ ଦେଖିଛି, ବାଁ ହାତ ଆଙ୍ଗୁଠିରେ କାଗାଟିକୁ ଠାବ କରି ଡାହାଣ ହାତରେ କଲମ ମୁନଟିକୁ କାଗଜ ଦେହରୁ ଆଦୌ ଉଠିବାକୁ ନ ଦେଇ ନିଜ ନାଁଟି ସଂକ୍ଷେପରେ ଲେଖେ। ପିଲାଦିନେ ବ୍ରେଲ ଲିପିରେ ପାଠ ପଢ଼ିଥିଲା। କଲେଜକୁ ଆସୁ ଆସୁ ତା ଲାଗି ବାପା ରିଡର ଖଞ୍ଜିଦେଲେ ବଡ ପାଟିରେ ପଢ଼ି ଶୁଣେଇବାକୁ; ପ୍ରତି ପରୀକ୍ଷାରେ ରାଇଟର ଜଣେ ଖଞ୍ଜା ହୁଏ ଅନୂପ ଉତ୍ତର ଡାକିଦେଲେ ଶ୍ରୁତଲେଖନ ଲେଖିବାକୁ। ଆଜିକାଲି ସେ କମ୍ପ୍ୟୁଟରରେ ପଢ଼ାଶୁଣା କରେ। ହେଲେ ଲେଖିବା ତା'ର ସାଧ୍ୟ ନୁହେଁ।

ବିଭାଗାଧକ୍ଷ ଭାବେ ମୋର ଗୁଡାଏ କାମ। ଏଣୁତେଣୁ ଅଡୁଆରେ ପଡ଼ିବାଲାଗି ଏ ବୟସରେ ଆଉ ଆଗ୍ରହ ନାହିଁ। ତଥାପି ମନରେ ନାନା କୁତୂହଳ ଅଙ୍କୁରେଇଲାଣି ଏତେବେଳକୁ। ଦି'ଦିନ ପରେ ପଚାରିଲି, "କ'ଣ ଭାବିଲଣି କିଛି, କେମିତି କୋଉଠୁ ଏ କାମ ଆରମ୍ଭ କରିବ? କାହାକୁ ସବୁ ପଚାରିବ, କେଉଁଭଳି ପ୍ରଶ୍ନ?"

ଦେଖିଲା ବେଳକୁ ସେ ତିଆରି କରିଛି ଗୋଟିଏ ପ୍ରଶ୍ନାବଳୀ, ସାଇକୋଲୋଜି କି ସୋସିଓଲୋଜି ସ୍କଲାରମାନେ ପି.ଏଚଡ଼ି. ଲାଗି ଫିଲ୍ଡ ରିସର୍ଚ୍ଚ କଲା ଭଳି। (କ) ଆପଣ ଜୀବନରେ ପ୍ରେମ କରିଛନ୍ତି କି? କେତେ ଥର? (ଖ) ଦେହଜ ପ୍ରେମ ନା କାବ୍ୟିକ? କିଛି ଅନୁଭବ କୁହନ୍ତୁ। (ଗ) ଆପଣଙ୍କ ପ୍ରେମ ବିବାହରେ ପରିଣତ ହୋଇଛି କି? ବିବାହୋତ୍ତର ପ୍ରେମ ବିଷୟରେ କିଛି କହିବେ? (ଘ) ପରକୀୟା ପ୍ରେମର ଅନୁଭବ ଅଛି କି? କିଛି ଖଟାମିଠା ଅଙ୍ଗେନିଭା କଥା କହନ୍ତୁ।

Digitized by srujanika@gmail.com

ସ୍ୱର ଟିକିଏ କଡା କରି କହିଲି, "କଣ କହୁଛ ଅନୁପ! ଏମିତି କ'ଣ ସବୁ ପଚରାଯାଏ ?"

ନାଲି ପଡ଼ି ଯାଉ ଯାଉ ଅନୁପ କହିଲା, "କଣ ହେଲା କି, କଣ ଖଟାମିଠା ଅଙ୍ଗେ ନିଭା ଖରାପ ଶୁଭୁଛି ?"

"ସେକଥା ନୁହେଁ। ଏ ପ୍ରଶ୍ନାବଳୀ କେମିତି ପ୍ରୟୋଗ କରିବ ବିଚାରି ଦେଖିଛ ?"

"କାହିଁକି, ପ୍ରିଣ୍ଟ-ଆଉଟ କାଢ଼ି କଲେଜ ଝିଅଙ୍କ ଭିତରେ ଆଉ ଷ୍ଟାଫ୍‌ଙ୍କ ଭିତରେ ବାଣ୍ଟିଦେବି।"

"ତା'ପରେ ପିଲାଙ୍କ ବାପା ମା' ତମକୁ ଛାଡ଼ିବେ ? ତମ ବେକ ମୋଡ଼ି ଦେବେ, ତମ ଚାକିରି ଚାଲିଯିବ। ତମ ମୁଣ୍ଡକୁ ଏତିକି କଥା ଜୁଟୁନାହିଁ ?"

ଅନୁପର ମୁହଁରେ ଭାବାନ୍ତରର ଢ଼େଉ କେତୋଟି ଉଦୟାସ୍ତ ହେବାର ଦେଖିଲି। କହିଲା, "ଠିକ୍ କହୁଛନ୍ତି।"

ତାକୁ ଆଉ ଟିକିଏ ବୁଝାଇ ବସିଲି, "ତମେ ଏତେ କବିତା, ଉପନ୍ୟାସ ପଢ଼ିଛ ପରା; ପୁଣି ବିଶ୍ୱ ସାହିତ୍ୟରୁ। ପ୍ରେମ ଗୋଟିଏ ରସମୟ ଅନୁଭୂତି ନୁହେଁ କି ? ଏମିତି ରୋକଠୋକ ପ୍ରଶ୍ନ ପଚାରିବ ଯଦି ଛେନା କାହାଣୀ ପାଇବ।"

ଏଥର କିନ୍ତୁ ଅନୁପ ଦମ୍ଭରେ ଜବାବ ଦେଲା, "ହେଲେ କଣ ହେଲା, ଯେଉଁ କାହାଣୀ ପଢ଼ନ୍ତୁ ନା କାହିଁକି, ନାରୀ ପୁରୁଷ ପ୍ରେମରେ ଏଇ କେତୋଟି ପ୍ରକାର ଭେଦ ଭିନ୍ନ ଆଉ କି ଧରଣର ଅନୁଭବ ବା ଥାଇପାରେ ?"

ଆଉ ଯୁକ୍ତି ନ କରି କହିଲି, "ହଉ, ତମେ ଉତ୍ତର ଯାହାଠୁ ଯେମିତି ଆଣୁଛ ଆଣ, ଏକାଠି ବସି ଶୀଘ୍ର ଲେଖିଦେବା। ଦିନାକେତେ ପରେ ଆଉ ମୋ ହାତରେ ସମୟ ନଥିବ।"

କହିଦେଇ ମୁଁ ନିଜ କାମରେ ଲାଗିଗଲି। ଖାଲି ସମୟ ପାଇଲେ ଏଣିକି ମୁଁ ଅଫିସ୍ ବଡବାବୁଙ୍କଠୁ ପଚାରି ମୋ ରିଟାୟାରମେଣ୍ଟ ଲାଗି କାଗଜପତ୍ର ଆଗତୁରା ସଜିଲ କରୁଛି। ଥରେ ଚାକିରିରୁ ଗଲା ପରେ ନାନା ଝାମେଲା କିନା। ଏଣେ ଘରର ସବୁ କାମକୁ ମୁଁ ଏକୁଟିଆ।

ତା'ପର ସୋମବାର ଦିନ ଅନୁପ ତା'ର ପ୍ରଥମ ସଫଳ ସାକ୍ଷାତ୍‌କାର ନେଇ ଆସିଲା। କେମିଷ୍ଟ୍ରି ବିଭାଗର ଫରିଦା। କହିଲା, ବିବାହ ତା'ର ପାଞ୍ଚବର୍ଷ ପୁରୁଣା

Digitized by srujanika@gmail.com

ହେଲାଣି, ହେଲେ ଏବେ ବି ଦିହିଙ୍କ ପ୍ରେମରେ ସାଚ୍ୟୁରେସନ୍‌ର ଗନ୍ଧ ନାହିଁ। ଫରିଦାର କଥାନୁସାରେ, ଏଭଳି ବିହ୍ୱଳ ପ୍ରେମ ଏ ଜୀବନରେ ସମ୍ଭବ ହେବ ବୋଲି ସେ କଳ୍ପନା କରିନଥିଲା।

ମୁଁ ପଚାରିଲି, "ହେଲେ ଏଥିରେ କାହାଣୀ ଆଉ କ'ଣ ରହିଲା? ଯେ କୌଣସି ମହିଳା ପତ୍ରିକାରେ ଲେଖିକାଙ୍କ ବୈବାହିକ ଜୀବନର ଫଟୋ ଆଦି ସହିତ ସୁମଧୁର ଦାମ୍ପତ୍ୟ ପ୍ରେମର କାହାଣୀ ଡଜନ ଡଜନ ପାଇବ। ତୁମକୁ ଅବଶ୍ୟ ସେମିତି ପତ୍ରିକା ମିଳୁ ଥିବ କି ନାହିଁ।"

"ନା, କଥାଟା ସରିନି। ତା ସ୍ୱାମୀ ତା'ଠୁ ଯଥେଷ୍ଟ ବୟସ୍କ, ପୁଣି ଡିଭୋର୍ସୀ; ତାଙ୍କର ଦୁଇଟି ପିଲା ଅଛନ୍ତି।"

"ଜାଣେ। ଫରିଦା କଥା କଲେଜରେ ସମସ୍ତେ ଜାଣନ୍ତି। ତା'ଲାଗି ବର ମିଳିବା ସହଜ ନଥିଲା, ସେଇଥିଲାଗି ସେ ରାଜି ହେଇପଡ଼ିଲା। ଭଦ୍ରଲୋକଙ୍କୁ ଘରେ ବସି ଏମିତି ରୋଜଗାରିଆ ସ୍ତ୍ରୀ ମିଳିଗଲା; କାଇଁକି ପ୍ରେମ ନ କରିବେ?"

"ଛି, ଛି ମ୍ୟାଡାମ୍। ଆପଣ ତ ପ୍ରେମ କାହାଣୀକୁ ମାଟି କରିଦେବାକୁ ବସିଛନ୍ତି।"

"ଦେଖ ଅନୁପ! ପ୍ରେମ ଏମିତି ସବୁଆଡୁ ସୁବିଧା ସୁଯୋଗ ନ ପାଇଲେ ଉଧାଏ ନାହିଁ ବା ବେଶୀ ଦିନ ପାଣି ପବନ ନ ପାଇଲେ ବଳେ ଶୁଖିଯାଏ। ତେବେ ଫରିଦାର ନାଁ ଗାଁ ତ ଲେଖାଯିବ ନାହିଁ, ସେ ତା'ର ବିବାହ ପୂର୍ବ ପ୍ରେମ କାହାଣୀଟି ଲୁଚାଉଚି କାଇଁକି?"

ଅନୁପ କହିଲା, "ସେକଥା ବି ସେ କହିଛନ୍ତି। ତାଙ୍କ ପ୍ରେମିକ ହିନ୍ଦୁ ଥିଲେ ଜାଣିଥିବେ; ଯଦି ଲେଖିବି ସେ କଥାଟା କହିବି ନା ନାହିଁ? ସେନସିଟିଭ୍ ଇସ୍ୟୁଟା ତ।"

"ଆରେ ଲେଖ ମ। କେତେ ହିନ୍ଦୀ ଫିଲ୍ମ ତିଆରି ହେଲାଣି ଏଇ ଟପିକ୍‌ରେ। ତମେ ଗୋଟେ ପତ୍ରିକା ଲାଗି ଲେଖିପାରୁନା।"

ଠିକ୍ ଅଛି। ମନ୍ଦ ନୁହେଁ ବିଷୟଟି। ଉଭୟେ ଉଭୟଙ୍କ ଜୀବନର ଦ୍ୱିତୀୟ ସାଥୀ। ତଥାପି ପ୍ରେମ ଅଫୁରନ୍ତ।

ଆଉରି ଗୋଟେ ଦିଇଟା କ'ଣ କାହାଣୀ ପାଇଥିଲା ଅନୁପ। ଗତବର୍ଷ କଲେଜରୁ ପାସ୍ କରିଥିବା ଜଣେ ଝିଅ ଯିଏ ପଡ଼ିଶା ଘର ଟାକ୍ସି ଡ୍ରାଇଭର ସାଙ୍ଗେ

Digitized by srujanika@gmail.com

ପଳେଇଯାଇ ବାପ ମା'ଙ୍କ ଘରୁ ତଡା ଖାଇ ସୁଦ୍ଧା ସୁଖରେ ଅଛି, ଓ ଆଉ ଜଣେ କିଏ ଯିଏ ସ୍ୱାମୀ ବିରୁଦ୍ଧରେ ପୋଲିସ କେସ୍ କରିଚି। ମୁଁ ମତ ଦେଲି, ଉଭୟ ଆମ କାହାଣୀ ଲାଗି ନିହାତି ଅଯୋଗ୍ୟ। ସେଇ ଦୃଷ୍ଟିରୁ ଫରିଦା ଉପାଖ୍ୟାନଟି ମନ୍ଦ ନୁହେଁ। ତା' ସ୍ୱାମୀ ପୂର୍ବ କେଉଁ ନବାବଙ୍କ ଦାୟାଦ ଭାବେ ବିରାଟ କୋଠିଟିଏର ମାଲିକ। ବକ୍ସିର ନିଜେ ପୁରୁଣା ଖୋଲା ଜିପ୍ ଚଳେଇ ତା ଲାଗି ଖାଇବା ନେଇଆସେ; ଉଭୟେ ବଟାନିକାଲ ଗାର୍ଡନର ଗଛ ଛାଇରେ ବସି ଲଞ୍ଚ ଖାଆନ୍ତି। କଲେଜ ଏକ୍ସକରସନରେ ଯାଇଥିଲା ବେଳେ ବାରମ୍ବାର ଗୋଲାମ ଅଲୀଙ୍କ ଗଜଲ ରିଂ ଟୋନ୍‌ରେ ଫରିଦାର ମୋବାଇଲ୍‌ରେ ଫୋନ୍ ଆସେ ବୋଲି ଛାତ୍ରୀମାନେ ହସନ୍ତି। ପଚାରିଲି, "ହେଲେ ଏଥିରେ ଗୋପନ କ'ଣ ରହିଲା ?"

ଫରିଦା କହିଲା ଯେ, ସେ ଦୁହେଁ ନିଜ ଜୀବନର କିଛି ହେଲେ ପରସ୍ପର ଆଗରେ ଲୁଚାଇ ନାହାନ୍ତି। ଫରିଦା ନିଜ ପୂର୍ବ ପ୍ରେମ କଥା ସ୍ୱାମୀଙ୍କୁ କହିଛି। ସ୍ୱାମୀ ବି କହିଛନ୍ତି ତାଙ୍କ ଦୁଃଖମୟ ପ୍ରଥମ ବିବାହ କଥା, ପୁଣି ତଜ୍ଜନିତ ଦୁଃଖରୁ କିଛି ସମୟ ବର୍ତ୍ତିବା ଲାଗି ତଥା କୁସଙ୍ଗରେ ପଡ଼ି ସୁରା ଓ ସାକୀର ଆଶ୍ରୟ ନେଇଥିବା କଥା। କିନ୍ତୁ ଏବେ ସେସବୁ ଅତୀତର କବରରେ।

ମୁଁ ଏଥର ପ୍ରଭାବିତ ହେଲି। କହିଲି, "ବାଃ, ଭଲ ରୋଚକ କଥାଟିଏ ପାଇଲ ତ। ଇଏ ଜମିବ ନିଶ୍ଚେ।"

ଅନୁପ କହିଲା, "ହେଲେ ଆଉ କାହିଁକି କାହାରିକୁ ମୁଁ ରାଜି କରେଇ ପାରିଲି ନାହିଁ। ବଡ କଷ୍ଟରେ ପ୍ରସଙ୍ଗଟି ପକାଇଲା ବେଳକୁ କିଏ ହସରେ ଉଡାଇ ଦେଉଛି ତ କିଏ ନିହାତି ଘଷରା କଥାଟିଏ ଶୁଣାଉଛି; ହାଇ ମାଡୁଛି ମୋତେ।"

ଅନୁପ ନିଜେ ଏ ଭିତରେ କଲେଜର ଭୌଗୋଳିକ ପରିବେଶକୁ ଭଲ ଭାବେ ଜାଣିବାକୁ ମନସ୍ଥ କରିଥିଲା। ଆମେ ଦିହେଁ ଏକା ସାଙ୍ଗେ ପାର୍କିଂ ଜାଗାରୁ ଡିପାର୍ଟମେଣ୍ଟକୁ ଆସିଲା ବେଳେ ଅନୁପ କହେ, "ମାଡାମ୍ ଏଇ ପାଖରେ କେଉଁଠି ସେଇ ନାଗେଶ୍ୱର ଗଛଟା ଅଛି ନା ? କ'ଣ ଭିନ୍ନ ରକମ ଫୁଲ କାଳେ, ମୋ ହାତରେ ଟିକିଏ ଫୁଲଟିଏ ଛୁଆଁଇଦେଲେ।"

ସିଧା ବାଟ ଛାଡ଼ି କହେ, ଡାହାଣ ହାତି ଛାଇ ରାସ୍ତାରେ ଯିବା। ଜୁଲୋଜି ବ୍ଲକ ମୋଡ ପାଖେ ଠିଆ ହୋଇପଡ଼ି କହେ, "ଏଇ ବାଁ ପାଖ ହେଲା ବଉଳ ଗଛ, ଡାହାଣରେ ଅଗସ୍ତି ଆଉ ଜାମୁ; ଠିକ୍ କହିଲି ?"

Digitized by srujanika@gmail.com

ମୋର ମୋଟା ଦେହ, ଆଣ୍ଠୁଗଣ୍ଠି ବାତକୁ ସେ ଆବୁଡା ଖାବୁଡ଼ା ପାଦଚଲା ବାଟ। ମୁଁ କହେ, "ବାବୁ ଅନୁପ, ମୁଁ ସିଧା ବାଟରେ ଯାଇ ଉପର ମହଲାକୁ ଚଢ଼ିଲା ବେଳକୁ ନାକେଦମ୍। ତମେ ତମ ଧଳା ବାଡିଖଣ୍ଡକରେ ଏଣିକି ନିଜେ ଗଛପତ୍ର ଆବିଷ୍କାର କର।"

ଅବଶ୍ୟ ସେଯାକେ କଥା ଯାଏ ନାହିଁ। ଅନୁପକୁ ଧଳା ଅନ୍ଧବାଡ଼ି ବୁଲାଇ ଏକୁଟିଆ ଚାଲୁଥିବାର ଦେଖିଲା ମାତ୍ରେ ଅନ୍ୟୂନ ଦି' ଚାରିଜଣ ଛାତ୍ରୀ ଆଗେଇ ଆସନ୍ତି, ସାର୍ ସାର୍, ପ୍ଲିଜ୍ ପ୍ଲିଜ୍ କହି ହାତ ଧରି ବାଟ କଢ଼ାଇ ନେବା ଲାଗି।

ଏ ଭିତରେ ଥରେ ଶର୍ମା ମହାଶୟ କଲେଜକୁ ଆସିଥିଲେ, ଯୋଜନାଟି କେତେବାଟ ଗଲା ଜାଣିବା ଲାଗି। ଆଉ କାହା କଥା ହେଉଥିଲେ ସେ ନିଜ ଘରକୁ ଡାକିଥାନ୍ତେ; ଅନୁପ କଥା ଅଲଗା। ଏତେବେଳକୁ ସେ ମୋତେ ବି ତାଙ୍କ ଯୋଜନାରେ ସାମିଲ କରିନେଇଥିଲେ। ଆମ ଡିପାର୍ଟମେଣ୍ଟଟି ଉପର ମହଲା ପଛ ବାରଣ୍ଡା କଡକୁ ଛୋଟିଆ କଣିକିଆ ବଖରାଟିଏ। ଏଇ ଗଲା କିଛିବର୍ଷ ହେଲା ମରାମତି ହେଇ, ଅସନା ଭଙ୍ଗା ଚଉକି, ଟେବୁଲ୍ ଆଦି କଢ଼ା ଯାଇ ପାଞ୍ଚ ସାତ ଜଣ ବସିବା ଭଳି କୋଠରିଟିଏ ହେଇଛି। ବସିବା କ୍ଷଣି ଶର୍ମା ଝରକା ବାହାରକୁ ଚାହିଁଲେ। ଉଭୟ ଝରକାରୁ ଦିଶେ ନୀଳ ହ୍ରଦର ବିସ୍ତାର, ଏ କୂଳର କଡେ କଡ଼େ ପାଣି ଚଢ଼େଇ, ବତକଙ୍କ ଦଳ, ଆର କୂଳରେ ଘରଦ୍ୱାର, ସୁଶୋଭନ ପାହାଡ, ଗଛବୃଚ୍ଛମୟ। କହିଲେ, "ଅନୁପ, ଏଭଳି ସ୍ୱର୍ଗୋପମ କୋଣଟିଏ ଆଉରି ଥିଲା ଏପରି ପରିସରରେ, ଆଉ ତମେ ମୋତେ ଏ ଯାଏଁ ଦେଖାଇନଥିଲ?"

କହିବା ବାହୁଲ୍ୟ, ସବୁଦିନେ ଏଇଠି ତା ନିଜ କୋଣଟିରେ କମ୍ପ୍ୟୁଟର ପାଖରେ ବସିଥାଏ ସିନା, ଝରକାରୁ ଦୃଶ୍ୟମାନ ସ୍ୱର୍ଗ କଥା ଅନୁପକୁ ସେତେ ଜଣା ନଥିଲା। ତେବେ ତା'ର ସ୍ୱଭାବସୁଲଭ ଢଙ୍ଗରେ ସେ ତୁରନ୍ତ ଉତ୍ତର ଦେଲା, "ମୁଁ କି ଜାଣେ ସାର୍! ଆପଣଙ୍କ ଭଳି ଦୃଷ୍ଟି କାହାର ଏଠି ଥିଲା ଯେ, ଜଣାଯାଆନ୍ତା ଯାର ବିଭବ? ଆପଣଙ୍କ ପାଦ ଏମିତି ପଡୁଥାଉ, ଆମକୁ ସବୁ ବି ଏ ସ୍ୱର୍ଗ ଦୃଶ୍ୟ ହେଉ।"

ଅନୁପର କଥାବାର୍ତ୍ତା ଭିତରକୁ 'ଦେଖିବା', 'ଦୃଶ୍ୟ ହେବା' ଆଦି ଶବ୍ଦମାନ ଠିକ୍ ଅନ୍ୟମାନଙ୍କ କଥାବାର୍ତ୍ତା ଭଳି ହିଁ ଆସିଥାଏ।

ତା'ପରେ ଅନୁପ ଏ ଭିତରେ କରିଥିବା ପ୍ରଗତି କଥା ସବୁ ଗର୍ବରେ କହିଲା। ତା'ଠୁ ବିବରଣୀ ଶୁଣୁଶୁଣୁ ଶର୍ମା ମୋତେ ଇଙ୍ଗିତ କରି ପଚାରିଲେ, "ମାଡାମ୍‌ଙ୍କ ସାକ୍ଷାତ୍‌କାର ନେଲଣି ନା ନାହିଁ?"

Digitized by srujanika@gmail.com

ଅନୁପ ଆଉ ମୁଁ ଉଭୟେ ଏ କଥାରେ ଅପ୍ରତିଭ ହୋଇପଡ଼ିଲୁ। ଆଖିରେ ନ ଦେଖିଥିଲେ ବି ମୋ ଚେହେରା, ବୟସ ଓ ବୁଢ଼ା ବାପାମା'ଙ୍କୁ ନେଇ ନୀରସ ପୃଷ୍ଠଭୂମି କଥା କ'ଣ ଅନୁପକୁ ଅଜଣା। କହିଲି, "ଆଜ୍ଞା। ରୋଗ ବଇରାଗ ଭିତରେ କଷ୍ଟେ ମଷ୍ଟେ ଦିନ କଟୁଛି। ଏ ମୁଣ୍ଡ ଭିତରେ କେତେ କଥା ତଳେ ଚାପି ହୋଇ ରହିଛି ସିନା, ସେଭଳି କାହାଣୀଯୋଗ୍ୟ ଆଉ କ'ଣ ଅଛି? ସବୁଜ ବଣ ପରା କାଳକ୍ରମେ ମାଟି ତଳେ ଚାପି ହୋଇ ବିଟୁମିନସ କୋଇଲା ପାଲଟିଯାଏ।"

ତିଳେମାତ୍ର ହତୋତ୍ସାହିତ ନ ହୋଇ ଶର୍ମା କହିଲେ, "ଆହା, କି କଥା କହୁଛନ୍ତି ଆପଣ। ସବୁ ଜଙ୍ଗଲ କ'ଣ କୋଇଲା ହୁଏ, କିଛି ତ ପୁଣି ହୁଏ ହୀରା। ମାଟି ତଳ ଚାପ ଉତ୍ତାପ ପାଇ ପରା କେତେକ କାଠ ବି ହୀରା ପାଲଟିଯାଏ। ହଉ ହେଲା, ନିଜ କଥା ନ କହନ୍ତୁ, ଖାଲି ଏଇ କେତୋଟି ଲେଖାରେ ସାହାଯ୍ୟ କରନ୍ତୁ ନା। ବଳେ ମନ ନିଜ ଅନୁଭବର ରସବାରି ଦେଇ ତାକୁ ସିଞ୍ଚନ କରିବ।"

ଶର୍ମା ଗଲା ପରେ ମୁଁ ଅନୁପଠୁ ଶୁଣି ଲେଖିଥିବା କେତୋଟି ଧାଡ଼ିକୁ ପୁଣି ପଢ଼ିଲି। ଝରକା ଦେଇ ଦିଶୁଥିବା ଥୋବରା ପୁରୁଣା ଦୃଶ୍ୟକୁ ପୁଣି ଥରେ ଦେଖିଲି।

ଦି' ଚାରିଦିନ ଭିତରେ ଅନୁପକୁ ଆଉରି ଦି'ଜଣ ଜୁଟିଗଲେ, ଆମରି କଲେଜରୁ। ଆମ କାହାଣୀ ଲେଖା ବି ଆରମ୍ଭ ହୋଇଗଲା। ଗଲା ଚଉତ୍ରିଶ ବର୍ଷ ହେଲା ମୁଁ ଏଇ କଲେଜରେ ଅଛି। ହେଲେ ମୋତେ ଏଭଳି କେବେ ଦିଶି ନଥିଲା, ଏଭଳି ଅନୁଭବ ହୋଇ ନଥିଲା ଏଠି। କାହାଣୀ ତିନୋଟି ଲାଗି ଖୁବ୍ ବେଶୀ ପରିଶ୍ରମ କରିବାକୁ ପଡ଼ିନାହିଁ।

ଶୁଭାଙ୍ଗୀ। ବିବାହିତ ପୁରୁଷଟିଏ ତା'ର ପ୍ରେମିକ। ସେ ସ୍ଥିର କରିଛି ବାପାମା' ଠିକ୍ କରିଥିବା ଲୋକକୁ କେବେହେଲେ ବାହା ହେବ ନାହିଁ। ଏଣେ ବାପା କହିଲେଣି ଜୋର୍ କରି ବାହା କରିଦେବେ। ତେଣୁ ସେ ଘର ଛାଡି କୁଆଡେ ଅଜଣା ଗନ୍ତବ୍ୟ ଲାଗି ବାହାରି ଯିବ ବୋଲି ସ୍ଥିର କରିଛି।

କାହାଣୀ ଦି'ତିନି ଖେପାରେ ଛାଣି ହେଇ ହେଇ ମୋ ପାଖେ ପହଞ୍ଚେ। ନାୟିକା ବଖାଣେ ଅନୁପ ଆଗରେ, ତା ହାବଭାବ କିଛି ଦିଶୁ ନଥାଏ ସତ ମିଛର ଗହୀର ଠଉରେଇବା ଲାଗି। ତା ଏକପାଖିଆ କଥାରୁ ଯେତିକି ଅନୁପ ମନେରଖେ ତାକୁ ଇ ମୋ ଆଗରେ କହେ, କିଛି ରସରଙ୍ଗ ତା' ମୁଣ୍ଡକୁ ଜୁଟୁଥିବ ଯଦି କେଜାଣି ଟିକେ ମାରିଲେ ମାରିଦେଉଥିବ। ପୁଣି ପ୍ରତିକ୍ରିୟା ବି ଅନୁପଠାରୁ ମୋର ଭିନ୍ନ ହେବାକୁ ବାଧ୍ୟ।

Digitized by srujanika@gmail.com

ପଚାରିଲି, "କୁଆଡେ ଘର ଛାଡ଼ି ଯିବ ସେ ମୂର୍ଖ ଟୋକୀ; ବାପାମାଙ୍କୁ ରୋକଠୋକ ମନା କରୁନି ? ସେ ବିବାହିତ ଲୋକଟା ବି ପାଇଛିଟିଏ ନିଶ୍ଚେ। ତାକୁ ବୁଝାଉନା ତମେ।"

ଅନୁପ କହିଲା, "ଆପଣ ପରା ନିଜେ କହିଥିଲେ ମୋର କାମ ହେଲା ରିପୋର୍ଟରର। କାହାର ବ୍ୟକ୍ତିଗତ ଜୀବନରେ କାହିଁକି ହାତ ଦେବାକୁ ଯିବି ?"

"ଶୁଭାଙ୍ଗୀ କୋଉଠିକି ଯିବ ଘରଛାଡ଼ି କିଛି ଭାବି ଦେଖିବ ? ନିଶ୍ଚେ ଯିବ ସେଇ ବିବାହିତ ପୁରୁଷଟି ସାଥିରେ।"

"ନାଇଁ ନାଇଁ। କଥାଟି ରୋମାଣ୍ଟିକ୍ ଜଣାଯାଉନି ବୋଲି ମୁଁ କାହାଣୀରେ ମିଶେଇବିନି ବୋଲି ଭାବିଥିଲି। ଅସଲରେ ସେ ଗୋଟିଏ ଆଶ୍ରମକୁ ଚାଲିଯିବ; କାଲେ ଚିଠିପତ୍ର ଲେଖିସାରିଲାଣି। କିଏ ଜଣେ ଭାରି ବିଖ୍ୟାତ ଆଧ୍ୟାତ୍ମିକ ଗୁରୁ ରାଜି ଅଛନ୍ତି, ସେ ସନ୍ନ୍ୟାସ ନେବ।"

ମୁଁ କହିଲି, "ତମେ ବୁଝ, ସେ ଆଶ୍ରମ ଯାଉଚି ନା ଇଲୋପ କରୁଛି ସେ ବଜାତ୍ ସାଥିରେ।"

ଅନୁପ ହସିଲା। କହିଲା, "ସେ ଦିଗରେ ଆଦୌ ଚାନ୍ସ ନାଇଁ ମାଡାମ୍। ଲୋକଟି ସରକାରୀ ଚାକିରିଆ, ପିଲାଝିଲା ଅଛନ୍ତି; ସେତେ ମୂର୍ଖ ନୁହେଁ ସେ।"

ନିଃଶ୍ୱାସ ଛାଡ଼ି କହିଲି, "ସେ ଯାହାହେଉ ଆମର କାହାଣୀଟି ତିଆରି ହେଉ। ନାୟିକାଟି ମାନବସେବା ଲାଗି ପଣ କରିବା କଥାଟା ଭଲ ମୋଡଟିଏ ହେବ ବରଂ।"

ଅନୁପ କହିଲା, "ଜାଣିଚି, ଆପଣ ଯୁବାପିଢ଼ୀ ଲାଗି ଶିକ୍ଷାପୋଯୋଗୀ ଉପଦେଶାତ୍ମକ ପ୍ରେମକାହାଣୀ ଲେଖିବା କଥା ଭାବିଲେଣି। ସେଥିରେ ପ୍ରେମ ଗଳ୍ପ ଜମେନି। ବରଂ ପରେ ଆମେ କାଉନସେଲିଂ ସେଲ୍‌ଟିଏ କଲେଜରେ ଖୋଲିବା, ଶକ୍ତିମତେ ଆମ ନାୟିକାମାନଙ୍କୁ ପରାମର୍ଶ ବି ଦେବା। ଏବେ କେମିତି ଏ ଲେଖା ସରୁ।"

କଲେଜରେ ଆସନ୍ତା ପରୀକ୍ଷା ଲାଗି ପ୍ରସ୍ତୁତି ଛୁଟି ଚାଲିଥାଏ, କ୍ଲାସ ହେଉ ନଥାଏ। ହାତରେ ସମୟ ଥାଏ। ଅନୁପ ଇଣ୍ଟରଭିଉ କଥାଯାକ ମୋତେ ଡାକିଯାଏ। ସେଥିରେ ମୁଁ ଆଉ ଟିକେ ନିଜ ବୁଦ୍ଧି କଳ୍ପନା ଜଳ୍ପନା ମିଶେଇ ଲେଖିଦିଏ। ବାଗେଇବାକୁ ତ ଶର୍ମା ଅଛନ୍ତି, ଚିନ୍ତା କ'ଣ।

Digitized by srujanika@gmail.com

ଡାଇଲଗ୍‌ମାନ ବି ସୁନ୍ଦର ଲୁଟିଲା। ଶୁଭାଙ୍ଗୀ କହୁଛି, 'ଲୋକଙ୍କ ମନ ରଖିବାକୁ ମୁଁ ଅଜଣା ପୁରୁଷଟିଏ ପାଖରେ ଦେହ ମନ ବନ୍ଧା ପକେଇପାରିବି ନାହିଁ। ଆଉ ଆତ୍ମହତ୍ୟା କରି ଅଯଥା ଜୀବନ ବଳିଦେଇ ଦେବାରେ ମୋର ବିଶ୍ୱାସ ନାହିଁ। ବରଂ ମୁଁ ସାଂସାରିକ ଜୀବନ ଛାଡ଼ିଦେଇ ଦୀନଦୁଃଖୀଙ୍କ ସେବା କରିବି।'

ଲେଖାରେ ପ୍ରଶ୍ନାବଳୀ ଜରିଆରେ ବୁଲେଇ ବାଙ୍କେଇ କଥା ଆଦାୟ କରାଯାଉଛି, କିଛି କିଛି ବୁଝାଇବାକୁ ଚେଷ୍ଟା ବି ସେଥିରେ ନ ଅଛି ତା ନୁହେଁ। ପ୍ରଶ୍ନକର୍ତ୍ତା ବିବେକୀ ବ୍ୟକ୍ତି ହେବା ଦରକାର। ନାୟିକା ଅଳ୍ପବୟସ୍କା ଛାତ୍ରୀ ଯେତେହେଲେ। ଶୁଭାଙ୍ଗୀ କହୁଛି କେମିତି ନିଜ ଅଜାଣତରେ ସେ ବିବାହିତ ପୁରୁଷଜଣକୁ ଭଲ ପାଇବସିଲା। ଏବେ ବୁଝୁଛି ସେ ଉଚିତ କାମ କରିନାହିଁ। ଅନ୍ୟ ଗୋଟିଏ ନାରୀର ସଂସାରରେ ସେ ନିଆଁ ଲଗେଇ ପାରିବନି।

ହେଲେ ଅନୂପ ମୋତେ ପ୍ରକୃତ ଚରିତ୍ରମାନଙ୍କୁ ଚିହ୍ନେଇନଥାଏ। କଲେଜ ହତା ଭିତରେ ଆମ ବ୍ଲକରୁ ସାଇନ୍‌ସ ବ୍ଲକ ଆଡେ ଯିବା ରାସ୍ତାରେ ଗଛ ଗହଳ ତଳେ, ଲେକ୍ କୂଳକୁ ଗଡ଼ିଯାଇଥିବା ସରୁ ରାସ୍ତା କଡ ପଥର ଚଟାଣରେ ବସିଥିବା ଝିଅଙ୍କ ମେଳରେ ମୁଁ ଶୁଭାଙ୍ଗୀକୁ ଖୋଜେ। ଆମ୍ବ ଗଛ ଗହଳ ଭିତରୁ ଆସୁଥିବା କୁହୁତାନ ଆଡକୁ ଅନ୍ୟମନସ୍କ ଅନେଇଥିବା ଏକୁଟିଆ ଝିଅଟିକି ପଚାରିଦିଏ, "ତମ ନାଁ କ'ଣ?"

ଦ୍ୱିତୀୟ ପ୍ରସଙ୍ଗ ହେଲା ଥାର୍ଡ ଇଅରରେ ପଢୁଥିବା ପାୟଲ ବୋଲି ଝିଅଟିର। ଅନୂପର ଛାତ୍ରୀ, ସେଇ କଲୋନୀରେ ରହେ, ବେଳେବେଳେ ଅନୂପ ଲାଗି ବହି ପଢ଼ିଦେବା ଲାଗି ଦି' ଭଉଣୀ ତା ଘରକୁ ଆସନ୍ତି। ସେ ନିଜେ କେଉଁଠୁ କେଜାଣି ଶୁଣିଲା ଏଇ ପ୍ରେମ କାହାଣୀ ଖୋଜା ବିଷୟରେ। ଦିନେ ସେ ସୁବିଧା ଖୋଜି ନିଜେ କହିଲା ଅନୂପକୁ, "ସାର୍, ଆପଣଙ୍କ ଲେଖା ଲାଗି ମୋ ପାଖେ ବି କଥାଟିଏ ଅଛି।" ସୁନ୍ଦରୀ କମ୍ପ୍ୟୁଟର ଛାତ୍ରୀଟିଏ। ବିଶାଳ ରକ୍ଷଣଶୀଳ ପରିବାରର ଗହଳି ଭିତରେ ରହେ। ଘରୁ ବାହାରକୁ ଏକୁଟିଆ ପାଦେ ଗୋଡ କାଢ଼ି ପାରେ ନାହିଁ। ତଥାପି ଗଭୀର ପ୍ରେମରେ କଟୁଥାଏ ତା'ର ସବୁ ସମୟ। କମ୍ପ୍ୟୁଟର ଜରିଆରେ ଚାଲିଛି ତା' ପ୍ରେମ। ୱେବ୍‌ରୁ ପରିଚୟ, ଆଉ ଘଣ୍ଟା ପରେ ଘଣ୍ଟା ଚାଟିଂ। ପ୍ରେମିକ ସାଙ୍ଗେ ଭେଟ ହେବା ଲାଗି କିଛି ଅଲଗା ସମୟ ଲୋଡା ହୁଏ ନାହିଁ। ସ୍କ୍ରିନ୍‌କୁ ଆଖି ଲଗେଇ ସେ ବସିଥାଏ। ସେଇ ଭିତରେ ଦଶଥର ବାପାଙ୍କ ଲାଗି ଚା' ଆଣିବାକୁ କି ମା'ର ବୋଲହାକ କରିବାକୁ ତାକୁ ଉଠିବାକୁ ହୁଏ, ଭାଇଭାଉଜଙ୍କ ଦୃଷ୍ଟିକୁ ଜଗିବାକୁ ହୁଏ। ପାଖ ବିଛଣାରୁ

Digitized by srujanika@gmail.com

ବଡଭଉଣୀ ଉହୁଁକି ସ୍କ୍ରିନ୍‌କୁ ଅନାଏ। ପରଦା ଆରପାଖରେ ଥାଏ ତା'ର ପ୍ରେମିକ। ଶୀଘ୍ରଶୀଘ୍ର ଟାଇପ୍ କରିବାକୁ ହୁଏ, ଘନ ଘନ ପୃଷ୍ଠା ବଦଳାଇ କମ୍ପ୍ୟୁଟର କ୍ଲାସ୍‌ର କାମ କରୁଥିବାର ବାହାନା କରିବାକୁ ହୁଏ।

କହିଲି, "ବାଃ! ଇଏ ତ ସବୁଠୁ ରୋଚକ କାହାଣୀ ହେବ ବୋଲି ମନେହେଉଛି। ତା ପରେ ପୁଣି କେବେ ଭେଟିବେ ସେମାନେ? ପୁଣି ବାହାଘର?"

"ଭେଟିବା, ବାହାହେବା କଥା କୋଉଠୁ ଏବେ ଉଠୁଛି? ପିଲାଟି ଅଛି ବମ୍ବେରେ; କ'ଣ ଗୋଟାଏ ପଢୁଛି। ତା ହଷ୍ଟେଲ ରୁମ୍‌ରେ କମ୍ପ୍ୟୁଟର ଅଛି।"

"ତା ବୋଲି ଭେଟିବେ ତ ପୁଣି? ବାହା ହେବା କଥା ବି ଉଠିବ ନା ନାଇଁ?"

ଅନୁପ ଭାବିଲା ଟିକିଏ। କହିଲା, "ଆର ଥରକୁ ଭେଟିଲେ ପଚାରିବି।"

ତା ପର ଥର କିନ୍ତୁ ଶର୍ମା ଯେତେବେଳେ ଆସିଲେ ଆଉ ସେତେ ବେଶୀ ଖୁସି ଗପ କରିବା ମୁଡ୍‌ରେ ନଥିଲେ। ପତ୍ରିକାର ନୂଆ ସଂଖ୍ୟା ବାହାରିବାର ବେଳ ଗଡ଼ିବା ଉପରେ। ପହଞ୍ଚୁଣୁ ସିଏ କହିଲେ, "ଶୁଣ ଅନୁପ, ଯେତିକି ପ୍ରେମ କଥା ଜୁଟିଲାଣି ସେଇ ଯଥେଷ୍ଟ। ଏଥର ଯାହା ଯେମିତି ମିଳିଛି ଲେଖି ମୋତେ ଦେଇଦିଅ। ମୁଁ ନିଜେ ତାକୁ ବାଗେଇ ଦେଇ ପଠନୀୟ କରିଦେବି।" ପୁଣି ମୋତେ ଦୋଷ ଦେଲା ଭଳି ସ୍ୱରରେ କହିଲେ, "ଆପଣ ଟିକେ ସାହାଯ୍ୟ କରୁନାହାନ୍ତି ଆଜ୍ଞା। ଟିକିଏ ଲାଗିଯାଆନ୍ତେ ସିନା ପିଲାଟା ସାଙ୍ଗରେ।"

ଲେଖା ତିନୋଟି କେଇଥର ସଂଶୋଧିତ ହେଲା ପରେ ସୁନ୍ଦର ପ୍ରିଣ୍ଟ ଆଉଟ୍ ବାହାରିଥାଏ ଓ ଶର୍ମା ସେଗୁଡ଼ିକୁ ବେଶ୍ ପସନ୍ଦ ବି କରିଥାନ୍ତି। ମୋଟ ଉପରେ କଥାଟିର ପୂର୍ଣ୍ଣଚ୍ଛେଦ ପଡ଼ିସାରିଥାଏ ଏକପ୍ରକାର। ହେଲେ ଅନୁପର ଜୀବନରୁ, ଏପରିକି ମୋ ଦିନଚର୍ଯ୍ୟାରୁ କାହାଣୀଗୁଡ଼ିକ ନିଷ୍କ୍ରାନ୍ତ ହେଲେ ନାହିଁ। ହାତରୁ ବାହାରିଗଲା ପରେ ବି ପିଛା ଛାଡ଼ିଲେ ନାହିଁ। ଜିଇଁ ରହିଲେ। ବଢ଼ିଲେ କୁଢ଼ିଲେ। ବଦଳିଗଲେ। ମାଙ୍କଡଚିତ୍ ମାରିଲେ।

ଘଟିଲା ଏହିଭଳି। ଫରିଦା ସେଦିନ ଅତି ବ୍ୟତିବ୍ୟସ୍ତ ହୋଇ ଆମ ଡିପାର୍ଟମେଣ୍ଟକୁ ଆସିଲା। ହାତ ବ୍ୟାଗରୁ ମଫଲରଟିଏ କାଢ଼ି କହିଲା, "ଅନୁପ କାହିଁ? ବଡ ଅସୁବିଧାରେ ପଡ଼ିଛି।" ସେତିକିବେଳକୁ ଅନୁପ ଆସୁଥିଲା, ୯ରକା ପାଖରୁ

Digitized by srujanika@gmail.com

ନିଷେ ଫରିଦାର ସ୍ୱର ଶୁଣିଦେଇଛି, ଲେଉଟିପଡ଼ି ଚାଲିଯିବାକୁ ବସିଥିଲା। ମୁଁ କିଛି କହିବା ପୂର୍ବରୁ ଫରିଦା "ଶୁଣ ଅନୁପ, ଶୁଣ ଟିକିଏ" କହି କହିକା ବସିଲା ଜାଗାରୁ ଏକ ପ୍ରକାର ଡେଇଁପଡ଼ି ଧାଇଁଗଲା। ଯେଉଁ ଆକୁଳତା ମିଶେଇ ସେ ଡାକୁଥାଏ, ଦେଖିଲି କିଛି ଗୋଟାଏ ଏଠି ଚାଲିଛି ଯାହା ବିଷୟରେ ମୁଁ ଅବଗତ ନୁହେଁ।

ଇଏ ତ ରୀତିମତ ନାଟକଟିଏ। ଅନୁପର ହାତ ଧରି ଫରିଦା ନେହୁରା ହେଇ କହୁଛି, "ପ୍ଲିଜ୍, ପ୍ଲିଜ୍ ଅନୁପ, ମୋତେ ବଞ୍ଚେଇ ଦିଅ।"

ରୁମ୍ ଭିତରୁ ମୁଁ କହିଲି, "ଆରେ ଭିତରକୁ ଆସ ତମେ ଦିହେଁ। ଷ୍ଟୁଡେଣ୍ଟସ୍ ଦେଖିବେ।"

ଭାଗ୍ୟକୁ କେହି ନଥାନ୍ତି ବାରଣ୍ଡାରେ। ପିଅନଟାର ବି ଆଜି ଦେଖା ନାହିଁ। ଫରିଦା ହାତରେ ଏକରକମ ଟଣା ହେଇ ଆସୁ ଆସୁ ଅନୁପ କହୁଥାଏ, "ଦେଖନ୍ତୁ, ମୁଁ କେବଳ ରିପୋର୍ଟର ଏଠି। ଆପଣ ମୋତେ ବ୍ୟକ୍ତିଗତ ବ୍ୟାପାରରେ ଜଡ଼ିତ କରିବାକୁ ଚାହୁଁଚନ୍ତି।"

ମୋତେ ଛାନିଆ ଲାଗିଲା। ଅନୁପ କ'ଣ ଯା ସାଙ୍ଗେ ପ୍ରେମ ପ୍ରେମ କିଛି ଚଳେଇଛି ନା କଣ। ରୁମ୍ ଭିତରକୁ ଆସିଲାକ୍ଷଣି ଫରିଦା ତା ହାତ ବ୍ୟାଗ୍‌ରୁ ମଫଲର ଭଳି କଣ ଗୋଟାଏ କାଢ଼ି ପ୍ଲିଜ୍ ପ୍ଲିଜ୍ କହି ଅନୁପ ହାତରେ ମାଡ଼ିଦେଲା ଓ ସେଇକ୍ଷଣି ସାପଟାଏ ଭଳି ଅନୁପ ସେଇଟାକୁ ଫୋପାଡ଼ିଦେଇ ପ୍ରାୟ ଆର୍ତ୍ତଚିତ୍କାରଟାଏ କଲା, "କ'ଣ ଇଏ?"

ଫରିଦା ପୁଣି ସେଇଟିକୁ ତଳୁ ଗୋଟେଇ ଅନୁପ ହାତରେ ଦେଇ, ଏଥରକ ପ୍ରାୟ କାନ୍ଦିଲା ସ୍ୱରରେ କହିଲା, "ପ୍ଲିଜ୍ ଅନୁପ, ମୋତେ ବଞ୍ଚେଇ ଦିଅ। ଆମ ମୋହଲ୍ଲାକୁ, ଏଇ ସହରକୁ ବଞ୍ଚେଇ ଦିଅ। ଖାଲି ଏତିକି କହିଦିଅ ଯେ, ମଫଲରଟା ତମର।"

ଏଥର ମୁଁ ପଚାରିଲି, "କ'ଣ, ହେଲା କ'ଣ?"

ଯଥାଶୀଘ୍ର ମୋର ହସ୍ତକ୍ଷେପ ଓ କିଛି ପାଟିତୁଣ୍ଡ କାନ୍ଦ ପରେ ମୋତେ ଜଣାଗଲା ମଫଲରଟି ହେଉଛି ଫରିଦାର ପୂର୍ବତନ ପ୍ରେମିକର, ଯିଏ ପ୍ରବାସୀ ଭାରତୀୟ ଓ ଫରିଦାକୁ ଭେଟିବାକୁ ଆସେ। ଏଥର ଆସିଥିଲା ବେଳେ ଅତି ନାଟକୀୟ ଢଙ୍ଗରେ ତା' ସ୍ୱାମୀ ହାବୁଡରୁ ବର୍ତ୍ତିଗଲା; କିନ୍ତୁ ଭୁଲ୍‌ରେ ଛାଡ଼ିଗଲା ତା ମଫଲରଟି। ସଫେଇରେ ଫରିଦା ସ୍ୱାମୀକୁ କହିଛି, ମଫଲରଟି ଅନୁପର ବୋଲି। ଫରିଦା ନିଶ୍ଚିତ ଯେ, କେହି

Digitized by srujanika@gmail.com

ଯଦି ତା ସ୍ୱାମୀର ସନ୍ଦେହ ଘେରର ସମ୍ପୂର୍ଣ୍ଣ ବାହାରେ ଥାଇପାରେ, ସିଏ ହେଉଛି ଅନୂପ।

ବିହିଁଙ୍କ ଟଣା ଓଟରାରେ ପଡ଼ିଲି କିଛି ବେଳ ସିନା, ହେଲେ ଆଉ କିଛି ବାଟ ତ ନ ଥିଲା, ଅନୂପର 'ହଁ' କରିବା ଛଡା। ରିପୋର୍ଟରରୁ ସିଧା ତ୍ରାଣକର୍ତ୍ତାର ରୋଲ୍ ମିଳିଗଲା ବିଚରାକୁ। ଫରିଦାର କଥାରେ ଜୋର୍ ଥିଲା। କଥାଟା ଗୁରୁତର। ପ୍ରଘଟ ହେଇଗଲେ ସାମ୍ପ୍ରଦାୟିକ ଦଙ୍ଗା ହେଇ ନଯିବ ବୋଲି କିଏ କହିବ! ଯାଉ ଯାଉ ଫରିଦା ପର୍ସରୁ ଟିକି ଦର୍ପଣଟି କାଢ଼ି ଆଖି ଲୁହରେ ଲେସି ହୋଇ ଯାଇଥିବା କଳା ମସ୍କାରା ଆଇ-ଶାଡୋ ଆଦିକୁ ନିଜ ଗାଲ ଦେହରୁ ରୁମାଲରେ ପୋଛୁ ପୋଛୁ ମୋତେ କହିଲା, "ଆପଣ ଆଉ ଏମିତି ଶାଣିତ ଦୃଷ୍ଟିରେ ମୋତେ କରତି ପକାନ୍ତୁନି। ମୋ ସ୍ୱାମୀଙ୍କ ନବାବୀ ସଉକ ସୁରା ଓ ସାକୀ ଏବେ ବି ବରକରାର୍ ଅଛି। ତଥାପି ତାଙ୍କ ପିଲାଙ୍କୁ ମୁଁ ମା' ପରି ପାଳେ, ମୋରି ଦରମାରେ ଘର ଚଳେ। ଏସବୁ କ'ଣ ଅନୂପକୁ ଅଛପା? ହେଲେ ଆଉ ସବୁ ରିପୋର୍ଟରଙ୍କ ଭଳି ତା'ର ବି ସତ କଥା ନୁହେଁ, କାହାଣୀ ଦରକାର।" ଫରିଦା ପର୍ସରେ ଦର୍ପଣ ରୁମାଲ ରଖିଦେଇ ଆଉ ତୁହାଏ କାନ୍ଦ ସହିତ ବାହାରିଗଲା।

ଏ ନାଟକଟି ଠିକ୍ ସରିଛି, ମୁଁ ଆଉ ଅନୂପ କପେ ଲେଖାଏଁ ଚା' ଧରି ଯୁକ୍ତି କରୁଛୁ ଯେ ଫରିଦା ଜୀବନର ଅସଲ ପ୍ରେମ କାହାଣୀ କେଉଁଟି, ନାତିବିଳମ୍ବେ ପରବର୍ତ୍ତୀ ନାଟକଟିଏ ଆରମ୍ଭ ହେଲା।

ପାୟଲ ବୋଲି ଝିଅଟିଏ ଆସିଲା, ଅନୂପ ସାର୍‌ଙ୍କୁ ଖୋଜି ଖୋଜି। ଧଇଁସଇଁ ହେଇ କଷ୍ଟରେ କୋହ ଚାପି କହିଲା, "ସାର୍‌ଙ୍କୁ କଥାଟିଏ କହିବାକୁ ଅଛି। ବଡ ଗୋଟାଏ ପ୍ରବ୍ଲେମ୍‌ରେ ପଡ଼ିଯାଇଛି।"

ମୋ ଆଗରେ ସେ କହିପାରୁ ନାହିଁ। ମୋ ଦୃଷ୍ଟିକୁ କେମିତି ବାରିନେଲା ଭଳି ଅନୂପ ମୋତେ କହିଲା, "ଏକଥା ଏକେବାରେ ନୂଆ ମାଡାମ୍। ଯେଉଁ ରାଣ କହିବେ ଖାଇବି, ମୁଁ ଜମା କିଛି ଲୁଚାଇ ନାହିଁ ଆପଣଙ୍କୁ।" ତା'ପରେ ବ୍ୟତିବ୍ୟସ୍ତ ଝିଅଟିକି ସାହସ ଦେଇ କହିଲା, "ବସ, ଏଇଠି ବସ। ଆଉ କହ, ଯାହା କହିବା କଥା।"

ସାମ୍ନା ଚୌକିରେ ବସି ମୁହଁ ପୋତି ଆଖି ନାକରୁ ଅବାରିତ ବାରିଧାରା ପୋଛି ପୋଛି ଝିଅଟି କହିଲା ତା'ର ମର୍ମାନ୍ତିକ ପ୍ରେମ କାହାଣୀ।

ଯେଉଁ ମଧୁର ଉଦାତ୍ତ ପ୍ରେମର ବସନ୍ତ ଆସି ତା ଶୁଷ୍କ ଜୀବନ ବନକୁ ମହକାଇ ଦେଇଥିଲା, ପଲକପାତକେ ତା' ଧୂଆଁ ପାଲଟିଯାଇଛି। ସେ ଆଜି ଜାଣୁଛି,

Digitized by srujanika@gmail.com

କମ୍ପ୍ୟୁଟର-ରାସ ଏକ ବିରୋଧାଭାସ। ଏତେ ନିଗୁଡା ଆସ୍ଥା ଭରିଥିବା ହୃଦୟ ତା'ର କାଚ ଦର୍ପଣ ଖଣ୍ଡେ ଭଳି ଭାଙ୍ଗି ଚୂନା ହୋଇଯାଇଛି।

ଗତ କେତେଦିନରେ ମୋର କୁତୂହଳ ହେଉଛି, କେମିତି ହେଉଥିବ ସେସବୁ ଚାଟିଂ। ପ୍ରେମପତ୍ର ଭଳି ନା ଆଳାପ ଭଳି, ଯାହା ସ୍କ୍ରିନ୍ ଦେହରେ ଟାଇପ୍ ହୋଇଯାଏ, ପୁଣି ମୁହୂର୍ତ୍ତକେ ଉଭେଇ ବି ଦିଆଯାଏ। ଏବେ କିନ୍ତୁ କୌଣସିମତେ ସ୍ୱର କଅଁଳ କରି କହିଲି, "ହଉ ହେଲା ଯେ, ଏଥରକ କହ ହେଲା କ'ଣ? ଏତେ ନିଷ୍ଠା ତମର ଥିଲା, ପୁଣି ପ୍ରେମିକଟି ପ୍ରତାରକ ବୋଲି ତମର ବିଶ୍ୱାସ ହେଲା କାହିଁକି?"

ଏଥରକ ଠୋ ଠା ଦି'ପଦ କହିଲା ପାୟଲ। କାଇଁକିନା ତା' ସଙ୍ଗେ ନିତ୍ୟ ପ୍ରେମାଳାପ କରୁଥିବା ବ୍ୟକ୍ତି ଥିଲା ଯିଏ, ସିଏ ଜଣେ ନୁହଁ, ଦି'ଜଣ ମଣିଷ।

ଆମ ଚକିତ ଶ୍ରୋତା ଦି'ଜଣଙ୍କୁ ତା' ପରେ ସିନେମା ସଂଳାପ-ଭଗ୍ନାଂଶ ମିଶା ଭାଷାରେ ପାୟଲ ସବିସ୍ତାର କାହାଣୀ ଶୁଣାଇଲା। ପ୍ରଥମ ପରିଚୟ ବେଳୁ ହିଁ ବିବେକ ସାଙ୍ଗରେ ତା'ର ପ୍ରେମ ଗଭୀରତର ହେଇ ଚାଲିଲା। ଉଭୟେ ସୁଯୋଗ ପାଇଲା ମାତ୍ରେ ଯେଝା କମ୍ପ୍ୟୁଟର ଖୋଲନ୍ତି। ନିର୍ଦ୍ଦିଷ୍ଟ ସାଇଟକୁ ଯାଇ ଖୋଜନ୍ତି ପରସ୍ପରକୁ, ପୁଣି ଭେଟ ହେଲାକ୍ଷଣି ଫିଟିଯାଏ ପ୍ରେମର ନିର୍ଝରିଣୀ। କେଇଘଣ୍ଟାର ବିରହରେ କେତେ ଆକୁଳତା ଜମା ହେଇଯାଏ, ଠୁଳ ହେଇଯାଇଥାଏ କେତେ କଥା ପ୍ରିୟକୁ କହିବା ଲାଗି। ଧୋକାର ସମ୍ଭାବନା କଥା ପାୟଲ ମୁଣ୍ଡକୁ ଥରେ ହେଲେ ଜୁଟିନାହିଁ। ତେଣେ ମଝିରେ କେବେ ବିବେକର ରୁମ୍‌ମେଟ ଅଭୟ ସୁବିଧା ଦେଖି ବିବେକ ନାଁରେ ଧାଡ଼ିଏ ଦି'ଧାଡ଼ି ପ୍ରେମାଳାପ ଲେଖିଦେଇଛି ଓ ପରେ ପରେ ସୁଯୋଗ ଉଣ୍ଡି ନିୟମିତ ବିବେକର ଛଦ୍ମବେଶ ଧରିଛି। ଏପରିକି ବିବେକର ଏଡ୍ରେସ କୋଡ ବି ଚୋରି କରିନେଇଛି। ଦିନେ ବିବେକ ଜାଣିପାରିଲା। ଦୁଇବନ୍ଧୁଙ୍କ ଭିତରେ ଭୀଷଣ ମନାନ୍ତର, ହାତାହାତି ଯାଏଁ କଥା ଗଲା।

କଥା ସରିଲାରୁ ମୁଁ ପଚାରିଲି, "ହେଲା ଯେ, ତମର ସେଥିରେ ଦୋଷ କ'ଣ? ତାଙ୍କର ଦି'ସାଙ୍ଗଙ୍କର ଅପତ ହେଲା, ହେଉ। ତୁମର ଆଉ ବିବେକର ପ୍ରେମରେ ଅସୁବିଧା କ'ଣ?"

ପାୟଲ କହିଲା, "ଏବେ ମୁଁ କେତେଗୁଡ଼ିଏ କଥା ମିଳେଇ ଦେଖୁଛି। ମୋର ମନେ ହେଉଚି ବିବେକଠୁ ବେଶୀ ଚାଟିଂ ବାସ୍ତବରେ ଅଭୟ ହିଁ ମୋ ସାଙ୍ଗେ କରୁଥିଲା। ମୁଁ ଏବେ କେମିତି ଜାଣିବି କିଏ ସେ ମୋର ଅସଲ ପ୍ରେମିକ?"

Digitized by srujanika@gmail.com

ମୁଁ ଅନୁପ ମୁହଁକୁ ଅନେଇଲି, କାଳେ କିଛି ଉତ୍ତର ତାକୁ ଜୁଟିବ।

ପୁଣି ହାବୁକାଏ କୋହ ସମ୍ଭାଳୁ ସମ୍ଭାଳୁ ପାୟଲ କହିଲା, "ମୋର ତ ମନେହୁଏ ଦି' ସାଙ୍ଗ ମିଶି ହୁଏତ ଜାଣିଶୁଣି ମୋ ସାଙ୍ଗେ..."

ଆହୁରି କିଛି ବେଳ ଦୃଶ୍ୟଟି ଚାଲିଲା ପରେ ଅନୁପ କହିଲା, "ପାୟଲ, ତମେ କିଛି ଦିନ ପାଇଁ କମ୍ପ୍ୟୁଟରର ବ୍ୟବହାର କରିବା ଛାଡ଼ିଦିଅ, ବୁଝିଲ। ସବୁ ଆପେ ଠିକ୍ ହେଇଯିବ। ଆସନ୍ତା ଦି'ମାସ ଲାଗି ଶପଥ କରି ତା'ଠୁ ଦୂରେଇ ରହ।"

କାନ୍ଦର ହିକ୍‌କା ମଝିରୁ ପାୟଲ ନମସ୍କାର କରି କହିଲା, "ଚେଷ୍ଟା କରିବି ସାର୍। ମୋତେ ତ ଆଜିକାଲି କମ୍ପ୍ୟୁଟରକୁ ଦେଖିଲେ ଭୟ ହେଉଛି...।"

ଦି'ଦିନ ପରେ ମୁଁ ଆଉ ଅନୁପ ଡଙ୍ଗାଘାଟରେ ଠିଆ ହୋଇଥାଉ; ଅପେକ୍ଷା କରିଥାଉ ଶର୍ମାଙ୍କୁ। ଝିଅ ହଷ୍ଟେଲରେ ଗୋଟିଏ କବିତା ପାଠୋତ୍ସବକୁ ତାଙ୍କର ଯିବାର ଥିଲା। ତାଙ୍କର ଇଚ୍ଛା ଯେ ସେ ହ୍ରଦ ବାଟ ଦେଇ ଡଙ୍ଗା ପାର ହୋଇଯିବେ। ସକାଳୁ ଫୋନ୍‌ରେ ମୋତେ ଏକଥା ବି କହିଥିଲେ ଯେ ବିଶେଷାଙ୍କଟି ବାହାରିଯାଇଛି ଓ ସମ୍ପାଦକୀୟରେ ସେ ମୋ ବିଷୟରେ ଯାହା ଲେଖିଛନ୍ତି ତା' ଫୋନ୍‌ରେ ନ କହି ମୋତେ ସରପ୍ରାଇଜ୍ ଦେବା ଲାଗି ପତ୍ରିକାର ପ୍ରଥମ କପି ଆଜି ମୋ ହାତରେ ଦେବେ।

ମୁଁ ଅନୁପକୁ ପଚାରିଲି, "ଶୁଭାଙ୍ଗୀର କାହାଣୀଟି ବଦଳି ନାହିଁ ତ ?"

"ହଁ ମାଡାମ୍, ସେଇଟି ବି ବଦଳି ଯାଇଛି।"

"କ'ଣ ହେଉଛି, ସନ୍ୟାସ ବଦଳରେ ଶୁଭାଙ୍ଗୀ ବନ୍ଧେ ଯାଉଛି ନା ପ୍ରେମିକକୁ ଛାଡ଼ି ବାପା ମା'ଙ୍କ କଥା ମାନୁଛି ? ନା ପ୍ରେମିକ ତାଙ୍କ ସ୍ତ୍ରୀଙ୍କୁ ଛାଡପତ୍ର ଦେଉଛନ୍ତି ?"

ଅନୁପ ଟିକିଏ ଏଣିକି ତେଣିକି ମୁହଁ କରି ମୁରୁମୁରୁ ହସିଲା। କହିଲା- "ଆଦୌ କୌଣସିଟି ନୁହେଁ।"

କହି ଆହୁରି ହସିଲା, ହସୁ ହସୁ ମୁହଁ ପୋତିଲା, ଏକେବାରେ ନାଲି ପଡ଼ିଗଲା । ଏଥର ମୋ ମୁହଁରୁ ବାହାରିଗଲା, "ବୁଝିଗଲି, ଏଥର ବି ତୁମେ ନାୟିକାଙ୍କର ତ୍ରାଣକର୍ତ୍ତା ହେଇଚ, ନା କ'ଣ ?"

ଅନୁପ ତ କିଛି ଭାବ ଲୁଚେଇପାରେ ନାହିଁ ମୁହଁରୁ; ଗଦ୍‌ଗଦ ହସଟିଏ ହସି କହିଲା; "ନାଇଁ ନାଇଁ, ତ୍ରାଣକର୍ତ୍ତା ବୋଲି କହନ୍ତୁନି ।"

Digitized by srujanika@gmail.com

ମୋ ଗଳାରେ ନିରାଶା ଭଳି କିଛି ଗୋଟାଏ ଭାବ ଫୁଟିଥିବ, ଯେତେବେଳେ କହିଲି, "ମାନେ, ତମେ ନିଜେ ବାହାହେବାକୁ ଯାଉଚ ସେଭଳି ଗୋଟାଏ ଝିଅକୁ?"

ଅନୁପର ମୁହଁରୁ ସେ ନାଲି ହସ କୁଆଡେ ଉଭେଇଗଲା। କହିଲା, "ଶୁଭାଙ୍ଗୀ ବିଷୟରେ ଯେଭଳି ଧାରଣା ଆପଣ କରିଥିବେ, ସେ ଜମା ସେମିତି ଝିଅ ନୁହେଁ..."

ଅନୁପ ମୁହଁକୁ ମୁଁ ଥ ହୋଇ ଅନେଇଛି, ପଛପାଖ ତଗାଘାଟ ରାସ୍ତାରେ ଓହ୍ଲେଇ ଆସୁଥିବା ଦି'ଜଣଙ୍କ କଥାବାର୍ତ୍ତା ଶୁଭିଲା। ଶର୍ମାଜୀ ଗଡାଣି ରାସ୍ତାରେ ପାଦ ଚାପି ଚାପି ପକାଉଥିଲେ। ସାଙ୍ଗରେ ଡେଙ୍ଗା ଶାବନା ଝିଅଟିଏ ହାଲୁକା ପାଦରେ ଅନାୟାସରେ ଓହ୍ଲେଇ ଆସୁଛି।

ଅନୁପ କହିଲା, "ଆଜି ପ୍ରଥମ କରି ମୁଁ କଲେଜ ଘାଟରୁ ଡଙ୍ଗାରେ ଆରପାରିକି ଯିବି କି ନା, ଭାବିଲି ଶୁଚିତା ବି ଆସୁ ଶର୍ମାଜୀଙ୍କ ସାଙ୍ଗେ। ସେ ହିଁ ହଷ୍ଟେଲରେ କବିତା ପାଠ ଆୟୋଜନ କରିଚି ତ।"

ମୁଁ କହିଲିନି ଯେ ଆଜି ମୋ ଲାଗି ବି ଗୋଟିଏ କଥା ନୂଆ। ଆମ ଘରପାଖେ ଖୋଲିଥିବା ବିଉଟି ପାର୍ଲରକୁ ଯାଇଛି ମୁଁ ଆଜି, ଜୀବନରେ ପ୍ରଥମ କରି କାନ୍ଥଯାକ ଦର୍ପଣ ଆଗରେ ଘୂରାଚଉକିରେ ବସି କୁଶଳୀ ବିଉଟିସିଆନ୍ ହାତରେ ପ୍ରସାଧନ କରାଇବାର ଅୟସ ଆଜି ମୁଁ କରିଚି। ବରଂ ଅନୁପ କାନରେ ଚୁପ୍‌କିନି ପଚାରିଲି, "ସତ କହିଲ, ଏଇ ହେଉଚି ତମର ଶୁଭାଙ୍ଗୀ, ନାଇଁ?"

ଅନୁପ ପୂର୍ବ ଭଳି ମୁରୁମୁରୁ ହସି ମୁହଁ ତଳକୁ ପୋତିଲା।

ସେଦିନ ପାଣି ମଝାମଝି ହେଲା ବେଳକୁ ଶର୍ମା ହାତର ପ୍ୟାକେଟ ଖୋଲି ମୋତେ ଦେଲେ; କହିଲେ, "ପତ୍ରିକା ଆପଣ ଉନ୍ମୋଚନ କରନ୍ତୁ।"

ମୁଁ ଅନୁପର ହାତକୁ ସେଇଟି ଦେଇ କହିଲି, "ନାଇଁ, ଅନୁପ ଆଉ ଶୁଚିତାଙ୍କ ହାତରେ କାମଟି ହେବା ଦରକାର।"

ଶର୍ମା ପରମ ଉତ୍ସାହରେ ରାଜି ହୋଇଯାଇ କହିଲେ, "ଶୁଚିତା ବି ତମରି ପରି ସାହିତ୍ୟ ପ୍ରେମୀଟିଏ। ଠିକ୍ କଥା।"

ଅନୁପ ତା' ସ୍ୱଭାବସୁଲଭ ଭଙ୍ଗୀରେ ପ୍ୟାକେଟଟିକୁ ପହିଲେ ଓଲଟପାଲଟ କରି ବହେ ଅଣ୍ଡାଳିଗଲା, କି ଗୋଟାଏ ବିଷମ ଦ୍ୱନ୍ଦରେ ପଡ଼ିଥିଲା ପରି କହିଲା, "କିନ୍ତୁ

Digitized by srujanika@gmail.com

ସାର୍, କିଛି କଥା ଆପଣଙ୍କୁ କୁହାଯାଇ ପାରିନି। ଅସଲରେ ଏ କାମଟି ବୋଧହୁଏ ଠିକ୍ ସଚୋଟ ରୂପେ ହୋଇ ପାରିଲା ନାହିଁ। କାହିଁକିନା ଆମେ ଲେଖୁ ଲେଖୁ ବଦଳିଗଲା ପ୍ରକୃତ କାହାଣୀଯାକ...”

ଏତେବେଳକୁ ପୋଖତ ଲେଖକ ମହାଶୟ ଡଙ୍ଗାର କାଠପଟା ଉପରେ ଗୋଡ ଲମ୍ବାଇ ଦେଇ ମୁଣ୍ଡ ପଛକୁ ହାତ ଛନ୍ଦି ନାୟକସୁଲଭ ପୋଜ୍‌ରେ ସେପାରିକୁ ଅନାଇଥିଲେ। ଅନୁପର ହାତ ଉପରେ ହାତ ଥୋଇ ଅଧାରୁ ରୋକି କହିଲେ, “ଥାଉ, ଥାଉ ସେସବୁ କଥା ଅନୁପ; ତମେ ମୋତେ କହିସାରିଲା ବେଳକୁ ସେ କାହାଣୀମାନ ଆହୁରି କେଉଁ ଖୋଜ ବାଟ ଚାଲିସାରିଥିବେ। ଏବେ ଏଣିକି ଚାହଁ, ଦେଖ ଟିକିଏ ଏ ବିଭବ।”

Digitized by srujanika@gmail.com

ସକାଳ

ଅନୁଭା ସୁଟ୍‌କେଶଟି ନେଇ ପହଞ୍ଚିଲା ବେଳକୁ ବସ୍ ଭର୍ତ୍ତି ହେଇଗଲାଣି, ଛାତ ଉପରେ ବାକ୍ସପତ୍ର ବାଗେଇ ରଖି ତାରପୁଲିନ୍ ଘୋଡେଇ ବନ୍ଧାବନ୍ଧି କରୁଚନ୍ତି ଦିଜଣ ଲୋକ । ଏଣେ ଡ୍ରାଇଭର ଦିଇଟା ଶେଷ ଫୁଙ୍କ ଦେଇ ବିଡି ଫୋପାଡି ଡେଇଁ ପଡ଼ି ଯାଇ ନିଜ ସିଟ୍‌ରେ ବସିପଡ଼ିଲାଣି । ସଜବାଜ ହେଇ ବିଳାସି ବସଟି ତିଆରି ହେଉଚି, କେତେବେଳୁ ଷ୍ଟାର୍ଟ ଦିଆ ଇଞ୍ଜିନ ତାର ଘୁଡଘୁଡୁ ହେଉଚି । ଶେଷ ଶୀତର ଭୋର ବେଳରେ ଚାରିଆଡ଼ ଏଯାଏଁ ଚୁପ୍‌ଚାପ୍ ଅଛି । କେବଳ ବସ୍ ଭିତରୁ ଶୁଭୁଛି ନାନା ପ୍ରକାର ଉଚ୍ଚାଟ କିଚିରି ମିଚିରି । ଅନୁଭାକୁ ଝରକାରୁ ଡାକିଲା ଜଣେ କିଏ, ଯାହେଉ ଆସିଗଲା ବୋଲି ଖୁସି ହେଲା ଆଉଜଣେ କିଏ, ପୁଣି ପାହାଚରେ ଠିଆହେଇଥିବା ଜଣେ ତା' ସୁଟକେଶଟି ଭିତରକୁ ଉଠାଇବାରେ ହାତ ଲଗାଇଦେଲା । ଚିହ୍ନା ପରିଚିତ ମୁହଁ ସବୁ ସିଟ୍‌ରେ ପ୍ରାୟ । ଖାଲି ସିଟ୍‌ଟାଏ ଖୋଜି ଶେଷରେ ବସିଲା ବେଳକୁ ବସ୍ ଗଡିବାକୁ ଆରମ୍ଭ କରୁଥିଲା, ତେଣେ ଦୃଷ୍ଟି ନଦେଲେ ବି ଝରକା ବାହାରର ଦୃଶ୍ୟ ଚଳମାନ ହେବା ଜାଣିହେଉଥିଲା । ସାମ୍ନା ପାଖରେ ପଛ

Digitized by srujanika@gmail.com

ମୁହାଁ ଠିଆ ହେଇ ନୀଳିମା ଯାତ୍ରା ଶୁଭାରମ୍ଭର ଡାକଟିଏ ଦେଲେ, ଏଯାଏଁ କବାଟ ପାଖେ ଠିଆ ହେଇ କ'ଣ ସବୁ ମଇମତା ଗଣୁଥିଲେ ସିଏ, ସେତେବେଳକୁ ଠିକ୍ ଗେଟ୍ ଭିତରୁ ବାହାରି ସମ୍ଭାଳୁ ସମ୍ଭାଳୁ କଡ଼ ଆଡିଆ ତୀଖ ମୋଡଟିଏ ନେଲା ବସ୍, ବିଚାରୀ ଅଧାରେ ଡାକ ଭୁଲି ସେ ଝଟକାରେ ନିଜକୁ ସମ୍ଭାଳୁ ସମ୍ଭାଳୁ କଡ଼ଆଡିଆ ଦି ଚାରି ପାଦ ଲଡବଡେଇ ଗଲେ ଆଉ ପ୍ରାୟ ଅଜାଡି ହେଇ ପଡିଲା ଟୋକା କଣ୍ଡକ୍ଟର ଉପରେ । ହିପ୍‌ହିପ୍ ହୁର୍‌ରେ ଧ୍ୱନୀ ଆରମ୍ଭ ହେଉଣୁ ହସରେ ବୁଡ଼ିଗଲା, କମେଣ୍ଟ ଆସିଲା ଦିଚାରିଟା, ଜଣ କେତେ ହସିହସି ଆକତା ମାକତା ହେଇଗଲେ । କଣ୍ଡକ୍ଟର ଟୋକା ଝରକା ବାହାରକୁ ମୁଣ୍ଡ ଗଳେଇ ମୁହଁ ଲୁଚେଇଲା, ହସୁଥିଲା ନା କଣ । ନୀଳିମା ଝାଡିଝୁଡି ଏଥର ଦିପାଖ ସିଟ୍ ବାଡକୁ ଧରି ସଳଖ ହେଇ ଠିଆ ହେଲେ, ବୋଧେ ଦେଖିଲେ ଆଉ ଡାକର ପ୍ରତ୍ୟୁତ୍ତର ଆଶା କରିବା ବୃଥା, ଉପସ୍ଥିତ ବିଦ୍ଧିମତା ଦେଖାଇ ବଡ଼ ପାଟିରେ କହିଲେ, "ହଉ ହେଲା, ମୁଡ୍ ତ ତିଆରି ହେଇଗଲା ସଭିଙ୍କର, ନା କଣ ? ଏଥର ଆରମ୍ଭ ହେଇଯାଉ ଗୀତ ଫିତ କିଛି ।"

ଅନୁଭା ହସ ତୁହାକ ନିଜ ଉପରେ ଦେଇ ଚାଲିଯିବାର ବାରିଲା । ଟିକିଏ ଆଶ୍ଚର୍ଯ୍ୟ ଓ ବିଶ୍ୱାସରେ ଭବିଲା, ଯେ ସତରେ କଣ ଏବେଠୁ ଅଶାର କିରଣ ଦିଶିଲାଣି ? ଯେଉଁ କଥା ମନାସି ସେ ଘରୁ ଗୋଡ କାଢ଼ିଥିଲା ତାହା ସଫଳ ହେବାର ସମ୍ଭାବନା ଜଣା ଗଲାଣି, ତା' ମୁହଁରେ ଏ ଯାଏଁ ଲିଭି ନଥିବା ହସ ଟିକକରେ ଲେଖି ହେଇଗଲାଣି ? ଝରକା ବାହାରକୁ ଅନେଇଲା । ନୂଆ ସକାଳଟିଏ ଫିଟି ପଡୁଚି । ସହରରେ ଘରଦ୍ୱାର ରାସ୍ତା ଘାଟ ସବୁ ଏଇ ଚେଇଁ ଉଠିଲା ପରି ଦିଶୁଚନ୍ତି । ଖୋଲା ଆକାଶଟିଏ ଉପରେ, ତା କଡେ କଡେ ସଜାଇ ହୋଇ ଯାଇଛନ୍ତି ରାସ୍ତା କଡ ଗଛ ପତ୍ର, ଦୁଇ ପାଖର ସୌଧମାଳ । କାହିଁ କେତେଦିନ ପରେ ଅନୁଭା ଏଭଳି ସକାଳଟିଏ ଦେଖୁଚି ।

ନୀଳିମା ଆସିଲେ ପାଖକୁ, କହିଲେ, "ଟିକେ ଜାଗା ଦେଲ ଅନୁଭା, ବସିଯାଏଁ ପାଞ୍ଚ ମିନିଟ ।"

ପଛପାଖ ସିଟ୍‌ଟାଏରେ ବ୍ୟାଗ୍‌ପତ୍ର ଗୁଡିଏ ରଖା ଯାଇଥିଲା, ସେଇଥିରେ ଜାଗାକରି ଅନୁଭା ବସିଥିଲା । ଏଥର କିଛି ଜିନିଷପତ୍ର ତଳେ ଥୋଇ ଦେଇ ନିଜେ ଘୁଞ୍ଚି ଯାଇ ଜାଗା ଖାଲି କଲା ସେ । ନୀଳିମା ବସି ପଡ଼ି କହିଲେ, "ଗଲା କେତେ ଦିନ ହେଲା ନିଶ୍ୱାସ କରିବାକୁ ଫୁରୁସତ ନାହିଁ । ଏତେ ସବୁ ଆୟୋଜନ ଏକୁଟିଆ ମୁଣ୍ଡେଇବା କଣ କମ୍ କାମ ? କାହାରିଠୁ ଟିକିଏ ସାହାଯ୍ୟ ଆଶା କରିବା ବୃଥା ।"

Digitized by srujanika@gmail.com

ତିନିଦିନିଆ କନ୍‌ଫରେନ୍‌ସକୁ ଯାଉଥିବା ସଦସ୍ୟମାନେ ଯେଝା ସିଟ୍‌ରେ ଗପସପରେ ମାତିଗଲେଣି ଏତେବେଳକୁ । ନୀଳିମା ତାଙ୍କର ସାନ ଡାଇରୀଟି ପର୍ସରୁ କାଢ଼ି ଚଶମା ପିନ୍ଧି କଣ ପଢ଼ିଲେ । ଆଖି ନ ଉଠେଇ କହିଲେ, "ପ୍ରତି ପ୍ରୋଗ୍ରାମର ଟିଖିନିଖି ବ୍ୟବସ୍ଥା କରିବାକୁ ହେବ ତ । ଖିଆପିଆଠୁ ମାଇକ୍ ବ୍ୟବସ୍ଥା ଯାକେ ।" ତାପରେ ସେ ପେନ୍ କାଢ଼ି କଣ ସବୁ ଟିପାଟିପି କରିବାରେ ଲାଗିଗଲେ ।

ଅନୁଭା ଭାବିଲା ତାଙ୍କ ସାଂଗେ କିଛି କଥାବାର୍ତ୍ତା କରିବା ଠିକ୍ ହେବ କି ନାଇଁ ଏବେ । କଡେଇ ଅନେଇଲା । ମୁଣ୍ଡ ପଛକୁ ଉଚ କରି ଭିଡା ଖୋସା, କଡ଼ା ମଣ୍ଡ ଦିଆ ଶାଢ଼ୀରେ ଛୋଟିଆ ଟାଣୁଆ ମଣିଷଟିଏ । କୁଆଡକୁ ନିଘା ନାହିଁ, ଭ୍ରୂକୁଞ୍ଚେଇ ଓଠ ଗୋଜେଇ ସେ ସତେକି ଡାଏରୀ ସାଙ୍ଗେ ଗୁପ୍‌ଚୁପ୍ କିଛି ଆଲୋଚନା କରୁଚନ୍ତି ।

ଟିକିଏ ଦୋଷୀ ଲାଗିଲା ଅନୁଭାକୁ । ଆୟୋଜନରେ ଭାଗ ନେବା ଦୂରେ ଥାଉ, ଦି ଦିନ ତଳ ଯାଏ ତାର ମନେ ବି ନଥିଲା ଏ କନ୍‌ଫରେନ୍‌ସର କଥା । ସେଦିନ ଚାରିଟାବେଳେ ହଠାତ୍ କୁଆଡୁ ବିନୀତା ଆସି ପହଞ୍ଚିଯାଇ ତାକୁ ଡାକିଲେ ମନେଇଲେ ବୋଲି ସେ ଆସିଚି । ସେଇ ଯଥାକଥା ଖାଇ ସାରି ଉଠୁଥାଏ, ଅବେଳରେ ବେଲ୍ ଶୁଣି ଛାତିଟା ଧଡ଼ପଡ଼ ହେଇଗଲା ତାର । ଗତ ମାସେ ହେବ ଏଇଆ ତ ହେଉଚି । କଦବା ଫୋନ୍ ଘଣ୍ଟି କି ଅବେଳରେ କବାଟ ବେଲ୍ ଶୁଣିଲେ ଧାଏଁ କିନା ବାଜୁଛି ସତେକି ତା' ଭିତରେ ।

କବାଟ ଖୋଲିଲା ବେଳକୁ ସିଡି ଚଢ଼ି ଧଇଁସଇଁ ଠିଆ ହେଇଥିଲେ ବିନୀତା । ଭିତରକୁ ପଶି ଆଗ ଘର ଦ୍ୱାରକୁ ପୁଣି ବିନୀତାକୁ ପରସ୍ତେ ଅନେଇ ଯାଇ ପଚାରିଲେ, "ଭଲ ଅଛ ତ ? ଅଫିସ୍ ଯାଇନା କାହିଁକି ?" କଥାବାର୍ତ୍ତା ଯେତେ ହାଲୁକା ରଖିଲେ ବି ସେ କିଛି ଅନ୍ଦାଜ କରିନେଲେ । ଚିଠିଟା କଉଠି ରଖିଦେଇ ଭୁଲିଯାଇଥିଲା ଅନୁଭା । ଯିବାକୁ ନାହିଁ କଲା, କହିଲା, "ଦିନ କେଇଟା ମାତ୍ର ରହିଲା । ମୁଁ ପେପର ଲେଖିବି କେତେବେଳେ ? ତାଛଡା ମୋ ଦେହ ଆଜାକାଲି ଜମା ଭଲ ରହୁନି ।"

"ଦେହ ମନ ସବୁ ବଳେ ଭଲ ହେଇଯିବ । ତମେ ବାହାରିଲ ଆଗ । ପେପରଟା ଆଜି ରାତିରେ ବସି ଲେଖିଦିଅ । ପୁଣି କାଲି ଦିନ ଗୋଟା ଅଛି । ତମର ପୁରୁଣା ଲେଖା ଫେଖା କିଛି ଥିବ, ଉଠେଇ ନିଅ ସେଥିରୁ । ଯିବ କିନ୍ତୁ ନିଶ୍ଚେ, ମୁଁ ଛାଡିବିନି ।"

ତାପରେ ସେ ନିଶ୍ଚିନ୍ତରେ ବସିଲେ, ଚା ପିଇ ଗପିଲେ ପ୍ରାୟ ଦି'ଘଣ୍ଟା କାଳ ଏକ ତରଫା । ସବୁଥର ପରି ତାଙ୍କ ଗପ ଆତ୍ମଜୀବନୀରୁ ଅଧ୍ୟାୟେ ଲେଖାଁ ପରି ଶୁଣା

Digitized by srujanika@gmail.com

ଯାଉଥାଏ । କେତେବେଳେ ଆଦ୍ୟ ଜୀବନର ଶାଶୁ ଗଂଜଣା, ଅପାରଗ କିନ୍ତୁ ସ୍ନେହୀ ସ୍ୱାମୀ କଥା ବଖାଣନ୍ତି ତ ପୁଣି କ୍ଷଣିକରେ ସମୟର ବାଡବତା ଭୁଲି ବର୍ତ୍ତମାନକୁ ଚାଲି ଆସନ୍ତି । ତାଙ୍କ ଶିଶୁ ପତ୍ରିକା, ଟିଭି ସ୍କ୍ରିପ୍ଟ ଲେଖା କଥା କହି ବସନ୍ତି । କେମିତି ଜୀବନ ଯାକ ନିଜ ଚେଷ୍ଟାରେ ଓ ଈଶ୍ୱର ବିଶ୍ୱାସରେ ସେ ମୁଣ୍ଡ ଟେକି ଆଗେଇ ଚାଲିଚନ୍ତି ସେକଥା ତାଙ୍କର ପ୍ରିୟ ବସ୍ତୁ । ସୁଯୋଗ ପାଇଲେ ସେ ଏମିତି ନିଜ କଥା କହନ୍ତି, କହି କହି ସେଥିରୁ ବୋଧେ ବଳ ପାଆନ୍ତି । ଏଥର ଅନୁଭା ବି ବଳ ପାଇଲା । କେତେଦିନ ହେଲା କାହାରି ସାଙ୍ଗରେ ଦିପଦ କଥା ହେଉ ନଥିଲା ସେ । ଲୋକ ଜୁଟୁ ନଥିଲେ କି ବେଳ ହେଉ ନଥିଲା ସେ କଥା ନୁହେଁ । କ୍ରମେ ସେ କଟି ଯାଉଥିଲା ଜଗତ ସହିତ, ମଣିଷଟିଏ ସଂଗେ କଥା ଭାଷା ହେଲାବେଳେ ପାଞ୍ଚ ମିନିଟ ନ ଯାଉଣୁ କିଛି ଆଉ ତାକୁ ବୁଝା ପଡୁ ନଥିଲା । ଛିଡି ଯାଉଥିଲା କୋଉଠି ବୁଝାମଣାର ସୂତା ।

ସେଦିନ କାହିଁକି ଏକ ତରଫା ହେଲେବି ଶୁଣିଲା ସେ । ଅଧା କାନ ଦେଇ ଶୁଣୁ ଶୁଣୁ ତା ମନକୁ ଆସିଲା, କିଏ ଇଏ ମୋର ? କେହି ନୁହେଁ, ଗତ ମାସେ ଭିତରେ ଥରେ ଯା କଥା ମୋ ମନକୁ ଆସିନାହିଁ । ତଥାପି ବାହାର ଦୁନିଆଁରୁ ଆପେ ଆସି ହାତ ବଢ଼ାଉଚି ମୋ ଲାଗି, ମଣିଷଟିଏ ।

ଶେଷରେ ହାତ ଘଣ୍ଟା ଦେଖି ଜିଭ କାମୁଡି ବିନୀତା ଯିବାକୁ ଉଠିଲେ, ଉଠୁଉଠୁ କହିଲେ, "କଥାଟିଏ ମନେ ରଖିଥିବ ଅନୁଭା । ଜୀବନରେ ମାଡ ଖାଇ ଖାଇ ମୁଁ ଶିଖିଚି । ମନ ଖରାପ ହେଉ, ଯୋଗ ଖରାପ ପଡ଼ିଥାଉ, ଯାହା ହେଉ । ତଳେ ଯଦି ପଡ଼ି ଯାଇଚ ତେବେ ନିଜେ ଚେଷ୍ଟା କରି ପୁଣି ଠିଆ ହେବାକୁ ହୁଏ । ତମେ କଅଣ ଦେଖିଚ ଜୀବନ ? କଣ ସବୁ ଭୋଗିବାକୁ ହଏ ମଣିଷକୁ ମୁଁ ଜାଣିଚି ।"

ତାଙ୍କ କଥା ପୁଣି ଆତ୍ମଜୀବନୀ ଆଡକୁ ମୋହିଁବା ପୂର୍ବରୁ ଅନୁଭା ପଚାରିଲା, "ଏଥର କନ୍‌ଫରେନ୍‌ସ ମସୁରୀରେ ହେଉଚି ପରା ? ଥଣ୍ଡା ଅବଶ୍ୟ ଥିବ ଯେ ..."

"କୋଉଠି ? ହରିଦ୍ୱାର ଠିକ୍ ହେଲା ପରା, ଜାଣିନ କି ?"

ତାପରେ ସେ ବୁଝାଇ ବସିଲେ ହରିଦ୍ୱାର କାହିଁକି ଠିକ୍ ହେଲା, କେମିତି ମସୁରୀ ଯେତେ ସୁନ୍ଦର ଜାଗା ହେଲେ ବି ହରିଦ୍ୱାର ଅନେକ ଦିଗରୁ ଭଲ । ପଚାରିଲେ, "ବିଷୟଟା ମନେ ଅଛି ନା ନାହିଁ ? ନାରୀ ସାହିତ୍ୟରେ ଧର୍ମାନ୍ଧତା ।"

ଅନୁଭା ହସି ପକାଇଲା, "ଭଲ । ବିଷୟବସ୍ତୁ ସାଙ୍ଗେ ଜାଗା ମେଳ ଖାଉଚି ।"

Digitized by srujanika@gmail.com

"ଆଉ କଣ, ସବୁଥର କନ୍‌ଫରେନ୍‌ସ ଆଳରେ ଆମେ ବୁଲିବାକୁ ଯାଆନ୍ତି । ଏଥର ତୀର୍ଥ ବି ହେଇଯିବ, ମନ୍ଦ କଣ ।"

ଯିବା ପୂର୍ବରୁ ଆଉରି କେତେଥର ମନେଇ ରାଣ ପକେଇ ଅନୁଭାଠୁ କଥା ନେଲେ ବିନୀତା । କହିଲେ, "ଅସଲ କଥା ପାଞ୍ଚଟା ମାତ୍ର ପେପର ଏ ଯାଏଁ ଆସିଚି ମୋ ହାତକୁ । ଏ ଯେତେକ ସବୁ ଯିବାକୁ ବସିଚନ୍ତି ସମସ୍ତେ ମଉଜ ମସ୍ତି ପିକ୍‌ନିକ୍ କରିବାକୁ ଯାଉଚନ୍ତି ମୁଁ ଜାଣେ । ଯେତେକ ଠକ । ତମେ ଯିବ ମାନେ ଓଜନିଆ ପେପରଟାଏ ପଢ଼ିବ ।"

ଅନୁଭା କଥା ଦେଲା, "ହଉ ଯିବି, ନିଶ୍ଚୟ ଯିବି ।"

ଏବେ ଆଗପାଖ ସିଟ୍‌ରେ କୋଉଠି ବିନୀତା ବସିଚନ୍ତି ବସ୍‌ରେ । ଚଢ଼ିଲା ବେଳେ ଅନୁଭାକୁ ଦେଖି ହାତ ହଲେଇଥିଲେ ।

ସରଗରମ ହେଇଯାଇଚି ଏବେ ପରିବେଶ । ସାମ୍ନା ପାଖେ ବଡ଼ପାଟିରେ ଜଣେ ଗାଉଚି, ବସ୍ ଯାକ ସମସ୍ତେ ମିଶି ପାଳିଆ ଧରୁଚନ୍ତି । କୀର୍ତ୍ତନ ଷ୍ଟାଇଲ୍‌ରେ ତାଳି ଦେଉଦେଉ ପ୍ରଥମ ଧାଡ଼ି...

ନଟବର ନାଗର ନନ୍ଦା

ସେଇଠୁ କୋରସ୍: ଭଜରେ ମନ ଗୋବିନ୍ଦା...

ନୀଳିମା ଏତେବେଳକୁ ଡାଇରୀ ଚଶମା ସବୁ ପର୍ସରେ ରଖିଦେଇ ସ୍ୱର ମିଶେଇ ଦେଲେଣି କୀର୍ତ୍ତନରେ । ମଝିରେ ଅନୁଭାକୁ କହୁଣୀରେ କେଞ୍ଚିଦେଇ ଇଶାରା କରୁଚନ୍ତି ଗାଅ ବୋଲି । ତାଙ୍କ ମନ ରଖିବା ପରି ଧୀର ସ୍ୱରରେ ଗୁଣୁଗୁଣେଇଲା ଅନୁଭା । ଠିକ୍ ଆଗ ସିଟ୍‌ରେ ବସି ଝିଅଟା ମୁହଁ ପୋତି କଣ ପଢୁଚି ନା କଣ । ନୀଳିମା ତା କାନ୍ଧକୁ ହଲେଇ ଦେଇ କହିଲେ, "ଗାଉନା ।"

ନିଜ କାନ୍ଧରୁ ତାଙ୍କ ହାତକୁ ଝାଡି ଦେବା ପରି ଝଟ୍‌କାଟାଏ ଦେଇ ଝିଅଟା ଏଥର ପଢୁଥିବା ବହିଟିକୁ ଉପରକୁ ସମସ୍ତେ ଦେଖି ପାରିବା ଭଳି ଟେକି ଧରିଲା । ନୀଳିମା କୋରସ୍‌ରେ ଗାଉ ଗାଉ ମୁହଁ ମୋଡିଲେ, ଅନୁଭାକୁ କଡେଇ ଚାହିଁଲେ, 'ଦେଖିଲଟି' ଭଂଗୀରେ ।

କାହୁଁ ଆପଣାର ସ୍ୱରଟିଏ ଆସି ବାଜିଗଲା ଅଚାନକ ଅନୁଭାର କାନରେ, ସେମିନାର ନା ତମର ଗୁଳିଖଟି । ଚାଲୁନ ଦିହେଁ ଆମର କୁଆଡୁ ବୁଲିଆସିବା ବି

Digitized by srujanika@gmail.com

ଚାରିଦିନ । ଗତବର୍ଷ କହିଥିଲା ସେ ଏକଥା, ନା ତା ପୂର୍ବ ବର୍ଷ ? ନା ଆଉ କିଛି କହିଥିଲା, ଠିକ୍ ଏକଥା ନୁହେଁ ? ଅନୁଭା ମନା କଲା ନିଜକୁ, ଥାଉ ଥାଉ ସେସବୁ ଏବେ ନୁହେଁ । ନିଜକୁ ଆକଟ ନକଲେ ପୁଣି କେଉଁ କଳା ଭଉଁରୀ ଭିତରକୁ ଟାଣି ହେଇଯିବ ସେ । ବସ୍ ଭିତର ମଝି ଗଳିରେ ପଛମୁହଁ ଠିଆ ହେଇ ସ୍ନେହ ଏଥର ମୁଖିଆ ହେଇ ଗାଉଚି, ତା ଗୋଲଗାଲିଆ ଦେହମୁହଁକୁ ଦୋହଲାଇ ଦି ହାତ ଟେକିଦେଇ କୀର୍ତ୍ତନିଆ ଭଙ୍ଗୀରେ...

ଫିଟିଯାଉ ଜଗତର ଫନ୍ଦା

ଉପର ତଳ ବିଭିନ୍ନ କୋରସ୍: ଭଜରେ ମନ ଗୋବିନ୍ଦା...

ବସ୍ ବାହାରେ ସହର ଏଯାଏଁ ଯାଇନାହିଁ, ଦି ପାଖେ ଦେଖାଇ ଚାଲିଚି ତାର ବିସ୍ତୀର୍ଣ୍ଣ ବୈଭବ । ନଗରୀ ଉପାନ୍ତର ସିମେଣ୍ଟ କଂକ୍ରିଟ ବଣ, ତା' ଗଳି ଖୋପ ଭିତରୁ ବାହାରି ଆସିଚନ୍ତି ମଣିଷ ସବୁ ସକାଳୁ ସକାଳୁ, ହୁଙ୍କାରୁ ଝଡିପୋକ ବାହାରିଲା ଭଳି । ଅନୁଭା ଗହୀର ନିଶ୍ୱାସ ଛାଡି ନିଜକୁ ବୁଝାଉଚି, ଏତେଗୁଡ଼ାଏ ମଣିଷ, ସଭିଙ୍କର ଗୋଟାଏ ଲେଖାଁ ପୁରା ଜୀବନ । ଯେଝାର ସୁଖ ଖୋଜିବାରେ ଲାଗିଥିବେ ସବୁଠି, ନିଜର କେଇଟା ଲେଖାଁ ଚିନ୍ତା ଝାମେଲାକୁ କେତେ ବଡ଼ କରି ମୁଣ୍ଡେଇଥିବେ ଗୋଟି ଗୋଟି ସଭିଏଁ । ତା ବୋଲି ଆଖପାଖ ସଭିଙ୍କୁ ଦେଖି ଚାହିଁ ଗଲାପରେ ବି କୋଉଠି କାହିଁ ହାଲୁକା କରି ହେଉଚି ନିଜ ବୋଝ ଷ

ଗମକି ଉଠୁଚି ବସ୍ ଭିତର, ଦେଖ ଭାଇ ସାରା ଜଗ ଅନ୍ଧା...

ଭଜରେ ମନ ଗୋ -ବି-ନ୍ଦା...

ବାହାରେ ଏଥର ଛାଡି ଛାଡି ଖାଲି ପଡ଼ିଆ କ୍ଷେତ ।

ଖଣ୍ଡେ ଦୂର ଲେଖାଁ ଛାଡି ଗାଁ ଗଣ୍ଡା,ସାନ ସହର ବସ୍ତି । ଭିତରେ ପରିବେଶ ଥଣ୍ଡା ପଡ଼ି ଯାଇଚି କିଛି ସମୟ ଲାଗି । ଭିନ୍ନ ଭିନ୍ନ ସ୍ୱର ଶୁଭୁଚି ଏଠୁ ସେଠୁ, ଚା' ଲାଗି ଦାବି ବି ଶୁଭୁଚି । ଚା ଦାବିଟି କ୍ରମେ ଜୋର ଧରି କୋରସ୍ ପାଲଟି ଗଲାଣି । ନୀଳିମା ଉଠି ଆଗ ପାଖକୁ ଯାଇ କଣ ବୁଝା ବୁଝି କରୁଚନ୍ତି, ହସ ହସ ମୁହଁରେ ହାତର ଅଭୟ ମୁଦ୍ରା ଦେଖାଇ ସମସ୍ତଙ୍କୁ ଶାନ୍ତ କରୁଚନ୍ତି ।

କେଉଁ ଗୋଟିଏ ସାନ ସହର ପାଖ ଢ଼ାବା କଡ଼ରେ ବସ୍ ରହିଲା । ବାହାରେ ଶେଷ ଶୀତର ମିଠା ଖରା ପଡ଼ିଚି । ତଳକୁ ଓହ୍ଲେଇ ପଡ଼ି ଅନୁଭା ଭାବୁଥିଲା କେତେଦିନ ପରେ ଦିଲ୍ଲୀ ମାଟିରେ ପାଦ ଦେଉଚି । ବର୍ଷେ ହେବ ଅନ୍ତତଃ । ନିଶ୍ୱାସ

Digitized by srujanika@gmail.com

ନେଲା ବେଳକୁ ପବନଟା ଅଲଗା ଲାଗୁଚି, ଢ଼ାବାରୁ ଆସୁଥିବା ଖାଇବାର ମିଶାମିଶି ବାସ୍ନା ସତ୍ୱେ । ଦେହ ମୁହଁରେ ଖରା ବାଜୁଚି, ହେଲେ ସ୍ୱେଟର ଦେଇ ଗଳି ଯାଉଚି ଶିତୁଳିଆ ପବନ ।

ବସ୍‌ରୁ ଓହ୍ଲାଇ ଖେଳେଇ ହେଇ ପଡ଼ିଲେ ସମସ୍ତେ, ଦଉଡିଆ ଖଟ ବେଞ୍ଚମାନଙ୍କରେ ବସିଗଲେଣି କେତେକେ । କିଏ ଜଣେ କାହାକୁ କହୁଚି, "ଏଇ ଦି ଘଣ୍ଟା ତଳେ ଘର ଛାଡି କାନ୍ଦ ମାଡିଲାଣି ତୋତେ ? ଭଲ ବୁଦ୍ଧିଜୀବି ହେଇଚୁ ତୁ ?"

ଅନୁଭା ଚାହିଁଲା, ରୁମାଲ୍‌ରେ ଆଖି ପୋଛୁଥିବା ମୁହଁଟି ଦୋଦୋଚିହ୍ନା ଲାଗୁଚି, ନାଁ ମନେ ପଡୁନି । ନାକ କାନ୍ଦୁରା ସ୍ୱରରେ ଗେଲେଇ ହେଇ କହୁଚି, "ମୁଁ ଜମାରୁ ଆସିବିନି ନାହିଁ କରୁଥିଲି, ଇଏ ନିଜେ ବାଧ୍ୟ କଲେ, କହିଲେ ଯିବନି କହିଁକି, ମୁଁ ସମ୍ଭାଳି ଦେବି ପିଲାଙ୍କୁ ତମେ ଯାଅ । ମୁଁ ସକାଳ ଯାଏ ଜିନିଷ ସଜାଡି ଥିଲି କି ? ପ୍ୟାକିଂ ପରା ପିଲା ଦିହେଁ ଆଉ ତାଙ୍କ ବାପା ମିଶି କରିଚନ୍ତି । ମୋ ଝିଅ ..."

ମଝି ମଝିରେ ଓଦା ଆଖି ପୋଛି ବଖାଣି ଚାଲିଚି, ସିନ୍ଦୂର ଗହଣା ଚର୍ଚ୍ଚିତ ସୁଖି ଚେହେରାଟି । ଦି ଚାରିଜଣ ହସ ହସ ମୁହଁରେ ଅନେଇଚନ୍ତି ତାଙ୍କୁ, ମଧୁର ସଙ୍ଗୀତ ଶୁଣୁଥିଲା ପରି ।

ଟିକିଏ ଦୂର ବେଞ୍ଚରୁ ହଠାତ୍ ତାତିଲା ସରୁ ସ୍ୱରଟିଏ ଶୁଭିଲା, "ଫେରନ୍ତା ବସ୍ କେତେବେଳେ ମିଳିବ ? ମୁଁ ଫେରିଯିବି ଆଜି ଦିଲ୍ଲୀ । ବାଟରେ ମିଳିଲେ ଅଧବାଟରୁ ଫେରିଯିବି ।"

"ଆରେ ଆରେ, ଇଏ କି କଥା ?"

"କଣ ହେଲା ଇରା କଥା କଣ ?"

"ମୋତେ କୁହା ଯାଇଥିଲା ମସୁରି ଯାଉଚେ ବୋଲି । ଧର୍ମ କର୍ମ କରିବାକୁ ହରିଦ୍ୱାର ଯାଉଚନ୍ତି ଜାଣିଥିଲେ ମୁଁ କେବେ ଆସିନଥାନ୍ତି । ପଚାର ସେକ୍ରେଟେରୀଙ୍କୁ, ଚିଠିରେ କ'ଣ ଲେଖିଥିଲେ ସେ ।"

ସେକ୍ରେଟେରୀ ନୀଳିମା ଏତେବେଳକୁ ଜଳଖିଆ ଟୋକେଇମାନ ବସ୍‌ରୁ ଓହ୍ଲେଇବା ତଦାରଖ କରୁଚନ୍ତି, ଆଉ କେତେଜଣଙ୍କୁ ବଣ୍ଟାବଣ୍ଟି କାମ କରିବାକୁ ବରାଦ କରୁଚନ୍ତି । ଜଣେ କିଏ ତାଙ୍କ ତରଫରୁ କହୁଛନ୍ତି, "ଜାଗାଟାରେ କଣ ଅଛି ଯେ ?

Digitized by srujanika@gmail.com

କନ୍‌ଫରେନ୍‌ସ ଚାଲିବ ତା ବାଟେ । ଧର୍ମ କର୍ମ କରିବ ବୋଲି କାହାକୁ ବାଧ୍ୟ କରାଯାଉଚି ନା କଣ ?"

କଥା ସେଇଠି ଛିଡିଲାନି, ଚା ଜଳଖିଆ ଚାଲୁ ଚାଲୁ ବଡ଼ ଛୋଟ ଦଳ ଭିତରେ ଯୁକ୍ତି ତର୍କ ବି ଲଟେଇ ଚାଲିଲା, ସେ ଭିତରେ ଜଳଖିଆ ପ୍ରୋଗ୍ରାମର ବି ପ୍ରଶଂସା ହେଲା । ବେଳ ଦେଖି ନୀଳିମା ବୁଝେଇ ଦେଲେ ଜାଗାଟି ବଛାଗଲା କାହିଁକି । ରହିବା ଖଇବା ସବୁକଥା କୋଉଠି ବନ୍ଦୋବସ୍ତ ହେଇପାରିବ ସେକଥା ବି ଦେଖିବାକୁ ହେବ ନା ଖାଲି ସଭ୍ୟମାନେ କହିଦେଲେ ହେଇଗଲା ।

"ଠିକ୍ କଥା । ଆମ ସଂସ୍ଥା ପୁଞ୍ଜିକୁ ଚାହିଁ ଖର୍ଚ୍ଚ ବାର୍ଚ୍ଚ କରିବାକୁ ହେବ ତ ।"

ନୀଳିମା କହିଲେ, "ସବୁ କଥା ପାଇଁ ଖର୍ଚ୍ଚ କରୁଥିଲେ ଦିଲ୍ଲୀରେ ବି ବ୍ୟବସ୍ଥା କରିବା ମୁସ୍କିଲ ହେଉଥାଆନ୍ତା ।"

ସେଇଠୁ ପୁଞ୍ଜି ଜିମାରେ ଥିବା ଜଣେ ବୁଝେଇଦେଲେ କେମିତି ଲୋକସଂପର୍କର ଜୋରରେ କମ୍ ଖର୍ଚ୍ଚରେ ଏତେ ସବୁ ସଂଭବ ହେଇଚି । "ଚାଲ ସେଠି ଯାଇ ଦେଖିବ କେମିତିକା ବନ୍ଦୋବସ୍ତ ହେଇଚି ।"

ନୀଳିମା ମଝିରୁ ଅଟକାଇ କହିଲେ ତାକୁ, "ରହ ରହ କହନା ଏବେ କିଛି ଆଗରୁ । ସରପ୍ରାଇଜ ରଖା ହେଇଚି ପରା, ପହଞ୍ଚି ସାରି ଦେଖିବ ସମସ୍ତେ । ତାପରେ ଯାହାର ଇଚ୍ଛା ହେବ ରହିବ, ଯିଏ ଚାହିଁବ ଫେରିଯିବ, ମୁଁ ଟିକଟ କରିଦେବି ।"

ସମସ୍ତେ ଫେରିଲେ ବସ୍ ମୁହାଁ । ଚଚ୍ଚୁ ଚଚ୍ଚୁ ଚର୍ଚ୍ଚା ଜାରି ରହିଲା । ଈରା ଏତେବେଳକୁ ଟିକେ ଏକପାଖିଆ ହେଇଯାଇଥିଲା । ନିଜ ସିଟ୍‌ରେ ବସୁ ବସୁ ବଡ଼ ପାଟିରେ କହିଲା, "ହଉ, ଚାଲୁ ତେବେ ଏଥର ଭଜନ କୀର୍ତ୍ତନ । ଜାଣିଥିଲେ ମୁଁ ଘରୁ ଗିନି ଢୋଲକ ବି ନେଇଆସିଥାନ୍ତି ମୋ ଜେଜେମାଠୁ ।"

ଅନୁଭା ଏତେବେଳକୁ ଆସି ନିଜ ସିଟ୍‌ରେ ବସି ସାରିଥିଲା । ନୀଳିମା ସ୍କୁଲ ପିଲାଙ୍କୁ ଚୁପ୍ କରାଇଲା ପରି ହାତ ହଲେଇ କହିଲେ, "ଏଥର ଅନୁଭା ଆଉ ମୁଁ ଗାଇବୁ, ଗଲାଥର ଯେମିତି ଗାଇଥିଲୁ ଜୟପୁର ଟ୍ରିପ୍‌ରେ ମନେ ଅଛି ? ତମେ ସବୁ ପାଳି ଧରିବ ।"

ସାମ୍ନା ପାଖରୁ ଜଣେ କିଏ ପଚାରିଲା, "ଅନୁଭା କୋଉ ଦଳର, ସଚ୍ଚା ସେମିନାର ଦଳ ନା ଗଙ୍ଗା ବୁଡ ?"

Digitized by srujanika@gmail.com

ସବୁଆଡୁ ଉଠିଥିବା ହସରୋଳ ସାଙ୍ଗେ ମିଶିଯିବାକୁ ଅନୁଭା ଚେଷ୍ଟା କରୁଥିଲା, ହେଲେ ମୁହଁ ଆଉ ତାର ବୋଲ ମାନୁ ନଥିଲା ଜମା । ଇଚ୍ଛା ହେଉଥିଲା ଲୁଗାକାନିରେ ମୁହଁ ଆଖି ମାଡିଦେଇ ତୁନି ହେଇ କେମିତି ବସନ୍ତାକି ଟିକିଏ ।

ଅନୁଭା ତରଫରୁ ନୀଳିମା ଉତ୍ତର ଦେଲେ, "ଆମେ ସବୁ ଦଳର । ମୈତ୍ରେୟୀ ସଂଗଠନର ଖାଣ୍ଟି ସଦସ୍ୟ ଆମେ ।"

ଅନୁଭା ଆଖି ବୁଜି ସିଟ୍ ପଛକୁ ମୁଣ୍ଡ ଆଉଜେଇ ବସିଲା, ମନେ ମନେ କହିଲା, କୋଉ ବୁଦ୍ଧିରେ ଭଲା ଏଠି ପଶିଲି । କାହିଁ କୋଉଠି ଅଛି ମୋ ଦଳ ? କୋଉଠି ଆଉ ରହିପାରୁଚି ତମ ସଭିଙ୍କ ଭିତରେ ? ଲାଙ୍ଗୁଡ ଢାକି କୁଆଡେ ବୋଲି କୁଆଡେ ଧାଇଁ ପଳାଉଥିବା ଜନ୍ତୁଟିଏ ମୁଁ ଜାଣ ।

ଆଗ ପାଖରୁ ଶୁଭିଲା, "ନାଇଁ ନାଇଁ ଆପଣ ପରେ ଗାଇବେ ଥାଉ । ହମ୍ ହୋଙ୍ଗେ କାମିୟାବ ପରେ ଗାଇବା । ଏବେ ନିରୋଳା ସିନେମା ଗୀତ କିଛି ହେଉ ।"

ତୁରନ୍ତ ଜଣେ କିଏ ଆରମ୍ଭ କରିଦେଲା, ରାମେୟା ବସ୍ତା ବୟା..

ଚାରିଆଡୁ ଏକାବେଳେକେ ସୁର ବେସୁରା ମିଶା ଉତ୍ତର, ମୈନେ ଦିଲ ତୁଝ୍‌କୋ ଦିଆ...

ଟୋକା କଣ୍ଡକ୍ଟର ଠୋ ଠୋ ହସି ପକାଉଚି । ଷ୍ଟିଅରିଂ ସମ୍ଭାଳି ଡ୍ରାଇଭର ବି ପଛକୁ ବୁଲି ଚାହିଁ ଦାନ୍ତ ଦେଖାଉଚି ।

ଅନୁଭା ପର୍ସରୁ ଔଷଧ କାଢ଼ିଲା, ପାଦ ପାଖେ ରଖା ବୋତଲରୁ ପାଣି ନେଇ ବଟିକା ଗିଳିଲା । ନୀଳିମା ତାକୁ ଚାହିଁ ଗୀତ ବନ୍ଦ କଲେ, ଦେହରେ ହାତ ଦେଇ ପଚାରିଲେ, "କଣ ହେଲା ଅନୁଭା ଦେହ ଭଲ ନାହିଁ କି ?"

"ନା ମୋ ଦେହ ଭଲ ନାହିଁ । ମୁଣ୍ଡ ବିନ୍ଧୁଚି । ନ ଆସିଥିଲେ ଭଲ ହେଇଥାନ୍ତା ।"

ତା ହାତ ପିଠି ମୁହଁ ଆଉଁସି ପକେଇଲେ ନୀଳିମା, କହିଲେ, "କାହିଁ ତାତି ନାହିଁ ତ । ଔଷଧ ଖାଇଲଣି ଭଲ ହେଇଯିବ । ଦିଅ, ଆଖି ବୁଜି ଶୋଇପଡ଼ ଟିକେ ।"

ମଣିଷର ହାତ ଛୁଆଁ ଟିକିଏ ପାଇଲା କ୍ଷଣି କୋହଳ ହେଇ ଯାଉଚି ଛାତି ଭିତର, ବନ୍ଦ ଆଖି ତଳେ ଲୁହ ଆସିଯାଉଚି । ତାପରେ ସେ ଭାବୁଚି ସେ, ଏବେ

Digitized by srujanika@gmail.com

ତିନି ଦିନ କେମିତି କାଟିବି ମୁଁ ଭଲା, ଚାରି କଡେ ହସ ଖୁସି ପାଟିଗୋଳରେ ଘେରି ହେଇ ।

ଟିକିଏ ବେଳରେ ଓଷଦ ଯୋଗୁଁ ମୁଣ୍ଡଟା ଟିକିଏ ହାଲୁକା ଲାଗିଲା, ହେଲେ ଆଖିରେ ନିଦ ନାହିଁ। ବାହାରେ ସାନ ସହରଟିଏର ଭିଡ଼ ରାସ୍ତା ଭିତରେ ଯାଉଚି ବସ୍ । ଦୋକାନ, ବଜାର । କଦବା କେଉଁ ଘର ଭିତରୁ ଚେନାଏଁ ଦୃଶ୍ୟ । ଘରୁ ବସ୍ତାନୀ ନେଇ ବାହାରି ଯାଉଥିବା ପିଲାଟିଏ । ଝିଅଟିଏର ମୁଣ୍ଡରେ ବେଣୀ ପାରି ଦେଉଚି ତା ମା ହେବ ବୋଧେ । ଦୋକାନ ଆଗରେ ଥାଳିରେ ସଜା ମିଠେଇ, ସ୍କୁଲରେ ଯାଉଥିବା ପିଲା ଦିଇଟି ଅନେଇ ଅନେଇ ଯାଉଚନ୍ତି । ଏ ସବୁ ଦୃଶ୍ୟ ତାର ଅନେକ ଦିନ ତଳେ ଛାଡି ଆସିଥିବା ପିଲା ଦିନର । ଅନୁଭାର ମନେ ପଡୁଚି । କେମିତି ଦିଶୁଥିବ ତା ସହରଟି ଏ ଶୀତ ସକାଳରେ ? କଣ କରୁଥିବେ ତା ଭାଇ ଦିହେଁ, ତାଙ୍କ ପରିବାର ? ତା ମା ।

ଉଦୟ କହେ, ଅତୀତର ସ୍ମୃତି ଯେଯାଏଁ ମଣିଷକୁ ଆନନ୍ଦ ଦେବ ଶକ୍ତି ଦେବ, ସେ ଯାଏଁ ତାହା କାମ୍ୟ । ତେବେ ଯେତେ ସୁନ୍ଦର ହେଉ, ମଧୁର ହେଉ ତମର ସେ ଗତକାଲି, ସେ ତମର ଆଜିକୁ ଘୋଡେଇ ନ ପକାଉ । ଅନାଅ ନାଇଁ ସେଆଡେ, ଆଖି ବୁଜି ଦିଅ, କଷ୍ଟ ଟିକିଏ ହେଉ ପଛକେ । ଏବରେ ମନ ଦିଅ ।

ସହଜ କେଭେ ନଥିଲା, ତଥାପି ସମ୍ଭବ କରିପାରିଥିଲା ସେ, ଉଦୟ ପାଖେ ପାଖେ ଥିଲା ବୋଲି । ଏବେ ପୁଣି କୁଆଡୁ ଆସି ଉଭା ହେଉଛି ଆପଣା ଛାଏଁ କାହିଁ କେତେ ପଛରେ ଛାଡି ଆସିଥିବା ଦିନମାନ, ଗୋଳେଇ ହେଇଯାଉଛି ଗତକାଲି ସାଙ୍ଗେ, ଆଜି ସାଙ୍ଗେ । ଘଟିଯାଇଥିବା କଥାକୁ ଅତୀତ ବୋଲି ମାନିବାକୁ ନାହିଁ କରୁଚି ମନ ।

ଗୋଳଟିଏ ପୁଣି ଉଠିଲା ବସ୍ ଭିତରେ ।

"ଆହା, ହିମାଳୟ ! ଦେଖ ଦେଖ ।"

ଝରକା ଦେଇ ଦିଶୁଛି, ଆକାଶ ଦେହରେ ଆଙ୍କି ହେଇଗଲାଣି କେତେବେଳେ ବିରାଟ ତୀଖ ପାହାଡ ମାଳା । ସମସ୍ତେ ବୋଧେ ଏ ଭିତରେ ଢୁଳାଉ ଥିଲେ ବା ଗପସପରେ ମାତିଥିଲେ । ଡାକ ଦିଆ ଗଲା, "ବୋଲ ବାବା ହିମାଳୟ ଜୀ କି..."

"ଜୟ ।"

Digitized by srujanika@gmail.com

"ଦେଖ ମ ମାଧୁରୀକୁ, ଫିଲ୍ମ ମାଗାଜିନ ପଢୁଚି । ଦେଖ୍‌ମ ସିଆଡେ, ହିମାଳୟ ଦେଖ, ପ୍ରଣାମ କର ।"

ଆଖି ନ ଉଠେଇ ସେ ଜବାବ ଦେଉଚି, "ମୁଁ ସ୍ୱୟଂ ହିମାଳୟ ପୁତ୍ରୀ, ମୋ ଘର ଗଢ଼ୱାଳରେ । ହିମାଳୟକୁ ଛାଡି ଦୁନିଆଁ ଦେଖି ନଥିଲି ମୋତେ କୋଡିଏ ବର୍ଷ ହେଲା ଯାକେ ।"

"ହଉ ହେଲା । ବୋଲ ହିମାଳୟ ପୁତ୍ରୀ ମାଧୁରୀ କି..."

"ଜୟ"

ନୀଳିମା ଫେରିଗଲେଣି ପାଖ ସିଟ୍‌ରେ ଦି ଜଣଙ୍କ ସାଙ୍ଗେ କେତେବେଳୁ ଚାଲିଥିବା ଗପକୁ । ଟୁକୁରାଏ ଲେଖାଁ କଥାରୁ ଅନୁମାନ କରି ହେଉଚି ଭଲ କିଛି ଗୋଟାଏ ମସଲା ଦିଆ ପର ଚର୍ଚ୍ଚା ଚାଲିଚି ।

"ତମେ ଯାଇଥିଲ ତାଙ୍କ ଘରକୁ । ସେଇଠୁ ?"

"କାନ୍ଦି କାନ୍ଦି ଆଖି ଫୁଲିଯାଇଥାଏ, ବେଶବାସ ଅଲରା ତଥାପି ଲୁଚାଉଚି, କହୁଚି କାଇଁ କିଛି ନାଇଁ ତ । ମୁଁ ତାକୁ ବୁଝେଇଲି, କହିଲି ତୋର ତ କିଛି ଦୋଷ ନୁହେଁ, ଆଉ ମିଛଟାରେ ଏତେ କଷ୍ଟ ପାଉଚୁ କାହିଁକି, କିଛି ନ ହେଲା ଭଳି କଥା ଲୁଚେଇ ? ଦୁନିଆଁରେ କଣ ଲୋକେ ଛାଡପତ୍ର ଦେଉନାହାନ୍ତି ?"

ଅନୁଭା କଡେଇ ଚାହିଁଲା ବକ୍ତାଙ୍କ ମୁହଁକୁ । କାହା କଥା ପଡ଼ିଚି ? ନୀଳିମା ପଚାରୁଚନ୍ତି ତାକୁ, "ଦେହ ଟିକିଏ ଭଲ ଲାଗିଲା ଅନୁଭା ?"

ଅନୁଭାର ମନେହେଲା ପଚାରନ୍ତା, ମୋତେ କାହିଁକି କେହି ପଚାରୁନ କଣ ହେଇଚି ମୋର, କୋଉ କଥା ଲୁଚାଉଚି ବୋଲି ? ପଚାରିଲେ ଖାଲି ଦେହ କଥା ନହେଲେ ଚାକିରିବାକିରି କଥା । ଖାଲି କ'ଣ ସେତିକି ଅଛି ମୋ ଜୀବନରେ ଦୁଃଖ ଦେବା ଲାଗି ?

କାଇଁକି ତାକୁ କେହି ପଚାରିବେନି ତା ବି ତାକୁ ଜଣା । ପଚାରିଲେ ବି ତା ପାଖେ ଉତ୍ତର ନାଇଁ । ହେଲେ ଯେଉଁମାନଙ୍କୁ ବ୍ୟକ୍ତିଗତ କଥା କିଛି ପଚରା ଉଚରା ଯାଏନି ତାଙ୍କରି ବିଷୟରେ ଟିକିନିଖି ଖବର ରଖିଥାନ୍ତି ସଭିଏଁ ।

ଖବର ରଖିଥାନ୍ତୁ, ପଚାରନ୍ତୁ ବା ପଚାରନ୍ତୁ କି ଯାଏ ଆସେ ସେଥିରେ ? ତାଙ୍କର ଚିହ୍ନା ଅଭାଗୀ ପଡୋଶୀଟିଏ ନୁହେଁ ତ ସେ ।

Digitized by srujanika@gmail.com

ଉଦୟ ସାଙ୍ଗେ ତାର ଛାଡପତ୍ର ହେଇନାହିଁ । କାରଣ ସେ ଦିହିଙ୍କର ବାହାଘର ବି ହେଇ ନଥିଲା ।

ସାତବର୍ଷର ଏକାଠି ରହଣୀ କେଇଟା ମୁହୂର୍ତ୍ତରେ ମାଟିରେ ମିଶିଯାଇଥିଲା । ପ୍ଲାଷ୍ଟିକ ଫୋଲଡରେ ଭରି ଫେରାଇ ଦିଆଗଲା ତାର ଚିଠିଯାକ, ଏଣ୍ଡୁତେଣ୍ଡୁ ଟୁକୁରା କାଗଜ । ବ୍ୟବହୃତ ଜିନିଷ ସବୁର ଚିହ୍ନା ଦାଗ ସବୁକୁ ଅଚିହ୍ନା କରିଦିଆଗଲା । ପାଞ୍ଚଲୋକ ଜାଣିଥିବା ଚିହ୍ନିଥିବା ମୋହରର ଠପ୍ପା ନଥାଇ ସମ୍ପର୍କ କାହିଁ ?

କେତେ ବିଶ୍ୱାସ ତାର ଥିଲା ନିଜ ଉପରେ, ପାଇଥିବା ସ୍ନେହ ଉପରେ କେତେ ଆସ୍ଥା ଥିଲା । ଡାକି ବଢେଇ ଦି ଜଣ ମଣିଷ ସଂପର୍କର ମୋହର ମରା ଛାଞ୍ଚଟିଏ ଭିତରେ ପଶିବାଟା କାହିଁକି ଏତେ ଜରୁରୀ ସେ ବୁଝି ପାରୁ ନଥିଲା । ସେ ଜାଣିନଥିଲା ଯେ ଯେତେ ନାହିଁ ନଥିବା, ଅପୂର୍ବ ମନେହେଉଥିବା ସଂପର୍କଟିଏ ବି ଭାଙ୍ଗିଯାଏ । ତାପରେ ତାର ଭଙ୍ଗାରୁଜା ପଥରର ଓଜନ ନେଇ ଚାଲିବାକୁ ପଡେ ଏକୁଟିଆ, ନିଜ ଛାତି ଉପରେ ବୋହି । ଅସରନ୍ତି ଦିନ ।

Digitized by srujanika@gmail.com

ଆମ୍ନାସାମ୍ନା

ତଲେ ସେଇଠି ବସି ଅନୁଭା ଦେବୀଙ୍କ ପାଦ ପାଖପାଖି କଅଁଳ ଘାସକୁ ପହିଲେ ଦି ପାପୁଲି ଦେଇ ଆଉଁସି ପକାଇଲା ପରସ୍ତେ, ଛୁଇଁ ପକାଇବାକୁ ତାର ସାହସ କୁଳାଉ ନଥାଏ । ତାଙ୍କ ମୁହଁ ଆଡ଼େ ଅନେଇ ରହି ନିଜକୁ କହିଲା,ଯାହା ଏବେ ମୋ ଆଖି ଦେଖୁଚି ତା ସତ । ବାକି ଯେତେକ କଥା ଯାଉ ତେଣିକି । ଏବେ ମୋ ପାଖେ ଏଇ ଗଙ୍ଗା କୂଳ ରାତିର ଆକାଶ, ଆଉ ସାମ୍ନାରେ ସାକ୍ଷାତ୍ ମୂର୍ତ୍ତିମତୀ ଠାକୁରାଣୀ ।

ଦୁଇ ହାତକୁ ପଛପାଖେ ପଥର ଉପରେ ଢ଼ିରା ନେଇ ସୁନ୍ଦର ଠାଣୀରେ ବସି ଅନୁଭା ଆଡେ ଅନେଇ ସେ କହିଲେ, "କହିବୁ କହୁଥିଲୁ ପରା ମୋତେ ତୋ କାହାଣୀ ।"

ଅନୁଭା ଜାଣିପାରିଲାନି କୋଉଠୁ ଆରମ୍ଭ କରିବ । ତାକୁ ଏକେ ଛାନିଆ ଲାଗୁଥିଲା । ପୁଣି ହଡବଡେଇ ଯାଉଥିଲା ଯେ କାଳେ ଡେରି କଲେ ଦେବୀ ଉଭେଇ ଯିବେ, ଏଡ଼େ ବଡ଼ ସୁଯୋଗଟିଏ ଚାଲିଯିବ ହାତରୁ । ଏଣେ ଯାହା ସବୁ କଥା ଅକୁହା ହେଇ ଛାତି

Digitized by srujanika@gmail.com

ଭିତର ଯାକ ଗୁନ୍ଧିଦେଇ ତାକୁ କଷ୍ଟ ଦେଉଥିଲା, ଏବେ ଏକାଥରେ ପଥର ଫଟେଇ ଝର ପରି ବହିଯାଉ ବୋଲି ଚାହିଁଲା ବେଳକୁ କିଛି ଫୁଟୁନଥିଲା ମୁହଁ ଦେଇ । ଛେପ ଢୋକି ସେ କହିଲା, "କଥା କଣ କି । ମୋ କାହାଣୀଟା କହିଲେ ବି ତମେ ବୁଝିପାରିବନି । କାହିଁକି ନା ତମେ ଥିଲ ଭିନ୍ନ ଯୁଗର ମଣିଷ ।"

ଟିହାଇଲା ପରି ହସି ସିଏ କହିଲେ, "ହଉ । ଆଗ କହତ ଦେଖି । ତାପରେ ଦେଖିବା ମୋତେ ବୁଝା ପଡୁଚି କି ନାହିଁ ।"

ପୁଣି ଆରମ୍ଭ କରିବ ବୋଲି ତାର ଅଡୁଆ ତଡୁଆ ଜୀବନରୁ ଖୋଜୁ ଖୋଜୁ ଅନୁଭାକୁ ହାରିଗଲା ପରି ଲାଗିଲା। କହିଲା, "ନାଃ । ତମକୁ କହି ଜମାରୁ କିଛି ଲାଭ ନାହିଁ। କାଇଁକି ନା ମୋର ଅସଲ ଦୁଃଖ ସବୁର କାରଣ ଯାହା, ତାକୁ ତମେ ପାପ ବୋଲି କହିବ । ମୋର ସବୁଠୁ ସୁଖର କଥା, ସବୁଠୁ ମହାର୍ଘ ଅନୁଭବ ଯାହା, ତାକୁ ବି ତମେ କହିବ ପାପ, ମୁଁ ଜାଣେ। କାରଣ ତମ ବେଳେ ଏଠି ଏମିତି ସବୁ ଚଳଣୀ ନଥିଲା ।"

ସିଏ ହସିଲେ, ନିଛଳ ବିଲୋଳ ହସ । କହିଲେ, "ଚଳଣୀ ଭିନ୍ନ ଭିନ୍ନ ଦେଖାଯାଏରେ ବୋକୀ । ଯେମିତି ପୋଷାକ ବଦଳୁଥାଏ । ସବୁ ଚଳଣୀ ତଳେ ମଣିଷ ଥାନ୍ତି ସେଇ ଏକା ଭଳି । ତୁ ଆଗ ଆରମ୍ଭ କରିବୁଟି ତୋ ଗପ ।"

ଅନୁଭା ମୁହଁକୁ ଗୋଟା କରି ତଳୁ ଘାସ ଧାରେ ଛିଡେଇଲା, ତାକୁ ନଖରେ ଆଉରି ଟିକିଟିକି କଲା । କହିଲା, "ମୋ ଦେଇ ହେବନି । ମୋ ପାଟି ଫିଟୁନି ଜମାରୁ । କହିବା ଯଦି ଏତେ ସହଜ ହୋଇଥାଆନ୍ତା, ମୋ ଆଖପାଖର ମଣିଷଟିଏକୁ କହିନଥାନ୍ତି ?"

"ଧରିନେ ମୁଁ ମଣିଷଟିଏ ତୋ ଭଳି । ପୁଣି ତୋ ଆଖପାଖର ନୁହେଁ । ସହଜ ହେଲା ନା ନାହିଁ ?"

ଅନୁଭା ତାଙ୍କୁ ଅନେଇରହିଲା କ୍ଷଣେ, ତାଙ୍କ କଥାର ସତ ମିଛ ମଣିବାକୁ । ପୁଣି କହିଲା, "ତମେ ମଣିଷ ଦେହ ଧରିଥିଲ କୋଉ ମାନ୍ଧାତା ଯୁଗରେ । ନାରୀ ହୋଇ ଜନ୍ମିଥିଲ । ଯୁଗ ଯୁଗ ପାଇଁ ଆଦର୍ଶ ନାରୀ ବୋଲାଇଲ। ଠାକୁରାଣୀ ପାଲଟିଗଲ । ହେଲେ ଏବ ଯୁଗର ଲୋକେ କଣ ସବୁ ଭାବିଲେଣି, କଲେଣି, ତମେ କଣ ଜାଣି ପାରିବ ? ଜାଣିଲେ ବି ବୁଝି ପାରିବ ସ୍ନେହରେ ?"

Digitized by srujanika@gmail.com

ଦେବୀ ମୁହଁ ଫେରେଇ ନଈ ଆରପାରିକୁ ଅନେଇଲେ । କହିଲେ, "ତା ହେଲେ କଣ କହୁଚୁ ମୁଁ ଚାଲିଯିବି ? ତୁ ଫେରିଯିବୁ ତୋ କଥା ଧରି, ବୋହି ବୋହି ବୁଲୁଥିବୁ ମାଟିରେ ମିଶିବା ଯାଏଁ ?"

ଉଠିଲା ଉଠିଲା ଭଳି ଦିଶିଲେ କି ଦେବୀ ? ଅନୁଭା କାନ୍ଦ କାନ୍ଦ ହେଇ ଗଲା । ପଥର ଉପରେ ପଡ଼ିଥିବା ତାଙ୍କ ଲୁଗାକାନିକୁ ମୁଠେଇ ଧରିଲା, ଲୋଟିଗଲା ତାଙ୍କ ପାଦ ପାଖେ, ସତେ କି ଉଭେଇ ଯିବାକୁ ବସିଲେ କୁଣ୍ଢେଇ ପକାଇବ ଏକାବେଳକେ । କହିଲା ତାଙ୍କୁ, "ରହ । ଆଉ ଟିକିଏ ରହ । ଦେଖା ହେବ ଏ ଜନ୍ମରେ ବୋଲି ମୁଁ ଭଲା ସ୍ୱପ୍ନରେ କେବେ ଭାବିଥିଲି ? ମୁଁ ତ ଭାବୁଥିଲି ନିଉଛୁଣା ଜୀବନ ମୋର ମାଟିରେ ମିଶିବା ସମାନ ହେଇଗଲାଣି ବୋଲି ।"

ଦେବୀ ତା ହାତ ମୁଠାରୁ ଲୁଗା କାନି ଫିଟେଇ ଦେଲେ କଅଁଳ ହାତରେ, ନିଜ କାନ୍ଧ ଉପରେ ସଜାଡି ନେଲେ । ସେଇଠୁ ଅଝଟ ପିଲାକୁ ବୋଧ ଦେଲା ପରି କହିଲେ, "ଏତେ ବ୍ୟସ୍ତ କାହିଁକି, ଥୟ ଧରି ବସ । ମୁଁ ଯାଉନି । ତୁ ନିଜେ ନକହି ପାରୁଚୁ ଏବେ ଯଦି ନାଇଁ, ମୋ ଗପ ଶୁଣିବୁକି ତାହାଲେ ? ଶୁଣିବାକୁ ମନ କରିବୁ ଯଦି କହିବି ।"

ଭକୁଆ ଭଳି ଅନେଇଲା ଅନୁଭା ତାଙ୍କ ମୁହଁକୁ । କହିଲା, "ତମ କଥା କଣ ଆଉ ଶୁଣିବାକୁ ଅଛି ? କିଏ ନଜାଣେ ଭଲା ତମ କଥା ଏ ମହୀ ମଣ୍ଡଳରେ ? କେତେ ମୁଖରେ, କେତେ ରୂପରେ କୁହାଯାଇଚି ପରା । ତମ ମନ ଦୁଃଖ ଦେବା ମୋ ଇଚ୍ଛା ନୁହେଁ, କିନ୍ତୁ ଡର ଲାଗୁଚି, ଶୋଇ ପଡ଼ିବି କାଳେ, ଏତେଥର ଶୁଣିଲା ପଢ଼ିଲା ଘଷରା ଗପକୁ ଏ ରାତି ଅଧଟାରେ ପୁଣି ଶୁଣିଲା ବେଳେ ।"

"ଆଲୋ ନାଇଁ। ତୁ ତ ସେଇ ଗପ ଶୁଣିଥିବୁ ଯାହା ଅନ୍ୟ ଲୋକ କହିଚନ୍ତି ମୋ ବିଷୟରେ । କହିଲି ପରା ତତେ, ପୋଥି ଲେଖିବା ଲୋକେବନେଇ ଚୂନେଇ ଯେଝା କାହାଣୀ ଗଢ଼ନ୍ତି ବୋଲି । ମୁଁ କହିବି ନିଜେ ତତେ, ମୋ ଅଙ୍ଗେ ନିଭେଇଲା କଥା, ଶୁଣିବୁ ?"

ଅନୁଭା ସିଧା ହେଇ ବସିଲା ଏଥର, ସଜିଲ ହେଇ । ଠାକୁରାଣୀ ବି କଣ ଅନ୍ୟ ପୁରୁଣା କାଳିଆ ଲୋକଙ୍କ ଭଳି, ସ୍ନେହୀ ମାଆଟିଏ ଭଳି ଟିକେ ବୋକା ବୋକା କି ? ଯଦିଓ କେତେ ଅପୂର୍ବ ଦିଶୁଚନ୍ତି, ଚିର ଯୌବନା ବୋଲି । ସେ ମୁଣ୍ଡ ଟୁଙ୍ଗାରି ଅନେଇ ବସିଲା ତାଙ୍କ ମୁହଁକୁ, ଗପ କହିବା ଆଳରେ ହେଉ ପଛେ ଟିକେ ବେଳ ବସିରହନ୍ତୁ ବୋଲି ।

Digitized by srujanika@gmail.com

ଏଥର ଦେବୀଙ୍କର ଭାବି ଭାବି ତିଆର ପାଳି ।

"ଆରେ ଦେଖ ମ । ଠିକ ତୋରି ଭଳି ମୁଁ ବି ଜାଣି ପାରୁନି କୋଉଠୁ ମୋ କଥା ଆରମ୍ଭ କରିବି । କହିଲୁ ଦେଖି କୋଉଠୁ ଶୁଣିବାକୁ ତୋର ମନ ?"

ଅନୁଭାର ଅଚାନକ ମନେପଡ଼ିଗଲା, କଥାଟିଏ ସତରେ ତାର ଜାଣିବାକୁ ଥିଲା । ପିଲାଦିନୁ ଯେତେ ଥର ତାଙ୍କ ଚରିତ ସେ ଶୁଣିଛି, ପୁଣି ବଡ଼ ହେଲା ପରେ ଏଠି ସେଠି ତହିଁର ବ୍ୟାଖ୍ୟା ତର୍ଜମା ପଢ଼ିଛି । ସେତେ ଥର ସେଇ ପ୍ରଶ୍ନଟି ଉଠିଚି । ଅତି ପିଲା ଦିନେ ସେ ଗପଟି ଶୁଣିଥିଲା ତା ଆଈ ମୁହଁରୁ, ଅନ୍ୟ ପିଲାଙ୍କ ଭଳି, ଆଉ ପଚାରିଥିଲା, "ଜଙ୍ଗଲରେ ଏକୁଟିଆ ଛାଡିଦେଲେ ତାଙ୍କୁ । ସେଇଠୁ ସେ କଣ କଲେ ?" ଉତ୍ତରରେ ତାଙ୍କ ପୁଅ ଦିହେଁ ବଡ଼ ହୋଇ ଯଥାସମୟରେ ରାଜପୁତ୍ର ଭାବେ ନଅରକୁ ଫେରିବା କଥାଟି ତାକୁ ଆଦୌ ସନ୍ତୋଷ ଦେଇ ନଥିଲା । ସେ ଜାଣିବାକୁ ଚାହୁଁଥିଲା ସେଇଠୁ ଦେବୀ କ'ଣ କଲେ । ତାଙ୍କୁ ତ ନିଶ୍ଚେ ଭାରି ରାଗ ଲାଗିଥିବ । ସେ ଶୁଣିଥିଲା, ସବୁ ଗପରେ ଅନ୍ୟାୟରେ କଷ୍ଟ ଦେଇଥିବା ଲୋକ ଉପରେ ପ୍ରତିଶୋଧ ନିଆଯାଏ, ନହେଲେ ଅତ୍ୟାଚାରୀକୁ ଦଣ୍ଡ ମିଳେ, ବିଧି ବିଧାନରେ, କିମ୍ବା କାବ୍ୟିକ ନ୍ୟାୟରେ । କାଳେ ନାଁ। ଏ ଗପରେ ଓଲଟି କ'ଣ ନା ଠାକୁରାଣୀ ଶେଷକୁ ମାଟି ଭିତରେ ପଶିଗଲେ ।

ଅନୁଭା ଭାବିଲା, ଏତେ ଦିନକେ ସୁଯୋଗ ଆସିଚି, ପଚାରି ବୁଝିବାକୁ ସେଇ କଥାଟି, ଯେ ବିନା ଦୋଷରେ ପୁରୁଷୋତ୍ତମ ସ୍ୱାମୀ ତାଙ୍କର ଯେବେ ତାଙ୍କୁ ଛାଡିଦେଲେ ବନସ୍ତରେ, କେମିତି ସତରେ ଲାଗିଥିଲା ଦେବୀଙ୍କୁ । ଖାଲି ଦୁଃଖ ହତାଶା ଆତ୍ମଗ୍ଲାନି, ଆଉ କିଛି ନୁହେଁ ? କ୍ରୋଧ, ଅଭିସମ୍ପାତ, କିଛି ମନକୁ ଛୁଇଁଲାନି ? କ୍ଷଣେ ଭାବିଲା ସେ, ସାହସ ଜୁଟେଇ କିଭଳି ଭାଷାରେ ପ୍ରଶ୍ନଟି ପଚାରିବ ମନେ ମନେ ତିଆରି କରିଲା। ଗୋଟିଏ କଥା ବିଶେଷ କରି ମୋର ପଚାରିବାକୁ ମନ ବଳିଛି ମା । ଶୁଣେଇବ ବୋଲି କଥା ଦେଇଚ ଯଦି କହିଦିଅ । ସେଇ ଅସଲ ଗୁମରଟି କଣ, ସ୍ୱାମୀ ତମର ପରିତ୍ୟାଗ କରିଦେଲେ ତମକୁ ବଣ ଭିତରେ, ତା'ପୁଣି ଗର୍ଭିଣି ଅବସ୍ଥାରେ, ସାନ ଭାଇ ହାତରେ ବଣ ବୁଲେଇବାକୁ ନେଉଚନ୍ତି ବୋଲି କହି ? ଖାଲି ପ୍ରଜାଜନଭାଜନ ହେବେ ବୋଲି, ନା ଝଗଡ଼ା ଝାଟି କିଛି ହୋଇଥିଲା ? ତମେ ପୁଣି କଟେଇଦେଲ ବାକି ଜୀବନତକ ଆଶ୍ରମବାସିନୀ ହୋଇ, ଲୁହ ଢାଳି ଢ଼ାଳି ପବିତ୍ର ପତି ସ୍ମୃତିରେ । ଆଉ ଯାହାର ହେଲେ ତ ମନ ବିଷେଇ ଯାଆନ୍ତା । ପିମ୍ପୁଡିଟିଏକୁ ପରା ମାଡିଦେଲେ ସିଏ କାମୁଡ଼ି ଦିଏ ।

Digitized by srujanika@gmail.com

ହେଲେ ନିଜକୁ ରୋକି ଦେଲା ଅନୁଭା । ତାର ଜିଭ ଲେଉଟାଲାନି । ଏକେ ତ ସାମ୍ୟାଦିକ ଜୀବନରେ ଠୋସ କଥା କହି କହି ଦେବୀ-ଜନୋଚିତ ଭାଷା ତାକୁ ଜୁଟୁନି । ଏଣେ ଦେବୀ ତାକୁ ସ୍ନେହରେ ଅନେଇଥିଲେ । ମନ୍ଦ ମନ୍ଦ ହସୁଥିଲେ । କାଳେ ଝାଉଁଳି ପଡ଼ିବ ସେ ମୁହଁଟି, ସେ ଦୁଃଖର ଦିନ କଥା ମନେ ପକେଇଦେଲେ, ଭକ୍ତି ସ୍ତୁତି ଛାଡି ହାଟ ବାଟର ଭାଷା କହିଲେ । ତେଣୁ ସେ ମନେ କଲା, ଥାଉ, ପରେ କେତେବେଳେ ବେଳ ଉଣ୍ଡି ପଚାରିଦେବି । ଓ ଚତୁର ଭାବେ ଅନ୍ୟ କଥାଟିଏ ପଚାରି ବସିଲା, "ତମ ନିଜ ତୁଣ୍ଡରୁ ଶୁଣିବି, ଏତେ ବଡ ଭାଗ୍ୟ ଯଦି ଦେଇଚ, ତେବେ ତମ ଜୀବନର କିଛି ଭଲ କଥାରୁ ଆରମ୍ଭ କର ମା । ଧରାଯାଉ ତମ ସ୍ୱୟମ୍ବର ବା ସେମିତି କିଛି । ପ୍ରକୃତରେ ବନବାସରୁ ହିଁ ତମ ଗପଟି ଟିକିଏ ରୋଚକ ହେବା ଆରମ୍ଭ କରେ । ହେଲେ ତମ ଲାଗି ତ ସେ ଦୁଃଖର ଆରମ୍ଭ । ରାଜରାଣୀ ହେବାର ଠିକ୍ ପୂର୍ବଦିନ ସାବତ ଶାଶୁଙ୍କ ଚକ୍ରାନ୍ତରେ ବନବାସ ଯିବା ଆଦି ଦୁର୍ବିପାକର କଥା ମୁଁ ତୁମକୁ ମନେପକେଇଦେବାକୁ ଚାହୁଁ ନାହିଁ ।"

ଦେବୀ ସେମିତି ମନ୍ଦ ମନ୍ଦ ହସି କହିଲେ, "ବନବାସ ମୋର ଦୁଃଖ ଦୁର୍ବିପାକର କଥା ହେବ କାହିଁକି ? ଆଉ ତୁ ଅସଲରେ ଯାହା ପଚାରିବାକୁ ମନ କରୁଚୁ, ମୁଁ ଜାଣି ପାରିଚି । ତଥାପି ତୁ ଯାହା ମୁହଁ ଖୋଲି ପଚାରିଲୁ ସେଇଥିରୁ ମୋ କଥା ଆରମ୍ଭ କରିବି । ବନବାସରୁ ମୋ କାହାଣୀ ରୋଚକ ହୁଏ ବୋଲି କହିଲୁ ପରା । ସତ କଥା ତ । ସୁଖର ଦିନ ନିଜେ ବିତେଇବାକୁ ଭଲ ଲାଗେ ସିନା, ଅପରର ସୁଖ କଥା ଖାଲି ଶୁଣିଲେ କାହାଣୀ ଆଗକୁ ବଢ଼ିବ କିପରି ? ରୋଚକ ହେବ ବା କେମିତି ?"

"ଟିକିଏ ରହ ମୁଁ ଧରି ପାରିଲିନି । ବନବାସ, ମାନେ ଉଆସରେ ଦିବ୍ୟଭୋଗରେ ରହିବା ଛାଡି ବଣ ଜଙ୍ଗଲ, ରାକ୍ଷସଙ୍କ ଭିତରେ ଚଉଦ ବର୍ଷ କାଳ କାଟିବାକୁ ଯିବା ତମ ପାଇଁ ଦୁଃଖର ଦିନ ନଥିଲା ବୋଲି କହୁଚ ? ରାଜପଦକୁ ବି କାଳେ କମ ସ୍ୱାମୀ ସ୍ୱଇଚ୍ଛାରେ ପାଦରେ ଠେଲି ଦେଲେ, ନହେଲେ ସାରା ରାଜ୍ୟବାସୀଙ୍କ ସ୍ନେହ ଭାଜନ ଥିଲେ ସିଏ, କୋଉ ଚକ୍ରାନ୍ତ ଭଲା ତାଙ୍କ ପାଖ ପଶିଥାନ୍ତା ? ସେତେବେଳେ ତମ ମନରେ ଟିକିଏ ହେଲେ ଦୁଃଖ ହେଇନଥିଲା ?"

ଉତ୍ତରର ଆଶା ଅବଶ୍ୟ ଅନୁଭା ରଖି ନଥିଲା । କାରଣ ତାର ପୁରୁଣା ଧାରଣା ବଳବତ୍ତର ହେଉଥିଲା ଯେ ଦେବୀ ଦେବତାମାନଙ୍କ ଚରିତ୍ରରୁ ମାନବୋଚିତ ଭାବ ଆଶା କରିବା ବୃଥା । ଅପରନ୍ତୁ ମାନବ ସୁଲଭ ଭାବମାନଙ୍କୁ ନକାରି ପାରିଲେ ଯାଇ ମଣିଷ ଦେବୋପମ ଭାବମୂର୍ତ୍ତି ଆଡକୁ ପାଦ ବଢ଼ାଏ ।

Digitized by srujanika@gmail.com

ଦେବୀ ଉତ୍ତର ଦେଲେ, "ରାଜରାଣୀ ହେବା କଥାଟାରେ ମୋତେ ସେମିତି କିଛି ଉଚ୍ଚାଟ ଆସୁ ନଥିଲା, ଅଳ୍ପ ବୟସରେ ବାହା ହେଲାଦିନୁ ସେକଥା ତ ପ୍ରାୟ ସ୍ଥିର ଥିଲା । ତା'ଛଡା ରାଣୀ ହେଇ ମୋତେ କ'ଣ ବା ଅଧିକା ମିଳିଥାନ୍ତା ଯାହା ମତେ ସେଯାଏଁ ମିଳି ନଥିଲା ? ଖାଲି ସିଂହାସନରେ ସ୍ୱାମୀଙ୍କ ପାଖେ ଅଭୟ ମୁଦ୍ରାରେ କିଛି ସମୟ ବସିବା ବ୍ୟତୀତ, ବା ମଝି ମଝିରେ ନିଜର ଜୟ ଜୟକାର ଶୁଣିବା ବ୍ୟତୀତ । ଉଆସ ଭିତରେ ତ ଦିନ ଯେମିତି କଟୁଥିଲା କଟୁଥାଆନ୍ତା । ଅସଲ କଥା ହେଲା, ବେଶୀ ଗୁଡାଏ ଉଚ୍ଚାକାଂକ୍ଷା ଥିଲାଭଳି ମୋର ବୁଦ୍ଧି ବିଚାର ନଥିଲା । ବୟସ ବା କେତେ ହେଇଥିଲା ଏତେ ଶୃଙ୍ଖଳା ଭିତରେ ରହିବାଟାକୁ ସୁଖ ମଣିବାକୁ ? ବା ମୋ ସନ୍ତାସ ଭବିଷ୍ୟତରେ ରଜା ହେବା, ବା ନହେବ ଆଦି ଦୂରଦର୍ଶୀ ଯୋଜନାରେ ଜୀବନ ସଫଳ କରିବାକୁ ? ସେଦିନମାନଙ୍କରେ ମୋ ସ୍ୱାମୀଙ୍କ ସ୍ନେହ ବ୍ୟତୀତ ଆଉ କିଛିର ମୋ ଲାଗି କିଛି ମହତ୍ତ୍ୱ ନଥିଲା । ମୁଁ ଆଉ ମୋ ସ୍ୱାମୀ, ମୋ ଲାଗି ପ୍ରକୃତରେ ସଂସାର କହିଲେ ବୁଝାଉଥିଲା ଏତିକି । ବାହାରେ ଯେତେ ଉଆସର ଗହଳ ଚହଳ ଥାଉ ବା ରାଜସଭା ରାଜ୍ୟ ସମାଚାରର ଚର୍ଚ୍ଚା ହେଉଥାଉ । ଆମ ଦିହିଙ୍କ ପ୍ରେମ ମୋ ପାଇଁ ଥିଲା ବଂଚିବାର ସାର, ତା' ଛାଡା ଦୁନିଆଟା ସତେକି ପିଲା ଖେଳ ।"

ଅନୁଭା ହସ ଲୁଚେଇ ପାରିଲାନି, ତଥାପି ବିନୟରେ କହିଲା, "ଜାଣିଚି । ମୁଁ କ'ଣ ସାରା ଦୁନିଆ ତମ ପତି ଭକ୍ତି ବିଷୟରେ ଜାଣିଚି ।"

ଦେବୀ ମୁଣ୍ଡ ହଲେଇ କହିଲେ, "ପତି ଭକ୍ତି ନୁହେଁ । ସ୍ତ୍ରୀ ପୁରୁଷ ଭିତରେ ଥିବା ବନ୍ଧନ, ଯାହା ସୃଷ୍ଟିରେ ସବୁଠୁ ସୁନ୍ଦର, ସବୁଠୁ କାମ୍ୟ, ସେଇ ପ୍ରେମ କଥା କହୁଛି । ପତି ସ୍ଥାନରେ ଆସୀନ ବ୍ୟକ୍ତି ଆଗରେ ବିନା ପ୍ରଶ୍ନରେ ମୁଣ୍ଡ ନୋଇଁ ଦେବା କଥା ନୁହେଁ ।"

ଅନୁଭା ବିଚାର କଲା ନିଜ ଜୀବନରେ ଅକାଟ୍ୟ ସିଦ୍ଧାନ୍ତ ଭଳି ତା'ର କେତୋଟି କଥା ମନ ଭିତରେ ଲେଖି ହୋଇଯାଇଛି । ବିବାହ ଗୋଟିଏ ସାମାଜିକ ଅନୁଷ୍ଠାନ । ପତି ପତ୍ନୀ ତହିଁରେ ପୂର୍ବ ନିୟୋଜିତ ଭୂମିକାରେ ଅଭିନୟ କରିଥାନ୍ତି ଧର୍ମ ଓ ସଂସ୍କାର ଅନୁଯାୟୀ । ତନ୍ମଧ୍ୟରେ ପ୍ରେମିକ ପ୍ରେମିକା ରୋଲ ମଧ୍ୟ କଦବା କେମିତି ସମୟ ବିଶେଷରେ କରାଯାଇଥାଏ । ନିଜ ଭୂମିକା ପ୍ରତି ଯିଏ ଯେତେ ବିଶ୍ୱସ୍ତ ଥାଏ, ସେତେ ସୁଖୀ ହୁଏ ବୋଲି ବିଶ୍ୱାସ କରେ । ସମାଜର ଲୋକେ ବି ତାକୁ ଏ ବିଶ୍ୱାସରେ ସାହାଯ୍ୟ କରିଥାନ୍ତି ।

ଦେବୀ ତା ମନର ସନ୍ଦେହ ପଢ଼ିନେଇଥିବା ପରି ମୋଚନ କଲେ, "ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଏଭଳି ମଜ୍ଜିଗଲା ଭଳି ପ୍ରେମ ଅସମ୍ଭବ ନୁହେଁ, ତୋତେ ଯିଏ କହିଚି

Digitized by srujanika@gmail.com

ଅସମ୍ଭବ ବୋଲି, ଠିକ୍ କହି ନାହିଁ । ବେଳେବେଳେ ଏକଥା ବି ଘଟିଥାଏ, ପୁରୁଷ ସ୍ତ୍ରୀ ଅପୂର୍ବ ରୋମାଂଚକର ପ୍ରେମର ଅନୁଭବ ବିବାହିତ ଜୀବନରେ ବି କରିଥାନ୍ତି । ତେବେ ସବୁ ମାନବୀୟ ପ୍ରେମ ଭଳି ତା ବି କ୍ଷଣସ୍ଥାୟୀ ହେଉଥାଏ । ତାପରେ ସୁନାଗରିକ ହୋଇଥିଲେ ସେମାନେ କର୍ମ ଆଦରି ନେଇ ଯେଝା ଭାଗର ସାମାଜିକ ଭୂମିକା ନିଭାଇଥାନ୍ତି । ଭାଗ୍ୟବାନ ହୋଇଥିଲେ ତହିଁରୁ କେତେକ ଆତ୍ମୀୟ ବଂଧୁ ଭଳି ବା ସହୃଦୟ ପଡୋଶୀ ଭଳି ପରସ୍ପରଠୁ ଅଭିନ୍ନ ହେଇଯାଆନ୍ତି ।”

ଅନୁଭା ଶୁଣିଲା ତାଙ୍କୁ । ଭାବିଲା, କାଇଁକି ମୁଁ ବିଶ୍ୱାସ କରିଯାଇଥିଲି ଏକଥା, ବୋଧେ ମୋତେ ସୁହାଉଥିଲା ବୋଲି, ଯେ ଦାମ୍ପତ୍ୟ ପ୍ରେମର ବାସ୍ତବ ପ୍ରେମ ସହିତ କିଛି ସମ୍ପର୍କ ନାହିଁ । ନିଜକୁ ବୁଝାଉଥିଲି ଯେ ଦାମ୍ପତ୍ୟ ଏକ ସାମାଜିକ ଚୁକ୍ତି ମାତ୍ର । ତାର ଅଭିଜ୍ଞ ବୁଦ୍ଧିଜୀବି ମନ କହେ, ବିବାହ ଜିନିଷଟା ଏମିତି ଯେ ଅସଲ ପ୍ରେମରୁ ଆରମ୍ଭ ହେଇଥିଲେ ବି ତାର ମୂଳଦୁଆ ଦୋହଲି ଫାଟ ପଡ଼ିଯିବାକୁ ବିଦିନ ଲାଗେନାହିଁ । ଏକଥାରେ ତାର ବିଶ୍ୱାସ ଥିଲା ଓ ତେଣୁକରି ସେ ବିବାହକୁ ମନ ବଳେଇନଥିଲା । ଏବେ ସେ ଦେବୀଙ୍କୁ ଓର ଉଣ୍ଡି ପଚାରିଦେବ, ଅସଲ ପ୍ରେମଟା କଅଣ ? ପୁଣି କେଉଁ ଭଳି ରଖାଗଲେ ତହିଁର ମୂଳଦୁଆ ଦୋହଲେ ନାହିଁ କି ଫାଟ ପଡେନାହିଁ ?

ଦେବୀଙ୍କ ସ୍ୱର ଶୁଭିଲା, “ତୁ ଶୁଣୁଚୁ କି ନାହିଁ ମୋ କଥା ?”

ଅନୁଭା କ୍ଷମା ମାଗିଲା ସ୍ୱରରେ କହିଲା, “କହ କହ ମୁଁ ଶୁଣୁଚି ।”

ତାର ଇଚ୍ଛା ହେଲା ଆଗ ମାଗନ୍ତା ବରଟିଏ, ଯେ ତା ମନ ଭିତରେ ଗତ ମାସେ ହେଲା ଜାରୀ ଥିବା ଦୁଷ୍ଚିନ୍ତା ମନସ୍ତାପ, ନିରନ୍ତର ଆକ୍ଷେପ ବଚସା ତର୍କ ବିତର୍କରୁ ତାକୁ କେମିତି ମୁକ୍ତି ମିଳୁ । ନହେଲେ ସେ ଦେବୀଙ୍କ କଥା ଶୁଣିବ କେମିତି ମନ ଦେଇ ? ଦେବୀ ଏଣେ ତାଙ୍କ କାହାଣି ଆରମ୍ଭ କରି ଦେଇଥିଲେ ।

“ସ୍ୱାମୀଙ୍କ ସାଥୀରେ ବନବାସ ଯିବି, ଭଲା ଏ ସ୍ୱପ୍ନ ସତେ କେବେ ସାକାର ହେବ ବୋଲି ମୁଁ ଭାବିଥିଲି ? ଅବଶ୍ୟ ପ୍ରଥମେ ସ୍ୱାମୀଙ୍କ ମନରେ କାଳେ ଧକ୍କା ଲାଗିଯିବ ବୋଲି ମୁଁ ଚିନ୍ତିତ ହେଇଥିଲି ଟିକେ । ତା’ ପରେ ପୁଣି ଭୟ ମାଡି ପଡ଼ିଲା କାଳେ ସତରେ ସେ ମତେ ନ ନେଇ ଏକୁଟିଆ ଚାଲିଯିବେ । ସେଇ ପ୍ରଥମ କରି ତ ଜୀବନରେ ମୁଁ ନିଜର ମତଟିଏ ଦେଇଥିଲି, ଦାବୀଟିଏ କରିଥିଲି ସାଙ୍ଗରେ ବଣକୁ ଯିବି ବୋଲି, ହେଉପଛେ ପତି ସେବା ଆଳରେ । ଯେତେବେଳେ ଅନୁମତି ମିଳିଗଲା,

Digitized by srujanika@gmail.com

ମନେହେଲା ସତେ ଅବା କାହିଁ କେବେ ଦେଖିଥିବା, ଅଳ୍ପ ଅଳ୍ପ ମନେଥିବା ସୁନ୍ଦର ସ୍ୱପ୍ନଟିଏ ସାକାର ହେବାକୁ ଯାଉଚି । ମୁକ୍ତି ଆପଣା ଛାଏଁ ଆସି ଯାଉଚି ମୋ ହାତ ପାଆନ୍ତାକୁ ।

ଅନୁଭା ମଝିରୁ ପଚାରିଲା, "ମୁକ୍ତି କଅଣ ? ରାଜପ୍ରସାଦରେ କିଛି ଅସୁବିଧାରେ ଥିଲ କି ତମେ ? ସାଧାରଣ ସ୍ତ୍ରୀଙ୍କ ପରି ଘରଜଂଜାଳ ତ ମୁଣ୍ଡେଇବାକୁ ତ ପଡୁନଥିବ ।"

ସିଏ ଟିକିଏ ଭାବିଲେ, କେଜାଣି ବୋଧେ ନିର୍ବୋଧ ପିଲାଟିକୁ କେମିତି ବୁଝେଇବେ ଧନ୍ଦି ହେଲା ଭଳି । ଅନୁଭା କହିଲା, "ତମଠୁ ବଳି ସୁଖର ଜୀବନ ଭଲା ଆଉ କାହାର ଥିବ ସେତେବେଳେ ? ପରମ ଅନୁରକ୍ତ ସ୍ୱାମୀ ଏତେ ବିଖ୍ୟାତ ରାଜବଂଶ । କେମିତି ଦିନ କାଟୁଥିଲ ଟିକିଏ କହନ୍ତ ନାଇଁ, ସ୍ନେହୀ ପରିଜନଙ୍କ ମେଳରେ, ବିଳାସ ବ୍ୟସନରେ, ସଖୀ ପରିବେଷ୍ଟିତ ହେଇ ?"

"ସଖୀ ନୁହେଁ । ପୋଇଲି ଦଳଟିଏ ଥାଆନ୍ତି, ଛାଇପରି । ମୁହଁରୁ କଥା ଖସିଲେ ମାନୁଥିବା, ତମ ଇଚ୍ଛାମତେ ବ୍ୟବହାର କରୁଥିବା କଳକଣ୍ଢେଇ ଗୁଡ଼ିଏ । ସାରା ଉଆସ ସତେକି କଳକଣ୍ଢେଇରେ ଭରା । କିଛି କାହାର ଭୁଲ ଭଟକା ନାହିଁ । ଆଉ ମୁଁ ନିଜେ ପରିଜନଙ୍କ ଆଗରେ ନିଜେ ସେଇ କଳାକଣ୍ଢେଇ ପାଲଟି ଯିବା, ପୂଜ୍ୟ ଶଶୁର ଶାଶୁମାନଙ୍କୁ ବିନୟ ଭଙ୍ଗୀରେ ସନ୍ତୋଷ କରିବା, ଜ୍ଞାତିକୁଟୁମ୍ବ, ଅତିଥି ଅଭ୍ୟାଗତ କାହାରିକୁ ଅସନ୍ତୁଷ୍ଟ ହେବାର ସୁଯୋଗ ନଦେବା । ଏଇଥିଲା ମୋ ଜୀବନ। ଦିନ ପରେ ଦିନ, ପୁଣି ମାସ ବର୍ଷ କାଳ ନିଜ ଇଚ୍ଛାରେ ଆଦୌ କିଛି ନ କରିବା, ଭୁଲରେ କେବେ ଅସାବଧାନ କଥା ପଦେ ମୁହଁରୁ ଖସି ଯିବାକୁ ନ ଦେବା, ଏଇ ତ ଆଦର୍ଶ ଜୀବନ । ସକାଳୁ ସଂଜ ଯାଏ ପରିବ୍ୟାପ୍ତ ରହିଥାଏ ଦିନଚର୍ଯ୍ୟା । ମନ୍ଦିରରେ ଠାକୁରଙ୍କ ଦିନଚର୍ଯ୍ୟା ଦେଖିଚୁ କେବେ ? ଦାନ୍ତଘଷାଠୁଁ ଲୁଗାପିନ୍ଧାଠୁଁ ଗାଧୋଇବା ଖାଇବା, ସବୁ କିଛି କେମିତି ମହାନ କର୍ମକାଣ୍ଡର ଅଂଶ ପାଲଟିଯାଏ । ସମ୍ଭ୍ରାନ୍ତ କୁଳ ସ୍ତ୍ରୀମାନଙ୍କ ସୁଖମୟ ଜୀବନ କହିଲେ ତ ସେଇଆ ନା ଆଉ କଅଣ ?"

ଅନୁଭା ପଚାରିଲା, "ତଥାପି ତମ ଦାମ୍ପତ୍ୟ ଜୀବନ ସୁଖୀ ଥିଲା ?"

ସେ ଉତ୍ତର ଦେଲେ, "ସେଇଥିଲାଗି ଅନେଇ ବସୁଥିଲି କେତେବେଳେ ସ୍ୱାମୀ ସାଙ୍ଗରେ ଟିକିଏ ଭେଟ ହେବ ବୋଲି । କଥାବାର୍ତ୍ତା କରିବାକୁ ସମୟ ମିଳିବ ବୋଲି । କେତେ ସମୟ ଆମେ ଏକାଠି କାଟୁଥିଲୁ ? ସତ କହିଲେ ତାଙ୍କୁ ଭେଟିବା କଥା ଭାବି ହିଁ ମୋର ବାକିତକ ସମୟ କଟିଯାଉଥିଲା କୌଣସି ମତେ ।"

Digitized by srujanika@gmail.com

ପୁଣି ଅନୁଭାର କିଏ ଜଣେ ମନେ ପଡ଼ିଗଲା । ଦିନଥିଲା ସବୁବେଳେ, ସବୁକାମ ଭିତରେ ସେ ଅନେଇ ବସିଥାଏ କେବେ ତା ସାଙ୍ଗରେ ଭେଟ ହେବ ବୋଲି । ସିଏ ତା ପାଖରେ ଥିଲାବେଳେ ଅନ୍ୟ କୌଣସି କଥା ଆଉ ସତେ ବଡ଼ ବୋଲି ମନେ ହୁଏ ନାହିଁ । ଦେବୀଙ୍କ ଭାଷାରେ ସବୁକିଛି ମନେ ହୁଏ ପିଲା ଖେଳ ପରି । ଅଫିସରେ ହେଉ ବା ଘରେ ନାନା କାମରେ ବ୍ୟସ୍ତ ଥିଲା ବେଳେ, ଏମିତି କି ଦିହେଁ ଏକା ଘରେ ଥିଲା ବେଳେ ଯେଉଁ କାମରେ ଲାଗିଥିଲାବେଳେ ବି ତାକୁଇ ଭେଟିବା ଆଶାରେ ଅନୁଭା ଥାଏ ଦୁଃଖଟିଏ, ନିରାଶାଟିଏ ଆସିଲେ ତାହାର ସ୍ଥିତି ଜୀବନରେ ଥିବା କଥା ଭାବିଦେଇ ଫୁଟକି ମାରି ଉଡେଇ ଦେଇ ପାରେ ସେ ସବୁ ଦୁଃଶ୍ଚିନ୍ତା ନିରାଶାକୁ ସେଦିନି ମାନଙ୍କର ।

"ଆଖି ପଲକରେ ମୋ ଜୀବନ ବଦଳିଯିବ । ସ୍ୱାମୀଙ୍କ ସାଥୀରେ ଉଆସର ହାଉଯାଉ ଛାଡି ବାହାରି ଯିବି କେଉଁ ନିଛାଟିଆ ବଣକୁ । ଖାଲି ଆମେ ଦିହେଁ ପାଖାପାଖି ଥିବୁ ସେଠି ଦିନ ସାରା । ଭଣ ଭଣ ହେଇ ବେଢ଼ିବାକୁ ନଥିବେ ସେଠି ସଭାସଦ୍, ପ୍ରଜା, ସଖୀ, ପୋଇଲି, ଜ୍ଞାତିପରିଜନ । ସାରାଦିନର ସମୟ ନିଜ ହାତରେ, ମନ ଇଚ୍ଛା ଖର୍ଚ୍ଚ କରିବାକୁ । କାଳେ ଅସନ୍ତୁଷ୍ଟ ହେଲା କି ବୋଲି, ଅବା ମୋ ମନର ଅସନ୍ତୋଷ ମୁହଁରେ ଦିଶିଗଲା କି ବୋଲି ଡରିବାକୁ କେହିନାହିଁ ।"

ଦେବୀ କହୁଥାନ୍ତି, "ମୁଁ ସୁନା ରୂପାର ଉଆସ ଭିତରେ ଜନ୍ମ ହେଇନଥିଲି , ଜାଣୁତ ? ରାଜା, ମୋ ବାପା ମୋତେ କ୍ଷେତ ଭିତରେ.."

ଗପ ଆଗକୁ ବଢ଼େଇବ ବୋଲି ଅନୁଭା ତାଙ୍କୁ ତରତରେଇଲା, "ବୁଝିଲି । କାଇଁକି ତମେ ବନବାସ କଥାରେ ଦୁଃଖ କଲ ନାହିଁ। ଓଲଟି ଖୁସି ହେଲ । ତାପର କଥା କୁହ ।"

ସେ କହିଲେ, "କେଉଁଠୁ ଆସିଲା ମୋର ଏତେ ସାହସ କେଜାଣି, ବଣକୁ ସାଙ୍ଗରେ ଯିବି ବୋଲି ଅଡ଼ି ବସିଲି । ଆଜିଯାଏଁ ଆମ ବଂଶ ପରିବାରରେ କେଉଁ ବୋହୂ ଘରୁ ପଦାକୁ ଯିବ ବୋଲି ଜିଦି କରିଥିଲା, ପୂଜ୍ୟ ଗୁରୁଜନମାନଙ୍କ କଥା କାଟି ? ଜାଣୁନା, କଡ଼ା ତଥା ଦିପଦ ବି ଶୁଣେଇ ଦେଇଥିଲି ମୁଁ ତାଙ୍କୁ । କହିଲି, କଥା ଦେଇଥିଲ ଦିନେ ବଣକୁ ନେଇଯିବ ବୋଲି, ଆଜି ଚାଲିଯାଉଚ ? ଯୁବରାଣୀ ଏମିତି କହିଥାଆନ୍ତା ନିଜ ସ୍ୱାମୀ ଆଜ୍ଞା ନମାନି ? ହେଲେ ମୋ ଭଳି କିଏ ବା ସ୍ୱାମୀର ପ୍ରେମରେ ଏମିତି ନିମଗ୍ନ ହେଇ ରହିଥିଲା ସଂସାରକୁ ଭୁଲି ?"

Digitized by srujanika@gmail.com

ଅନୁଭା କହିଲା, "ତମ ସ୍ୱାମୀ ତ ଏକପତ୍ନୀ ବ୍ରତୀ ଥିଲେ, ସେତେବେଳର ରଢାଟିଏ ଲାଗି କେତେବଡ଼ ତ୍ୟାଗଟିଏ ହେଉଥବ । ତମକୁ ସେତିକି ଭଲ ପାଉଥିଲେ ବୋଲି ତ ?"

"ସେ ବିଷୟରେ ମୁଁ ସେତେବେଳେ ଭାବୁ ନଥିଲି । ମୋ ମନକୁ ପ୍ରଶ୍ନ କି ସନ୍ଦେହ କେବେ ଆସିନି ଯେ ସେ ମତେ ସେତିକି ଭଲ ପାଆନ୍ତି ନା ନାହିଁ ।"

ଉଦାସ ସ୍ୱରରେ ଅନୁଭା କହିଲା, "ମୁଁ ଛାର ବା କିଏ। ତଥାପି ସାହସ କରି କହୁଚି । ମୁଁ ବି ଦିନେ ଅଜାଡି ପଡୁଥିବା ସ୍ନେହକୁ କେବେ ପ୍ରଶ୍ନ କରିନଥିଲି । ମୋ ଘର ପରିବାର ସାନ ସହରର ନିଶ୍ଚିନ୍ତ ଜୀବନ, ସବୁକୁ ଏକାଥରେ ପଛ କରିଦେଲି ମୁଁ । ଚାଲି ଆସିଲି ଖାଲି ମୋ ପ୍ରେମ ଉପରେ ଭରସା କରି । ପିଲାଦିନୁ ସବୁଠୁ ବଡ଼ ବୋଲି ଭାବିଥିଲି ଯାହା, ସେ ବିବାହ ବି ଆଉ ସେତେ ବଡ଼ ବୋଲି ମୋତେ ଲାଗିଲାନି । ଭାବିଲି, ନହେଲା ନାହିଁ ଯାଉ। କ'ଣ ଆଉ ସେଥିରେ ଅଧିକ ହେଇ ଯିବ ଯେ । ପାଇଥିବା ସ୍ନେହ କ'ଣ ମୋ ପାଇଁ ଆଉରି ବଢ଼ିଯିବ, ନା ମୋର ବି କିଛି ଫରକ ପଡ଼ିବ ? ସେ ବି କିଛି ପ୍ରତିଜ୍ଞା କରି ନଥିଲା । ବାହାହେବ ବୋଲି କଥା ଦେଇ ନଥିଲା । ତଥାପି ଦିନେ ସନ୍ଦେହ କରି ନଥିଲି ମୁଁ। ହେଲେ କାହିଁକି ଏସବୁ ମୁଁ ତମକୁ କହୁଚି କେଜାଣି ? ତମ ବନବାସ ସଙ୍ଗେ ଯାର କି ସମ୍ପର୍କ ?"

ଦେବୀ ନିଜ କଥା କହିଲେ, "ଏତେ ପ୍ରେମ ଏତେ ବିଶ୍ୱାସ ସତ୍ତ୍ୱେ କିଛି ରହିଲା ନାହିଁ ଶେଷରେ । ନା ରାଜରାଣୀ ଭୋଗ ଥିଲା ମୋ ଲାଗି ଏ ଜନ୍ମରେ, ନା ପତି ସୁଖ । ଅଥଚ ପତି ମୋର ଥିଲେ ଦେବତା, ମର୍ତ୍ତ୍ୟରେ ସାକ୍ଷାତ୍ ଅବତାର। କେହି ତାଙ୍କଠି କିଛି କମି, କେଉଁ କଥାର ଅଭାବ ଦେଖିଚି କି କେବେ ? ଧନଜନ ଗୋପଲକ୍ଷ୍ମୀରେ ? ରୂପ, ଗୁଣ, ସୌର୍ଯ୍ୟ, ପରାକ୍ରମରେ ?"

ଅନୁଭା ଦୀର୍ଘଶ୍ୱାସ ଛାଡି କହିଲା, "ସବୁକିଛି ହାତରେ ଥାଇବି ତମେ ସୁଖ ପାଇଲନି । ଭେଲିକି ଦେଖାଇଲା ଭଳି ଥରକୁ ଥର ସୁଖ ତମ ସାଙ୍ଗେ ଛାଇ ଆଲୁଅ ଖେଳିଲା । ମୁଁ ଛାର ବା କିଏ ? ଏଇ ଆଶ୍ୱାସନା ଦେବା ଲାଗି ତମେ କୃପା କରି ମତେ ଦେଖା ଦେଇଚ ନିଶ୍ଚେ । ଏତିକି ପାଇବା ଲାଗି ମୁଁ ଅନ୍ଧାର କୁହୁଡି ଭିତରେ କଣ୍ଟା ଝଟା ମାଡି ଆସି ତମ ପାଖରେ ପହଞ୍ଚିଚି ।"

Digitized by srujanika@gmail.com

ବିଦେଶ

କୂଅରୁ ପାଣି ଟାଣୁଚି କୁନ୍ତୀ, ଫନ୍ଦ ନଥିବା କୂଅ ପାଦତଳେ ଆଁ କରିଚି। ଗୋଡକୁ କୁଣ୍ଢେଇ ଧରିଚି ଗଗନ, ଛାଡୁନାଇଁ ଜମାରୁ, ଭେଁ ଭେଁ ବୋବାଳି ଛାଡିଚି, ଆରେ ଛାଡରେ ମୋତେ ଗଗନ, ଦିହରେ ଲାଖି ରହିଥାଉ ଦିନରାତି ଯେ ଜୋକପରି, ମୋତେ ବୁଡେଇ ମାରିବୁ କିରେ... ? ପାଟିରୁ ଘୋଷା ଗାଳିମାନ ବାହାରି ନ ଯାଉଣୁ ମୁଣ୍ଡ ଝାଙ୍କି ଦେଇ ନିଦ ଭାଙ୍ଗିଯାଉଚି।

"ଢୁଳଉଚୁ କୁନ୍ତୀ ଏତିକି ବେଳୁ ? ଏତେ ନିଦ ତୋ ଆଖିକି କୁଆଡୁ ଆସେ କିଲୋ ?"

କୁନ୍ତୀ ଆଖି ମଳିଲା। ମୁଣ୍ଡ ଆଉଁସି ସଫେଇ ଦେଲା, "ନାଇଁ ମେମ୍ ସା'ବ, ଟିଭି ଦେଖିଲେ ମୋତେ ନିଦ ମାଡେ।"

ପୃଷ୍ଠାଟିଏ ଓଲଟାଇ ଗୀତା କହିଲେ, "ସିଙ୍କେଇ କାମଟାଏ ଅଧା କରି ପକେଇଥିଲୁ ପରା, ନେଇଆସୁନୁ।"

କୁନ୍ତୀ ଜାଣେ, ସାହେବ ନ ଫେରିବା ଯାକେ ଗୀତା ତାକୁ ଘରକୁ ଯିବାକୁ ଦେବେନି। ସାମ୍ନାରେ ଟିଭି

Digitized by srujanika@gmail.com

ତା'ର ଚାଲିଚି, କେତେ କେତେ ଲୋକବାକ ନାଚଗୀତରେ ହାଉଯାଉ ହେଉଚି ତା'ର ପରଦା। ଗୀତା କୋଳରେ ପୁରୁଣା ଆଲ୍‌ବମ୍‌ଟାଏ ଧରି ଓଲଟାଉଛନ୍ତି, ତଳେ ଗୋଡ ପାଖେ ବସିଥିବା କୁନ୍ତୀକୁ ସେଇଥିରୁ ଗୋଟାଏ ଗୋଟାଏ ଫଟୋ ବାଛି ଦେଖାଉଛନ୍ତି। ସେଇଥିରୁ ଛବିଟାଏ କି କ'ଣ, ଉଖାରି ଦେଲା କେଉଁ ପୁରୁଣା ଛବିଟିଏ କୁନ୍ତୀ ମନ ଭିତରୁ। ନ ହେଲେ ଦିନ ବେଳା ସାରା ଚାଲିଯାଏ, ଦିନ ପରେ ଦିନ, ଏକାବେଳକେ ଅନେକ ଦିନ ବି ଚାଲିଯାଏ, କୋଉଠି ଥାଏ ମୁଣ୍ଡ ଭିତରେ ପଶି ସେ ଛବିମାନ, ଉଣ୍ଡୁଥାଏ କୋଉ ମଉକାରେ ଆଖି ଆଗରେ ଉଭା ହେଇଯିବ ବୋଲି। ବେଳ ନାହିଁ ଅବେଳ ନାହିଁ।

କୁନ୍ତୀ ହାଇ ମାରିଲା, କହିଲା, "ସିଲେଇ କାମ ଆଜି ଥାଉ, ବାକିତକ ଫଟୋ ଚାଲ ଦେଖିଦେବା ଆଗ।"

ଗୀତା ନିଶ୍ୱାସ ଛାଡିଲେ, ବିଚାରୀ କୁନ୍ତୀ ଭଲା କେତେଥର ଆଉ ଦେଖିବ ଅଚିହ୍ନା ଲୋକଙ୍କର ଫଟୋ? ତଥାପି ସେ ତା'ର ମିଛ ଆଗ୍ରହ ମିଶା ମୁହଁ ପାଖକୁ ନେଲେ ଫଟୋଟିଏ, "ଚିହ୍ନିଲୁ ଦେଖି, ଇଏ କିଏ?"

କୁନ୍ତୀ ମୁଣ୍ଡ କୁଣ୍ଡେଇ ହସିଲା, ବୋକୀ ଝିଅଟିଏ ପରି। ଗୀତା ଛଳ କଲେ ନାହିଁ; ବଖାଣି ବସିଲେ ତାଙ୍କ ଶ୍ୱାସମିଶା ସାଇଁ ସାଇଁ ସ୍ୱରରେ, "ଇଏ ରଞ୍ଜନ ଆମର ପରା, ଚିହ୍ନି ପାରୁନୁ। ତା' ପିଉସୀ କୋଳରେ ବସିଚି ଟୋପି ପିନ୍ଧିକି, ଯୋଉ ପିଉସୀ ତା'ର ଥା'ନ୍ତି ମ ଚଣ୍ଡୀଗଡରେ। ଆଉ ଏଇଟି ଦେଖ୍, କେମିତି କାନ୍ଦୁଚି ଟୋକା ସ୍କୁଲ ନ ଯିବ ବୋଲି। ଇଏ ଆମ ଡ୍ରାଇଭର ଥିଲା, ରଞ୍ଜୁକୁ ବୁଝେଇ ମନେଇ ନିଏ ସବୁଦିନେ..."

ଏଇ କାନ୍ଦୁରା ମୁହଁଟି ଟେବେ ଦେଖୁ ଦେଖୁ ଭୁଲେଇ ପଡ଼ିଥିବ କୁନ୍ତୀ। ହେଲେ, ତା ମନକୁ ଘାରିଥିବା କାନ୍ଦୁରା ଛବିଟିକୁ ଦେଖେଇ ପାରିଲାନି କୁନ୍ତୀ। କହିଲା, "ଏଥର ଫଟୁଯାକ ଥୋଇଦିଅ ମେମ୍‌ସା'ବ। ଚାଲ, ଏଥର ଖାଇଦିଅ, ଗରମ ଗରମ ରୁଟି ସେକିଦେବି। ସାହାବ ଆସିଲେ ତ ତାଙ୍କର ଚାବି ଖୋଲି ଆସିବେ। ତାଙ୍କ ଲାଗି ଖାଇବା ରଖିଦେଇଥିବି ଟେବୁଲ୍‌ରେ।"

ଗୀତା ଆଲ୍‌ବମ୍ ବନ୍ଦ କଲେ। କହିଲେ, "କୋଉଠି ବେଶୀ ରାତି ହେଲାଣି ଯେ ତୁ ଏମିତି ତରବର ହେଉଚୁ ଯିବାକୁ।"

କୁନ୍ତୀ ତାଙ୍କ ହାତରୁ ଆଲବମ୍ ନେଇ ଥାକରେ ରଖିଦେଲା। କହିଲା, "ମୁଁ କ'ଣ କହିଲି ସେଇଆ? ତମ ଦିହ ଖରାପ ହୁଏ, ସାହାବ ତ କହନ୍ତି ତମକୁ ଶୀଘ୍ର ଖାଇ ଶୋଇବାକୁ ଡାକ୍ତର କହିଚି।"

Digitized by srujanika@gmail.com

ହାତର ରିମୋଟ୍ କଣ୍ଟ୍ରୋଲ୍ ଟିପି ଗୋଟିଏ ପରେ ଗୋଟିଏ ଟିଭି ଚ୍ୟାନେଲ୍ ବଦଳାଇ ଗୀତା କହିଲେ, "ହଁ, ତୋ ସାହାବଙ୍କୁ ତ ଡାକ୍ତର କହିଚି ସେ ନିଜେ ଅଧରାତି ଯାଏ ମଦ ପିଇ ତାସ୍ ଖେଳୁ ବୋଲି।"

ଟେବୁଲ୍ ପାଖେ ଖେଳେଇ ହେଇ ପଡ଼ିଥିବା ମାଗାଜିନ୍ କେତେଟା ସଜାଡ଼ି ଦେଇ କୁନ୍ତୀ ଏଥର କହିଲା, "ଚାଲ ତେବେ, ତମ ମୁଣ୍ଡରେ ତେଲ ମାଲିସ୍ କରିଦିଏ, କାଲିପରା ମୁଣ୍ଡ ଧୋଇବା ପାଳି ତମର?"

ଗୀତା ଦି'ହାତରେ ନିଜ ପତଳା ବବ୍‌ରି ବାଳକୁ ସାଉଁଳିଲେ, ଆଖି ତାଙ୍କର ଟିଭିରେ। କୁନ୍ତୀ ବୁଝିଲା, ସବୁକଥାକୁ ଅଳସ ତାଙ୍କର। ସୁଯୋଗ ଦେଖି କହିଲା, "ହେଇଟି ମେମ ସା'ବ, ମୁଁ ଟିକିଏ ଘରୁ ମୁହଁ ମାରି ଦେଇ ଆସୁଛି। ଫେରି ତମ ମୁଣ୍ଡରେ ତେଲ ଲଗେଇ ଦେବି।"

ଗୀତା ତାକୁ ଅନେଇଲେ। ଏମିତି ସ୍ୱରରେ କାଇଁକି କହୁଚି ଇଏ, ଛୋଟ ପିଲାଙ୍କୁ ବୋଧ ଦେଲା ପରି? ଛାର କୁନ୍ତୀ ଭାବୁଚି ମୁଁ ଡରୁଚି ଏକୁଟିଆ ଘରଟାରେ ବୋଲି? ତା'ର ମନହେଲେ ତା ବଖରାକର ହାଉଯାଉ ଘରକୁ ଚାଲିଯିବ ବୋଲି?

"ନାଇଁ, କହିବ ଯଦି ରୁଟି କରିଦେଇ ଯିବି।" ଏଥର ତାର ଦୋଦୋପାଞ୍ଚ ସ୍ୱର।

"ହଉ ଯା'। ଶୀଘ୍ର ଆସିବୁ। ସାଢ଼େ ନଅଟାରେ ଭଲ ଫିଲିମ୍ ଦେବ ଆଜି, ଦେଖିବୁ ନା ନାଇଁ?"

ଯାଉ ଯାଉ ଦାନ୍ତ ଦେଖେଇ କୁନ୍ତୀ କହିଲା, "ତମେ ତ ତମର ଇଂଲିଶ୍ ଦେଖିବ, ମୁଁ କ'ଣ ଦେଖିବି?"

ଗୀତା ପଛରୁ ଡାକିଲେ, "ହଉ ହେଲା, ହିନ୍ଦୀ ଦେଖିବି। ଶୀଘ୍ର ଆ।"

ଦାଣ୍ଡକବାଟ ଟାଣୁ ଟାଣୁ କୁନ୍ତୀ କହିଲା, "ଫିଲିମ୍ ଆସିଲେ ଟିକିଏ ବେଲ୍ ମାରିଦେବ, ମୁଁ ଚାଲି ଆସିବି।"

ଗୀତା ଟିଭିରେ ମନ ଲଗାଇଲେ, ଖାଲି ଲଢ଼େଇ, ପାଟିତୁଣ୍ଡ ଧୁମ୍ ଧଡାକା ସବୁ ଚ୍ୟାନେଲ୍‌ରେ। ଭଲ୍ୟୁମ୍ କମେଇଦେଇ ସେ କାନ୍ଥ ଥାକକୁ ଅନେଇଲେ, କୁନ୍ତୀକୁ କହିଥିଲେ ସେଇ ନେଳି ଆଲ୍‌ବମ୍‌ଟା କାଢ଼ିଦେଇ ଯାଇଥାନ୍ତା। କିଏ ମୋର ଉଠିବ ଏବେ। ସେଇ ଆଲ୍‌ବମ୍‌ରେ, ପିଲାଦିନ ଭାଇଭଉଣୀ ବାପାମାଆଙ୍କ ଫଟୋ ଅଛି।

Digitized by srujanika@gmail.com

ହାତଗଣତା ଫଟୋ। ଷ୍ଟୁଡ଼ିଓରେ ଉଠା ଫଟୋ, ସ୍କ୍ରିନ୍ ଆଗରେ ତିନି ଭଉଣୀ। ଭଉଣୀ ବାହାଘର ବେଳର ପୂରା ପରିବାରର ଫଟୋ। ଗହଳ, ଚହଲ ପିଲାଦିନ। ସାନ ସହରର ଖାଲି ଖାଲି ସଡକଟି ଉପରେ ଫର୍ଚ୍ଚା ବାରିବଗିଚା ଗହଳ ଭିତର ସାନ ଘରଟି।

ସାନ ଘର କାହିଁକି ହେବ; ଦିଲ୍ଲୀର ଏଇ ଫ୍ଲାଟଠୁ ଯଥେଷ୍ଟ ବଡ। ଏଇ ମୋ' ଘରଠୁ। ଏଇ ମୋ ଘର, ଯାହା ଏତେ ଫାଙ୍କା ଲାଗିବ ବୋଲି, ତଳୁ ସହର ରାସ୍ତାର ହଇଚଇ ଆଖପାଖ ଗେଞ୍ଜାଗେଞ୍ଜି ଏତେ ଘରର ଭିଡ ଭିତରେ ଥାଇ ଏତେ ଶୂନ୍‌ଶାନ୍ ହେଇଯିବ ବୋଲି ମୁଁ କେବେ ଭାବିନଥିଲି। କୁନ୍ତୀ ଆଲ୍‌ବମ୍‌ଟା କାହିଁକି ଭଲା ରଖିଦେଇଗଲା।

ରୋଷେଇ ଘର ପଛପାଖକୁ କୁନ୍ତୀର ବଖରାଏ ଘର। ଆଉଜା କବାଟ ଖୋଲି କୁନ୍ତୀ ଯେତେବେଳେ ନିଜ ଘରକୁ ପଶିଲା, ପିଲାଏ ଖାଇବସିଛନ୍ତି। ଝିଅ ବାଢ଼ି ଦେଉଛି। ଗୋବିନ୍ଦ ଖାଉ ଖାଉ ପିଲାଙ୍କୁ କହୁଚି ନୂଆଖାଇ ପରବ କଥା। ପିଲାଏ ମନଦେଇ ଶୁଣୁ ନାହାନ୍ତି, ତାଙ୍କ ଭିତରେ ଅଲଗା କଥାବାର୍ତ୍ତା ଚାଲିଚି। ଗୋବିନ୍ଦ ପଚାରିଲା, "ଆସିଲୁ ନା ଯିବୁ ଆଉରି ?"

କୁନ୍ତୀ ଝିଅ ପାଖରେ ଖାଇ ବସିଲା। କହିଲା, "ସକାଳପହରୁ ବିଚାରୀ ମେମ୍‌ସା'ବ ବସିଚି ଫୋନ୍‌କୁ କାନେଇ। ତା' ପୁଅବୋହୂଙ୍କ ଫୋନ୍ ଆଜି ବି ଆସିଲାନି। ଏବେ ଆଉ କ'ଣ ଆସିବ, ଏବେ ତାଙ୍କ ସିଆଡେ ବିଦେଶରେ ମଝିରାତି ହୋଇଥାଏ ନା କ'ଣ।"

ଗୋବିନ୍ଦ ହସିଲା, "କେଜାଣିରେ ବାବା। କୋଉ ବିଦେଶରେ ଆଉ ବାଗେ କେମିତି ସୁରୁଯ ଉଇଁବ ଭଲା। ଏମାନଙ୍କ କଥା।"

ପିଲାମାନେ ଅନାଅନି ହେଇ ଖିଲିଖିଲି ହସିଲେ। ସେଥିରେ ଗୋବିନ୍ଦ ଚିଡ଼ିଲା ନାଇଁ, ଖୁସି ଗଳାରେ କହିଲା, "ତମ ଇସ୍କୁଲ୍ ମାଷ୍ଟର ବି ତମକୁ କହିଥିବ ସେଇକଥା। କହିଥିବ ବିଦେଶରେ ପଶ୍ଚିମରେ ସୂର୍ଯ୍ୟ ଉଏଁ। ଯେମିତି ଆମ ପିଲାଦିନେ ଗାଆଁରେ ପିଲାଏ କହୁଥିଲେ, ଆକାଶରୁ ତରା ଛିଡ଼ିଲେ ମହାଜନଘର ଛାତରେ ପଡେ। ନଇଲେ ପଡେ ଭଇନୀପାଟଣା ରଜାଘର ଉଆସରେ। ସେମିତି କେତେକଥା ଲୋକେ କହୁଥିଲେ ବିଦେଶ ନାଆଁରେ, ତମ ଦିଲ୍ଲୀ ବିଦେଶ କଥା ଛାଡ, ରାଏପୁର ବିଶାଖାପାଟଣାରୁ ଫେରି ଅଜବ କଥା ସବୁ ଗପୁଥିଲେ, ବୁଝିଲୁ ?"

ଏଇଟା ଗୋବିନ୍ଦର ଗୋଟାଏ ମିଜାଜ, ଅକାରଣ ବକର ବକର ହେବା। ନୂଆଖାଇରେ ସେ ଗାଆଁକୁ ଯାଏ ପ୍ରତିବର୍ଷ, ତା ଆଗରୁ ମାସେକାଳ ସେ ଏମିତି ହୁଏ।

Digitized by srujanika@gmail.com

ଯୋଉ କଥା ପଡେ, ଘୂରି ଫେରି ପହଞ୍ଚେ ଯାଇ ଗାଆଁରେ। ଏବେ କେବଳ ଝିଅ ଅଜ୍ଞବହୁତ କାନ ଦେଉଚି ତା କଥାକୁ।

"ସେଇଥିଲାଗି ଆମ ଦଦା ଦିଲ୍ଲୀ ଆସିବାକୁ ମଙ୍ଗେନି, ନାଇଁ ବାପା ?"

"ସେଇଥିଲାଗି ତ, ଆଉ କ'ଣ ?" କହିଦେଇ ଗୋବିନ୍ଦ କଣେଇ ଚାହିଁଲା କୁନ୍ତୀ ମୁହଁକୁ। ସେ ପଦେ କଥା ନ କହି ତରବରରେ ଖାଇଚାଲିଥାଏ। ସେଠୁ ସେ ଝିଅକୁ କହିଲା, "ଏଥର କିନ୍ତୁରେ ନନୀ, ଯେମିତି ହେଲେ ତୋ ଦଦାକୁ ସାଙ୍ଗରେ ଆଣିବି, ଦେଖୁଥା। ଯେତେ ଯିଏ ନାହିଁ କଲେ ଶୁଣିବିନି।"

ସବୁ ବର୍ଷ ସେ ଏମିତି କହେ। ହେଲେ, କୁନ୍ତୀ ଜାଣେ, ଏତେଗୁଡାଏ ବାଟ ରେଳରେ ଗଲେ ଗୁଡାଏ ଟଙ୍କା ଲାଗେ। ଆଗ ଦିନମାନଙ୍କରେ ଗୋବିନ୍ଦ ଯେତେ ଟାଣ କରି କହିଲେ ବି କୁନ୍ତୀ ଜାଣୁଥିଲା, ଏତେ ଟଙ୍କା କୁଆଡୁ ଆସିବ ଯେ ସେ ଦି'ଜଣଙ୍କ ରେଳ ଟିକଟ କିଣିବ। ତଥାପି ଗୋବିନ୍ଦ ଫେରିଲେ ସେ କନ୍ଦାକଟା କରୁଥିଲା, ତା'ପରେ କଳିଗୋଳ ହେଇ କେତେ ଦିନ ଯାଏଁ ରାଗରୁଷା ଚାଲୁଥିଲା। ଏବେ କେତେବର୍ଷ ହେଲା ହାତକୁ ଟଙ୍କା ଆସିଲାଣି। ତଥାପି କୋଉଥିଲାଗି କେଜାଣି ଆଉ ସେ ଆଶା ବାନ୍ଧେ ନାହିଁ। ଗୋବିନ୍ଦ ଗାଁକୁ ଗଲାବେଳେ ନେହୁରା ହେଇ କହେ, ଠାକୁରଙ୍କୁ ଡାକେ ସିନା, ଏକୁଟିଆ ଫେରିବାର ଦେଖି ଆଉ କନ୍ଦାକଟା କି ପାଟିତୁଣ୍ଡ କରେନି। ଗୋବିନ୍ଦ କେତେଦିନ ଧରି ଏକତରଫା ଗପେ, 'ବୁଝିଲୁ, ଗଗନେ ଆମର ଏତେଟିଏ ହେଲାଣି। ଆମ ଗଗନେ ଏଇଆ କଲା, ସେଇଆ କହିଲା।' କୁନ୍ତୀ ଖାଲି ଶୁଣେ। ଏମିତିକି ଗୋବିନ୍ଦ ମନରେ କଅଣ ଅଛି, ଜାଣିବାକୁ ତା ମନ ବି ଗୁଡେଇ ତୁଡେଇ ହୁଏନି ଆଜିକାଲି।

ଯେମିତିକି ଏଠି ସେ ତା ପିଲାଙ୍କୁ ବି ବଦଳି ଯାଉଥିବାର ଦେଖୁଚି। ବୟସ ବଢୁ ବଢୁ ସେମାନେ ଏମିତି ହାବଭାବ ଦେଖାଉଛନ୍ତି, ଆଜିକାଲି ଯେମିତିକି ଏଇଟା ହିଁ ତାଙ୍କ ଦେଶ। ଅନେକ ସମୟରେ କୁନ୍ତୀ ନିଜେ ହିଁ ଧନ୍ଦି ହେଇ ନିଜକୁ ପଚାରେ, ଏକଥାରେ ମୁଁ ଦୁଃଖ କରୁଚି ସତରେ ନା ଖୁସି ହେଉଚି ବେଶୀ ? ବିନୋଦ, ସୁବୋଧ ଆଜିଠୁ ରୋଜଗାର କରି ଘରକୁ ଯେତେ ଟଙ୍କା ଦେଉଚନ୍ତି, ନିଜେ ଦିହେଁ ସେମାନେ ସ୍ୱାମୀ ସ୍ତ୍ରୀ ମିଶି କେତେ ଠୋକର ଖାଇଲା ପରେ, କେତେ ବାରଦ୍ୱାର ହେଲା ପରେ ବି, ସେତିକି କମେଇ ପାରୁ ନଥିଲେ।

ଗୋବିନ୍ଦ ଏତେବେଳକେ ପଚାରିଲା, "ତୁ ଖାଉଚୁ ନା' କ'ଣ ସବୁ ଭାବୁଚୁ ବସି ବସି ? କାଲିଠୁ କହୁଚି ପରା ତତେ ବାକ୍ସ ଖୋଲି ଟଙ୍କା କାଢ଼, ଗଣି ଦେଖିବା ବୋଲି।"

Digitized by srujanika@gmail.com

ଇଏ ବି ଆରେକ ଖୋଇ ଗୋବିନ୍ଦର ଏତେବେଳକୁ, ଦଶଥର ଲେଖାଁ ଟଙ୍କା ଗଣିବା, ଜିନିଷପତ୍ର ତାଲିକା ଦରଦାମ୍ ହିସାବ-କିତାବ କରିବା। କହୁଚି ସେ, "ଏବର୍ଷ କାଳେ ରେଳଭଡା ଆଉରି ବଢ଼ିଚି, ଏକାବେଳକେ କୋଡ଼ିଏ ସାତ। ଗୋଟିଏ ପାଖ ଭଡା ଲାଗିବ..."

ପିଲାଏ ହସିଲେ ପୁଣି। ଗାଆଁକୁ ଯିବା ପାଖ ହେଲେ ବାପାର କୋଡ଼ିରେ ଗଣା ଆରମ୍ଭ ହେଇଯାଏ, ଖିଚିଡି ହିନ୍ଦୀ ମିଶା କଥା ଛାଡ଼ି ଖାଣ୍ଟି ନିଜ ଗାଆଁର ଭାଷା ଖାଲି କହେ। କୁନ୍ତୀ ଅଇଁଠା ବାସନ ଗୋଟେଇ ନେଉ ନେଉ କହିଲା, "ରହ, ମୁଁ ବାସନ ଦି'ଟା ମାଜିଆଣେ ଆଗ। ନନୀ ଆମର ଥକି ଯାଇଛି, ସବୁ ରନ୍ଧାବଢ଼ା କରିଛି ଆଜି।"

ଗୋବିନ୍ଦ ଚିଡ଼ିଗଲା, "ତମେ ଟୋକା ଦି'ଟା ନିଜ ଥାଳି ଦିଖଣ୍ଡ ଧୋଇ ପାରୁନ କିରେ? ତିନିଦିନ ହେଲା ତୋ ମା'କୁ କହୁଚି..."

ଅଧା ଶୁଭିଲା ଭଳି ବର୍‌ବର୍ ହେଇ ଦିହେଁ ଥାଳି ଧରି ଉଠିଗଲେ। ପଛପାଖ ନଳା ପାଖରେ ବଡ଼ ପଚାରିଲା ସାନକୁ, "କେତେ ଟଙ୍କା ରଖିଚୁ ଆଜି ପକେଟ୍‌ରେ? ସତ କହିଦେ।'

"ଜମା ରଖିନି। ସବୁ ଦେଇ ଦେଇଚି ବାପାକୁ। ପଇଁତିରିଶ ଟଙ୍କା।"

"ଯାଃ। ତୁ ତ ଖାଲି ସେତିକି ପାଇଥିବୁ ଜମାରୁ। ସେଇ ପାରସୀ ବୁଢ଼ା ଏକୁଟିଆ ତ ତତେ ପଚିଶ ତିରିଶକୁ କମ୍ ଦିଏନି। ଆଉ ନିଶୁଆ ଜର୍ଣ୍ଣାଲ୍ ସାହାବ ଦେଇଥିବ କୋଡ଼ିଏ।"

"ସବୁ ଦିନ ସେମାନେ ବଲ୍ ଖେଳିବାକୁ ଆସନ୍ତି ନା କଣ? ତୋ ପାଇଁ କ'ଣ ଆଣିଚି ଦେଖ୍।"

ପକେଟରୁ କାଢ଼ି ସେ ଦେଖେଇଲା ଟିକି ଧଳା ବଲ୍‌ଟିଏ। ଗଲ୍‌ଫ ବଲ୍‌ଟିର ସୁନ୍ଦର ଗାତଗାତୁଆ ଦେହକୁ ହାତରେ ପରଖି ବିନୋଦ କହିଲା, "ଏ ପୁରୁଣା ବଲ୍‌ଟାଏ କାହିଁକି ଆଣିଲୁ? ବୋକାଟାଏ ତୁ। ଯାକୁ ଦୋକାନୀ ନବ?"

ସୁବୋଧ ବି ଜାଣେ, ନୂଆ ବଲ୍‌ର ଦାମ୍ ବହୁତ, ଦୋକାନୀକି ଦେଲେ ଦଶ ପନ୍ଦର ଟଙ୍କା ମିଳିଯାଏ। କହିଲା, "ନୂଆ ବଲ୍ ଆଣିବା ସହଜ ନା କ'ଣ, ପୁରୁଣା ବଲ୍ ସିନା ବଣବୁଦାରେ ପଶିଗଲେ ଆଉ ବେଶୀ ଖୋଜାଖୋଜି ନକଲେ ଚଳିଯାଏ। ତୁ ନେ, ରଖ୍ ବଲ୍‌ଟା।"

Digitized by srujanika@gmail.com

ବିନୋଦ ଏଥର ଭ୍ରୂ କୁଞ୍ଚେଇଲା, "ବଲ୍ ମୋର କଣ ହେବ ? କେତେ ଟଙ୍କା ରଖିଚୁ, ଦେଖା ।"

"ଟଙ୍କା ନାଇଁ, ସତ କହୁଚି ।"

ସରୁ ବାରଣ୍ଡାର ଅଳ୍ପ ଆଲୁଅରେ ବିନୋଦ ତାକୁ ଆଖି ଦେଖେଇଲା, ରାସ୍ତାର ଗାଡ଼ି-ମଟର ଆଓ୍ୱାଜକୁ ନ ଟପିଲା ଭଳି ସ୍ୱର ଉଞ୍ଚେଇ କହିଲା, "ତୋର ମୋର କ'ଣ କଥା ହେଇଥିଲା ? ମୋତେ ଅଧେ ଦେବୁ, ବାପାକୁ ଅଧେ ଦେବୁ ବୋଲି ନା ନାଇଁ ? ମୁଁ ଅଟୋଗାଡ଼ି ଚଳେଇ ଶିଖିଲେ ଦିହେଁ ମିଶି ଗାଡ଼ି ଆଣିବା ନା ନାଇଁ ? ଖର୍ଚ୍ଚ କରିଦେଲୁ ସବୁ ପଇସା ?"

ପେଟ୍ରୋଲ୍ ପମ୍ପ ପାଖେ କାମ କରେ ବିନୋଦ, ଗାଡ଼ିମାନଙ୍କୁ ପୋଛାପୋଛି କରେ, ପମ୍ପ ଦିଏ । ସବୁଦିନ ବଖାଣେ ଭାଇ ଭଉଣୀ ଆଗରେ, କୋଉ ଗାଡ଼ିର ନାଆଁ ଗାଆଁ କଣ, ଭିତର ବାହାର ସବୁ କେମିତି । ବାପାକୁ ଲୁଚେଇ ପଇସା ରଖି ସେ ଡ୍ରାଇଭିଂ ସ୍କୁଲରୁ ଗାଡ଼ିଚଲା ଶିଖିଚି, ଆଉ ଟିକିଏ ବଡ ହୋଇଗଲେ ସ୍କୁଲ୍‌ବାଲା ଲାଇସେନ୍ସ କରେଇ ଦେବ ବୋଲି କହିଛନ୍ତି ।

ବିନୋଦର କାନମୋଡା ଚିମୁଟା କଳିମାଡରୁ ନିଜକୁ ଛଡ଼େଇ ସୁବୋଧ କହିଲା, "ମୁଁ ଖାଲି ଆଇସ୍‌କ୍ରିମ୍ ଗୋଟିଏ ଖାଇଚି ଦଶ ଟଙ୍କାର । ଏତେ ଖରାରେ ବଲ୍ ପଛରେ ଧାଉଁଚି ଯେ ପଡ଼ିଆ ସାରା, ହାଲିଆ ହୋଇ ଯାଉଚି । ବାପା ଏଣେ ସବୁ ଦିନେ ଜଗି ବସିଚି ।"

"ବାପା କଥା ଛାଡ ।" ଏଥର ଅଧା ସାକୁଲେଇ ଅଧା ରାଗ ମିଶେଇ ବିନୋଦ କହିଲା, "ସବୁ ଟଙ୍କା ସେ ଉଡେଇଦେବ ଥରେ ଗାଆଁକୁ ଯାଇ, ବୁଝିଲୁ ? ଆଉ ଥରଟିଏ ଗଲେ, ଖାଲି ରେଳଟିକଟ ଆଠଶହ ଟଙ୍କା । କି ଦରକାର ଗାଆଁକୁ ପ୍ରତିବର୍ଷ ଯିବା ?"

କାନ ଆଉଁସି ଘର ଆଡକୁ ମୁହେଁଇ ସୁବୋଧ କହିଲା, "ଗାଆଁରେ ଆମର ଜମି କିଣା ହେବ । ଉଡେଇବ କାହିଁକି ବାପା ?"

"ଜମି କିଣା ହେବ !" ବିନୋଦ ଖତେଇ ହେଲା, "ମୂର୍ଖ କୋଉଠିକାର । ଜମି କିଣା ହେଲେ ତୁ ଯାଇ ଗାଆଁରେ ଚାଷ କରିବୁ ବସି ? ଆମ ଦେଶ ଆଡର ଲୋକ କେମିତି ଦିଶନ୍ତି, ଦେଖିବୁ ?"

Digitized by srujanika@gmail.com

ସୁବୋଧ ଦେଖିଚି। କୁଆଡୁ କେଜାଣି ଠିକଣା ପାଇ ମଝିରେ ମଝିରେ ପହଞ୍ଚି ଯାଆନ୍ତି ତାଙ୍କ ଦେଶ ଲୋକ। ଏଠି ସେଠି ରାସ୍ତାକାମ, କୋଠା ତିଆରି କାମ ଚାଲିଥିଲା ବେଳେ ସେମାନଙ୍କୁ ସେ ଦେଖିଚି, ତାଙ୍କ ଭାଷାରୁ ଚିହ୍ନିପାରି ସେମାନଙ୍କୁ ନିଘା କରିଚି, କିନ୍ତୁ ତାଙ୍କ ସଂଗେ କଥା କହିବାକୁ ମନ କରିନି। ମଇଳା ଅସନା ଦିଶୁଥାନ୍ତି। ଖାଲି ଦେହ, ଗୋଡରେ ଚପଲ ବି ନଥାଏ। ସ୍ତ୍ରୀଲୋକେ ଅଧା ଲଙ୍ଗଳା ଦେଖାଯାଉଥାନ୍ତି ବ୍ଲାଉଜ ନ ପିନ୍ଧି। ଏମିତି ଆସିଥିବେ ଦିନେ ତା ବାପାମା'। ପୁଣି କାହିଁକି ଫେରିଯିବାକୁ ମନ କରୁଛନ୍ତି ?

ଘର ଭିତରେ କୁନ୍ତୀ ଆଉ ବିନୋଦ ମିଶି ଟଙ୍କା ପଇସା ଗଣାଗଣି କରୁଛନ୍ତି। ଗୋବିନ୍ଦ ପୁଅ ଦିହିଙ୍କୁ ଦେଖି କହିଲା ଗର୍ବରେ, "ଏଥର ବେଶୀ ଟଙ୍କା ହେଇଚି। ହେଲେ କଣ ହେବ, ଦି'ଜଣଙ୍କ ରେଳଭଡା ଗଲେ ଆଉ ରହିବ କେତେ ? ଭାବିଥିଲି ତମ ମା ଯିବ ଏଥର ଗାଆଁକୁ ନୂଆଖାଇରେ। ଦି' ପୁଅ କମେଇଲଣି, ଏବେ ନ ଗଲେ ଆଉ ଯିବ କେବେ ?"

ପୁଅ ଦିହେଁ ଥାକରୁ କନ୍ଥା ଲୁଗା ନେଇ ବିଛଣା ପାରିଲେ, ଏ ବିଷୟରେ ବାପା ସାଙ୍ଗରେ କଥାବାର୍ତ୍ତା କରି ଲାଭ ନାହିଁ। ଶୋଇପଡୁ ପଡୁ ବିନୋଦ କହିଲା, 'ତୁ ଏବର୍ଷ ଯା'ନି ମା। ମୁଁ ତତେ ନେଇଯିବି ଆରବର୍ଷକୁ। ନଇଲେ ତା ଆରବର୍ଷ, ଅଟୋରିକ୍‌ସା ଆଣିଲେ ଯେତେ ଟଙ୍କା ନେବା କଥା ନେବୁ, ମନଖୁସିରେ ଯିବୁ ନୂଆଖାଇବା ଲାଗି।"

ବାକ୍ସରେ ତାଲା ପକେଇ କୁନ୍ତୀ ବରବରେଇଲା, "ମୋ କପାଳକୁ ଆଉ ନୂଆଖାଇ !" ତା ପରେ ଟିକିଏ ଭାବି ପୁଅ ଆଡକୁ ମୁହଁକରି କହିଲା, "ବାପାରେ, ମୁଁ ନ ଗଲେ ନାହିଁ। ସତରେ ଗାଡି ଆଣି ଟଙ୍କା ରଖିପାରନ୍ତୁ ଯଦି, ତୋ ଦଦାକୁ ଯାଇ ନେଇ ଆସନ୍ତୁ।"

ପୁଅ କିଛି କହିଲାନି। କେହି କିଛି ଉତ୍ତର ଦେଲେନି ତା' କଥାର। ଗୋବିନ୍ଦ କେତେବେଳକେ ଥଣ୍ଡା ପଡିଯାଇଥିବା ସ୍ୱରରେ କହିଲା, "ହଉ। ମୋତେ ତ ତୋର ବିଶ୍ୱାସ ନାହିଁ। ଏଥର ଆଣି ତୋ ପୁଅକୁ ପହଞ୍ଚେଇ ଦେଲେ ଦେଖିବୁ।"

ଏତେବେଳକୁ କୋଠିରୁ ବେଲ୍ ବାଜିଲା। କୁନ୍ତୀ ଉଠି ଠିଆ ହେଲା, ଯାଉ ଯାଉ ଫେରିପଡ଼ି ଟୋକେଇ ଦିଇଟା ଥାକ ଉପରୁ ଆଣି କବାଟ ପାଖେ ରଖିଲା, ପୁଅ ଦିହିଁଙ୍କୁ କହିଲା- "ତମେ ଦିଇଟା ଶୋଇପଡ଼ିଲ ଯେ, ପରିବା ଟୋକେଇ, ବସ୍ତା କିଛି ସଜିଲ୍ ହେଇନି। ସକାଳୁ ସବୁକାମ ପାଇଁ ବେଳ ମିଳିବ କେତେବେଳେ ?"

Digitized by srujanika@gmail.com

ବଡ଼ି ଭୋର୍‌ରୁ ଗୋବିନ୍ଦ ବସ୍‌ରେ ସବ୍‌ଜି ମଣ୍ଡିକୁ ଯାଏ, ପଚିଶ ତିରିଶ କିଲୋମିଟର ବାଟ। ଫେରି ସାଇକେଲ୍ ଆଗରେ ପଛରେ ଟୋକେଇରେ ବାନ୍ଧି ଦି'କଡେ ଝୁଲାମୁଣିରେ ପରିବା ସଜାଡ଼ି ସକାଳ ସାତଟା ନ ବାଜୁଣୁ ବାହାରିଯାଏ ଆଖପାଖ କଲୋନୀରେ ବିକିବାକୁ।

ଗୋବିନ୍ଦ କହିଲା, "ତୁ ଯା, ମୁଁ ସଜିଲ୍ କରିଦେବି"। ଆଉ ଭାବିଲା, ମୋ ସୁବିଧା ଅସୁବିଧା କଥା ତୁ ଏତେ ବୁଝୁଛୁ; ହେଲେ, କହିଲା ନକହିଲା କଥା କିଛି ବୁଝୁନୁ। ଜାଣିଶୁଣି ଖୁସିରେ କିଏ କ'ଣ ପୁଅକୁ ଦୂରରେ ରଖେ। ଗଗନ ଆମର, ଯୁଆନ୍ ଦିଶିଆସୁଥିଲା ଗଲାବର୍ଷେ। ଏ ବର୍ଷ ଆହୁରି ନିଶ ଗଜୁରି ଯାଇଥିବ। ପ୍ରତିଥର ଗାଆଁକୁ ଗଲାବେଳକୁ ଗୋବିନ୍ଦକୁ କେତେ ଉଛନ୍ନ ଲାଗୁଥାଏ, ବିଦେଶରୁ ଘରକୁ ଫେରିଆସୁଚି ବୋଲି। ତଥାପି ଯେତେ ଯେତେ ଗାଆଁ ପାଖେଇ ଆସେ, ତାକୁ ଲାଗେ ସେ କେବେ ବିଦେଶକୁ ଯାଇନଥିଲା। ଗାଆଁରେ ଗୋଡ ଦେଲାମାତ୍ରେ ଲାଗେ, ସେ ଘରକୁ ଫେରିଆସିଛି। ଗାଆଁରେ ଲୋକେ ପଚାରନ୍ତି, "କେତେ ଟଙ୍କା ଠୁଳ କଲୁଣି? କେବେ ଜମି କିଣୁଚୁ? କେବେ ଆସୁଚୁ ଫେରି?" ଗାଆମୁଣ୍ଡରେ କେତେଟା ନୂଆ ଘର ଥାଏ, ଅମୁକର ଭାଇର, ସମୁକର ମଝିଆ ପୁଅର, ବିଦେଶରୁ କମେଇଥିବା ଟଙ୍କାରେ ତିଆରି। ସେ ବିଶ୍ୱାସ କରିବାକୁ ଆରମ୍ଭ କରେ, ଫେରିଆସିବି ଏଠିକି ଦିନେ। ଆଉ ଅଳ୍ପ ଦିନକେ, ବେଶୀଦିନ ନାହିଁ ଆଉ।

ପୁଣି ପୁଅକୁ ଦେଖିଲେ ଲାଗେ, ଏଇ ତ ମୋ'ରି ଅଂଶରୁ ଖଣ୍ଡେ ଅଛି, ଏଠି ଭୂଇଁକୁ ଜଗି ବସିଛି। ଭାଇ ଭାଉଜ ବି ସେଇକଥା କହନ୍ତି। ଭଲରେ ଅଛି ଟୋକାଟା, କମେଇ ଧମେଇ ଖାଉଛି। ସେ ଯେତେବେଳେ ସତସତିକା ଡାକିଲା, "ଯିବୁ କିରେ ମୋ ସାଙ୍ଗେ ଗଗନେ?"

କେମିତି ଟିକିଏ ଲାଜେଇଗଲା ପରି ଦିଶିଲା ପିଲାଟା। ଭାଉଜ କହିଲା, "ସେ ଆଉ ଏବେ ଗାଆଁ ଛାଡ଼ି ଯିବ? ତା ମନ ଲାଗିଲାଣି କୋଉଠି, ମୁଁ ଜାଣିଚି। ଏଥର ବାପ-ମା ଆସି ବନ୍ଧେଇ ଦେଇଯାଅ ପୁଅକୁ, କନିଆଁଟିଏ ଆଣି ଘର କରୁ ସେ ଏଥରକ।"

ପର୍ବ ଆସେ, ଗାଆଁକୁ ଗାଆଁ ପଡେ ଉଠେ, ନାଚବାଇଦରେ ଗାଆଁ ଦାଣ୍ଡରେ ଧୂଳି ଉଡେ। ଭୋଜିଭାତ, ମଦନିଶା, କୁଟୁମ୍ବ ପରିଜନ କୋଳାକୋଳି। ଧାନକ୍ଷେତର ବାସ୍ନା ନିଦ ଘାରି ଆସୁଥିବା ଉଷୁମ ମା'କୋଳ ପରି।

Digitized by srujanika@gmail.com

ଫେରିବା ଆଗଦିନ ରାତିସାରା ଗୋବିନ୍ଦ ଶୋଇ ଶୋଇ ଭାବେ। ଗଗନ କିଛି ଦୁଃଖରେ ତ ନାହିଁ। ସେଠି ବିଦେଶରେ ଆଉ କୋଉ ଅଧିକ ସୁଖରେ ଥାଆନ୍ତା? ଦି' ଚାରି ବର୍ଷ ଇସ୍କୁଲ୍ ଯାଇଥାନ୍ତା, ପୁଣି ଗାଡ଼ି ମଟର ପୋଛି କି ବଲ୍ ଗୋଟେଇ କି ପରିବା ବିକି ପେଟ ପୋଷନ୍ତା। ହେଲା ଅବା ଛାତିରେ ରଙ୍ଗରଙ୍ଗିଆ ଛବି ଥିବା ଜାମା ପିନ୍ଧନ୍ତା, ଜିନ୍ ପିନ୍ଧନ୍ତା, ଜୋତା ମାଡନ୍ତା ତା ଭାଇ ଦିହିଙ୍କ ପରି। ହଉ, ନ ପିନ୍ଧିଲା ଏବେ, କ'ଣ ହୋଇଗଲା। ଦି' ବର୍ଷ ତଳେ ସଉକିରେ ପୁଅଲାଗି ହଳେ ଧଳା ଗଦିବାଲା ଜୋତା ନେଇଯାଇଥିଲା ସେ, ଗଲାବର୍ଷ ଦେଖିଲାବେଳକୁ ପଡ଼ିରହିଚି ସେମିତି, ପିନ୍ଧା ନ ହେଇ ଛୋଟ ହେଇଗଲାଣି ପୁଅକୁ। ଥାଉ ସେ, ଯେମିତି ଅଛି। ଆଉ ଟିକିଏ ବଡ ହୋଇଗଲେ ନିଜେ ମନ କଲେ ବିଦେଶ ଯିବ, କିଏ ରୋକିପାରିବ ତାକୁ?

ଏସବୁ କଥା କୁନ୍ତୀକୁ ବୁଝାଇ ହୁଏନି। ଗୋବିନ୍ଦ ବୁଝେଇବାକୁ ଚେଷ୍ଟା କରେ ଅବଶ୍ୟ, "ଖାଇପିଇ ଭଲରେ ଅଛି ଆମ ପୁଅ, ଆଜିକାଲି ଗାଆଁରେ କାମ କରିବାକୁ ଲୋକ ମିଳୁନାହାନ୍ତି ଯେ ହାତ ଓଠ ଧରି ଲୋକ ଡାକିନେଉଛନ୍ତି, ଆମ ବେଳ ପରି ନୁହଁ। ଲୋକେ କହୁଛନ୍ତି ସରକାର ବି ଜମି ଦବ, ପୁଅ ବଡ ହୋଇଗଲେ। ଆମର ବି ଜମି କିଣିବା, ବୁଢ଼ାଦିନ ଯାଏଁ କ'ଣ ଏଇଠି ପଡ଼ିଥିବା? ନିଜ ଜମି ଥିବ, ସୁନ୍ଦର କରି ଘରଟିଏ କରିବା, ଧାନ ମୁଗ କମେଇ ରହିବା ଥାଟ୍‌ରେ। ପୁଅ ନୁହେଁ, ଗାଆଁରେ ଧନ ଆମେ ପୋତି ଆସିଚେ, ବୁଝିଲୁ।"

କୁନ୍ତୀ ପଚାରେ, "ବିନୋଦ, ସୁବୋଧ? ଯିବେ ଆମ ସାଙ୍ଗେ?"

କୋଠିରୁ ମେମ୍‌ସା'ବର ବେଲ୍ ବାଜିଲା ପୁଣି। କୁନ୍ତୀ କହିଲା "ବୁଢ଼ା ଆସିନାଇଁ ଏ ଯାକେ। ଆଜି ବୁଢ଼ୀ ମାରିବ ମୋତେ ତା ପାଖରେ ବସେଇ ବସେଇ।" କବାଟ ଆଉଜେଇ ଦେଇ ମୁହୂର୍ତ୍ତେ ଠିଆ ହୋଇଗଲା ସେ। ରାସ୍ତା ଆରପାଖ ଗଙ୍ଗଶିଉଳି ଫୁଲର ବାସ୍ନା; ଆଖି ବୁଜିଦେଲେ ନୂଆଖାଇର ବାସ୍ନା ଆସୁଛି ଅବା ବଣଆଡୁ। ରାସ୍ତାର ଗାଡ଼ିମଟରେ ଧୂଆଁ ଧୂଳି, ପାଖ ଫ୍ଲାଟ୍‌ର ଛୁଙ୍କ ମସଲା ଗନ୍ଧ, ସବୁକୁ ଚପାଇ ଦେଇ ଭାସି ଆସୁଛି ସେ ମହକ, କାହିଁ କେତେ ଦୂରରୁ।

ଆଖି ପୋଛିଦେଇ କୁନ୍ତୀ ପାଖ କବାଟରେ ହାତ ମାରିଲା। ନିଜକୁ ଚେତେଇଦେଲା, ଏତେ ସୁରୁଖୁରୁରେ ଜୀବନ ଚାଲିବ, ଖାଇବା ପିନ୍ଧିବା କିଛିରେ ଅଭାବ ନଥିବ, ଏଭଳି ଦିନ ଦେଖିବ ବୋଲି ଭଲା କେବେ ଭାବିଥିଲା କୁନ୍ତୀ?

Digitized by srujanika@gmail.com

କବାଟ ଗୀତା ଖୋଲିଲେ। କହିଲେ, "ଶୋଇପଡ଼ିଥିଲୁ କିଲୋ? ସେତେବେଳୁ ବେଲ୍ ମାରିଲିଣି, ତୋର ଦେଖା ନାଇଁ।"

"ନାଇଁ ମ ମେମ୍ ସା'ବ। ଶୋଇବି କୁଆଡୁ ଏତେବେଳୁ?"

କଥା କହିବାକୁ ମଉକା ମିଳିଗଲା ପରି ଗୀତା ଏଥର କହିଲେ, "ସକାଳୁ ଫୋନ୍‌ଟା ଦି' ତିନିଥର ଟିଂ ଟିଂ ହେଲା, ଉଠେଇଲା ବେଳକୁ କିଛି ନାହିଁ। ନିଶ୍ଚେ ରଞ୍ଜୁ କରୁଥିବ, ଲାଗୁ ନଥିବ। ସେ ଲେଖିଚି ଦୀପାବଳୀରେ ତା'ର ଆସିବା କଥା ଫୋନ୍ କରି କହିବ ବୋଲି। କରିବନି?"

ତାଙ୍କ ମନରଖିବାକୁ କୁନ୍ତୀ କ'ଣ ଗୋଟାଏ କହୁଚି ଓ ଭାବୁଚି,କ'ଣ ନାହିଁ ତୁମ ପୁଅର ଯେ ପଠେଇଦେଇଚ ବିଦେଶକୁ? କି ମୂଲ୍ୟ ତମ ପଇସାର? ବୁଢ଼ାବୁଢ଼ୀ ଦିନେ ଝୁରି ଝୁରି ଦିନ କାଟୁଚ, ଯଶୋଦା ମାତା କୋଇଲିକୁ ସାକ୍ଷୀ କଲା ପରି କୁନ୍ତୀକୁ ସାକ୍ଷୀ କରୁଚ।

ଥରେ କୁନ୍ତୀ ତା ପିଲାଙ୍କ ଆଗରେ କହିଥିଲା ଏକଥା, କେହି ପରତେ ଗଲେ ନାହିଁ ବୁଢ଼ୀର ସତରେ କିଛି ଦୁଃଖ ଥିବ ବୋଲି। ବୁଝେଇବା ଲାଗି କୁନ୍ତୀ କହିଥିଲା- "ତାଙ୍କ ପୁଅ ବୋହୁଙ୍କର ବି ତ ଏଇଟା ନିଜ ଗାଆଁ, ସେମାନେ ତାଙ୍କ ଗାଆଁକୁ ଝୁରିହେଉ ନଥିବେ?"

ଗୋବିନ୍ଦ ହସିଦେଇଥିଲା ତାଚ୍ଛଲ୍ୟରେ, "ଏଇଟା କାହିଁକି ଗାଆଁ ହେବ? ଏଠି କଣ ଅଛି କହିଲୁ ଝୁରି ହେବା ଲାଗି? ଏଠି ପଇସା, ସେଠି ଦରିଆ ପାରି ବିଦେଶରେ ଆଉ ଟିକେ ବେଶୀ ପଇସା ଥିବ। ଏଠି କୋଠା, ସଡକ ଗାଡ଼ି, ସେଠି ବି ସେଇଆ ଥିବ। ବୁଢ଼ାବୁଢ଼ୀ ପୁଅ ପାଖକୁ କାଇଁକି ଚାଲିଯାଉ ନାହାନ୍ତି?"

କୁନ୍ତୀକୁ ଲାଗେ, ପରକୁ କହିଦେବା ସିନା ସହଜ। ଗୀତା ତାକୁ ଫଟୋ ଦେଖେଇ ବୁଝେଇଛନ୍ତି, "ଏଠୁ ଏକେବାରେ ଭିନ୍ନ ସେ ବିଦେଶ ଲୋ କୁନ୍ତୀ! ପାଣି ପବନ, ଲୋକବାକ, ଏମିତିକି ଖାଇବା ଜିନିଷର ସ୍ୱାଦ କି, ସବୁ ଭିନ୍ନ।" ଗୀତା କହନ୍ତି, ଯେତେବେଳେ ସେ ପହିଲେ ଯାଇଥିଲେ, ତାଙ୍କୁ କାଳେ ଏତେକଥା ଆଗରୁ ଜାଣି ବି ଭେଳକା ଲାଗିଥିଲା। କୁନ୍ତୀ ବୁଝିଥିଲା ତାଙ୍କ କଥା। କହିପାରିଲା ନାଇଁ ସିନା, କେମିତି ସିଏ ନିଜେ ବି ଘରଛାଡ଼ି ପହିଲେ ଯେତେବେଳେ ଏଇ ବିଦେଶ ଭୂଇଁକୁ ଆସିଲା, ରେଳଗାଡ଼ିରେ କେତେ କଥା ଶୁଣି ଶୁଣି, ବାଟଯାକ କେତେ ଦେଶ ଦେଖି ଦେଖି ବି ତା ଜଳକା ଭାବ କଟିବାକୁ କେତେଦିନ ଲାଗିଯାଇଥିଲା। ସର୍କସର ଯନ୍ତା ଭିତରେ ବଣ ଜନ୍ତୁ ବି ଏତେ ଛଟପଟ ହେଉ ନଥିବ।

Digitized by srujanika@gmail.com

କୁନ୍ତୀ ରୁଟି ତିଆରି କରି ଟେବୁଲରେ ଖାଇବା ସଜାଡ଼ି ଦେଲା। ଗୀତା ବସିଛନ୍ତି ପୁଣି ଟିଭି ଆଗରେ। କୋଳରେ ଥାକେ ଫଟୋ। ପୁରୁଣା ଆଲବମ୍ ନୁହେଁ, ଆଜି ସକାଳେ ଏ ଫଟୋ ଆସିଚି ଡାକରେ। ମାସେ ପନ୍ଦରଦିନରେ ନାତିନାତୁଣୀଙ୍କ ଫଟୋ ଏମିତି ଆସେ ତାଙ୍କ ପାଖକୁ। ଏଇଥିରେ ନାତି ଗୁରୁଣ୍ଡୁଚି, ଏଥିରେ ନାତୁଣୀ ନୂଆ ଭଙ୍ଗାଦାନ୍ତ ଦେଖେଇ ଖତେଇ ହେଉଚି, ସୁନ୍ଦର ବଗିଚାରେ ଦିହେଁ ଖେଳୁଛନ୍ତି ଏଥିରେ। ଗୀତାଙ୍କ ଗୋଡପାଖେ ବସି କୁନ୍ତୀ ଫଟୋରୁ କେଇଟା ହାତକୁ ନେଇ କହିଲା, "କେତେଥର ଦେଖିବ ଯାକୁ ମେମ୍ ସା'ବ ? ସକାଳୁ ସତର ଥର ଦେଖିସାରିବଣି।" ଓ ଦେଖୁ ଦେଖୁ ପ୍ରାଣ ତା'ର ଡାକିଲା ଫଟୁମାନଙ୍କୁ କାକୁତି କରନ୍ତା, ଏମିତିରୁ ଗୋଟିଏ ମୋ ଲାଗି ଆସିଯାଆନ୍ତା ନାଇଁ, ମୋ ଜୀବନର ଅଂଶ ପାଳଟିଯାଆନ୍ତା ନାଇଁ କେମିତି ହେଲେ।

ପଚାରିଲା ସେ ଏଥର, "କେତେ ଟଙ୍କା ଲାଗେ ମେମ୍ ସା'ବ, ଏତିକି ଫଟୁ ତିଆରି କରିବାକୁ? ଡାକରେ ଆସିବାକୁ?"

ଗୀତା ହସିଲେ, ଓଲଟି ପଚାରିଲେ, "କାହା ଫଟୋ ଉଠେଇବୁ? ତୋ ପିଲାଙ୍କର? ଗାଆଁକୁ ତ ଯାଉଚୁ, ଡାକରେ କି ଫଟ ମଗେଇବୁ?"

ଏମିତି କଥାର ଉତ୍ତର କେମିତି ଦେବ, କୁନ୍ତୀ ଜାଣିପାରେନି। କହିଲା, "ଗାଆଁକୁ ବିନୋଦର ବାପା ଯାଏ, ଆମେ ଯାଉନୁ। ସେଠି ଦେଶରେ ମୋ ବଡ଼ପୁଅ ଅଛି, ଆମେ ପଡିଚୁ ଏଇ ବିଦେଶରେ।"

ଗୀତା ତା ହତାଶିଆ ମୁହଁକୁ ଅନେଇଲେ, ହସି ପକେଇଲେ। "ଏଇଟା ଗୋଟାଏ ବିଦେଶ? ଜାଣୁ, ଆମ ବୟସ କମ୍ ଥିଲାବେଳେ ତୋ ସାହାବ ଆଉ ମୁଁ ନିଜ ଗାଡ଼ି ନେଇ କେତେ ଦୂର ଜାଗା ବୁଲିବାକୁ ଯାଉ ପ୍ରତି ଛୁଟିରେ। ତୋ ଦେଶ ବୋଲି ଯାହାକୁ କହୁଚୁ, ଆମେ ନିଜେ ଗାଡ଼ି ଚଳେଇ ଦି' ଦିନରେ ସେ ଆଡିକି ପହଞ୍ଚିଯାଉ, ଶିକାର କରିବାକୁ ଯାଉ ଛତିଶଗଡ, ବସ୍ତର; ତୋ'ରି ଦେଶ ପାଖ।"

କୁନ୍ତୀ କିଛି ଆଉ କହିଲାନି, ଚୁପ୍‌ଚାପ୍ ଶୁଣିଲା। ଉଠିଲା ଓ କହିଲା, "ଯାଏଁ ତେଲ ନେଇ ଆସେଁ, ମୁଣ୍ଡରେ ଲଗେଇଦେବି ପରା।"

ପଛରୁ ଡାକି ଗୀତା ପଚାରିଲେ- 'ତୋ ପୁଅକୁ କାଇଁକି ଛାଡ଼ିଚୁ ଦେଶରେ?"

ଭିତର ଘରୁ କୁନ୍ତୀ ଉତ୍ତର ଦେଲା, "ତା ବାପା ତାକୁ, ଏଥର ସାଙ୍ଗରେ ଆଣିବ ବୋଲି କହିଚି।"

Digitized by srujanika@gmail.com

କାଇଁକି ସେ ଛାଡ଼ି ଆସିଲା ପୁଅକୁ ଦେଶରେ, ଗୀତା ପଚାରୁଛନ୍ତି। ଘରୁ ବାହାରିଲା ବେଳେ, ଗୋଡ କାଢ଼ି ବାହାରିବା ଯାଏଁ, ସେ କ'ଣ ଜାଣିଥିଲା, ସେ ସତରେ ଚାଲିଆସୁଛି ବିଦେଶରେ ଘର କରିବାକୁ। ସାଙ୍ଗଲୋକ କହିଲେ, ବେଶୀକରି ବୁଝାଇଲା ବିଦେଶରୁ କାମ କରି ଫେରିଥିବା ମୁରବୀ ଲୋକଟି। ଦିଇଟା ପିଲା ସାଙ୍ଗରେ ଧରି ଗଲେ କାମ ମିଳିବା କଷ୍ଟ। ପୁଣି ଖେଳିଲା ବୁଲିଲା ପିଲା ଦେଖିଲେ ରେଳ ସାହାବ ଟିକଟ ମାଗିବ, ଗୋଟିଏ ଟିକଟ ଅଧିକା। କୋଳର ପିଲାଟିକି ନେଇଯା। ଆରଥରକୁ ଆସିବୁ, ବଡ ପୁଅକୁ ନେଇଯିବୁ। ହାତରେ ଟଙ୍କା ଥିବ। ସାନଭାଇ ତ ରହିଛି ଗାଆଁରେ, ଜନ୍ମରୁ ଗୋଟିଏ ଗୋଡ ଖରାପ ବୋଲି ବାଡ଼ି ଧରି ଚାଲେ, ମହାଜନ ଘର ଗାଇ ଚରାଏ। ତା'ରି ପାଖେ ପାଖେ ରହିଥିବ ପୁଅ। ଚିନ୍ତା କ'ଣ ?

ଦି'ବର୍ଷ ପରେ ଗୋବିନ୍ଦ ଗାଆଁକୁ ଗଲା। ଫେରିଲା ଏକୁଟିଆ। ଗାଆଁରୁ ସାଙ୍ଗରେ ଆମ୍ବୁଲ, ହେଣ୍ଡୁଆ, ବଡ଼ି ଆଣିଥିଲା। ତା' ପରେ ବର୍ଷକୁ ବର୍ଷ ଗୋବିନ୍ଦ ଗାଆଁକୁ ଯାଏ, ଫେରି ପନ୍ଦରଦିନ ଯାଏ ଗପୁଥାଏ, ଆମ ଗଗନେ ଏଡେଟିଏ ହେଲାଣି, ଏଇଆ କରୁଚି। ଆଉରି ଗପେ ନୂଆଖାଇ କଥା। ବନ୍ଧୁପରିଜନଙ୍କ ଘରମାନଙ୍କ ପିଲାଝିଲା, ଜନ୍ମ-ମରଣ ନାନାଦି ରକମର ଖବର। ଖାଇ ବସିଲା ବେଳେ କହେ, ଏ ବର୍ଷ କି ଛତୁ ଫୁଟୁଥିଲା, ଖାଇ ଖାଇ ଚିଟେଇଯିବୁ! ଆଉ ସଜ ବାଉଁଶ କଉଡି, ଯେତେ ଖାଇବୁ ଖା। କୁନ୍ତୀ ଶୁଣେ। ରାତିରେ ବିଜୁଳିବତୀ ଲିଭାଇ ଦେଲାପରେ ଆଖିମେଲି ରହେ ଅନ୍ଧାରରେ। ମୁଣ୍ଡ ପାଖରେ ଗୋବିନ୍ଦ ଗାଆଁରୁ ଆଣିଥିବା ଗୋବରଲିପା ଚୁଡା ଟୋକେଇ, ଗାମୁଛାରେ ବନ୍ଧା ହେଣ୍ଡୁଆରୁ ବାସ୍ନା ଆସି ଭରିଯାଏ ଅନ୍ଧାର ଘରସାରା।

ମୁଣ୍ଡରେ ତେଲ ଲଗେଇ ଦେଲାବେଳେ ଗୀତା ଟିଭିର ଚ୍ୟାନେଲ୍ ରିମୋଟ୍‌ରେ ଟିପୁ ଟିପୁ କହିଲେ, "ତା'ହେଲେ ପୁଅ ଏଥର ଆସୁଛି ବୋଲି ତୁ ଖୁସି, ନାଇଁ ?"

ବାଁ ହାତ ପାପୁଲିରେ ତେଲ ନେଇ, କୁନ୍ତୀ ତାଙ୍କ ବାଳ ଆଡେଇ ଆଡେଇ ଯତ୍ନରେ ଲଗାଉଥିଲା। ସେ ପଚାରିଲେ, "କେବେଠୁଁ ଦେଖିନୁ ପୁଅକୁ ?"

କୁନ୍ତୀ କଥା ଗୋଳେଇଲା, "ଇସ୍, ତମ ମୁଣ୍ଡରେ କେତେ ରୁପି ହେଲାଣି ମ ମେମ୍ ସା'ବ।"

Digitized by srujanika@gmail.com

ଆମ ଘରକୁ ଆସିଲା ଦିନୁ ତ କାଇଁ ଗାଆଁକୁ ଯାଇନୁ? ତିନି ଚାରିବର୍ଷ ହେଇଯିବଣି ତ?"

"ନାଇଁ ମେମ୍ ସା'ବ। ବାର ବର୍ଷ।"

"କ'ଣ ହେଲା?" ତା ହାତରୁ ମୁଣ୍ଡ ଖସେଇ ଆସ୍ତେ ବୁଲିପଡ଼ି କୁନ୍ତୀ ମୁହଁକୁ ଅନେଇଲେ ଗୀତା, "କେତେ ବର୍ଷ କହିଲୁ?"

"ବାରବର୍ଷ ହେଲା ଦେଖିନି ମୋ ପୁଅକୁ। ଏଡିକିଟିଏ ହେଇଥିଲା, ଛାଡି ଆସିଥିଲା, ଧାଇଁ ଧାଇଁ ଖେଳିବୁଲୁଥିଲା, ମୋ ଦିହରେ ଲାଗିଥାଏ ଯେ କାମଧନ୍ଦା କରେଇ ଦିଏନି। ତା ବାପ କହୁଥିଲା, ଏବେ ହଳ ଧରିଲାଣି।"

କୁନ୍ତୀ ମିଛରେ ଦାନ୍ତ ନିକୁଟି କହୁ କହୁ ସତରେ ହସି ପକେଇଲା, କ'ଣ ବୁଝିବେ ଇଏ 'ହଳ ଧରିଲାଣି' କହିଲେ? କହିଲା, "ଏବେ ବଡ ହେଇଗଲାଣି, ନିଶ ଗଜୁରିଲାଣି, ତା' ବାପଠୁଁ ଡେଙ୍ଗା ହେଇଗଲାଣି କାଳେ।"

ଏକଲୟରେ ଟିଭିକୁ ଅନେଇ ରହି ଗୀତା କ'ଣ ଭାବୁଥିଲେ କେଜାଣି, କେତେବେଳକେ ପଚାରିଲେ, "ତୁ ପୁଅଟାକୁ ଛାଡି ଆସିଲୁ କାଇଁକି?"

କୁନ୍ତୀ ଦାନ୍ତ ଓଠ ଚାପି ଖୁବ୍ ମନଦେଇ ତେଲ ମାଲିସ୍ କରୁଥିଲା। ମଝିରୁ ନିଃଶ୍ୱାସ ମାରିଲା ପରି କହିଲା,"ଭଲରେ ଅଛି, ତା କକା ପାଖରେ। ଏଠିକି ଆସିବାକୁ ମଙ୍ଗେନି, ତା ବାପ 'ଚାଲ୍' ବୋଲି କହିଲେ ବି।"

ଦୁରୂହ ବ୍ୟାପାର ଭଳି ଗୀତା ମୁଣ୍ଡ ହଲାଇଲେ, ସତେକି ନିଜକୁ କହୁଛନ୍ତି, ଏ ସବୁରେ ମୁଣ୍ଡ ଖେଳେଇ ଲାଭ ନାହିଁ, ଏମାନେ ସବୁ ଭିନ୍ନ ପ୍ରକାରର ଲୋକ।

କେତେବେଳ ଚୁପ୍‌ଚାପ୍ ରହିଲା ପରେ ସେ ପଚାରିଲେ, "ତା କକା ତାକୁ ପୁଅ କରି ନେଇଚି? ସେଇଆ କହୁନୁ।"

ଓ ଉତ୍ତରକୁ ଅପେକ୍ଷା ନ କରି ଟିଭିରେ ମନଦେଲେ। କୁନ୍ତୀ ଦେଖିଲା, ଇଂଲିଶ୍ ଫିଲିମ୍‌ଟିଏ ଚାଲିଚି।

Digitized by srujanika@gmail.com

ଜନ୍ମ ସମ୍ବଲପୁର। ଶିକ୍ଷା ରାଉରକେଲା, ରେଭେନ୍ସା ଓ ବାଣୀବିହାରରେ ଏବଂ ଜବଲପୁରରୁ ପି.ଏଚ୍.ଡି। ୧୯୮୦ରୁ ମଧ୍ୟପ୍ରଦେଶରେ ଇଂରାଜୀ ଅଧ୍ୟାପନା ତଥା ଦୁଇବର୍ଷ ଦିଲ୍ଲୀ ସାହିତ୍ୟ ଏକାଡେମୀରେ ସଂପାଦନା କାର୍ଯ୍ୟ। ସଂପ୍ରତି ୟୁ.ଜି.ସି.ରୁ ବୃତ୍ତି ପାଇ 'କଳାହାଣ୍ଡିର ଲୋକକଥା ଓ ନାରୀଜୀବନ' ବିଷୟରେ ଗବେଷଣା ଓ ଦିଲ୍ଲୀରେ ବସବାସ।

ଗଳ୍ପ ସଂକଳନ 'ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ', 'ଜହ୍ନରାତି', 'ଦେଖଣାହାରୀ' ଓ 'ରେଖାଚିତ୍ର', ତଥା ଉପନ୍ୟାସ 'ପକ୍ଷୀଜନ୍ମ' ଓ 'ଇଷ୍ଟରୂପ' ପ୍ରକାଶିତ। ଦୁଇଟି ଗଳ୍ପ ସଂଗ୍ରହ ହିନ୍ଦୀକୁ ଓ ଗୋଟିଏ ଇଂରାଜୀକୁ ଅନୂଦିତ। ପତ୍ର ପତ୍ରିକାରେ କିଛି କବିତା ଓ ଅନ୍ୟ ଲେଖା ତଥା ହିନ୍ଦୀ ଓ ଇଂରାଜୀରୁ ପାଞ୍ଚଟି ପୁସ୍ତକର ଅନୁବାଦ ମଧ୍ୟ ପ୍ରକାଶିତ। ଓଡ଼ିଶା ସାହିତ୍ୟ ଏକାଡେମୀ (୧୯୯୦), ପୁସ୍ତକମେଳା (୧୯୯୦), ଝଙ୍କାର (୧୯୯୫), କଥା (ଦିଲ୍ଲୀ, ୧୯୯୬) ଏବଂ ଅମୃତାୟନ (୨୦୦୫) ପୁରସ୍କାର ପ୍ରାପ୍ତ।

'ଯଶୋଧାରା ଜଣେ ଦକ୍ଷ ଗାଳ୍ପିକ।... ତାଙ୍କ ଗଳ୍ପରେ କେବଳ ମନସ୍ତାତ୍ତ୍ୱିକ ବିଶ୍ଲେଷଣ ନଥାଏ, ଥାଏ ଚେତନାର ବିଶ୍ଲେଷଣ। ତାଙ୍କର ଅଧିକାଂଶ ଚରିତ୍ର ଦୁଇଟି ସ୍ତରରେ କ୍ରିୟାନ୍ୱିତ, ଗୋଟିଏ ଜାଗତିକ ତଥା ସାମାଜିକ ସ୍ତରରେ ଓ ଅପରଟି ସ୍ୱୀୟ ଚିନ୍ତନ ଓ ମନନ ଜଗତରେ। ଗଳ୍ପଗୁଡ଼ିକର ବର୍ଣ୍ଣନା ଓ ଗଠନ ଶୈଳୀ ଚମତ୍କାର ଏବଂ ତହିଁରେ ଏକ ପରିବର୍ତ୍ତନଶୀଳ ସମୟ ଓ ସମାଜରେ ନାରୀର ଅସ୍ମିତାର ରୂପାୟନ ସୁପ୍ରତିଷ୍ଠିତ।'

- ପ୍ର. ଯତୀନ୍ଦ୍ର ମୋହନ ମହାନ୍ତି, (ଲେଖକ, ସମାଲୋଚକ)

'...ଏଇ ଦ୍ୱନ୍ଦ୍ୱବୋଧ, ଏଇ ଦ୍ୱିଧାଗ୍ରସ୍ତ ଅନୁଭବ ହିଁ ଯଶୋଧାରାଙ୍କ ଗଳ୍ପରେ ଏକାକୀତ୍ୱର ପ୍ରକୃତ ପରିଚୟ ଓ ସେଇଥିପାଇଁ ବୋଧହୁଏ ତାହା ଏତେ ମର୍ମସ୍ପର୍ଶୀ।... ନାନା ବାଗର ଏକୁଟିଆ ମଣିଷ ଯଶୋଧାରାଙ୍କ ଗଳ୍ପସାରା। ସେମାନେ ନିଜ ଏକୁଟିଆପଣକୁ ଧରିବସି ଥିଓରି ବାଢ଼ନ୍ତିନି... ସଭିଙ୍କ ଭିତରେ ଥାଇ ବି ସେମାନେ ନିଜର ଏକାକୀତ୍ୱ ଭୋଗ କରନ୍ତି।'

- ଡ. ସୀତାକାନ୍ତ ମହାପାତ୍ର, (କବି, ଲେଖକ, ବାଗ୍ମୀ)

'ଯଶୋଧାରାଙ୍କ ଗଳ୍ପମାନ ଭାରତୀୟ ନାରୀବାଦର ପ୍ରାପ୍ତବୟସ୍କ ହେବାର ନିଦର୍ଶନ। ତାଙ୍କ ନାରୀ ଚରିତ୍ରମାନେ (ଚିରାଚରିତ ରୀତିରେ) ବାଳସୁଲଭ ଅଥବା ପରିସ୍ଥିତିର ଅସହାୟ ଶିକାର ନୁହନ୍ତି, ସେମାନେ ପରିପକ୍ୱ ବ୍ୟକ୍ତି ଭାବେ ସବୁ ଗମ୍ଭୀର ସମସ୍ୟାର ସାମ୍ନା କରିଥାନ୍ତି। ଜୀବନକୁ ନେଇ ପରୀକ୍ଷା କରିବା ଲାଗି କିମ୍ବା ନିଜ ନିର୍ଣ୍ଣୟର ପରିଣତିର ଦାୟିତ୍ୱ ନେବାଲାଗି ସେମାନେ ଭୟ କରନ୍ତି ନାହିଁ। ...ଯଶୋଧାରା ମାନବୀୟ ସମ୍ପର୍କ ଗୁଡ଼ିକର ସୂକ୍ଷ୍ମ ବିଶ୍ଲେଷଣ କରିବାରେ ସିଦ୍ଧହସ୍ତ...'

- ପ୍ରଫେସର ରୁଥ୍ ବନିତା, (ମଣ୍ଟାନା ବିଶ୍ୱବିଦ୍ୟାଳୟ, ଆମେରିକା)

Digitized by srujanika@gmail.com